କଟକ
ସୋମବାର ୨୪ ଅଗଷ୍ଟ, ୨୦୨୬
ପ୍ରାତଃ ସଂସ୍କରଣ

August 24, 2026 Cuttack
Vol - XXIV, Issue - 143
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ଶ୍ରାବଣ ଶେଷ ସୋମବାର ପାଇଁ କାଉଡ଼ିଆଙ୍କ ପ୍ରବଳ ଗହଳି

**କଟକ,୨୩।୮(ନି.ପ୍ର):** ଶ୍ରାବଣ ଶେଷ ସୋମବାରରେ ଜଳଲାଗି ପାଇଁ କାଉଡ଼ିଆଙ୍କ ପ୍ରବଳ ଗହଳି ହୋଇଛି। ଗଡ଼ଗଡ଼ିଆ ଘାଟରୁ ପବିତ୍ର ଜଳ ଉଠାଇ କାଉଡ଼ିଆ ବିଭିନ୍ନ ଶୈବପୀଠକୁ ଯାତ୍ରା କରିଛନ୍ତି। ବାଲିରେ ଶିବଲିଙ୍ଗ ସ୍ଥାପନ କରି କାନ୍ଧରେ ଜଳଭାର ବହନ କରି ଶିବଲିଙ୍ଗ ଚାରିପଟେ ବୁଲିଛନ୍ତି ଯାତ୍ରା ପୂର୍ବରୁ।

NURSING ADMISSION
ONLY OJEE APPEARED - NO MARKS
Approved by: H & FW Dept. & Affiliated to: ONMRC, OUHS, Utkal, Govt of Odisha, Bhubaneswar
BSC, PBBSC-NURSING
MSC-NURSING-PHD
GNM-ANM
● Practical Training at SCB, Capital and Care Hospitals
● Hostel both Girls & Boys - Own Campus
Own Hospital is to be completed this year
NETAJI COLLEGE OF NURSING
HO: Plot No.394/2490, Damana Square, Chandrasekharpur, Bhubaneswar-21
Branch: Sriram Institute of Medical Science, Tinimuhani, Kendrapara
7978179942, 7008434300, 9337807443

# ପାନାମା ଜାହାଜ ଖୋଜିବାକୁ ବଡ଼ ସର୍ଚ୍ଚ ଅପରେସନ

### ୨୨ କ୍ରୁ ମେମ୍ବର ନିଖୋଜ

### ନୌସେନାର ବିମାନ, କୋଷ୍ଟଗାର୍ଡ ଜାହାଜ ନିୟୋଜିତ




**ପାରାଦୀପ,୨୩।୮(ନି.ପ୍ର):** ପାରାଦୀପରୁ ୨୧୦ ନଟିକାଲ ମାଇଲ ଦୂରରେ ଏବଂ ପୋର୍ଟବ୍ଲେୟାରରୁ ୩୧୭ ନଟିକାଲ ମାଇଲ ଦୂରରେ ବୁଡ଼ି ଯାଇଥିବା ପାନାମା ଦେଶର ଜାହାଜକୁ ଖୋଜିବା ପାଇଁ ଆରମ୍ଭ ହୋଇଯାଇଛି ବଡ଼ ଧରଣର ସର୍ଚ୍ଚ ଅପରେସନ। ଅପରେସନରେ କୋଷ୍ଟଗାର୍ଡର ୩ ଜାହାଜ ଓ ୨ଟି ମାର୍ଚ୍ଚାଣ୍ଟ ଭେସେଲ ନିୟୋଜିତ ହୋଇଥିବାବେଳେ ଭାରତୀୟ ନୌସେନାର ଗୋଇନ୍ଦା ବିମାନ ପି୮ଆଇକୁ ମଧ୍ୟ ନିୟୋଜିତ କରାଯାଇଛି।

୨୦ ତାରିଖରେ ଲୁହାପଥର ବୋଝେଇ ପାନାମାର ଏମ୍‌ଭି ଓସେନ ୱିନର ଜାହାଜ ପାରାଦୀପରୁ ଚୀନ୍ ଅଭିମୁଖେ ଯାତ୍ରା କରିଥିଲା। କିନ୍ତୁ ଓସେନ ୱିନର ୱିନ କରିପାରିଲା ନାହିଁ ଓସେନକୁ। ମଝି ସମୁଦ୍ରରେ ବୁଡ଼ିଗଲା। ଜାହାଜରେ ରହିଥିଲେ ୨୪ କ୍ରୁ ମେମ୍ବର। ସେମାନଙ୍କ ମଧ୍ୟରୁ ୨୦ ଜଣ ଚୀନ୍‌ର, ୨ଜଣ ମିଆଁମାରର ଓ ଜଣେ ବାଂଲାଦେଶର। ଉଦ୍ଧାରକାରୀ ଟିମ୍ ସମୁଦ୍ରରେ ଏକ ଲାଇଫ୍ ବୋଟ୍ ଠାବ କରି ସେଥିରେ ଥିବା ୨ କ୍ରୁ ମେମ୍ବରଙ୍କୁ ଉଦ୍ଧାର କରିଛନ୍ତି। ଅନ୍ୟ ୨୨ କ୍ରୁ ମେମ୍ବର ନିଖୋଜ ରହିଛନ୍ତି, ସେମାନଙ୍କୁ ଖୋଜାଯାଉଛି।

ପାନାମା ପତାକା ଲାଗିଥିବା ଏହି ଜାହାଜଟି ୧୯୯୮ରେ ନିର୍ମିତ ହୋଇଥିଲା। ଏହାର ଲମ୍ବ ୨୨୫ ମିଟର ଓ ଚଉଡ଼ା ୩୨ ମିଟର। ଏଥିରେ ୭୨ ହଜାର ମେଟ୍ରିକ ଟନ୍ ଲୁହାପଥର ବୋଝେଇ ହୋଇଥିଲା। ଜାହାଜଟି କେଉଁ କାରଣରୁ ବୁଡ଼ିଲା ଏହା ଉଦ୍ଧାର ହୋଇଥିବା ୨ କ୍ରୁ ମେମ୍ବରଙ୍କୁ ପଚରାଉଚରା ବେଳେ ଜଣାପଡ଼ିବ। ବିଶେଷଜ୍ଞ କହୁଛନ୍ତି, ଜାହାଜରେ ଗାଇଡ୍‌ଲାଇନ ଅନୁଯାୟୀ କାର୍ଗୋ ରହିଥାଏ। କେଉଁ ପ୍ରକାର ଜାହାଜରେ କେତେ କାର୍ଗୋ ଯାଇପାରିବ ଏହା ସ୍ଥିର କରାଯାଇଥାଏ। ଲୁହାପଥର ବୋଝେଇ ହୋଇଥିବାରୁ ସମୁଦ୍ରରେ ଯଦି ଲୁହାପଥର ବାଲାନ୍ସ ହରାଇବାବେଳେ ଜାହାଜଟି ଟଳମଳ ହୋଇଥିବ ତେବେ ବୁଡ଼ି ଯାଇଥାଇପାରେ। ପ୍ରକୃତ କାରଣ ତଦନ୍ତରୁ ଜଣାପଡ଼ିବ।

ଜାହାଜ ବୁଡ଼ିବା ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଭାରତର ଜାହାଜ ଚଳାଚଳ ମନ୍ତ୍ରୀ ସଦାନନ୍ଦ ସୋନୋୱାଲ। ସୋସିଆଲ ମିଡ଼ିଆରେ ପୋଷ୍ଟ କରି ସେ କହିଛନ୍ତି, ଜାହାଜ ବୁଡ଼ିବା ଦୁର୍ଭାଗ୍ୟଜନକ, ଅନ୍ୟ କ୍ରୁ ମେମ୍ବରଙ୍କର ସୁରକ୍ଷା କାମନା କରୁଛି।

## ୫ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

**ଭୁବନେଶ୍ୱର,୨୩।୮(ନି.ପ୍ର):** ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷାର ଆକଳନ କରାଯାଇଛି। କିନ୍ତୁ ୫ ଜିଲ୍ଲା ପାଇଁ ଜାରି କରାଯାଇଛି ରେଡ୍ ୱାର୍ଣ୍ଣିଂ। ଏହି ୫ ଜିଲ୍ଲା କଟକ, ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି ଓ ନବରଙ୍ଗପୁର। କଳାହାଣ୍ଡିର ଥୁଆମୂଳ ରାମପୁରରେ ୨୪ ଘଣ୍ଟାରେ ୩୪୫ ମିମି ବର୍ଷା ରେକର୍ଡ କରାଯାଇଛି। ରାଜ୍ୟରେ ବର୍ଷାର ଆକଳନ କରାଯାଇଥିବାବେଳେ ଏହି ୫ ଜିଲ୍ଲାରେ ବର୍ଷାର ବିସ୍ତୃତି ଅଧିକ ରହିପାରେ। ପବନର ବେଗ ମଧ୍ୟ ୪୦-୫୦ କିମି ହୋଇପାରେ। ୨୪ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

## ଥାନାବାବୁଙ୍କ ଆଗୁଆ ଜାମିନ ଖାରଜ

**କଟକ,୨୩।୮(ନି.ପ୍ର):** ନୟାଗଡ଼ ଜିଲ୍ଲା ଶରଣକୂଳ ଥାନାର ପୂର୍ବତନ ଆଇଆଇସି ସୁଜିତ ଦାସଙ୍କର ଆଗୁଆ ଜାମିନ ଆବେଦନ ଓଡ଼ିଶା ହାଇକୋର୍ଟରେ ଖାରଜ ହୋଇଯାଇଛି। ତାଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ମାମଲା ରୁଜୁ ହୋଇଛି। କ୍ରାଇମ୍‌ବ୍ରାଞ୍ଚ ପୋଲିସ ଏହାର ତଦନ୍ତ କରୁଛି। କିନ୍ତୁ ଧରାଛୁଆଁ ଦେଉନାହାନ୍ତି ଥାନାବାବୁ, ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

## ଭାରତ-ଜାପାନ ମଧ୍ୟରେ ରକ୍ଷା ବନ୍ଧନ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ପ୍ରତିରକ୍ଷା କ୍ଷେତ୍ରରେ ଭାରତ-ଜାପାନ ମଧ୍ୟରେ ହୋଇଛି 'ରକ୍ଷା ବନ୍ଧନ'। ଜାପାନ ପ୍ରଧାନମନ୍ତ୍ରୀ ସନାଇ ତକାଇଚୀ ଜୁଲାଇରେ ଭାରତ ଗସ୍ତରେ ଆସିବା ପରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହୋଇଛି। ତକାଇଚୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସାନ ଭଉଣୀ' ବୋଲି ସମ୍ବୋଧନ କରିଥିଲେ।

ଭାରତ-ଜାପାନ ହିନ୍ଦ୍ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସାମରିକ ଅଭ୍ୟାସ ଆରମ୍ଭ କରିବାକୁ ଯାଉଛନ୍ତି। ଏହା ବଡ଼ଧରଣର ସାମରିକ ଅଭ୍ୟାସ। ଏହି ମହାସାଗରରେ ଚୀନ ତା'ର ଦବ୍‌ଦବା ବୃଦ୍ଧି କରିବାକୁ ଚେଷ୍ଟା କରୁଥିବାବେଳେ ଭାରତ-ଜାପାନର ସାମରିକ ଅଭ୍ୟାସ ଏହି ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଭାରତକୁ ମଧ୍ୟ ପ୍ରଥମଥର ଜାପାନରୁ ଆସୁଛି ଫାଇଟର ଜେଟ୍। ଜାପାନୀ ଫାଇଟର ଜେଟ୍‌ର ବିଶ୍ୱରେ ସୁନାମ ରହିଛି।

## ବାଂଲାଦେଶରେ ହିନ୍ଦୁ ପରିବାରର ୪ ଜଣଙ୍କୁ ନିର୍ମମ ହତ୍ୟା

**ଢାକା,୨୩।୮(ଏଜେନ୍ସି):** ବାଂଲାଦେଶରେ ଗୋଟିଏ ହିନ୍ଦୁ ପରିପାରର ୪ ଜଣଙ୍କୁ ନିର୍ମମ ହତ୍ୟା କରାଯାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ବାପା, ମାଆ, ଝିଅ ଓ ନାବାଳକ ପୁତ୍ର। ଏକ ତାଲା ପଡ଼ିଥିବା ଘରୁ ଉଦ୍ଧାର କରାଯାଇଛି ସେମାନଙ୍କ ମୃତଦେହ। ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି।

ଘରର ବିଭିନ୍ନ ସ୍ଥାନରୁ ୪ ଜଣଙ୍କ ମୃତଦେହ ମିଳିଛି। ଘରର ସିଡ଼ି ନିକଟରୁ ମାଆ ଓ ଝିଅଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଛାତ ଉପରୁ ବାପାଙ୍କ ମୃତଦେହ ଓ ଖଟ ତଳୁ ନାବାଳକ ପୁଅର ମୃତଦେହ ମିଳିଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପରିବାରର ୪ ଜଣଙ୍କୁ କିଏ ଓ କାହିଁକି ହତ୍ୟା କଲା, ସେନେଇ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଘଟଣାର ପ୍ରକୃତ କାରଣ ଓ ହତ୍ୟାକାଣ୍ଡ ପଛରେ କାହାର ସମ୍ପୃକ୍ତି ରହିଛି ଏହା ସ୍ପଷ୍ଟ ହୋଇନାହିଁ।




ବାଂଲାଦେଶର ରଙ୍ଗପୁର ସହରରେ ଘଟିଛି ଏହି ଘଟଣା। ମୃତକ ଅବସରପ୍ରାପ୍ତ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ପତ୍ନୀ ପ୍ରୀତିଲତା, ଝିଅ ଅଗାମୀ ଏବଂ ୧୨ ବର୍ଷର ପୁଅ ପ୍ରିୟମ।

ବାଂଲାଦେଶରେ ହିନ୍ଦୁମାନେ ସଂଖ୍ୟାଲଘୁ। ମୋଟ୍ ଜନସଂଖ୍ୟାର ୮% ହିନ୍ଦୁ। ସେମାନଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଛି। ବହୁ ହିନ୍ଦୁଙ୍କର ଜୀବନ ଯାଉଥିବାବେଳେ ଏହି ସଂଖ୍ୟାଲଘୁଙ୍କର ଆର୍ଥିକ, ଧାର୍ମିକ, ସାମାଜିକ ଅଧିକାର ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲାଗିଛି।

## ନିଜର ପ୍ରତିଭା ଦେଖାଉଛନ୍ତି ଜେନ୍-ଜି: ମୋଦୀ

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ଆଜି ଭାରତର ଯୁବପିଢ଼ି ଏପରି କ୍ଷେତ୍ରରେ କାମ କରୁଛନ୍ତି ଯାହା କିଛି ବର୍ଷ ପୂର୍ବେ ମଧ୍ୟ କଳ୍ପନା କରାଯାଇ ପାରୁନଥିଲା। ଜେନ୍-ଜି ନିଜର ପ୍ରତିଭା ଦେଖାଇବାରେ ଲାଗିଛନ୍ତି। ଜାତୀୟ ମହାକାଶ ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ସେ କହିଛନ୍ତି, ଆସନ୍ତୁ ବଡ଼ ସ୍ୱପ୍ନ ଦେଖିବା, ଅଧିକ ନୂତନ ଉଦ୍ଭାବନ କରିବା ଏବଂ ନୂତନ ସୀମା ଅତିକ୍ରମ କରିବା। ଆମ ହାତରେ ତ୍ରିରଙ୍ଗା ଅଛି, ଆମ ପାଖରେ ମହାକାଶ ଅଛି, ଆମ ପାଖରେ ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନ ଅଛି। ଏହା ହେଉଛି ଆମର ବଡ଼ ସଂକଳ୍ପ। ମୁଁ ଅଯୋଧ୍ୟାରେ କହିଥିଲି ଯେ, ଏହା ଏକ ନୂତନ ସମୟ ଚକ୍ରର ଆରମ୍ଭ, ନୂତନ ସମୟ ଚକ୍ରର ଉତ୍ପତ୍ତି। ନୂତନ ସମୟ କ୍ଷେତ୍ରରେ ଭାରତ ବିଶ୍ୱ କ୍ରମରେ ନିରନ୍ତର ଭାବରେ ଏହାର ସ୍ଥାନ ବିସ୍ତାର କରୁଛି। ଏହା



ଆମର ମହାକାଶ କାର୍ଯ୍ୟକ୍ରମରେ ମଧ୍ୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଆମେ ମିଳିତ ଭାବରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ସଂକଳ୍ପ ନେଇଛୁ। ଏହି ସଂକଳ୍ପ ହାସଲ କରିବାରେ ମହାକାଶ କ୍ଷେତ୍ରର ଏକ ବଡ଼ ଭୂମିକା ରହିଛି।

ମୋଦୀ କହିଛନ୍ତି, ନିଜର ପ୍ରତିଭା ଦେଖାଇବାରେ ଲାଗିଛନ୍ତି ଜେନ୍-ଜି। ଆଜି ଆମର ଜେନ୍-ଜି ଇଞ୍ଜିନିୟର, ଜେନ୍-ଜି ଡିଜାଇନର୍, ଜେନ୍-ଜି କୋଡର ଏବଂ ଜେନ୍-ଜି ବୈଜ୍ଞାନିକ ନୂତନ ପ୍ରଯୁକ୍ତିବିଦ୍ୟା ସୃଷ୍ଟି କରୁଛନ୍ତି। ତାହା ପ୍ରୋପଲ୍‌ସନ ସିଷ୍ଟମ, କମ୍ପୋଜିଟ୍ ସାମଗ୍ରୀ, ରକେଟ୍ ପର୍ଯ୍ୟାୟ, ସାଟେଲାଇଟ୍ ପ୍ଲାଟଫର୍ମ ହେଉ। ଭାରତର ମହାକାଶ ପ୍ରତିଭା ସାରା ବିଶ୍ୱରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ଆଜି ଭାରତର ମହାକାଶ କ୍ଷେତ୍ର ବିଶ୍ୱ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଇସ୍ରୋର ସଫଳତା ଦେଖି ଅନେକ ପିଲା ଭାବୁଛନ୍ତି ଯେ, ସେମାନେ ବଡ଼ ହୋଇ ବୈଜ୍ଞାନିକ ହେବେ। ରକେଟ୍ କାଉଣ୍ଟଡାଉନ୍ ଲକ୍ଷ ଲକ୍ଷ ପିଲାଙ୍କୁ ପ୍ରେରଣା ଦେଉଛି। ଘରେ କାଗଜ ଏରୋପ୍ଲେନ୍ ଉଡ଼ାଉଥିବା ପିଲା ବଡ଼ ହୋଇ ଜଣେ ଏରୋନଟିକାଲ ଇଞ୍ଜିନିୟର ହେବାକୁ ଚାହୁଁଛନ୍ତି, ସେମାନେ ବୈଜ୍ଞାନିକ ହେବାକୁ ଚାହୁଁଛନ୍ତି।

## ସୁଟ୍‌କେସରେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ

**ଭୁବନେଶ୍ୱର,୨୩।୮(ନି.ପ୍ର):** ଓଡ଼ିଶାରେ ଡେରା ପକାଇଛି ତାମିଲନାଡୁ ପୋଲିସ। ଟ୍ରେନରୁ ଏକ ସୁଟ୍‌କେସ ଭିତରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ପରେ ଏହାର ତନାଘନା କରୁଛି ତାମିଲନାଡୁ ପୋଲିସ। ଓଡ଼ିଶାରେ ଏହାର ଲିଙ୍କ୍ ରହିଥିବା ସନ୍ଦେହ କରାଯାଉଛି।

**ଓଡ଼ିଶାରେ ତାମିଲନାଡୁ ପୋଲିସ**

ସୂଚନା ଅନୁଯାୟୀ, ଗତ ୬ ତାରିଖରେ ତାମିଲନାଡୁ ଏକ୍ସପ୍ରେସ୍‌ରେ ଏକ ସୁଟକେସ୍ ଭିତରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିଥିଲା। ଘଟଣାକୁ ନେଇ ରେଲୱେ ପୋଲିସ ଆରମ୍ଭ କରିଥିଲା ତଦନ୍ତ। ତଦନ୍ତ ବେଳେ ଷ୍ଟେସନର ସିସିଟିଭି ଫୁଟେଜ୍ ପୋଲିସ ହାତରେ ଲାଗିଥିଲା। ଏଥିରେ ଜଣେ ପୁରୁଷ ଓ ଜଣେ ମହିଳା ସୁଟକେସ୍ ନେଇ ଯାଉଥିବା ଜଣାପଡ଼ିଥିଲା। ଏହାକୁ ଆଧାର କରି ପୋଲିସ ସେମାନଙ୍କ ପରିଚୟ ଓ ଗତିବିଧି ସମ୍ପର୍କରେ ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡ ପରେ ସନ୍ଦିଗ୍ଧ ଦମ୍ପତି ଓଡ଼ିଶା ଫେରି ଆସିଥିବା ପୋଲିସ ସନ୍ଦେହ କରୁଛି।

## ତିନି ବର୍ଷରେ ୧୩୮% ବଢ଼ିଛି ସୁନା ଦର

### ଡଲାର ଉପରୁ ଭରସା ତୁଟୁଛି

### ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ସୁନା କିଣି ନେଉଛନ୍ତି

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ବିଶ୍ୱରେ ସୁନା ଦର ବଢ଼ି ବଢ଼ି ଚାଲିଛି। ତିନି ବର୍ଷରେ ସୁନା ଦର ବଢ଼ିଛି ୧୩୮%। ସୁନା ଦର ବଢ଼ିବାର ମୁଖ୍ୟ କାରଣ ହେଉଛି, ସାରା ବିଶ୍ୱରେ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ଡଲାର ଉପରେ ଭରସା ନକରି ସୁନା କିଣି ନେଉଛନ୍ତି।

ଡଲାର ଉପରୁ ଭରସା ତୁଟୁଛି, ସୁନା ଉପରେ ଭରସା ବଢୁଛି । ଅଶାନ୍ତି, ଯୁଦ୍ଧ ସ୍ଥିତି ଏବଂ ଆମେରିକାର ଆର୍ଥିକ କଟକଣା ମଧ୍ୟରେ ବିଶ୍ୱରେ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକର ଆଉ ଭରସା ନାହିଁ ଡଲାର ଉପରେ। ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ ଅନୁଯାୟୀ, ଗତ ଏପ୍ରିଲ-ଜୁନ ମଧ୍ୟରେ ସେଣ୍ଟ୍ରାଲ



ବ୍ୟାଙ୍କଗୁଡ଼ିକ ୨୮୯ ଟନ୍ ସୁନା କିଣିଥିବା ରିପୋର୍ଟ କହୁଛି। ଏହା ପୂର୍ବ ତିନି ମାସ ତୁଳନାରେ ୫ଗୁଣ ଅଧିକ।

ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ପାଇଁ ଏବେ ସୁନା ଏକ 'ସେଫ୍-ହେଭେନ'। ଗୋଟିଏ ଦଶନ୍ଧିରୁ ଅଧିକ ସମୟ ପରେ ବ୍ୟାଙ୍କ ଅଫ୍ କୋରିଆ (ବିଓକେ) ଅଧିକରୁ ଅଧିକ ସୁନା କିଣିଛି, କିଣିଚାଲିଛି। ଏହି ସେଣ୍ଟ୍ରାଲ ବ୍ୟାଙ୍କ ନିକଟରେ କିଣିଛି ୧୦୪.୪ ମେଟ୍ରିକ ଟନ୍ ସୁନା ଯାହାର ମୂଲ୍ୟ ୪.୭୯ ବିଲିୟନ ଡଲାର।

ବିଶ୍ୱରେ ସୁନା କିଣିବାରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ଚୀନ । ଚୀନ ବିଶ୍ୱରେ ସୁନାର ବଡ଼ ଖରିଦଦାର ହୋଇଥିବାବେଳେ ପଛରେ ପଡ଼ିନାହାନ୍ତି ଭାରତ ଓ ପୋଲାଣ୍ଡ।

**ଲଗାଣ ବର୍ଷା ସାଙ୍ଗକୁ ବନ୍ୟା**

# କେଉଁଠି କମୁଛି, କେଉଁଠି ବଢୁଛି

## ବନ୍ୟାରେ ଭାସି ବୃଦ୍ଧ ନିଖୋଜ

**କେନ୍ଦ୍ରାପଡ଼ା,୨୩।୮(ନି.ପ୍ର):** ଆଳି ବ୍ଲକ କଳମଡ଼ା ଶାସନ ଗ୍ରାମର ସୀତାକାନ୍ତ ମଲ୍ଲିକ(୬୪) କାଣୀ ନଦୀର ବନ୍ୟା ଜଳରେ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ସେ ରାସନ ସମାଗ୍ରୀ ଆଣିବାକୁ ନିକଟସ୍ଥ ପଦନୀପାଳ ଗ୍ରାମକୁ ପାଣିରେ ପଶି ଯାଇଥିଲେ। ତେବେ ସନ୍ଧ୍ୟା ସୁଦ୍ଧା ଘରେ ନପହଞ୍ଚିବାରୁ ତାଙ୍କୁ ଖୋଜାଖୋଜି କରିବା ସତ୍ତ୍ୱେ ସେ ମିଳିନଥିଲେ। ଶନିବାର ଏହି ଘଟଣା ଘଟିଥିବାବେଳେ ରବିବାର ଓଡ୍ରାଫର ୨ଟି ଟିମ୍ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ଖବର ମିଳିନାହିଁ। ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ସେ ନିଖୋଜ ହୋଇଯିବାରୁ ସାରା ପରିବାର ଏବେ ଅସହାୟ ହୋଇପଡିଛନ୍ତି। ପରିବାରରେ କାନ୍ଦ ବୋବାଳି ପଡିଯାଇଛି।

## ପାଣି ଘେରରେ ଗାଁ, ସବୁ ଠପ୍

**କଳାହାଣ୍ଡି,୨୩।୮(ନି.ପ୍ର):** ଲଗାଣ ବର୍ଷାରେ କଳାହାଣ୍ଡିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଥୁଆମୂଳ ରାମପୁର, ଜୟପାଟଣା ଓ କଳମପୁର ବ୍ଲକରେ ପ୍ରବଳ ବର୍ଷା ଯୋଗୁ ବଢ଼ିଛି ନଦୀ ଜଳସ୍ତର। ପରୁଆଗୁଡ଼ା ତଳପଡ଼ାରେ ହାତୀ ନଦୀର ପାଣି ପଶିବାରୁ ପ୍ରାୟ ୨୫୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ବୋଦେଲବନ୍ଧ ଗାଁର ୪୩ ପରିବାର ମଧ୍ୟ ସୁରକ୍ଷିତ ସ୍ଥାନକୁ ଯାଇଛନ୍ତି। ଇଚ୍ଛାପୁର-ବରଗାଁ ରାସ୍ତା ଉପରେ ପାଣି ଚାଲୁଥିବାରୁ କଳମପୁରରୁ ଜୁନାଗଡ଼ ଯାତାୟାତ ଠପ୍ ହୋଇଯାଇଛି। ଅନେକ ଚାଷ ଜମି ଜଳମଗ୍ନ ହୋଇଛି।



ଲାଗି ରହିଛି ଲଗାଣ ବର୍ଷା। କେଉଁଠି ଦୁଇଥର, ତିନିଥର, ଚାରିଥର ନଦୀ ବଢ଼ିଲାଣି । କେଉଁଠି ବନ୍ୟା ଜଳ କମୁଛି ତ କେଉଁଠି ବଢୁଛି । ଲୋକଙ୍କ ଦୁର୍ଦ୍ଦଶା କିନ୍ତୁ କମୁନାହିଁ। ଜୀବନ ବି ଯାଉଛି ।

## ଉଛୁଳା ନାଳରେ ତିନି ମାସର ଶିଶୁକୁ କାନ୍ଧରେ ଧରି ପାର୍ ହେଲେ

**କୋଇଡ଼ା,୨୩।୮(ନି.ପ୍ର):** ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକର କେ-ବଲାଙ୍ଗ ପଞ୍ଚାୟତର ବାକରଟୋଲା ଓ ଗାଡାଟୋଲାରେ ବ୍ରିଜ୍ ଅଭାବରୁ ବର୍ଷା ହେଲେ ଲୋକଙ୍କ ଯାତାୟାତ ଦୁର୍ବିସହ ହୋଇପଡୁଛି। କେ-ବଲାଙ୍ଗ ମେଡିକାଲରୁ ଫେରୁଥିବା ବେଳେ ଜଣେ ବ୍ୟକ୍ତି ତାଙ୍କର ତିନି ମାସର ପୁତୁରାକୁ କାନ୍ଧରେ ଧରି ଉଛୁଳା ନାଳ ପାର୍ ହେଉଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏହି ନାଳ ପାରି ହେବା ପାଇଁ ବ୍ରିଜ୍‌ଟିଏ ଆଜିଯାଏ ନିର୍ମାଣ ହୋଇନାହିଁ। ବର୍ଷାଦିନରେ ଭରା ନାଳରେ ପାରି ହେବା ବିପଜ୍ଜନକ ହୋଇଥିବାବେଳେ ସେମାନଙ୍କ ପାଇଁ ଆଉ କିଛି ଉପାୟ ମଧ୍ୟ ନାହିଁ। ନାଳ ଉପରେ ବ୍ରିଜ୍‌ଟିଏ ନିର୍ମାଣ କରିବାକୁ ସେମାନେ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। କିନ୍ତୁ ପ୍ରଶାସନ ବଧିର ହୋଇଯାଇଛି।

## ବନ୍ୟା ପାଣିରେ ଫସିଲା ବିଧାୟକ ଓ ବିଡ଼ିଓଙ୍କ ଗାଡ଼ି

**ନବରଙ୍ଗପୁର,୨୩।୮(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡିରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିବାକୁ ଯାଉଥିବାବେଳେ ବିଧାୟକ ଗୌରୀଶଙ୍କର ମାଝୀ ଓ ବିଡ଼ିଓ ମନୋଜ ପାଣିଗ୍ରାହୀଙ୍କ ଗାଡ଼ି ଫସି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଛି।

ଇନ୍ଦ୍ରାବତୀ ଗ୍ରାମ ବନ୍ୟାରେ ଜଳମଗ୍ନ ହୋଇଥିବାରୁ ଏହି ଗ୍ରାମକୁ ଯାଉଥିଲେ ବିଧାୟକ। ତାଙ୍କ ସହ ମଧ୍ୟ ବିଡ଼ିଓ ଯାଉଥିଲେ। ଦୁହେଁ ପୃଥକ ଭାବେ ଦୁଇଟି ଗାଡ଼ିରେ ଯାତ୍ରା କରୁଥିଲେ। କିନ୍ତୁ ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜାରୁ ଦୋହଣା ରାସ୍ତାର ବାଙ୍ଗିରି ନାଳ ବ୍ରିଜ୍‌ରେ ବିଧାୟକ ଓ ବିଡ଼ିଓଙ୍କ ଗାଡ଼ି ଫସି ଯାଇଥିଲା। ବ୍ରିଜ୍ ଉପରେ ପ୍ରଖର ସ୍ରୋତ ସହ ପ୍ରବାହିତ ହେଉଥିଲା ୫ ଫୁଟରୁ ଅଧିକ ପାଣି।

ଦୁହେଁ ପ୍ରାୟ ଘଣ୍ଟାଏ କାଳ ବ୍ରିଜ୍ ଉପରେ ଫସି ରହିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରିଥିଲେ। ବ୍ରିଜ୍ ଉପରେ ପ୍ରବଳ ସ୍ରୋତ ସତ୍ତ୍ୱେ ସ୍ଥାନୀୟ ଲୋକେ ସାହସିକତାର ସହ ଗାଡ଼ିକୁ ଠେଲି ଠେଲି ପଛକୁ ନେଇଯାଇଥିଲେ।

**ଜଳୁଛି ସହର ପରେ ସହର**

## ରୁଷ ଏୟାରଷ୍ଟ୍ରାଇକ୍‌ରେ ୟୁକ୍ରେନ ଥରହର

**ନୂଆଦିଲ୍ଲୀ,୨୩।୮(ଏଜେନ୍ସି):** ରକ୍ତମୁଖା ହୋଇଯାଇଛି ରୁଷ। ରୁଷର ଭୟଙ୍କର ଏୟାରଷ୍ଟ୍ରାଇକ୍‌ରେ ୟୁକ୍ରେନ ଏବେ ଥରହର। ଶ୍ମଶାନ ହୋଇଯାଉଛି ୟୁକ୍ରେନର ଧରିତ୍ରୀ। ୭୨ ଘଣ୍ଟା ମଧ୍ୟରେ ୧୪୬ ସ୍ଥାନରେ ରୁଷ ଏୟାରଷ୍ଟ୍ରାଇକ୍ କରିଛି। ଏହା ମଧ୍ୟରେ ରହିଛି କୀଭ୍, ଓଡ଼େସା, ବ୍ରୋବରୀ ଆଦି ସହର। ଗତ ଜୁଲାଇରେ ରୁଷ ୟୁକ୍ରେନର ୨୪୦ ବିଲ୍ଡିଂ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା।

୨୪ ଅଗଷ୍ଟ ୟୁକ୍ରେନର ସ୍ୱାଧୀନତା ଦିବସ। ଏହା ପୂର୍ବରୁ ଘନ ଘନ ଏୟାରଷ୍ଟ୍ରାଇକ୍ ଜାରି ରଖିଛି ରୁଷ। ସ୍ୱାଧୀନତା ଦିବସ ଅବସରରେ ୟୁକ୍ରେନ ଓ ୟୁରୋପର ନେତାଙ୍କ ମଧ୍ୟରେ ବୈଠକ ହୋଇପାରେ ଏବଂ ୟୁକ୍ରେନ ଓ ୟୁରୋପ ମଧ୍ୟ ମିଳିତ ଭାବେ ଶକ୍ତି ପ୍ରଦର୍ଶନ କରିବାର ସୂଚନା ରହିଛି। ଏହାକୁ ଦୃଷ୍ଟିରେ ରଖି ୟୁରୋପକୁ ପରୋକ୍ଷ ଚେତାବନୀ ଦେଉଛନ୍ତି ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ।

ୟୁକ୍ରେନ-ୟୁରୋପ ଗଠବନ୍ଧନକୁ ମଧ୍ୟ ଜବାବ ଦେବାକୁ ରୁଷ-ଉତ୍ତର କୋରିଆ ପ୍ରସ୍ତୁତ। ପୁଟିନ ଓ ଉତ୍ତର କୋରିଆ ରାଷ୍ଟ୍ରପତି କିମ୍‌ଙ୍କ ମଧ୍ୟରେ ଦୋସ୍ତି ବଢ଼ିଛି। ଉତ୍ତର କୋରିଆ ସୈନ୍ୟ ସହାୟତା ସହ ତା'ର କେଏନ୍-୨୩ ଓ କେଏନ୍-୨୪ ମିସାଇଲ ରୁଷକୁ ଦେଉଛି। ଆହୁରି ମଧ୍ୟ ଉତ୍ତର କୋରିଆ ତା'ର କେଏନ୍-୩୦ ମିସାଇଲ ରୁଷକୁ ଦେବ ବୋଲି ଜଣାପଡ଼ିଛି। ଏହା ଅତ୍ୟନ୍ତ ଶକ୍ତିଶାଳୀ, ୯୦୦ କିମି ଦୂର ଯାଏ ଏହା ଲକ୍ଷ୍ୟଭେଦ କରିପାରିବ। ସାରା ବିଶ୍ୱର ନଜର ଏବେ ୟୁକ୍ରେନ-ୟୁରୋପ ବୈଠକ ଉପରେ।

### ନିର୍ବାଚନ କରିବାକୁ ଚାହୁଁନାହାନ୍ତି ଜେଲେନ୍‌ସ୍କି

**କୀଭ୍,୨୩।୮(ଏଜେନ୍ସି):** ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି କାର୍ଯ୍ୟକାଳ ଶେଷ ହୋଇଗଲାଣି। କିନ୍ତୁ ସେ ୟୁକ୍ରେନରେ ନିର୍ବାଚନ କରିବାକୁ ଚାହୁଁନାହାନ୍ତି। ୟୁକ୍ରେନର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମିଖାଇଲେ। ଫେଡୋରୋଭ ଦେଶରେ ନିର୍ବାଚନ କରିବା ପାଇଁ ଦାବି କରିବା ପରେ ଜେଲେନ୍‌ସ୍କି କହିଛନ୍ତି, ରୁଷ ସହ ଯୁଦ୍ଧ ଚାଲିଥିବା ସମୟରେ ୟୁକ୍ରେନରେ ନିର୍ବାଚନ ଆୟୋଜନ କରିବା ଅତ୍ୟନ୍ତ ବିପଜ୍ଜନକ ହେବ। ବର୍ତ୍ତମାନ ସମୟରେ ନିର୍ବାଚନ ୟୁକ୍ରେନକୁ ବିଭାଜିତ କରିଦେବ, ଦେଶକୁ ନଷ୍ଟ କରିବାର ଉଦ୍ଦେଶ୍ୟ ଥିଲେ ହିଁ ଏହି ଯୁଦ୍ଧ ସମୟରେ ନିର୍ବାଚନ କରାଯାଇପାରିବ।

# ପୁଣି ମା' ହେବେ କି

ଓହୋ ମା !






ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ ସୋସିଆଲ ମିଡିଆରେ ସବୁବେଳେ ଆକ୍ଟିଭ ରହିଥାନ୍ତି । ନିଜର ଫ୍ୟାଶନ୍, ଲାଇଫଷ୍ଟାଇଲ ଏବଂ ବୋଲ୍ଡ ଅନ୍ଦାଜ ପାଇଁ ଚର୍ଚ୍ଚାରେ ଥାଆନ୍ତି ବେବୋ । କିନ୍ତୁ ନିକଟରେ ସୋସିଆଲ ମିଡିଆରେ ଭାଇରଲ ହୋଇଥିବା ଏକ ଭିଡିଓ, ଏବେ ପୂରା ବି-ଟାଉନରେ ହଲଚଲ ସୃଷ୍ଟି କରିଦେଇଛି । ଏବେ ତାଙ୍କୁ ଜିମ୍ ବାହାରେ ଦେଖିବାକୁ ମିଳିଥିଲା । ଆଉ ଏହି ରୂପ ଦେଖି କରୀନା ପୁଣିଥରେ ଗର୍ଭବତୀ ଥିବା ନେଇ ଚର୍ଚ୍ଚା ହେଉଛି ।

କରୀନାଙ୍କ ଏହି ଫଟୋ ଦେଖି ଫ୍ୟାନ୍ସ ତାଙ୍କର ଖୁବ୍ ଶୀଘ୍ର ତୃତୀୟ ସନ୍ତାନ ଆସିବାକୁ ନେଇ ଚର୍ଚ୍ଚା ଚାଲିଛି । ଯାହାକୁ ନେଇ କରୀନା ସଂପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି । ନିକଟରେ କରୀନାଙ୍କର ଏକ ଭିଡିଓ ଆସିଥିଲା, ଯେଉଁଥିରେ ସେ ଜିମ୍ ଆଉଟଫିଟ୍ ପିନ୍ଧି ବାହାରକୁ ଆସୁଥିଲେ ଏବଂ ତାଙ୍କ ଟିମ୍ ତାଙ୍କୁ ଛତା ସାହାଯ୍ୟରେ ସୁରକ୍ଷିତ ଭାବେ ନେଉଥିଲେ। ଭିଡିଓରେ ତାଙ୍କର ପେଟକୁ ଦେଖି ସୋସିଆଲ ମିଡିଆ ୟୁଜର୍ସମାନେ ତାଙ୍କର ପ୍ରେଗନେନ୍ସିକୁ ନେଇ କଳ୍ପନାଜଳ୍ପନା ଆରମ୍ଭ କରିଦେଇଥିଲେ ।

ତେବେ କରୀନାଙ୍କ ଜଣେ ଅତ୍ୟନ୍ତ ନିକଟତମ ସହଯୋଗୀ ଏହି ଖବରକୁ ସ୍ପଷ୍ଟ କରି କହିଛନ୍ତି, କରୀନା ଗର୍ଭବତୀ ନାହାଁନ୍ତି । ଏହି ଖବର ସମ୍ପୂର୍ଣ୍ଣ ଭୁଲ୍ । ତୃତୀୟ ସନ୍ତାନକୁ ନେଇ ଚାଲିଥିବା ସମସ୍ତ ଚର୍ଚ୍ଚା ଅର୍ଥହୀନ ।

ସୂଚନାଯୋଗ୍ୟ, କରୀନା କପୁର ସୈଫ୍ ଅଲ୍ଲୀ ଖାନ୍ ୧୬ ଅକ୍ଟୋବର ୨୦୧୨ରେ ବିବାହ କରିଥିଲେ । ସେମାନଙ୍କର ଦୁଇଟି ପୁଅ ତୈମୁର ଏବଂ ଜେହ ରହିଛନ୍ତି । ପୂର୍ବରୁ ଏକ ସାକ୍ଷାତକାରରେ କରୀନା ମଧ୍ୟ କହିସାରିଛନ୍ତି ଯେ, ସେ ଆଉ ପରିବାର ବୃଦ୍ଧି କରିବାକୁ ଚାହୁଁନାହାଁନ୍ତି । ତେବେ ସୈଫ ଏବେ ନିଜର ୪ ପିଲାଙ୍କ ଉପରେ ସମସ୍ତ ସମୟ ଦେବାକୁ ଚାହୁଁଛନ୍ତି । ସୈଫ ଏବେ ଫିଲ୍ମ ସୁଟିଂରେ ବ୍ୟସ୍ତ ରହିଥିବ ବେଳେ କରୀନା ମଧ ଫିଲ୍ମ ଦାୟରାରେ ନଜର ଆସିବେ । ଏହି ଫିଲ୍ମ ଅପରାଧ, ସଜା ଏବଂ ନ୍ୟାର କାହାଣୀ ଜରିଆରେ ସମାଜକୁ ସତ୍ୟତା ଦେଖାବାକୁ ନେଇ ନିର୍ମାଣ କରାଯାଇଛି । ଫିଲ୍ମର ନିର୍ଦ୍ଦେଶନା ମେଘନା ଗୁଲଜାର କରୁଛନ୍ତି ।

# ଆଖିରୁ ବାରମ୍ବାର ପାଣି ବାହାରୁଥିଲେ ତୁରନ୍ତ ଡ଼ାକ୍ତରଙ୍କ ସହ ପରାମର୍ଶ ଜରୁରୀ



ଅନେକ ସମୟରେ ଆଖିରେ ଧୂଳି, ଧୂଆଁ, ତୀବ୍ର ଆଲୋକ, ଥଣ୍ଡା ପବନ କିମ୍ବା କିଛି ପଡ଼ିଯିବା ଯୋଗୁଁ ଆଖିରୁ ପାଣି ବାହାରିଥାଏ। ଆଖିକୁ ପରିଷ୍କାର ରଖିବା ପାଇଁ ଏହା ଏକ ପ୍ରାକୃତିକ ପ୍ରକ୍ରିୟା। କିନ୍ତୁ ଯଦି ଆପଣଙ୍କ ଆଖିରୁ ବାରମ୍ବାର କିମ୍ବା କ୍ରମାଗତ ଭାବେ ପାଣି ବାହାରୁଛି, ତେବେ ଏହାକୁ ଅବହେଳା କରିବା ଉଚିତ୍ ନୁହେଁ।

**ଆଖିରୁ ବାରମ୍ବାର ପାଣି ବାହାରିବାର ମୁଖ୍ୟ କାରଣ:**

**ଡ୍ରାଇ ଆଇ ସିଣ୍ଡ୍ରୋମ୍:** ଆଖିରେ ଆବଶ୍ୟକୀୟ ଆର୍ଦ୍ରତା ନରହିଲେ ଜଳାପୋଡ଼ା ହୁଏ, ଯାହା ଫଳରେ ଆଖି ଅଧିକ ଲୁହ ତିଆରି କରିବାକୁ ଲାଗେ। ଆଖିରେ ଆଲର୍ଜି, ସାଇନସ୍ କିମ୍ବା କୌଣସି ଇନଫେକ୍ସନ୍ ହେଲେ ଅଧିକ ଲୁହ ବାହାରିଥାଏ। ସେହିପରି ଆଖିପତା ଭିତରକୁ କିମ୍ବା ବାହାରକୁ ମୋଡ଼ି ହୋଇଯିବା କିମ୍ବା ଆଖିପତାର ବାଳ ଆଖିରେ ବାଜିବା ଦ୍ୱାରା ବି ଲୁହ ବାହାରିପାରେ ସେହିପରି ଅନ୍ୟାନ୍ୟ କାରଣ ଯେମିତିକି ଆଖିରେ ଆଘାତ ଲାଗିବା, କେତେକ ଔଷଧର ପ୍ରଭାବ କିମ୍ବା ଚିକିତ୍ସା ଯୋଗୁଁ ମଧ ଏହି ସମସ୍ୟା ଦେଖାଦେଇପାରେ।

**କେତେବେଳେ ଡାକ୍ତରଙ୍କ ପରାମର୍ଶ ନେବେ:**

ତେବେ ଆଖିରୁ ପାଣି ବାହାରୁଥିଲେ କେବେ ଆପଣ ଡାକ୍ତରଙ୍କ ପରାମର୍ଶ ନେବେ ନିମ୍ନଲିଖିତ ଲକ୍ଷଣଗୁଡ଼ିକ ଦେଖାଦେଲେ ତୁରନ୍ତ ଆଖି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ

୧.ଆଖିରୁ ବାରମ୍ବାର କିମ୍ବା ଅନେକ ଦିନ ଧରି ପାଣି ବାହାରିବା।
୨.ପାଣି ବାହାରିବା ସହ ପ୍ରବଳ ଆଖି ବ୍ୟଥା, ଅଧିକ ନାଲି ପଡ଼ିଯିବା, ଫୁଲିଯିବା କିମ୍ବା ଝାପସା ଦେଖାଯିବା।
୩.ଆଲୋକ ପ୍ରତି ସଂବେଦନଶୀଳତା (ଆଲୋକକୁ ଚାହିଁ ନପାରିବା)।
୪.ଆଖିରେ ଆଘାତ ଲାଗିବା ପରେ କ୍ରମାଗତ ପାଣି ବାହାରିବା।
୫.ଆଖିରୁ ବହଳିଆ/ଅଠାଳିଆ ପଦାର୍ଥ ବାହାରିବା କିମ୍ବା ଆଖି ଖୋଲିବାରେ କଷ୍ଟ ହେବା।

ହଁ ବିଶେଷ କଥା ମନେରଖନ୍ତୁ ଆଖିରୁ ପାଣି ବାହାରୁଥିଲେ ମଧ ଡାକ୍ତରଙ୍କ ପରାମର୍ଶ ବିନା ଆଖିରେ କୌଣସି ଆଇ-ଡ୍ରପ୍ କିମ୍ବା ଔଷଧ ପକାନ୍ତୁ ନାହିଁ।

# ବର୍ଷାଦିନିଆ ହର୍ବାଲ୍ ଡ୍ରିଙ୍କ୍ସ, ବଢ଼ିବ ଇମ୍ୟୁନ୍ ସିଷ୍ଟମ

ମୌସୁମୀରେ ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନେବା ଜରୁରୀ । ଏହି ସମୟରେ ଇମ୍ୟୁନିଟିକୁ ସପୋର୍ଟ କରିବା ପାଇଁ ଡାଏଟ୍‌ରେ କିଛି ହର୍ବାଲ୍ ଡ୍ରିଙ୍କ୍ସ ସାମିଲ କରାଯାଇପାରିଲେ ବହୁତ ଲାଭଦାୟକ। ଭାରତର ଅନେକ ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ରହିଛି । ବର୍ଷା ଓ ଆର୍ଦ୍ରତା କାରଣରୁ ପାଣିପାଗରେ ପରିବର୍ତ୍ତନ ହୁଏ । ଏହାଦ୍ୱାରା ଅନେକଙ୍କଠାରେ ଥଣ୍ଡା, କାଶ, ଗଳା ଦରଜ, ପେଟ ସମ୍ବନ୍ଧୀୟ ସମସ୍ୟା ଏବଂ ଅନ୍ୟାନ୍ୟ ଋତୁକାଳୀନ ରୋଗ ଦେଖାଦେଇଥାଏ । ତେଣୁ ଏହି ସମୟରେ ଶରୀରର ଇମ୍ୟୁନିଟିକୁ ସୁସ୍ଥ ରଖିବା ଜରୁରୀ ।

ବାହାର ଖାଦ୍ୟ, ପରିମଳର ଅଭାବ ଏବଂ ବଦଳୁଥିବା ପାଣିପାଗ ମଧ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ । ତେଣୁ ଦୈନନ୍ଦିନ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇବା ଆବଶ୍ୟକ। କିଛି ହର୍ବାଲ୍ ଡ୍ରିଙ୍କ୍ସରେ ଉଦ୍ଭିଦଜାତ ତତ୍ତ୍ୱ ଥାଏ, ଯେଉଁଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଶରୀରରେ କଷ୍ଟ କମାଇବା ଭଳି ଗୁଣ ରହିଥାଏ । ଏଗୁଡ଼ିକ ଶରୀରର ଇମ୍ୟୁନିଟିକୁ ସପୋର୍ଟ କରିବାରେ ସହାୟକ ହୋଇଥାଏ । ତେବେ ଏଗୁଡ଼ିକୁ କୌଣସି ରୋଗର ଚିକିତ୍ସା ବୋଲି ଧରାଯିବା ଉଚିତ ନୁହେଁ ।

**ମୌସୁମୀରେ ଇମ୍ୟୁନିଟିକୁ ସପୋର୍ଟ କରିବା ପାଇଁ ଏହି ସବୁ ହର୍ବାଲ୍ ଡ୍ରିଙ୍କ୍ସ ପିଅନ୍ତୁ:**



**କ୍ୟାମୋମାଇଲ୍ ଟି:** କ୍ୟାମୋମାଇଲ୍ ଟିରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଏପରି କିଛି ତତ୍ତ୍ୱ ରହିଥାଏ, ଯାହା ବ୍ୟାକ୍ଟେରିଆ ବିରୋଧରେ ଲଢ଼ିଥାଏ । ଏହା ଶରୀରର ଇମ୍ୟୁନିଟି କ୍ଷମତାକୁ ବଢ଼ାଇଥାଏ । ଏହାଛଡ଼ା ଚାପ କମାଇବା ଏବଂ ନିଦ ଭଲ ହେବାରେ ସହାୟକ ହୋଇଥାଏ ।

**ପୁଦିନା ଟି:** ପୁଦିନା ଟିରେ ଆଣ୍ଟିଅକ୍ସିଡାଣ୍ଟ ସହ ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟିଭାଇରାଲ୍ ଗୁଣ ମିଳିଥାଏ । ଏହା ଶରୀରର ଇମ୍ୟୁନିଟିକୁ ସପୋର୍ଟ କରେ। ଏହାଛଡ଼ା ପୁଦିନା ଟି ହଜମ ସମ୍ବନ୍ଧୀୟ ସମସ୍ୟା, ବାନ୍ତି ଲାଗିବା, ପେଟ ଯନ୍ତ୍ରଣା ଓ ମାଂସପେଶୀରେ ଦରଜକୁ କମାଇବାରେ ସହାୟକ ହୋଇଥାଏ ।

**ହିବିସ୍କସ୍ ଟି:** ହିବିସ୍କସ୍‌ରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ, ଯାହା ଶରୀରକୁ ଅକ୍ସିଡେଟିଭ୍ ଷ୍ଟ୍ରେସ୍‌ରୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ । ଏହାଛଡ଼ା ହିବିସ୍କସ୍ ଟି ରକ୍ତଚାପ ଓ ଖରାପ କୋଲେଷ୍ଟେରଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ ।

**ଅଦା ଚା :** ଅଦା ଚା'ରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ, ଯାହା ଶରୀରକୁ ଫ୍ରି ରାଡିକାଲ୍‌ସରୁ ହେଉଥିବା କ୍ଷତିରୁ ସୁରକ୍ଷା ଦେଇଥାଏ । ଏହା ଇମ୍ୟୁନ୍ ସିଷ୍ଟମ୍‌କୁ ସପୋର୍ଟ କରିଥାଏ । ଏହାଛଡ଼ା ଅଦା-ବାନ୍ତି, ବଦହଜମୀ ଏବଂ ମାସିକ ଋତୁସ୍ରାବ ସମୟର ଯନ୍ତ୍ରଣା କମାଇବାରେ ମଧ ସହାୟକ ହୋଇଥାଏ ।

**ହଳଦୀ କ୍ଷୀର:** ହଳଦୀରେ କର୍କ୍ୟୁମିନ୍ ନାମକ ଏକ ତତ୍ତ୍ୱ ଥାଏ, ଯାହା ଶରୀରର ଇମ୍ୟୁନ୍ ସିଷ୍ଟମ୍‌କୁ ସପୋର୍ଟ କରିଥାଏ । କ୍ଷୀରରୁ ପ୍ରୋଟିନ୍ ଓ କ୍ୟାଲସିୟମ୍ ମଧ ମିଳିଥାଏ । ତେବେ ହଳଦୀ କ୍ଷୀରକୁ କୌଣସି ରୋଗର ଚିକିତ୍ସା ବୋଲି ଧରାଯିବା ଉଚିତ ନୁହେଁ ।

**ମୌସୁମୀରେ ରୋଗରୁ ଦୂରେଇ ରହିବା ପାଇଁ ଏଗୁଡ଼ିକ ମଧ ଜରୁରୀ:**

ମୌସୁମୀରେ କେବଳ ହର୍ବାଲ୍ ଡ୍ରିଙ୍କ୍ସ ଉପରେ ନିର୍ଭର କରିବା ଠିକ୍ ନୁହେଁ । ଶରୀରକୁ ସୁସ୍ଥ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ଖାଇବା, ପର୍ଯ୍ୟାପ୍ତ ପାଣି ପିଇବା ଏବଂ ଭଲ ନିଦ ହେବା ଜରୁରୀ । ବର୍ଷା ଦିନରେ ବାହାରର ଖୋଲା କିମ୍ବା ଅପରିଷ୍କାର ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ ।

# କ'ଣ ଏହି 'ସିଲ୍ଫିୟମ୍', ଯାହା ମୂଲ୍ୟ ସୁନାଠୁ ଉପରେ

ହଜାର ହଜାର ବର୍ଷ ପୁରୁଣା ଇତିହାସର ଏକ ରହସ୍ୟ ଏବେ ପୁଣି ସାମ୍ନାକୁ ଆସିଛି। ତୁର୍କୀରେ ଏକ ବିରଳ ଉଦ୍ଭିଦ ପୁଣିଥରେ ଠାବ ହୋଇଥିବା ଦାବି କରାଯାଇଛି। ପ୍ରାୟ ୨,୦୦୦ ବର୍ଷ ପୂର୍ବରୁ ଏହି ଉଦ୍ଭିଦ ବିଲୁପ୍ତ ହୋଇଯାଇଥିବା ବିଶ୍ୱାସ କରାଯାଉଥିଲା। ଏମିତି ଏକ ଉଦ୍ଭିଦ, ଯାହାକୁ ପ୍ରାଚୀନ ଗ୍ରୀକ୍, ରୋମାନ୍ ଏବଂ ମିଶରୀୟ ସଭ୍ୟତାରେ ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ ଭାବେ ବିବେଚନା କରାଯାଉଥିଲା। ପ୍ରାୟ ୨,୦୦୦ ବର୍ଷ ପରେ ପୁଣି ଚିହ୍ନଟ କରାଯାଇଛି। ଏହି ଗଛକୁ ନେଇ ଆଜି ବି ବୈଜ୍ଞାନିକ ଓ ଇତିହାସବିଦଙ୍କ ମଧ୍ୟରେ ଗବେଷଣା ଚାଲିଛି।

ସୂଚନା ଅନୁସାରେ, ତୁର୍କୀରେ ଜଣେ ପ୍ରଫେସର ଦୁଇଟି ଭିନ୍ନ ସ୍ଥାନରେ ସିଲ୍ଫିୟମ୍ ସହ ସାମଞ୍ଜସ୍ୟ ଥିବା ଏହି ଉଦ୍ଭିଦକୁ ଠାବ କରିଛନ୍ତି। ଏହି ଆବିଷ୍କାର ପରେ ଇତିହାସ ଓ ଉଦ୍ଭିଦ ବିଜ୍ଞାନ ମହଲରେ ନୂଆ ଆଗ୍ରହ ସୃଷ୍ଟି ହୋଇଛି। ପ୍ରାଚୀନ ସମୟରେ ସିଲ୍ଫିୟମର ଚାହିଦା ଏତେ ଅଧିକ ଥିଲା ଯେ ଏହାର ବ୍ୟବସାୟ ମଧ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଅତ୍ୟଧିକ ବ୍ୟବହାର ଏବଂ ଚାହିଦା ଯୋଗୁଁ ଏହି ଉଦ୍ଭିଦ ଧୀରେ ଧୀରେ ଅଦୃଶ୍ୟ ହୋଇଯାଇଥିବା ଐତିହାସିକ ବର୍ଣ୍ଣନାରୁ ଜଣାପଡ଼େ।

**କ'ଣ ଏହି 'ସିଲ୍ଫିୟମ୍' ଗଛ:** ତୁର୍କୀରେ ଏକ ବିରଳ ଉଦ୍ଭିଦ ଯାହାର ନାମ ସିଲ୍ଫିୟମ୍ । ପ୍ରାଚୀନ ଗ୍ରୀକ୍, ରୋମାନ୍ ଏବଂ ମିଶରୀୟ ସଭ୍ୟତାରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ ବ୍ୟବହାର କରାଯାଉଥିଲା। ସୁନେଲି ରଙ୍ଗର ଫୁଲ ଥିବା ଏହି ଉଦ୍ଭିଦ ହଜାର ହଜାର ବର୍ଷ ପୂର୍ବେ ଭୂ-ମଧ୍ୟସାଗରୀୟ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲା। ଐତିହାସିକ ବର୍ଣ୍ଣନା ଅନୁସାରେ, ବିଭିନ୍ନ ରୋଗର ଚିକିତ୍ସା ସହିତ ଗର୍ଭନିରୋଧ ପାଇଁ ମଧ ଏହାର ବ୍ୟବହାର ହେଉଥିଲା।

**କିପରି ହେଲା ବିଲୁପ୍ତ:** ସିଲ୍ଫିଅମ୍ ପ୍ରାଚୀନ ଲିବିଆର ସାଇରେନାଇକା ଅଞ୍ଚଳରେ ବଢ଼ୁଥିବା ବୋଲି ଇତିହାସିକ ସୂତ୍ରରେ ଉଲ୍ଲେଖ ରହିଛି। ଏହାର ଅତ୍ୟଧିକ ଚାହିଦା ଏବଂ ବ୍ୟାପକ ବ୍ୟବହାର ଯୋଗୁଁ ଏହାର ସଂଖ୍ୟା ଧୀରେ ଧୀରେ କମିଥିବା ବୋଲି ଧାରଣା କରାଯାଏ। ପ୍ରାଚୀନ ଲେଖାରେ ମଧ ସିଲ୍ଫିୟମର ଦୁର୍ଲଭ ହୋଇଯିବା ଏବଂ ଶେଷରେ ଏହା ଆଉ ମିଳୁନଥିବା ବିଷୟରେ ଉଲ୍ଲେଖ ରହିଛି । ଐତିହାସିକ ଅଭିଲେଖରୁ ଜଣାପଡିଛି ଯେ, ଜୁଲିୟସ୍ ସିଜରଙ୍କ ଶାସନକାଳରେ ସିଲ୍ଫିୟମର ମୂଲ୍ୟ ରୂପା ସହ ସମାନ ଥିଲା। ଏହି ଦୁର୍ଲଭ ଉଦ୍ଭିଦକୁ ରୋମରେ କେତେ ଗୁରୁତ୍ୱ ଦିଆଯାଉଥିଲା, ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି । ତଥ୍ୟ ଅନୁସାରେ, ସିଜରଙ୍କ କର୍ମଚାରୀମାନେ ରାଜକୋଷରେ ସୁନା ସହିତ ୧,୦୦୦ କିଲୋଗ୍ରାମରୁ ଅଧିକ ସିଲ୍ଫିୟମ୍ ମଧ ସଞ୍ଚୟ କରି ରଖିଥିଲେ। ହେଲେ ବର୍ତ୍ତମାନ ତୁର୍କୀରେ ଗବେଷକମାନେ ଏକ ଉଦ୍ଭିଦକୁ ଚିହ୍ନଟ କରିଛନ୍ତି, ଯାହାର କିଛି ବୈଶିଷ୍ଟ୍ୟ ପ୍ରାଚୀନ ସିଲ୍ଫିୟମର ବର୍ଣ୍ଣନା ସହ ମେଳ ଖାଉଥିବା ଦାବି କରାଯାଇଛି। ଏହି ଉଦ୍ଭିଦକୁ ନେଇ ଗବେଷଣା ଚାଲିଛି ଏବଂ ଏହା ପ୍ରକୃତରେ ପ୍ରାଚୀନ ସିଲ୍ଫିଅମ୍ ନା ତାହାର ଏକ ପ୍ରଜାତି ସେନେଇ ବୈଜ୍ଞାନିକମାନେ ଅଧିକ ଅଧ୍ୟୟନ କରୁଛନ୍ତି । ସିଲ୍ଫିୟମର କାହାଣୀ କେବଳ ଏକ ବିଲୁପ୍ତ ଉଦ୍ଭିଦର କାହାଣୀ ନୁହେଁ। ଏହା ପ୍ରାଚୀନ ସଭ୍ୟତାର ପ୍ରକୃତି ଉପରେ ନିର୍ଭରଶୀଳତା ଏବଂ ଅତ୍ୟଧିକ ବ୍ୟବହାର କିପରି କୌଣସି ପ୍ରଜାତିକୁ ବିଲୁପ୍ତି ଆଡ଼କୁ ନେଇପାରେ, ତାହାର ଏକ ବଡ଼ ଉଦାହରଣ ।



# କିପରି କଟିବ ଆଜିର ଦିନ

୨୪ ଅଗଷ୍ଟ ୨୦୨୬

**ମେଷ:** ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ ଅନ୍ୟ କାହାର କଥା ମିଶିବ ନାହିଁ। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ:** ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଭଲ ରହିବ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ:** ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ନରହିଲେ ସମସ୍ୟା ଆସିପାରେ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ।

**କର୍କଟ:** ଶିଳ୍ପ, ବାଣିଜ୍ୟ ପାଇଁ ଦିନଟି ଭଲ ରହିବ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ମହିଳାମାନେ କର୍ମତତ୍ପର ହେବେ ଓ ଯତ୍ନବାନ ହେବେ।

**ସିଂହ:** ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇପାରିବେ। ବହୁଦିନରୁ ଖୋଜୁଥିବା ଜିନିଷ ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ସମୟ ବିତିବ।

**କନ୍ୟା:** ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଦିନଟି ଭଲରେ କଟିବ।

**ତୁଳା:** ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ପୂର୍ବ ଶତ୍ରୁତାକୁ ନେଇ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**ବିଛା:** ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ।

**ଧନୁ:** ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ । କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ମକର:** ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ଦୂରଯାତ୍ରାର ସୁଯୋଗ ମଧ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଘଟଣାକୁ ଗୁରୁତ୍ୱ ଦିଅନ୍ତୁନି।

**କୁମ୍ଭ:** ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନି। କିନ୍ତୁ ସାମୟିକ ଭାବରେ ପୁତ୍ରକନ୍ୟାଙ୍କ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ:** ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଅନୁଭବ କାରଣରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ଚୁଟିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

# ଭୂତ କୋଠି ପାଲଟିଛି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର

## ୩୩ ମାସ ବିତିଲା, ତାଲା ଖୋଲିଲାନି

ଅସ୍ତରଙ୍ଗ,୨୩।୮(ନି.ପ୍ର): ଏହା କୌଣସି ଭୂତ ବଙ୍ଗଳା ନୁହେଁ, ଏହା ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ବନ୍ତିଲୋ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ବାସ୍ତବ ଚିତ୍ର। ୩୦ ନଭେମ୍ବର ୨୦୨୩ ମସିହା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହେବ ବୋଲି ଘୋଷଣା ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ସଠିକ୍ ବ୍ୟୟ କେତେ, ତାହା କାହାରିକୁ ଜଣା ନାହିଁ। କାରଣ ସେଠାରେ ନା ଅଛି ସୂଚନା ଫଳକ, ନା ଅଛି କାମର ସ୍ୱଚ୍ଛତା।



ଅଭିଯୋଗ ଅନୁସାରେ, ନିର୍ମାଣ ଆରମ୍ଭରୁ ହିଁ ନିମ୍ନମାନର କାମ ହେଉଥିବା ନେଇ ସ୍ଥାନୀୟ ଲୋକେ ସଙ୍ଗୀନ ଅଭିଯୋଗ କରିଥିଲେ। ବାଲି ବଦଳରେ ମାଟି ଫିଲିଂ, ଭଲ ଇଟା ବଦଳରେ ନିମ୍ନମାନର ଇଟା ବ୍ୟବହାର ହେଉଥିଲା। ଖବର ପାଇ ଅନେକ ଉଚ୍ଚସ୍ତରୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ସତ, ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ଲୋକଙ୍କ ସରକାର ତଥା ନୂତନ ସରକାରକୁ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି। ବନ୍ତିଲୋ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ ବଦଳିଲାନି। ବିଭାଗୀୟ ମନ୍ତ୍ରୀ ହୁଅନ୍ତୁ କି ଜିଲ୍ଲା ପ୍ରଶାସନ, କେହି ଏହାର ଦାୟିତ୍ୱ ନେଉନାହାନ୍ତି। ତେବେ କେମିତି ଖୋଲିବ ଏ ସ୍ୱାସ୍ଥ୍ୟ କେନ୍ଦ୍ର? କେମିତି ରୋଗୀ ସୁବିଧା ପାଇବେ? ଠିକାଦାର ଓ ଯନ୍ତ୍ରୀଙ୍କ ଆପୋଷ ବୁଝାମଣା ଆଗରେ ସବୁ ଚୁପ୍ କି? ବର୍ତ୍ତମାନ ଅଗଷ୍ଟ ୨୦୨୬ ଶେଷ ସପ୍ତାହ ହେଲାଣି। ୩୩ ମାସ ପରେ ବି ହସ୍ତାନ୍ତର ହୋଇନାହିଁ। ଯଦି ହସ୍ତାନ୍ତର ହେବ, କାନ୍ଥରୁ ପ୍ଲାଷ୍ଟର ଛାଡିବା, ଛାତରୁ ପାଣି ଗଳିବା ଭଳି ଦୁର୍ନୀତି ଧରା ପଡିଯିବ ବୋଲି ଜାଣିଶୁଣି ଟାଳବାହାନା କରାଯାଉଛି ବୋଲି ଲୋକେ କହୁଛନ୍ତି। ଫଳ ଭୋଗୁଛନ୍ତି ବନ୍ତିଲୋ, କେଉଟଜଙ୍ଗା, ଉଦୟକଣୀ, ଶିଶୁଅ, କୋରଣା ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ। ଦିନ ହେଉ କି ରାତି, ଜ୍ୱର ହେଉ କି ପ୍ରସବ ଯନ୍ତ୍ରଣା, ବାଧ୍ୟ ହୋଇ ୧୦ କିମି ଦୂର କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୌଡିବାକୁ ପଡୁଛି। ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନ କହିଛନ୍ତି, କିଛି ଆୟୁଷ୍ମାନ କେନ୍ଦ୍ରର କାର୍ଯ୍ୟ ଜାରି ରହିଛି। ସମ୍ପୂର୍ଣ୍ଣ କାର୍ଯ୍ୟ ସରି ନଥିବାରୁ ହସ୍ତାନ୍ତର ହୋଇନାହିଁ।

# ପର୍ଦ୍ଦାଫାଶ ଭୟରେ ମୂର୍ତ୍ତି ତସ୍କରୀଙ୍କ ନିର୍ମମ ହତ୍ୟାକାଣ୍ଡ

ପିପିଲି,୨୩।୮(ନି.ପ୍ର): ଗତ ବୁଧବାର ରାତି ୧୧ ଟା ସମୟରେ କୌଣସି ଏକ ମନ୍ଦିରରୁ ଲୁଟ କରି ଲକ୍ଷ୍ମୀନାରାୟଣଙ୍କ ସୁନା ନିର୍ମିତ ମୂର୍ତ୍ତିକୁ ବିକ୍ରି ପାଇଁ ଡିଲ ହେଉଥିବା ବେଳେ ଉକ୍ତ ଗ୍ରାମର ଆଲୋକ ଭୋଇ ଲୁଚି କରି ଭିଡିଓ କରୁଥିଲାବେଳେ ଡିଲରେ ସମ୍ପୃକ୍ତ ଥିବା ବଣିଆ ଦେଖି ସମସ୍ତଙ୍କୁ ଜଣାଇବାରେ ସମ୍ପୃକ୍ତ ତିନିଜଣ ବ୍ୟକ୍ତି ତାଙ୍କୁ କାବୁ କରିବାକୁ ଚାହିଁଥିଲେ। ହେଲେ ଆଲୋକ କୌଣସିମତେ ସେଠାରୁ ଜୀବନ ବଞ୍ଚାଇ ଖସିଯାଇ ନିଜ ସହଯୋଗୀ ରଶ୍ମିରଞ୍ଜନ କାଣ୍ଡିଙ୍କ ସହଯୋଗରେ ବାଇକ ଯୋଗେ ଖସିଯାଇ ନିଜ ମାଙ୍କ ମୋବାଇଲକୁ ଡିଲ ସମୟର ଭିଡିଓ ପଠାଇ ଦେଇଥିଲେ। ପରେ ଡିଲରେ ସମ୍ପୃକ୍ତ ଥିବା ଲୋକେ ଉଭୟ ଆଲୋକ ଓ ରଶ୍ମିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଉଭୟଙ୍କ ମୃତ୍ୟୁ ହୋଇଥିବା ଭାବି ଅଭିଯୁକ୍ତ ମାନେ




ଛାଡ଼ି ଚାଲିଯାଇଥିବା ବେଳେ ରଶ୍ମି ଗୁରୁତର ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ରଶ୍ମିଙ୍କ ଚେତା ଫେରିଥିଲା। ଏନେଇ ଆଲୋକଙ୍କ ମା' ରୀନା ଭୋଇ ରାମଚଣ୍ଡୀ ଥାନାରେ ଲିଖିତ ଅଭିଯୋଗ କରିବାକୁ ଯାଇଥିଲାବେଳେ ତାଙ୍କ ଏତଲା ପୋଲିସ ରଖି ନଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏଭଳି ଏକ ହତ୍ୟାକାଣ୍ଡକୁ ଦୁର୍ଘଟଣାର ରୂପ ଦେଇ ଗ୍ରାମର ଅନ୍ୟ ଏକ ବ୍ୟକ୍ତି ଥାନାରେ ଏତଲା ଦେଇଥିଲା ବେଳେ ଯାହାକୁ ନେଇ ପୋଲିସ ପ୍ରଶାସନର କାର୍ଯ୍ୟକୁ ନେଇ ସନ୍ଦେହ କରିଛନ୍ତି ମୃତ ଆଲୋକଙ୍କ ପରିବାର। ଘଟଣାକୁ ୫ ମାସ ବିତିଯାଇଥିଲେ ମଧ୍ୟ ନ୍ୟାୟ ନପାଇ ମୃତ ଆଲୋକଙ୍କ ମା ରୀନା ଭୋଇ ଅଲ୍ ଇଣ୍ଡିଆ ମୂଳ ନିବାସୀ ସଂଘରେ ଅଭିଯୋଗ କରିବାରେ ରବିବାର ସଙ୍ଘ ସଭାପତି ବିଜୟ ସେଠିଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଛି। ଏଥିରେ ସମସ୍ତ ଘଟଣା ବା ଚୋରା ମୂର୍ତ୍ତି କାରବାର ଓ ମୁଲଚାଲର ଭିଡିଓ ସାର୍ବଜନୀନ କରିଛି ସଙ୍ଘ। ଯଦି ସରକାର ଏହାର ତଦନ୍ତ କରି ସଠିକ ନ୍ୟାୟ ପ୍ରଦନ ନକରନ୍ତି ତେବେ ସଙ୍ଘ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଙ୍ଘ ସଭାପତି ବିଜୟ ସେଠି।

## ବ୍ରଜପାତରେ ଜଣଙ୍କ ମୃତ୍ୟୁ, ଥାନାରେ ଅଭିଯୋଗ

ଚାରିଛକ,୨୩।୮(ନି.ପ୍ର): ବ୍ରଜପାତରେ ଚାରିଛକ ଥାନା ଅନ୍ତର୍ଗତ ତମ୍ପାଲୋ ପଂଚାୟତ ଟୁଆଁ ସାହି ଗ୍ରାମର ରୁପନ ଭୋଇ(୫୪)ଙ୍କ ମୃତ୍ୟୁ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଉକ୍ତ



ଗ୍ରାମର ରୁପନ ରବିବାର ଦିନ ପ୍ରାୟ ୧ ଘଟିକା ସମୟରେ ବିଲରେ କାମ କରୁଥିବାବେଳେ ସେଠାରେ ବ୍ରଜପାତ ପଡିବାରୁ ସେ ଚାଷ ବିଲରେ ଟଳିପଡିଥିଲେ। ଖବର ପାଇ ପରିବାର ଲୋକମାନେ ସେଠାରୁ ତାଙ୍କୁ ଉଦ୍ଧାରକରି ଚିକତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କର ମୃତ୍ୟୁ ଘଟିଥିବା ସୁଚନା ଦେଇଥିଲେ । ମୃତଙ୍କ ଭାଇ କୋକନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଛି।

## ନୀଳମାଧବ ମନ୍ଦିରରେ ମହାପ୍ରଭୁଙ୍କ ଝୁଲଣ ଯାତ ଆରମ୍ଭ

କଣ୍ଟିଲୋ,୨୩।୮(ନି.ପ୍ର): ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ ନୟାଗଡ ଜିଲ୍ଲା ଅଧିନସ୍ଥ କଣ୍ଟିଲୋ ଗ୍ରାମରେ ବିରାଜିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଶ୍ରାବଣ



ମାସ ପୁତ୍ରଦା ଏକାଦଶୀ ତିଥି ରବିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଝୁଲଣ ଯାତ ଏକାଦଶୀଠାରୁ ବଳଭଦ୍ର ଜନ୍ମ ବା ରକ୍ଷା ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ ଦିନ ଧରି ନୀଳମାଧବ ମନ୍ଦିରର ପୂର୍ବ ଦିଗରେ ଶୋଭା ପାଉଥିବା ଝୁଲଣ ବେଦିରେ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ଚଳନ୍ତି ବିଜେ ପ୍ରତିମା ମଦନମୋହନ ମା ମହାଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ସଂଧ୍ୟା ଧୂପ ନୀତି ଶେଷ ହେବା ପରେ ସେବାୟତମାନେ ପଟୁଆରରେ ଝୁଲଣ ମଣ୍ଡପକୁ ବିଜେ କରିଥାନ୍ତି। ସେଠାରେ ଉପସ୍ଥିତ ଥିବା ପୁରୁଷ ମହିଳା ଭକ୍ତ ଆଗ୍ରହ ସହକାରେ ଠାକୁର ବିଜେ କରିଥିବା ଝୁଲଣ ଦୋଳିକୁ ଗୀତ ଗାଇ ଝୁଲାଉଥିବା ବେଳର ଦୃଶ୍ୟ ଅତ୍ୟନ୍ତ ମନୋରମ। ସେହିପରି ନୀଳମାଧବ ମନ୍ଦିର ଦକ୍ଷିଣ ଦ୍ୱାରରେ ଥିବା ରାଧାମୋହନ ମଠରେ ବିରାଜିତ ପ୍ରଭୁ ଶ୍ରୀ ରାଧାକୃଷ୍ଣ, ସିଧା ମୂଳା ସ୍ଥିତ ଗୋକୁଳାନନ୍ଦ ଜୀଉ ପୀଠ, ଜଗନ୍ନାଥ ମନ୍ଦିର, ମର୍ଦ୍ଦରାଜ ପୁର ଏବଂ ଖଣ୍ଡପଡା ଜଗନ୍ନାଥ ମନ୍ଦିର ପରିସରରେ ମହା ଆନନ୍ଦ ଉଲ୍ଲାସର ସହିତ ଝୁଲଣ ଯାତ ଅନୁଷ୍ଠିତ ହୋଇଯାଇଛି।

## ପରିତ୍ୟକ୍ତ କୂଅରୁ ବାରହା ଉଦ୍ଧାର

ବୋଲଗଡ଼,୨୩।୮(ନି.ପ୍ର): ବୋଲଗଡ଼ ବନ ବିଭାଗ ଅଧିନସ୍ଥ ପାଟବନ୍ଧ ଗ୍ରାମର ବାବା ପଶ୍ଚିମେଶ୍ୱର ଦେବଙ୍କ ପୀଠର ଅନତି ଦୂରରେ ଥିବା ଏକ ପରିତ୍ୟକ୍ତ କୂଅରୁ ଏକ ବାରହାକୁ ବିଭାଗୀୟ



କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ସୂଚନାରୁ ପ୍ରକାଶ ରବିବାର ସକାଳୁ ସେହି ଗ୍ରାମର ଯୁବକ ସୁଶାନ୍ତ ପ୍ରଧାନ ବିଲ ଆଡକୁ ଯାଉଥିବାବେଳେ ବାରହାଟି କୂଅରେ ପଡ଼ିଥିବା ଦେଖିଥଲେ। ତୁରନ୍ତ ସେହି ଗ୍ରାମରେ ଥିବା ବନ ରକ୍ଷିକା ମାନସୀ ସାହୁଙ୍କୁ ଜଣାଇଥିଲେ। ମାନସୀ ବନପାଳ ମଧୁଛନ୍ଦା ସେଠିଙ୍କୁ ଯୋଗାଯୋଗ କରିଥିଲେ। ବୋଲଗଡରୁ କିଛି କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଦୀର୍ଘ ଏକ ଘଣ୍ଟା ପରିଶ୍ରମ ପରେ ବାରହାଟିକୁ ଉଦ୍ଧାର କରାଯାଇ ସେହି ଜଙ୍ଗଲରେ ଛାଡିଦିଆଯାଇଥିବା ଜଣାପଡିଛି। ବନ ବିଭାଗ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ବାରହାଟିର ଜୀବନ ବଞ୍ଚିଯାଇଛି। ସ୍ଥାନୀୟ ଜନସାଧାରଣ କର୍ମଚାରୀମାନଙ୍କୁ ପ୍ରଶଂସା କରିଛନ୍ତି। ବୋଲଗଡ ବନବିଭାଗରେ ବିସ୍ତୃତ ସଂରକ୍ଷିତ ଜଙ୍ଗଲ ରହିଥିବାବେଳେ ଏଠାରେ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି। ୨/୩ଜଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟକ୍ରମ ଚାଲୁଛି। ବୋଲଗଡକୁ ଏକ ରେଞ୍ଜ ମାନ୍ୟତା ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ଲଡୁବାବାଙ୍କୁ ଚାନ୍ଦି ପାଦୁକା ଅର୍ପଣ

ବୋଲଗଡ଼,୨୩।୮(ନିପ୍ର): ସମ୍ପ୍ରତି ସମାଜରେ ଈଶ୍ୱର ଭକ୍ତି ବୃଦ୍ଧି ପାଉଥିବା ଦେଖାଯାଉଛି। ଭିନ୍ନ ଭିନ୍ନ ଉପାୟରେ ଭକ୍ତମାନେ ସେମାନଙ୍କର ଭକ୍ତିର ପରାକାଷ୍ଠା ପ୍ରଦର୍ଶନ କରୁଛନ୍ତି। ଏପରି ଦୃଶ୍ୟ ବୋଲଗଡଠାରେ



ଦେଖାଯାଇଛି। କଟକ କାଉଡିଆ ସଙ୍ଘ ପକ୍ଷରୁ ନୟାଗଡ ଶରନକୁଳ ଲଡୁବାବାଙ୍କୁ ଚାନ୍ଦି ନିର୍ମିତ ପାଦୁକା ଅର୍ପଣ କରିଛନ୍ତି। ନିର୍ମିତ ପାଦୁକାର ଓଜନ ୨୮୦ଗ୍ରାମ। ମୂଲ୍ୟ ପ୍ରାୟ ୮୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। କଟକର ବିଭିନ୍ନ ସାହି ଯୁବକମାନେ ଚାନ୍ଦା କରି ଏହି ପାଦୁକା ନିର୍ମାଣ କରିଛନ୍ତି। ଏହାକୁ ଏକ ସୁସଜ୍ଜିତ ଝୁଲଣାରେ ବୋହି ନେଉଛନ୍ତି। ରାସ୍ତାରେ ଶ୍ରଦ୍ଧାଳୁମାନେ ପାଦୁକା ଦର୍ଶନ କରୁଛନ୍ତି। କଟକ କାଉଡିଆ ଭାଇଙ୍କ ଏହି ଅଭିନବ ପ୍ରୟାସକୁ ଜନସାଧାରଣ ପ୍ରଂଶସା କରିଛନ୍ତି।

# ବନ୍ଧୁକ କାରବାର ଅଭିଯୋଗରେ ୩ ଗିରଫ, ୪ ବନ୍ଧୁକ ଜବତ




ଖଣ୍ଡପଡ଼ା,୨୩।୮(ନି.ପ୍ର): ଦୀର୍ଘ ଦିନ ଧରି ଘରେ ଦେଶୀ ବନ୍ଧୁକ ମହଜୁଦ ରଖି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ଖଣ୍ଡପଡ଼ା ବ୍ଲକର ଶିଖରପୁର ପଞ୍ଚାୟତ ଅଧୀନ ବରପଲ୍ଲୀ ବନ୍ତଳାସାହିର ରବୀନ୍ଦ୍ର ନାହାକ (୨୧) ଓ ଯୋଗିଆପଲ୍ଲୀ ପଞ୍ଚାୟତ ଅଧୀନ ସାନହାମରା ଗ୍ରାମର ରବୀନ୍ଦ୍ର ପ୍ରଧାନ (୨୫) ଓ ନୂଆଗାଁ ବ୍ଲକ ଅଧୀନ ମାଳିସାହି ଗ୍ରାମର କାବୁଲି ମହାରଣା(୪୫)ଙ୍କୁ ପୁଲିସ ଗିରଫ କରି ରବିବାର ଅଦାଲତ ଚାଲାଣ କରିଥିବା ନେଇ ପୁଲିସ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରିଥିବା ସୂଚନା ମିଳିଛି। ଏସଡିପିଓ ସୂଚନାକ୍ରମେ ଏସଆଇ ମନସ୍ମିତା ସାହୁ ଓ ଏଏସଆଇ ଶଙ୍କର କୁମାର ପାଢୀଙ୍କ ନେତୃତ୍ୱରେ ପୁଲିସ ଟିମ ବିଶେଷ ସୂତ୍ରରୁ ସୂଚନା ପାଇ ପ୍ରଥମେ ରବୀନ୍ଦ୍ରଙ୍କ ଘରେ ଅଚାନକ ଚଢାଉ କରିଥିଲା। ଚଢାଉ ବେଳେ ଉଭୟଙ୍କ ଠାରୁ ୪ଟି ଚୋରା ଦେଶୀ ବନ୍ଧୁକ ମିଳିଥିଲା। ପରେ ଖଣ୍ଡପଡ଼ା ଥାନାଧିକାରୀ ମାଳିସାହିରେ ଚଢାଉ କରି ଏହି କାରବାରରେ ସମ୍ପୃକ୍ତି ଥିବା ଅଭିଯୋଗରେ କାବୁଲ ମହାରଣାଙ୍କୁ ଗିରଫ କରିଥିବା ଜଣାପଡିଛି।

# ଧରିତ୍ରୀ ମାତା ପାଇଁ ରବିବାର କାର୍ଯ୍ୟକ୍ରମ




ଖୋର୍ଦ୍ଧା,୨୩।୮(ନିପ୍ର): ଓଡିଶାର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମ ଚେତନା ପରିଷଦ, ଭୁବନେଶ୍ୱର ଓ ଜନ ଚେତନା ଗଣ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଧରିତ୍ରୀ ମାତା ପାଇଁ ରବିବାର ନାମରେ ଏକ ସମୟ ଉପଯୋଗୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତ ହାଡ଼ପଦା ଗ୍ରାମର ଚତୁପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ଫୁଲ ଗଛ ସହ ଆମ୍ବ, ବଉଳ, ବେଲ, ନିମ୍ବ ବୃକ୍ଷ ରୋପଣ କରାଯାଇଥିଲା। ନିକଟସ୍ଥ ପୁଷ୍କରିଣୀରୁ ବିଲାତି ଦଳ ସଫା କରାଯାଇଥିଲା। ସେଠାରେ ଉପସ୍ଥିତ ଥିବା ୪୨ ଜଣ ବୃଦ୍ଧବୃଦ୍ଧାମାନଙ୍କୁ ଛତା ବଣ୍ଟନ କରାଯାଇଥିଲା। ପରେ ଆଖ ପାଖ ଗ୍ରାମର ପରିବେଶ ପ୍ରେମୀଙ୍କୁ ନେଇ ଏକ ଜନସଚେତନତା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଷଦର ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ନାଥ, କୋଷାଧକ୍ଷ ହୃଷିକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, ମୁରଲୀ ଧର ନାଥ, ସଭ୍ୟ ଲଳିତ ମୋହନ ଗୁମାନ ସିଂ, ସଭ୍ୟ ସମୀର କୁମାର ଜେନା, ନବ କିଶୋର ବଡ଼ଜେନା, ବିକ୍ରମ ମାନସିଂହ ଓ ରଞ୍ଜନ ମାନସିଂହ ପ୍ରମୁଖ ପରିଚାଳନା କରିଥିଲେ।

## ଅବଧୂତ ସ୍ୱାଇଁ କାକଟପୁର କଂଗ୍ରେସର ବ୍ଲକ ସଭାପତି

କାକଟପୁର,୨୩।୮(ନି.ପ୍ର): କାକଟପୁର ବ୍ଲକ କଂଗେସ କମିଟିର ସଭାପତି ଅବଧୂତ ସ୍ୱାଇଁଙ୍କ ସୁପାରିସ କ୍ରମେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ କୁମାର ମିଶ୍ରଙ୍କ ଅନୁମୋଦନ ପରେ ସ୍ୱତନ୍ତ୍ର ନିମନ୍ତ୍ରୀତ ଅତିଥି ଭାବେ ବଶିଷ୍ଠ ନେତା ସତ୍ୟବ୍ରତ ପାତ୍ର (ରମୁ ଭାଇ) ବିଶ୍ୱ ଭୁଷଣ ଦାସ, ଯଶୋବନ୍ତ ନାରାୟଣ ମହାନ୍ତି, ସୌମ୍ୟକାନ୍ତ ଖୁଣ୍ଟିଆ, ବିଚିତ୍ରା ନନ୍ଦ ଦାଶ, ପ୍ରଫୁଲ୍ଲ ନାୟକ, ବିପିନି ବିହାରୀ ମହାନ୍ତି, ବିଚିତ୍ର କୁମାର ପାଢ଼ୀ, ନଳୀନିକାନ୍ତ ନାୟକ, କାମିନୀ ବେହେରା ମୋଟ (୨୭) ଜଣ ଓ ୬ନଂ ଜୋନ ସଭାପତି ଶେଖ୍ ଅତିଉର୍ ରହେମନ୍, ଜୋନ (୭ନଂ) ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଜୋନ (୮ନଂ) ସୁମନ୍ତ କୁମାର ବିଶ୍ୱାଳ, କୋଷାଧକ୍ଷ ବିଷ୍ଣୁ ଚରଣ ରାଉତ, ଉପ ସଭାପତି ଭାବେ (୧୯) ସମ୍ପାଦକ ଭାବେ (୨୦) ସାଧାରଣ ସମ୍ପାଦକ ଭାବେ(୨୦) ଜଣ ବଶିଷ୍ଠ ନେତାଙ୍କୁ ନିଯୁକ୍ତି ମିଳିଛି। ସେହିପରି ଶୃଙ୍ଖଳା କମିଟି ଅଧ୍ୟକ୍ଷ ଭାବେ ଶେଖ୍ ଲିୟାକତ, ସଦସ୍ୟ ଭାବେ ସତ୍ୟବ୍ରତ ପାତ୍ର, ବିଶ୍ୱ ଭୁଷଣ ଦାସ, ଯଶୋବନ୍ତ ନାରାୟଣ ମହାନ୍ତି, ଅବଧୂତ ସ୍ୱାଇଁ ଓ ଯୁବନେତା ତରୁଣ ପାଢ଼ୀଙ୍କୁ ନିଯୁକ୍ତି କରାଯାଇଛି। ହରିଜନ ସେଲର ଅଧକ୍ଷ କ୍ଷୀରୋଦ କୁମାର ଭୋଇ, ସଂଖ୍ୟା ଲଘୁ ସେଲର ଅଧ୍ୟକ୍ଷ ଶେଖ୍ ଗୟାସ, କୃଷକ ସେଲର ଅଧକ୍ଷ କରୁଣାକର ସେନାପତି, ଓବିସି ସେଲ ଅଧକ୍ଷ ପଦ୍ମ ଚରଣ ବାରିକ ଓ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ମିନର୍ଭା ମହାରଣାଙ୍କୁ ନିଯୁକ୍ତି କରାଯାଇଛି। ବ୍ଲକ ସଭାପତି ଶ୍ରୀ ସ୍ୱାଇଁ ଏକ ପ୍ରେସ ବିବୃତି ରେ କହିଛନ୍ତି ଆଗାମୀ ପଞ୍ଚାୟତ ନିର୍ବାଚନକୁ ପରିଚାଳନା କରାଯାଇ ବୁଥ୍ ସ୍ତରରୁ କଂଗେସ ସଂଗଠନକୁ ମଜବୁତ କରାଯିବା ସହିତ କାକଟପୁର ଜନ ସାଧାରଣଙ୍କ ହକ୍ ପାଇଁ ଶାସକ ଦଳର ଦୁର୍ନୀତି ଓ ଅରାଜକତା ବିରୁଦ୍ଧରେ ରାଜ ରାସ୍ତାରେ ଉକ୍ତ କମିଟିର ପଦାଧିକାରୀଙ୍କୁ ନେଇ ଲଢ଼ାଇ କରାଯିବ।

## ସେଲ୍ଫ ଏମପାୱାରମେଣ୍ଟର ପଞ୍ଚମ ବାର୍ଷିକୋତ୍ସବ



ନିମାପଡା,୨୩।୮(ନି.ପ୍ର): ନିମାପଡା ବ୍ଲକ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ସିଦ୍ଧେଶ୍ୱର ମହାଦେବ ପ୍ରାଙ୍ଗଣରେ ନିମାପଡା ସେଲ୍ଫ ଏମପାୱାରମେଣ୍ଟର ୫ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦୀପକ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ପ୍ରତିଷ୍ଠାନର ସଭାପତି ଦୀଲ୍ଲିପ କୁମାର ପଟ୍ଟନାୟକ, ସମାଜସେବୀ ଶାଶ୍ୱତ ଧଳ, କୃଷ୍ଣ ମୋହନ ବେହେରା, ଅରୁଣ କୁମାର ନାୟକ, ଅଶିତ କୁମାର ପଟ୍ଟନାୟକ, ଜୟଶ୍ରୀ ପାତ୍ର, ଭବାନୀ ସ୍ୱାଇଁ, ଯୁବନେତା ସାଇପ୍ରୀତମ ପଟ୍ଟନାୟକ, କାକଟପୁର ଦେଉଳୀ ମଠର ସଭାପତି କାଳୀ ପ୍ରସାଦ ସ୍ୱାଇଁ, ଜଟଣୀ ବାପା ମାଆ ସେବାସଂଘର ସଭାପତି ଗୌତମ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନଟି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା ବୃକ୍ଷରୋପଣ, ଗରୀବ ପିଲାମାନଙ୍କ ପାଠ ପଢା, ରକ୍ତଦାନ ଶିବିର ଆଦି ଜନ କଲ୍ୟାଣ କାର୍ଯ୍ୟକ୍ରମ କରି ଅଂଚଳରେ ବେଶ ସୁନାମ ଅର୍ଜନ କରିପାରିଛି। ଏହି ଅବସରରେ ବ୍ଲକର ୪ ସାମ୍ବାଦିକ ମାନସ କୁମାର ଦାସ, ପ୍ରଫୁଲ୍ଲ କୁମାର କର, ପ୍ରଶାନ୍ତ କୁମାର ନାୟକ ଓ ଉର୍ମୀ ସେନାପତିଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ଚିତ୍ରାଙ୍କନ ଓ ସଂଗୀତରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ବ୍ଲକର ୨୦ଜଣ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯିବା ସହିତ ଅଂଚଳର କିଛି ବୁଦ୍ଧିଜୀବୀ, ଶିକ୍ଷାବିତ, ସମାସେବୀ ଓ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ରହ୍ମାକୁମାରୀ ଖୋର୍ଦ୍ଧା ସେବାକେନ୍ଦ୍ରରେ ରକ୍ତଦାନ ଶିବିର



ଖୋର୍ଦ୍ଧା,୨୩।୮(ନିପ୍ର: ଖୋର୍ଦ୍ଧା ସହରର ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଗୋଡ଼ିପୋଖରୀ ପରିସରରେ ଏହି ସଂସ୍ଥାର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀଦାଦୀ ପ୍ରକାଶ ମଣୀଙ୍କର ପୁଣ୍ୟ ତିଥି ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମା କୁମାରୀ ଅନୁରାଧା ଭଉଣୀଙ୍କର ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସକାଳ ୯ ଘଟିକା ସମୟରେ ପତଞ୍ଜଳି ଯୋଗ ସମିତି ଖୋର୍ଦ୍ଧା ଜିଲ୍ଲାର ସଭାପତି ସୀତାକାନ୍ତ ପଣ୍ଡା, ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦର ରାୟ, ଲାବରଟୋରୀ ଟେକ୍ନିସିଆନ ଅରୁଣ କୁମାର ସାହୁ, ନର୍ସିଂ ଅଫିସର ଝାନସୀରାଣୀ ପାତ୍ର, ଝୁନୁଲତା ସାହୁ, ଲକ୍ଷ୍ମୀପ୍ରୀୟା ପ୍ରଧାନ, ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ବ୍ରହ୍ମାକୁମାରୀ ପୂଜା ଓ ରାକ୍ଷୀ ଭଉଣୀ ସମସ୍ତଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଖୋର୍ଦ୍ଧା ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇ ଥିଲା। ରକ୍ତଦାନ ଏକ ସମାଜ ସେବା ଓ ମହତ ଦାନ ବୋଲି ସମସ୍ତେ ମତ ଦେଇଥିଲେ।

## ଥାନାରେ ନାହାନ୍ତି କର୍ମଚାରୀ, ସେବା ବାଧାପ୍ରାପ୍ତ

ବୋଲଗଡ଼,୨୩।୮(ନି.ପ୍ର): ବୋଲଗଡ଼ ଥାନାରେ କର୍ମଚାରୀ ଅଭାବ ପରିଲକ୍ଷିତ ହୋଇଛି। ଫଳରେ ପୋଲିସ ସେବା ବାଧାପ୍ରାପ୍ତ ହେଉଥିବା ଜଣାପଡିଛି। ସବୁଠାରୁ ପରିତାପର ବିଷୟ ଥାନାରେ ହାଜତ ଗୃହ ନାହିଁ। ଅଭିଯୁକ୍ତ ମାନଙ୍କୁ କର୍ମଚାରୀମାନଙ୍କ ପାଖରେ ରଖିବାକୁ ପଡୁଛି। ପୂର୍ବରୁ ଅନେକଥର ଅଭିଯୁକ୍ତ ଖସି ଚାଲିଯାଇଥିବା ନଜିର ରହିଛି। ଦ୍ୱିତୀୟତଃ ଆବଶ୍ୟକ କର୍ମଚାରୀ ନାହାନ୍ତି ଥାନାରେ ଦୁଇଜଣ ସବଇନ୍ସପେକ୍ଟର ସ୍ଥଳେ ଜଣେ ଅଛନ୍ତି।




୪ଜଣ ଏଏସଆଇ ସ୍ଥଳେ ୩ଜଣ ଅଛନ୍ତି। କନେଷ୍ଟବଳ ପଦ ୩ଟି ଖାଲି ପଡିଛି। ଗୃହରକ୍ଷୀଙ୍କ ସହାୟତାରେ ଥାନା କାର୍ଯ୍ୟକ୍ରମ ଚାଲିଛି। ଥାନା ଅଧୀନରେ ୨ଟି ଫାଣ୍ଡି ବାଂକୋଇ ଓ ଗୋବର୍ଦ୍ଧନପୁର ରହିଛି। ବାଂକୋଇ ଫାଣ୍ଡିରେ ଗତ ୮ମାସ ହେଲାଣି ଜଣେ ଏସଆଇ ନାହାନ୍ତି। ସେହିପରି ଜଣେ ଏଏସଆଇ ଓ ୨ଜଣ କନେଷ୍ଟବଳ ନାହାନ୍ତି। ତଥାପି କାମ ଚାଲିଛି। ଗୋବର୍ଦ୍ଧନପୁର ଫାଣ୍ଡିର ନିଜସ୍ୱ ଗୃହ ନଥିବାରୁ ଦୀର୍ଘବର୍ଷ ଧରି କଳାଙ୍ଗ ପଞ୍ଚାୟତ ଗୋଦାମଗୃହରେ କାର୍ଯ୍ୟ କରୁଛି। ଏସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପ୍ରକାଶ ଥାଉକି ବୋଲଗଡ ଥାନା ଏକ ସମ୍ବେଦନଶୀଳ ଥାନା। ଏକଦା ଡକାୟତ ଦଳ ପୋଲିସ ପ୍ରଶାସନ ନିଦ ହଜାଇଦେଇଥିଲେ। ରାଜନୈତିକ ହତ୍ୟା ପ୍ରାୟ ନିର୍ବାଚନ ସମୟରେ ଦେଖାଯାଉଛି। ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ବୋଲଗଡ ଥାନାର ସମସ୍ୟା ସମାଧାନ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ନିଶା ମୁକ୍ତି ଭାରତ ଅଭିଯାନ



କାକଟପୁର,୨୩।୮(ନି.ପ୍ର): କାକଟପୁର ଥାନା ପୋଲିସ ପକ୍ଷରୁ କାକଟପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଶା ମୁକ୍ତି ଭାରତ ଅଭିଯାନ ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏସଆଇ ଅମିତ ପାଢ଼ୀ, ଏଏସଆଇ ରମେଶ ଚନ୍ଦ୍ର ନିଶଙ୍କ, ସଞ୍ଜୟ କୁମାର ପାଟଶାଣୀ, ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇ ମଙ୍ଗଳା ମହାବିଦ୍ୟାଳୟ, ନେତ୍ରାନନ୍ଦ ସାହୁ ମହିଳା ମହାବିଦ୍ୟାଳୟ, ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଙ୍ଗୁରୀଗାଁ, ବାଳିକା ବିଦ୍ୟାଳୟ, କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଲତାହରଣ ହାଇସ୍କୁଲ, ଗୋପିକାନ୍ତପୁର ହାଇସ୍କୁଲରେ ଛାତ୍ରଛାତ୍ରୀମାନଙ୍କୁ ନିଶା ନିବାରଣ ଉପରେ ସଚେତନତା କରିଥିଲେ। ନିଶା ଦ୍ରବ୍ୟ କିଭଳି ଜୀବନକୁ ନଷ୍ଟ କରେ ତାର ଜୀବନ୍ତ ଉଦାହରଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଛାତ୍ରୀ ଯୋଗଦେଇ ନିଜେ ନିଶାଠାରୁ ଦୁରେଇ ରହିବେ ଓ ନିଜ ଗ୍ରାମରେ ଅନ୍ୟମାନଙ୍କୁ ସଚେତନ କରିବେ ବୋଲି ଶପଥ ନେଇଥିଲେ।

# ଭାଗବାଣ୍ଟି ଖାଇଗଲେ ଜଗନ୍ନାଥ ଜମି!

ଜଟଣୀ,୨୩।୮(ନି.ପ୍ର): ଖୁଲମ ଖୁଲା ବିକ୍ରି ଚାଲିଛି ଜଗନ୍ନାଥ ମହାପ୍ରଭୁଙ୍କର ଏକର ଏକର ଜମି। ଜଟଣୀ ତହସିଲ ଅଞ୍ଚଳରେ ଜଗନ୍ନାଥ ଜମି ବିକିବାକୁ ମାଫିଆ ମାନେ ଏବେ ଖୁବ ସକ୍ରିୟ ।ପ୍ଲଟ ପିଛା ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଚାଲିଛି ।ଏପରିକି ମହିଳା ମାନେ ମଧ୍ୟ ଏହି

**ପ୍ଲଟ୍ ପିଛା ପାଞ୍ଚରୁ ଦଶ ଲକ୍ଷ**



ବେପାରରେ ଖୁବ ଜୋରରେ ମାତିଛନ୍ତି ।

ଗତ ଗୁରୁବାର ଜଗନ୍ନାଥ ଜମିରେ ପାଚେରୀ ନିର୍ମାଣକୁ ନେଇ ବାଛରା ପାଟଣାରେ ରହୁଥିବା ମନସ୍ମିତା ପଲେଇ ନାମ୍ନୀ ଜଣେ ମହିଳାଙ୍କ ସହ ଆଉ ଏକ ଗୋଷ୍ଠୀର ମହିଳାମାନଙ୍କ ମାରପିଟ ପରେ ଏହାର ପର୍ଦ୍ଦାଫାସ ହୋଇଛି । ମହିଳାଙ୍କ ଅଭିଯୋଗ ଅନୁଯାୟୀ କୁସୁମାଟି ମୌଜାରେ, ସେ ସାତ ଲକ୍ଷରୁ ଅଧିକ ଟଙ୍କା ଦେଇ ୧୦ ଟଙ୍କିଆ ଷ୍ଟାମ୍ପ ପେପରରେ ଜଗନ୍ନାଥ ଜମି କିଣିଥିଲେ। ସେଠାରେ ପାଚେରୀ ବୁଲାଇବା ବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ମହିଳାମାନେ ଏକାଠି ହୋଇ ଜମି କିଣିଥିବା ମହିଳା ଓ ତାଙ୍କ ପରିବାର ଲୋକଙ୍କୁ ମାରପିଟ କରିଥିଲେ। ଚୁଟି ଘୋଷଡା ଘୋଷଡ଼ି ହୋଇ ଉଭୟ ପକ୍ଷ ଥାନାକୁ ଯାଇଥିଲେ। ଥାନାରେ ଉଭୟ ପଟରୁ ମାମଲା ରୁଜୁ ହୋଇଛି। ଅନ୍ୟପଟେ କୁସୁମାଟି ଛଣଘର ଅଞ୍ଚଳର କିଛି ବ୍ୟକ୍ତି ମଧ୍ୟ ସେହି ସମାନ ଜମିକୁ ନେଇ ଥାନାରେ ମାମଲା ଦାୟର କରିଛନ୍ତି । କ୍ଲବ ଘର କରିବାକୁ ସେହି ଜମି ସରଂକ୍ଷିତ ଥିବାବେଳେ ଏହାକୁ ଜୋର ଜବରଦସ୍ତ ମାଡି ବସୁଥିବା ଅଭିଯୋଗ ହୋଇଛି। କେଶ ନମ୍ବର ୪୪୫, ୪୪୬ ଏବଂ ୪୪୭ରେ ୩ ଟି ମାମଲା ରୁଜୁ ହେବା ପରେ ସମସ୍ତେ ନିଜ ନିଜ ଭିତରେ ଆପୋଷ ସମାଧାନ କରି ଦେଇଥିବା ଜଣାପଡିଛି।

ଜଟଣୀ ତହସିଲ ଅଞ୍ଚଳରେ ଏକାଧିକ ମୌଜାରେ ଜଗନ୍ନାଥ ମହାପ୍ରଭୁଙ୍କ ଜମି ରହିଛି। ୨୦୧୨ ମସିହାରୁ ହଜାର ହଜାର ଲୋକେ ନିଜର ସ୍ଥିତିବାନ ଜମି ଉପରୁ ମାଲିକାନା ହରାଇଛନ୍ତି। ଏ ନେଇ ହାଇକୋର୍ଟରେ ମାମଲା ପଡ଼ିରହିଛି। ଲୋକେ ନିଜର ପୈତୃକ ସମ୍ପତି ବିକ୍ରି କରି ପାରୁନାହାନ୍ତି । କିନ୍ତୁ ଜଟଣୀରେ ଶହ ଶହ ଏକର ସରକାରୀ ଜମି ଏବଂ ଜଗନ୍ନାଥ ଜମିକୁ ଜମି ଦଲାଲ ମାନେ ବିକି ଚାଲିଛନ୍ତି।

**ଅନୁଚିନ୍ତା**

ଆତ୍ମଜ୍ଞାନ ଦର୍ଶନର ଏକମାତ୍ର ପରଶ ପଥର ଅଟେ ।

## ସମ୍ପାଦକୀୟ

# ଜଳବନ୍ଦୀଙ୍କ ଦୁଃଖ ଦୁର୍ଦ୍ଦଶା

ଲଗାଣ ବର୍ଷା ଫଳରେ ନଈ ବଢ଼ିଲା, ଲୋକଙ୍କ ଦୁଃଖ ବି ବଢ଼ିଲା । ଗାଁରେ ପାଣି ପଶିଲା, ଦୁର୍ଦ୍ଦଶା ବି ବଢ଼ିଲା । ଏବେ ବି ବହୁ ଅଞ୍ଚଳରେ ଗାଁ ଭିତରେ ବଢ଼ିପାଣି । ଦୁଃଖ ଦୁର୍ଦ୍ଦଶାର ଗୋଟିଏ ଦୁଇଟି ଉଦାହରଣ ଦେବା। ଭଦ୍ରକ ଜିଲ୍ଲାରେ ଦେଖିବାକୁ ମିଳିଛି ବନ୍ୟାର ଭୟାବହ ସ୍ଥିତି । ବାସୁଦେବପୁର ବ୍ଲକର ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଏକ ଗାଁ ଦଧିବାମନପୁର । ଗାଁରେ ପର୍ଶୁରାମ ମଲ୍ଲିକଙ୍କ ପତ୍ନୀ ପୂଜାରିଣୀଙ୍କର ଆରମ୍ଭ ହୋଇଯାଇଥିଲା ପ୍ରସବ ବେଦନା । ପରିବାର ଲୋକେ ଆମ୍ବୁଲାନ୍ସ ଡାକିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଗାଁ ଯାଏ ଲମ୍ବିଥିବା ସଡ଼କ ବୁଡ଼ି ଯାଇଥିଲା ବନ୍ୟା ପାଣିରେ । ଆମ୍ବୁଲାନ୍ସ ପହଞ୍ଚିବା ଅସମ୍ଭବ ହୋଇପଡ଼ିଥିଲା । କ'ଣ କରିବେ ଚିନ୍ତାରେ ପଡ଼ିଥିଲେ ପରିବାର ଲୋକେ । ଶେଷରେ ଘରର କାଠ କବାଟ ଖୋଲି କବାଟରେ ଭେଳା ପ୍ରସ୍ତୁତ କରିଥିଲେ । ସେହି ଭେଳାରେ ଗର୍ଭବତୀଙ୍କୁ ନେଇଥିଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ । ସବୁକିଛି ଛାଡ଼ିଦେଇଥିଲେ ଭଗବାନଙ୍କ ଭରସାରେ । ରାତିରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ଗର୍ଭବତୀଙ୍କୁ । ସେହି ରାତିରେ ମଧ୍ୟ ଗର୍ଭବତୀ ଏକ



ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରରେ ତିନି ଦିନ ରହିବା ପରେ ପୁଣି ବାଉଁଶ ଭେଳାରେ ମା ଓ ନବଜାତ ଶିଶୁଙ୍କୁ ଗାଁକୁ ଆଣିବାକୁ ପଡ଼ିଥିଲା । ଗାଁ ଭିତରେ ଏବେବି ବଢ଼ିପାଣି। ଜରୁରୀ କାମରେ ଯିବାକୁ ହେଲେ କି ଜରୁରୀ ସାମଗ୍ରୀ ଆଣିବାକୁ ହେଲେ ଲୋକଙ୍କୁ ପ୍ରାୟ ଦୁଇ କିମି ଯାଏ ପାଣିରେ ଚାଲିବାକୁ ପଡୁଛି। ମନ୍ତେଇ ନଈରେ ବି କୁମ୍ଭୀରଙ୍କ ଭୟ ରହିଛି ।

କେନ୍ଦ୍ରାପଡ଼ା ଜିଲ୍ଲାରେ ବି ଟଳିନାହିଁ ବନ୍ୟା ସଙ୍କଟ । ରାଜକନିକା ବ୍ଲକର ବରହାଡ଼ୋମାନ୍ଦା ପଞ୍ଚାୟତର କାନପୁର କଇମା ଗ୍ରାମର ପ୍ରାୟ ୪୦ ପରିବାର ଏବେବି ପାଣି ଘେରରେ ରହିଛନ୍ତି । ବୈତରଣୀ ନଦୀର ବନ୍ୟା ଗୋଟିଏ ସପ୍ତାହରୁ ଅଧିକ ଦିନ ଧରି ସେମାନଙ୍କୁ ଦୁଃଖ ପରେ ଦୁଃଖ ଦେଇଚାଲିଛି । ଗାଁରେ ଆଣ୍ଠୁଏ ଲେଖାଏ ପାଣି । ଘର ଭିତରେ ବି ପାଣି ପଶିଛି । ଗାଁର ଭୌଗୋଳିକ ସ୍ଥିତି ଏଭଳି ଯେ, ତିନି ଦିଗରୁ ଘେରି ରହିଛି ପାଣି । ସଡ଼କ ସହ ସମ୍ପର୍କ ଛିନ୍ନ । ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ିଛି । ଖାଦ୍ୟ ସାମଗ୍ରୀ, ପିଇବା ପାଣି ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରିବା ଅତି କଷ୍ଟ । ବଢ଼ି ପାଣି ଘେରି ରହିଥିବାରୁ ସାପ ଓ କୁମ୍ଭୀର ଭୟ ଗ୍ରାସ କରିଛି । କିଏ କେମିତି ଉଚ୍ଚ ଜାଗାରେ ଥିବା ଅନ୍ୟଲୋକଙ୍କ ବାରଣ୍ଡାରେ ଆଶ୍ରୟ ନେଇ ପଡ଼ିରହିଛନ୍ତି । ମହିଳା ଓ ଛୋଟ ଛୁଆଙ୍କ ପାଇଁ ଚିନ୍ତା ବଢ଼ିଚାଲିଛି । ପ୍ରଶାସନର କର୍ମଚାରୀ କୌଣସି ପ୍ରକାର ପାଣି ଭିତରେ ପଶି ରିଲିଫ ସାମଗ୍ରୀ ପହଞ୍ଚାଉଛନ୍ତି କିନ୍ତୁ ଲୋକଙ୍କ ଦୁର୍ଦ୍ଦଶାରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ ।

# ବେଟୀ-ରୋଟିର ସମ୍ପର୍କ

ଭାରତ ଓ ନେପାଳର ସୀମାନ୍ତବର୍ତ୍ତୀ କ୍ଷେତ୍ରଗୁଡ଼ିକରେ ବହୁ ସଂଖ୍ୟାରେ ବୈବାହିକ ସମ୍ପର୍କ ଗଢ଼ିଉଠୁଛି । ଏହା ଆଜିର କଥା ନୁହେଁ, ବହୁପୂର୍ବରୁ ଏହା ଚଳିଆସୁଛି । ଭାରତୀୟ ଝିଅ ନେପାଳରେ ଓ ନେପାଳର ଝିଅ ଭାରତରେ ବିବାହ କରି ଗୃହସ୍ଥ ଜୀବନ ବିତାଉଛନ୍ତି। କିନ୍ତୁ ବିବାହ ପରେ ନାଗରିକତା ଓ ଅନ୍ୟ ଜରୁରୀ ଦସ୍ତାବିଜକୁ ନେଇ ସମସ୍ୟା ଲାଗି ରହୁଛି । ଭାରତ ଓ ନେପାଳ ମଧ୍ୟରେ ଥିବା ଏହି ବେଟୀ–ରୋଟିର ସମ୍ପର୍କକୁ ମଜଭୁତ କରି ସମସ୍ୟା ଦୂର କରିବାକୁ ଏବେ ଉଭୟ ଦେଶ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରୟାସ । ଭାରତର ସୀମାନ୍ତବର୍ତ୍ତୀ କ୍ଷେତ୍ରଗୁଡ଼ିକରେ ଶିବିର ସ୍ଥାପନ କରାଯାଇଛି, ନିର୍ଦ୍ଧାରିତ ମାପଦଣ୍ଡ ଅନୁଯାୟୀ ନାଗରିକତା ପ୍ରଦାନ କରିବାକୁ ଆରମ୍ଭ ହୋଇଯାଇଛି ପ୍ରକ୍ରିୟା । ନେପାଳ ସରକାରଙ୍କ ଦ୍ୱାରା ମଧ୍ୟ ଚଳିତବର୍ଷ ନାଗରିକତା ଆଇନରେ ସଂଶୋଧନ ପରେ ଦସ୍ତାବିଜ ପ୍ରସ୍ତୁତ କରାଯାଇ ନେପାଳରେ ବିବାହ କରୁଥିବା ଭାରତୀୟ ଝିଅଙ୍କୁ ନାଗରିକତା ଦେବାକୁ ପ୍ରକ୍ରିୟା ଜାରି ରହିଛି । ନିକଟରେ କିଶାନଗଞ୍ଜର ଠାକୁରଗଞ୍ଜରେ ଭାରତ–ନେପାଳ ସମନ୍ୱୟ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉଭୟ ଦେଶ ମଧ୍ୟରେ ରହିଥିବା ବେଟୀ–ରୋଟି ସମ୍ପର୍କରେ ସୃଷ୍ଟି ହୋଇଥିବା ସମସ୍ୟା ଦୂର କରିବା ପାଇଁ ଆଲୋଚନା ହୋଇଥିଲା । ଏହା ପରେ ଦୁଇ ଦେଶରେ ଆଧିକାରିକ ସ୍ତରରେ ଦସ୍ତାବିଜ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି । ବେଟୀ–ରୋଟିର ସମ୍ପର୍କ ମଜଭୁତ ହେଉଛି ।

# ଜିନିଆ

**ଅମୃତ ଫଳ**

ଜିନିଆ ଯୁକ୍ତ ୨ ପଢୁଥିବା ଝିଅଟିଏ ଥିଲା । ତେବେ ତା'ର କଥାବାର୍ତ୍ତା, ବ୍ୟବହାର, ମାର୍ଜିତ ଚଳଣି ସମସ୍ତଙ୍କୁ ମୁଗ୍ଧ କରୁଥିଲା । ବାପା ମା' ଭାବୁଥିଲେ ସେ ପାଠ ପଢ଼ି ଦିନେ ନାଁ କରିବ । ଦିନେ ହଠାତ ଜଣାପଡ଼ିଲା ଜିନିଆ ଘରୁ କୁଆଡ଼େ ପଳାଇଛି। ସମସ୍ତେ କୁହାକୁହି ହେଉଥିଲେ ନିଜ ଜୀବନରେ ନିଜେ କୁରାଢ଼ି ହାଣିଲା। ନିଜ ଜୀବନକୁ ନିଜ ହାତରେ ବରବାଦ୍ କରିଦେଲା। ବାପା ମା' ତ କାହାକୁ ମୁହଁ ଦେଖାଇ ପାରିଲେ ନାହିଁ । ତିନିବର୍ଷ ପରେ ଜିନିଆ ବଡ଼ ହିନିମାନିଆ ଭାବେ ଘରେ ପହଞ୍ଚିଲା । ବାପା ମା' ଚାହିଁଥିଲେ ତାକୁ ଘର କବାଟ ବନ୍ଦ କରିଦେଇ ପାରିଥାନ୍ତେ, କିନ୍ତୁ ସେମାନେ ଏସବୁ କରିପାରିଲେ ନାହିଁ । ଜିନିଆ ଆଗରେ ଜୀବନ ଯେମିତି ଅନ୍ଧକାରମୟ ହୋଇଯାଇଥିଲା । ସେ ଭାବିଲା ଏଭଳି ଅଧାରୁ ପାଠଛାଡ଼ି ପୁଅମାନଙ୍କର ପ୍ରଲୋଭନରେ ପଡ଼ି ଜୀବନକୁ ସର୍ବସ୍ୱାନ୍ତ କରୁଥିବା ଝିଅମାନଙ୍କ ପାଇଁ ସେ ଉଦାହରଣ ପାଲଟିବ । ଯୁକ୍ତ ୨ ପାଠ ପଢ଼ି ସେ ବାପା ମା'ଙ୍କ ଉପରେ ବୋଝ ନହୋଇ ଗୋଟିଏ ସ୍କୁଲରେ ପିଅନ ଚାକିରି କଲା, ଝାଡୁପୋଛା, ପାଣି, ଚା' ଦେବାଠାରୁ ଘଣ୍ଟି ବଜାଇବା ପର୍ଯ୍ୟନ୍ତ ସବୁ କାମ ଜିନିଆ କରି ଯୁକ୍ତ ୩ରେ ଦୂର ଶିକ୍ଷାରେ ନାମ ଲେଖାଇ ପାଠ ପଢୁଥିଲା । ସେଥର ସ୍କୁଲରେ ପରୀକ୍ଷା ଚାଲୁଥିଲା, ଜିନିଆ ପିଲାଙ୍କ ପରୀକ୍ଷା ପାଇଁ ଅଧିକ ତତ୍ପର ହୋଇଯାଇଥିଲା। କେଉଁ ପିଲାର ପାଣି ଦରକାର, କେଉଁ ପିଲା ଡ଼େରିରେ ଆସିଲେ ରୋଲ୍ ନମ୍ବର ଅନୁଯାୟୀ କେଉଁ ରୁମ୍‌ରେ ପଡ଼ିଛି ସୂଚନା ଦେବା ଆଦି କାମ ଜିନିଆ ବଡ଼ ଖୁସିରେ କରୁଥିଲା । ପରୀକ୍ଷାରେ ବସିଥିବା ସବୁ ପିଲାଙ୍କ ଶେଷ ପ୍ରଶ୍ନଟି ଯେମିତି ସମସ୍ତଙ୍କୁ ଅଡୁଆ ଲାଗୁଥିଲା। ପ୍ରଶ୍ନଟି ଥିଲା ସବୁଠାରୁ ଶୀଘ୍ର ସ୍କୁଲକୁ ଆସି ସ୍କୁଲକୁ ପରିଷ୍କାର ରଖୁଥିବା ଲୋକର ନାମ କ'ଣ ? କୌଣସି ପିଲା ଝିଅଟିର ନାଁ ଜାଣିନଥିଲେ, ଯଦିଓ ସେ ଜାଣିଥିଲେ ଜଣେ ଶ୍ୟାମଳ ରଙ୍ଗର ପତଳା ଦିଦି ପ୍ରଥମେ ସ୍କୁଲ ଆସି ଏସବୁ କାମ କରନ୍ତି। ପରୀକ୍ଷାରେ ସମସ୍ତେ ଏହି ପ୍ରଶ୍ନର ଉତ୍ତର ଛାଡ଼ି ଦେଲେ। ପରେ କ୍ଲାସରେ ପିଲାମାନେ ସ୍କୁଲ ସାରଙ୍କୁ ପଚାରିଲେ ଏ ପ୍ରଶ୍ନ ତାଙ୍କ ପାଠ ପଢୁଥିବା ବିଷୟବସ୍ତୁ ମଧ୍ୟରେ ଆସେ ନାହିଁ । ସାର କହିଲେ ତୁମମାନଙ୍କୁ ଜଣାଇବାକୁ ଚାହୁଁଥିଲି ଯେ ତୁମ ଆଖପାଖରେ ଏମିତି କେତେ ଲୋକ ଅଛନ୍ତି ଯେଉଁମାନେ ଆମମାନଙ୍କର ବହୁତ ମହତ୍ୱପୂର୍ଣ୍ଣ କାମ କରନ୍ତି, କିନ୍ତୁ ଆମେ ତାଙ୍କୁ ଚିହ୍ନନ୍ତି ନାହିଁ। ଅର୍ଥାତ୍ ଆମେ ଜାଣିବାର ଇଚ୍ଛା ରଖନ୍ତି ନାହିଁ । ଆମ ଚାରିପାଖରେ ରହୁଥିବା ଜିନିଷ, ବ୍ୟକ୍ତିଙ୍କର ବିଶେଷ ମହତ୍ତ୍ୱ ରହୁଛି, କାହାକୁ ମଧ୍ୟ ଆମେ ଅଣଦେଖା କରିବା ଉଚିତ୍ ନୁହେଁ। ସାର୍ କହିଲେ ଆଉ ଗୋଟିଏ ବଡ଼ ଖବର ଦିଦିଙ୍କ ନାଁ ଜିନିଆ। ସେ କାଲିଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଇତିହାସ ଏବଂ ଭୂଗୋଳ ପଢ଼ାଇବେ।

# ସର୍ବାରମ୍ଭ ପରିତ୍ୟାଗୀ



**ଡ. ପଦ୍ମାରବିନ୍ଦ ରଥ**

କିଛି ଶିକ୍ଷା ଆମକୁ ପୁସ୍ତକରୁ ମିଳେ, କିଛି ଶିକ୍ଷକମାନଙ୍କ ଠାରୁ ଓ ଆଉ କିଛି ଜୀବନଯାତ୍ରାରୁ। ସେମାନଙ୍କ ଭିତରେ ଏମିତି କିଛି ଶିକ୍ଷକ ଥାଆନ୍ତି ଯେଉଁମାନେ ଆମକୁ ପୂରା ଶିକ୍ଷିତ ନ ହେଲା ଯାଏଁ ଛାଡ଼ନ୍ତି ନାହିଁ, ଅର୍ଥାତ ସେମାନଙ୍କର ମୂଲ୍ୟ ଆମେ ଯେତେବେଳ ଯାଏଁ ଜୀବନରେ ଧାରଣ କରି ନ ଥାଉ ସେମାନେ ବାରମ୍ବାର ଆସନ୍ତି। ସେମିତି ଗୋଟିଏ ଶିକ୍ଷା ହେଲା, କିଛି ବି ଚିରସ୍ଥାୟୀ ନୁହେଁ।

ଗୋଟିଏ ପିଲାକୁ ତା' ଜେଜେମାଆଙ୍କଠାରୁ ମିଳିଥିବା ଏକ ଶିକ୍ଷାର ଉଦାହରଣ ନେବା। ପିଲାଟି ଅନେକ ବକ୍ତୃତା ପ୍ରତିଯୋଗିତାରେ ଭାଗନେବା ସତ୍ତ୍ୱେ କୌଣସି ଗୋଟିଏ ପ୍ରତିଯୋଗିତାରେ ସଫଳ ହୋଇ ପାରୁ ନ ଥିଲା। ପ୍ରତିଦିନ ମନ ଦୁଃଖରେ ଘରକୁ ଫେରୁଥିଲା। ତାର ମନେ ହେଉଥିଲା, ସେ ବୋଧେ ଏପରି କାର୍ଯ୍ୟ ପାଇଁ ଉପଯୁକ୍ତ ନୁହେଁ। ସତେ ଯେପରି, ପ୍ରତିଟି ବିଫଳତା ତାର ପାରିବାପଣର ସଜ୍ଞା ପୁନଃ ନିର୍ଦ୍ଧାରିତ କରୁଥିଲା। ସବୁ ଜାଣିଲା ପରେ ତା' ଜେଜେମାଆ ତାକୁ ଡାକି କହିଲେ, ବାବାରେ, ତୋ' ପାରିବାପଣ ଉପରେ ପ୍ରଶ୍ନବାଚୀ ମଧ୍ୟ ଏ ସବୁ ବିଫଳତା ଭଳି ଚିରସ୍ଥାୟୀ ନୁହଁନ୍ତି, ତୁ ପରିଶ୍ରମ କରିଚାଲ। ଭାବିଲେ, ଶବ୍ଦଗୁଡ଼ିକ ବହୁତ ସାଧାରଣ ଲାଗନ୍ତି। ପିଲାଟି ସେତେବେଳେ ହୁଏତ ହୃଦୟଙ୍ଗମ କରି ପାରି ନ ଥିବ, ଜୀବନକୁ ଦେଖିବାରେ ତା' ଦୃଷ୍ଟିକୋଣକୁ ଏଇ ଶବ୍ଦ କେତୋଟି କେତେ ପ୍ରଭାବିତ କରିପାରନ୍ତି।

ଅନେକ ବର୍ଷ ପରେ ପିଲାଟି ଉଚ୍ଚଶିକ୍ଷା ନେଉଥିବା ସମୟରେ ଏପରି ଏକ ପରିସ୍ଥିତି ଆସିଲା, ଯେତେବେଳେ ସେ ଏହି କଥାଟିକୁ ପୁଣି ଥରେ ମନେ ପକାଇଲା। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ସବୁ ପିଲାଙ୍କୁ ଡାକି ସଭାଗୃହକୁ ଭଲ ଭାବରେ ନିରୀକ୍ଷଣ କରିବାକୁ କହିଲେ। କିଛି ସମୟ ଦେଖିଲା ପରେ ପିଲାମାନଙ୍କୁ ବାହାରକୁ ଯିବାକୁ କୁହାଗଲା। କିଛି ସମୟ ପରେ ସେମାନଙ୍କୁ ପୁଣି ଭିତରକୁ ଡାକି ପଚରାଗଲା, ଏବେ କୁହ– ସଭାଗୃହରେ କଣସବୁ ପରିବର୍ତ୍ତନ ହୋଇଛି। ସବୁ ପିଲା ଲାଗିପଡ଼ିଲେ ପରିବର୍ତ୍ତନ ଖୋଜିବାକୁ। କିଏ ଚେୟାର–ଟେବୁଲର ସ୍ଥାନ ଦେଖୁଥିଲା ତ ଆଉ କିଏ ପରଦା କି ପଙ୍ଖାକୁ ନିରେଖି ଦେଖୁଥିଲା। କିଛି ଥିବା ଜିନିଷ ନାହିଁ, କି କିଛି ନୂଆ ଜିନିଷ ଆସି ଯାଇଛି... ଇତ୍ୟାଦି। ହେଲେ ନିର୍ଦ୍ଦେଶକ ଅନ୍ୟ କିଛି ଉତ୍ତର ଖୋଜୁଥିଲେ। ପିଲାଟି କହିଲା, ମୁଁ ପରିବର୍ତ୍ତନ ଦେଖି ପାରିଛି ସାର୍। ନିର୍ଦ୍ଦେଶକଙ୍କ ଆଖିରେ ଚମକ୍ ଦିଶିଲା। ପଚାରିଲେ, କୁହ କ'ଣ ପରିବର୍ତ୍ତନ ହୋଇଛି। ପିଲାଟି କହିଲା, କାନ୍ଥ ଘଣ୍ଟାରେ ସମୟ ଭିନ୍ନ ଦେଖାଉଛି। ସଭାଗୃହରେ ଅନ୍ୟ କୌଣସି ପରିବର୍ତ୍ତନ ନ ହୋଇଥିଲେ ମଧ୍ୟ ସମୟ ବଦଳି ଯାଇଛି।

ଆମେ ପ୍ରାୟତଃ ଦୃଶ୍ୟମାନ ହେଉଥିବା ସ୍ଥୂଳ ପରିବର୍ତ୍ତନକୁ ଖୋଜୁ। ହେଲେ ସେଦିନ ପିଲାଟି ବୁଝି ପାରିଥିଲା, ପରିବର୍ତ୍ତନ ସବୁବେଳେ ନିଜର ପ୍ରଚାର କରେନି। ଅନେକ ସମୟରେ କୌଣସି ପରିବର୍ତ୍ତନ ନ ହେଲା ଭଳି ଲାଗୁଥାଏ, ହେଲେ ଭିତରେ ମୌଳିକ ସ୍ତରରେ ଏମିତି କିଛି ପରିବର୍ତ୍ତନ ହୋଇ ସାରିଥାଏ ଯାହାକି ବାହାରକୁ ଦିଶେନି। ଅନେକାଂଶରେ ଜୀବନ ମଧ୍ୟ ଏହିପରି। ବଡ଼ବଡ଼ ପରିବର୍ତ୍ତନକୁ ଅପେକ୍ଷା କରି ଆମେ ଛୋଟଛୋଟ କିମ୍ବା ସୂକ୍ଷ୍ମ ପରିବର୍ତ୍ତନକୁ ଅଣଦେଖା କରିଦେଉ।

ସେଦିନ ନିର୍ଦ୍ଦେଶକ ଆଉ ଗୋଟିଏ ପ୍ରଶ୍ନ ପଚାରିଥିଲେ। ପିଲାଙ୍କୁ କହିଲେ, କିଛି କମ୍ପ୍ୟୁଟର ପ୍ରୋଗ୍ରାମ୍ ଦେବି, ତାର ଆଉଟ୍ ପୁଟ୍ କଣ ହେବ ହିସାବ କରି କହି ପାରିବ? ପିଲାମାନେ କହିଲେ, ହଁ ସାର୍, ପ୍ରାୟତଃ କହିହେବ। ନିର୍ଦ୍ଦେଶକ ପଚାରିଲେ, ଯାହାର କହିପାରିବ ନାହିଁ, ସେମାନଙ୍କୁ କଣ କରିବ ? ସମସ୍ତେ କହିଲେ, ସମାଧାନ ହେବା ଯାଏଁ ଚେଷ୍ଟା ଜାରି ରଖିବୁ ସାର୍। ହେଲେ ପିଲାଟି କହିଲା– ସାର୍ ମୁଁ କିଛି ଥର ଚେଷ୍ଟା କରିବି, ନ ହେଲେ ତାକୁ ଛାଡ଼ି ଅନ୍ୟ ପ୍ରଶ୍ନ ଉପରେ ଧ୍ୟାନ ଦେବି। ନିର୍ଦ୍ଦେଶକ ପୁଣି ପଚାରିଲେ, ତେବେ ସେ ଅସମାହିତ ପ୍ରଶ୍ନର କଣ ହେବ? ପିଲାଟି କହିଲା– ମୁଁ କିଛି ସମୟ ପାଇଁ ଛାଡ଼ି ଦେବି ସାର୍, ତାପରେ ନୂତନ ଚିନ୍ତାଧାରାରେ ତାଜା ବୁଦ୍ଧିରେ ପୁଣି ଚେଷ୍ଟା କରିବି। କାରଣ, ସମାଧାନ କରି ନ ପାରିବା ମଧ୍ୟ କ୍ଷଣସ୍ଥାୟୀ।

ଜେଜେମାଆ ଶିଖାଇଥିବା ଶିକ୍ଷାକୁ ପିଲାଟି କେତେ ଗଭୀର ଭାବରେ ନିଜ ଭିତରେ ଧାରଣ କରିଥିଲା ସତରେ! ସେ ହୃଦୟଙ୍ଗମ କରି ପାରିଥିଲା ଯେ ବର୍ତ୍ତମାନର ପରିସ୍ଥିତି ସବୁ ସମୟର ପରିସ୍ଥିତି ନୁହେଁ। ହେଲେ ତା' ମନକୁ ଆଉ ଗୋଟିଏ ପ୍ରଶ୍ନ ଆସିଲା। ସେଇଟି ହେଲା, ଯଦି କିଛି ସମୟ ପରେ ତାଜା ମନରେ ଚେଷ୍ଟା କଲା ପରେ ମଧ୍ୟ ସମାଧାନ ହୋଇ ପାରିଲା ନାହିଁ ତେବେ କଣ କରିବି? ଅନେକ ଥର ଚେଷ୍ଟା କଲା ପରେ ଯଦି ନ ହେଲା ଏବଂ ମୋତେ ଲାଗିଲା କି କମ୍ପ୍ୟୁଟର ପାଠ ହିଁ ମୋ' ପାଇଁ ଉପଯୁକ୍ତ ନୁହେଁ ତେବେ କଣ କରିବି? କଣ ଜୀବନ ସାରା ସେଇ ପ୍ରଶ୍ନଟିକୁ ବାରମ୍ବାର ଫେରୁଥିବି? ନିର୍ଣ୍ଣୟ ଭୁଲ ହେଲା ବୋଲି ବୁଝିବା ପରେ ବି କଣ ସେହି ନିର୍ଣ୍ଣୟକୁ ମୁଣ୍ଡରେ ବୋହି ଚାଲିଥିବି? ନା, କେବେ ନୁହେଁ। ନିରବଚ୍ଛିନ୍ନ ପ୍ରଚେଷ୍ଟା ଏବଂ ମୋହ ଭିତରେ ଥିବା ପାର୍ଥକ୍ୟ ବୁଝିବାକୁ ହେବ। ନିରବଚ୍ଛିନ୍ନ ପ୍ରଚେଷ୍ଟା କୁହେ ବର୍ତ୍ତମାନ ସୁଦ୍ଧା ସମାଧାନ ହୋଇ ପାରିନାହିଁ। ତେବେ କିଛି ସମୟ ବିରତି, ନୂତନ ଶିକ୍ଷା ଏବଂ ଦୃଷ୍ଟିକୋଣର ପରିବର୍ତ୍ତନ କରି ପୁଣି ଥରେ ଚେଷ୍ଟା କରିବି। ହେଲେ ମୋହ କୁହେ, ମୋର ଏତେ ମୂଲ୍ୟବାନ ସମୟ ଏବଂ ଶକ୍ତି ଦେଇ ସାରିଲିଣି, ଫଳାଫଳ ବିପରୀତ ହେଉ ପଛେ, ମୋତେ ଏହି କାର୍ଯ୍ୟ କରିବାକୁ ହିଁ ହେବ।

ଉଦ୍‌ଯୋଗ ପରିତ୍ୟାଗ କରିବା କେବେ ବି କରଣୀୟ ନୁହେଁ। ତେବେ ଅନେକ ସମୟରେ ମାର୍ଗ ପରିବର୍ତ୍ତନ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଗୀତାରେ କୁହାଯାଇଥିବା ଗୋଟିଏ କଥା ଏଠାରେ ମନେ ପଡ଼େ। ସର୍ବାରମ୍ଭ ପରିତ୍ୟାଗୀ। ବ୍ୟାଖ୍ୟାରେ ସାଧାରଣତଃ କୁହାଯାଏ– ଏହାର ଅର୍ଥ ହେଉଛି ସେହି ବ୍ୟକ୍ତି ଯିଏ ସମସ୍ତ କର୍ମକୁ ପରିତ୍ୟାଗ ଅର୍ଥାତ କର୍ମ ସନ୍ୟାସ କରିଦେଇଥାଏ। କିନ୍ତୁ ଏଠାରେ ପିଲାଟି ସେ ଅର୍ଥରେ କଥାଟିକୁ ବୁଝି ନାହିଁ। କର୍ମ କରିବା ଛାଡ଼ିଦେବା କିମ୍ବା ନୂଆ କିଛି ଆରମ୍ଭ ନ କରିବା ଏହି କଥାଟିର ଶିକ୍ଷା ହୋଇ ନ ପାରେ। ଏହାର ଗୁହ୍ୟ ଅର୍ଥ କିଛି ଅଛି ନିଶ୍ଚୟ। ସର୍ବୋତ୍କୃଷ୍ଟ ଉଦ୍‌ଯୋଗ ଦେଇ କାର୍ଯ୍ୟ କରିବା, ହେଲେ ସମୟ ଆସିଲେ ତାକୁ ଯିବାକୁ ଦେବା ଏବଂ ପୁଣି ଥରେ ନୂଆ କରି ଆରମ୍ଭ କରିବାର ମାନସିକ ସ୍ୱତନ୍ତ୍ରତାକୁ ସର୍ବାରମ୍ଭ ପରିତ୍ୟାଗୀ କୁହାଯିବ।

ଆଉ ଗୋଟିଏ ଉଦାହରଣ ଦେଖିବା। ଦୁଇ ଜଣ ପରୀକ୍ଷାର୍ଥୀ ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତି କରୁଥିଲେ। ନିଜ ନିଜର ସର୍ବୋତ୍ତମ ପ୍ରଚେଷ୍ଟା ସତ୍ତ୍ୱେ ଅନ୍ତିମ ସୁଯୋଗ ପରେ ମଧ୍ୟ ଦୁହେଁ ଉତ୍ତୀର୍ଣ୍ଣ ହୋଇ ପାରିଲେ ନାହିଁ। ପ୍ରଥମ ପରୀକ୍ଷାର୍ଥୀ ସ୍ୱୀକାର କରି ନେଲେ ଯେ ଏହି ଅଧ୍ୟାୟ ଏଇଠି ସରିଲା। ସେ କେବଳ ନିଜକୁ ପ୍ରଶ୍ନ କଲେ ଏବେ ମୁଁ କଣ କରି ପାରିବି। ପାର୍ଟ ଟାଇମ୍ ଶିକ୍ଷକ ଚାକିରିଟିଏ କଲେ ଏବଂ ସାଥିରେ ବିଇଡି ମଧ୍ୟ ପଢ଼ିବା ଆରମ୍ଭ କଲେ। ଦ୍ୱିତୀୟ ପରୀକ୍ଷାର୍ଥୀ ଅନ୍ୟ କୌଣସି ପେଶାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହିଁ ହେଲେ ନାହିଁ। ତାଙ୍କ ହିସାବରେ ଅନ୍ୟ ସବୁ କିଛି ସେ ବାଛିଥିବା ପେସା ତୁଳନାରେ ନ୍ୟୁନ ଏବଂ ଗୌଣ। ସେମାନଙ୍କୁ ସେ ଗ୍ରହଣ କଲେ ତାଙ୍କ ଗରିମା ହ୍ରାସ ହେବ। ପାର୍ଥକ୍ୟ ଦେଖନ୍ତୁ। ପ୍ରଥମ ଜଣକ ସାମୟିକ ଲକ୍ଷ୍ୟକୁ ଛାଡ଼ିଲେ ସିନା ନୂଆ କିଛି ଆରମ୍ଭ କରିବାର ସ୍ୱତନ୍ତ୍ରତାକୁ ଛାଡ଼ିଲେ ନାହିଁ। ହେଲେ ଦ୍ୱିତୀୟ ଜଣକ ନିଜ ଛବିକୁ ବଳବତ୍ତର ରଖିବାକୁ ଯାଇ ଏପରି ଏକ ନିଷ୍ପତ୍ତି ନେଲେ ଯାହାକି ତାଙ୍କର ସମସ୍ତ ଭବିଷ୍ୟତ ସମ୍ଭାବନାକୁ ପ୍ରତିହତ କରିଦେଲା। ଜଣକୁ ଦିଶିଲା ସମୟ ବଦଳି ଯାଇଛି, ଆଉ ଜଣେ ସମୟ ବଦଳିଛି ବୋଲି ସ୍ୱୀକାର କଲା ନାହିଁ।

ପୂର୍ବ ବର୍ଣ୍ଣିତ ପିଲାଟି କଥାକୁ ଫେରିବା। କମ୍ପ୍ୟୁଟର ପାଠ ସହିତ ସେ ଅନ୍ୟ ପରୀକ୍ଷା ମଧ୍ୟ ଦେଉଥାଏ। ସ୍ଥଳସେନାରେ ଯୋଗଦେବା ପାଇଁ ସିଡିଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା। ଶାରୀରିକ ଓ ମାନସିକ ପରୀକ୍ଷା ଏବଂ ମୌଖିକ ସାକ୍ଷାତକାରରେ ମଧ୍ୟ ଉତ୍ତୀର୍ଣ୍ଣ ହେଲା। କିନ୍ତୁ ମେଡିକାଲ୍ ଟେଷ୍ଟରେ ପାଦ ତଳିପା ଭୂମି ସହିତ ସମାନ୍ତରାଳ ବୋଲି ତାକୁ ଅକୃତକାର୍ଯ୍ୟ ଘୋଷିତ କରାଗଲା। ପିଲାଟି ଦରଖାସ୍ତ ଦେଲା ପୂନର୍ବିଚାର ପାଇଁ। ଦିଲ୍ଲୀ ମୁଖ୍ୟାଳୟରେ ପୁଣି ଥରେ ଟେଷ୍ଟ କରାଗଲା। ଜଣେ ତଳିପା ସମାନ୍ତରାଳ ଥିବା ବ୍ୟକ୍ତି ଯେଉଁସବୁ ବ୍ୟାୟାମ ସାଧାରଣତଃ କରିପାରନ୍ତି ନାହିଁ, ସେ ସମସ୍ତ ବ୍ୟାୟାମ ସେ ଅନାୟାସରେ କରିପାରୁଛି ଦେଖି ପରୀକ୍ଷକ ଆଶ୍ଚର୍ଯ୍ୟ ହେଲେ। ତଥାପି ସେ ପିଲାଟିକୁ କହିଲେ, ତୁମେ ଏ ସମସ୍ତ ବ୍ୟାୟାମ କରିପାରୁଛ ସତ, ହେଲେ ପାହାଡ଼ି ଇଲାକାରେ ନିଯୁକ୍ତି ହେଲେ ତୁମର ପ୍ରକୃତରେ ଅସୁବିଧା ହେବ। ତା ଛଡ଼ା, ନିୟମିତ ଭାବରେ ହେବାକୁ ଥିବା ଭବିଷ୍ୟତର ଯେକୌଣସି ମେଡିକାଲ୍ ଟେଷ୍ଟରେ ତୁମକୁ ଅଯୋଗ୍ୟ ଘୋଷିତ କରାଯାଇ ପାରେ। ଏପରି ପରିସ୍ଥିତିରେ ମୋ' ମତରେ ତୁମକୁ ଏହି ମାର୍ଗରୁ ଓହରି ଯାଇ କମ୍ପ୍ୟୁଟର କ୍ଷେତ୍ରରେ ଭାଗ୍ୟକୁ ପରିଖିବା ଉଚିତ ହେବ।

ପିଲାଟି ଆଖିରେ ଆଖିଏ ଲୁହ ନେଇ ହୋଟେଲ ରୁମକୁ ଫେରିଲା। ସେ ନିଜ ସାମର୍ଥ୍ୟ ଅନୁସାରେ ସର୍ବଶ୍ରେଷ୍ଠ ପରିଶ୍ରମ କରିଥିଲା, ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ୍ୟ ହୋଇଥିଲା। ହେଲେ ଏପରି ଏକ କ୍ଷେତ୍ରରେ ସେ ଅସଫଳ ହେଲା ଯାହା ଉପରେ ତାର କୌଣସି କର୍ତ୍ତୃତ୍ୱ ନ ଥିଲା। ସେଇଠି ପୁଣି ମନେ ପଡ଼ିଲା ତା' ଜେଜେମାଆଙ୍କ କଥା। ଏହି ଅସଫଳତା ମଧ୍ୟ କ୍ଷଣସ୍ଥାୟୀ। ଭିନ୍ନ ଭାବରେ ଭାବିବା ଆରମ୍ଭ କଲା। ବିଗତ ଛଅ ମାସର କଠୋର ପରିଶ୍ରମ ତାକୁ ହୁଏତ ସିଡିଏସ୍ ପରୀକ୍ଷାରେ ଅନ୍ତିମ ସଫଳତା ଦେଇ ପାରି ନ ଥିଲା, କିନ୍ତୁ ସେ ପାଇଥିଲା ଅନୁଶାସିତ ଜୀବନ, ଶାରୀରିକ ଦକ୍ଷତା, ଅଧିକ ଅନୁଭୂତି, ଆତ୍ମବିଶ୍ୱାସ ଏବଂ ମାନସିକ ଶକ୍ତି ଭଳି ଅନେକ ମହାର୍ଘ ଉପହାର। ପିଲାଟି ଭାବିଲା, ଗୋଟିଏ ସୁଯୋଗ ହୁଏତ ଚାଲି ଯାଇଛି। ହେଲେ ପ୍ରଗତି ଏବେ ବି ମୋ ସହିତ ଅଛି। ଏକଥା ଭାବି ପିଲାଟି ପୁଣି ଥରେ ଆଗକୁ ପାଦ ବଢ଼ାଇଲା।

ଆଶା କରାଯାଇଥିବା ଫଳାଫଳ ମିଳିଲାନି। ଏକଥାର ଅର୍ଥ ଏଇଆ ନୁହେଁ ଯେ ଉଦ୍‌ଯୋଗ ବ୍ୟର୍ଥ ହୋଇଗଲା। ବାହ୍ୟ ରୂପରେ ଆମେ କ'ଣ ପାଇଲେ ସାଧାରଣତଃ ଆମେ ଏହି ନଜରରେ ସମସ୍ତ ଉଦ୍‌ଯୋଗର ମୂଲ୍ୟାଙ୍କନ କରୁ। ହେଲେ ସେହି ଉଦ୍‌ଯୋଗ ଆମ ଭିତରେ କଣ ପରିବର୍ତ୍ତନ କରିଥାଏ ସେକଥା ହୃଦୟଙ୍ଗମ କରିବା ମଧ୍ୟ ସମାନ ଭାବେ ଜରୁରୀ। ଏହି ପରିପ୍ରେକ୍ଷୀରେ ଗୋଟିଏ ଜାପାନୀ ପରମ୍ପରା ମନେ ପଡ଼େ। ତାଙ୍କ ଗ୍ରାଣ୍ଡ ଶ୍ରାଇନ୍‌କୁ ସେମାନେ ସମୟ ସମୟରେ ଭାଙ୍ଗି ପୁଣି ଥରେ ତିଆରି କରନ୍ତି। ହଜାର ହଜାର ଶ୍ରମିକଙ୍କର ବର୍ଷ ବର୍ଷର ପରିଶ୍ରମରେ ତିଆରି ସୌଧ ଭଙ୍ଗାଯାଏ ଏବଂ ପୁଣି ଥରେ ତିଆରି ହୁଏ– ଜ୍ଞାନ, କାର୍ଯ୍ୟକୁଶଳତା ଓ ପରମ୍ପରାକୁ ଜୀବିତ ରଖିବା ପାଇଁ। ଯାହା ବି ଆମେ ତିଆରି କରୁ ତାହା ଚୀରସ୍ଥାୟୀ ନୁହେଁ, ଏହି କଥାର ବୋଧହୁଏ ଉଦାହରଣଟି ସବୁଠାରୁ ପ୍ରଭାବଶାଳୀ ଉଦାହରଣ। ନିଜର ସର୍ବୋତ୍କୃଷ୍ଟ ଉଦ୍‌ଯୋଗ ଦିଅ, ସମୟ ଆସିଲେ ତାକୁ ଯିବାକୁ ଦିଅ। ହୁଏତ ସୌଧ ଅଦୃଶ୍ୟ ହୋଇଯିବ, କିନ୍ତୁ ସୌଧ ନିର୍ମାତା ସେତେବେଳକୁ ଉନ୍ନତ ହୋଇ ସାରିଥିବ।

ପରିସ୍ଥିତି କ୍ଷଣସ୍ଥାୟୀ। ମୋ' ଯୋଜନା ମଧ୍ୟ କ୍ଷଣସ୍ଥାୟୀ ହୋଇ ପାରେ। ଅଧିକ ଗୁରୁତ୍ୱ ପୂର୍ଣ୍ଣ ହେଲା– ଗୋଟିଏ ଅଧ୍ୟାୟ ଶେଷ ହେଲେ ତାକୁ ଛାଡ଼ି ମୁଁ ଆଗକୁ ବଢ଼ି ପାରୁଛି କି ନାହିଁ। ନୂତନ ଅଧ୍ୟାୟ ଆରମ୍ଭ କରିବା ପାଇଁ ମୁଁ ସାହସ ଏକାଠି କରି ପାରୁଛି କି ନାହିଁ। ଏହାକୁ ପଳାୟନପନ୍ଥୀ କୁହାଯିବ ନାହିଁ। ଏହା ଦାୟିତ୍ୱହୀନତା ମଧ୍ୟ ନୁହେଁ। ବରଂ ଏହା ମୋର ମାନସିକ ଶକ୍ତି ଏବଂ ସ୍ୱତନ୍ତ୍ରତା। ଯାହା ମୋତେ ଇଙ୍ଗିତରେ କୁହେ ଗୋଟିଏ ଅଧ୍ୟାୟ ସରିଛି, ମୋ' ଯାତ୍ରା ନୁହେଁ। ଗୋଟିଏ ରାସ୍ତା ହୁଏତ ବନ୍ଦ ହୋଇଛି, ହେଲେ ଅନ୍ୟ ରାସ୍ତା ନାହିଁ ଏକଥା ନୁହେଁ। ଏପରି ମୁହୂର୍ତ୍ତରେ ବୁଝିବାକୁ ହେବ ଜୀବନ ମୋତେ ପ୍ରକୃତରେ କଣ ଦେବାକୁ ଚାହୁଁଛି।

ଶ୍ରେଷ୍ଠ ଉଦ୍ଦେଶ୍ୟ ରଖି ସର୍ବୋତ୍କୃଷ୍ଟ ଉଦଯୋଗ କରିବି, କୌଣସି ତିକ୍ତତା ନ ରଖି ବିଦାୟ ଦେଇ ପାରିବି। ପାଇଥିବା ଶିକ୍ଷାକୁ ଭବିଷ୍ୟତ ପାଇଁ ଭିତରେ ସାଇତି ରଖିବି ଏବଂ ଆବଶ୍ୟକ ପଡ଼ିଲେ ନୂଆ କିଛି ଆରମ୍ଭ କରିବି, ପୁଣି ଥରେ।

ମୋ: ୮୮୫୧୧୫୯୮୭୪

# ବିଦ୍ୟୁତ ବିଜ୍ଞାନର ଜନକ ଫାରାଡ଼େ

**ଅକ୍ଷୟ କୁମାର ରାଉତ**

ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟ ସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଛି। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବ୍ଧ ଅଭିଜ୍ଞତାଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କାର। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବ ଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ। ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଛେ ସେ ହେଉଛନ୍ତି ମାଇକେଲ ଫାରେଡ଼େ।

ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଜେମ୍ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍। ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହେଲେ ତୃତୀୟ। ଏକ ସ୍ଥାନୀୟ ବିଦ୍ୟାଳୟରେ ମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟିଗଣିତ ଶିକ୍ଷା କରିଥିଲେ।

ଦରିଦ୍ରତା ତାଙ୍କୁ ୧୩ବର୍ଷ ବୟସରେ ପାଠ ପଢାରେ ଡୋରିବାନ୍ଧି ଦେଇଥିଲା। ତେଣୁ ସେ ଜର୍ଜ ରିବିୟାନ୍‌ଙ୍କ ବହି ଦୋକାନରେ ଚାକିରି ଜୀବନ ଆରମ୍ଭ କଲେ। ଫାରାଡ଼େଙ୍କ କାମ ଥିଲା ସେ ଗୋଟିଏ ଗ୍ରାହକ ପାଖରୁ ଖବର କାଗଜ ନେଇ ଅନ୍ୟ ଜଣେ ଗ୍ରାହକଙ୍କୁ ଦେବେ। ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହି ବନ୍ଧା କାମ ଶିକ୍ଷା ଦେଲେ। ଦାରିଦ୍ର୍ୟ ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରି ନ ଥିଲେ, କିନ୍ତୁ ସେ ବହି ବନ୍ଧେଇ କରିବା ପୂର୍ବରୁ ସେହି ବହିଗୁଡ଼ିକୁ ପଢୁଥିଲେ। ମାର୍ସେଟ୍‌ଙ୍କ ରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇକ୍ଲୋପିଡିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା। ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ। ବହି ପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୋ ଡକ୍‌ସନ ଟୁ କେମେଷ୍ଟ୍ରି ର ୪ଟି ଯାକ ପୁସ୍ତକ କିଣିଲେ। ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ। ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବଟଙ୍କ ଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ। ତାଙ୍କର ବନ୍ଧୁ ବେମିନ୍ ଆବଟ୍ ଓ ଏଡୱାର୍ଡ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ପ୍ରସ୍ତୁତ ହୋଇପାରିଥିଲେ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା । ଲାଫିଙ୍ଗ ଗ୍ୟାସ୍ ପ୍ରସ୍ତୁତକର୍ତ୍ତା ସାର୍ ହମ୍ଫ୍ରିଡାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁରେ ପ୍ରଫେସର ପଦରେ ଯୋଗଦେଲେ। ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡାଭେକ ନିକଟକୁ ପଠାଇଲେ। ଫାରାଡ଼େଙ୍କ ବିଜ୍ଞାନପ୍ରତି ଆଗ୍ରହ, ତୀକ୍ଷ୍ଣ ସ୍ମୃତି ଶକ୍ତିକୁ ଅତିଶୟ ପ୍ରଶଂସା କରିଥିଲେ ଡାଭେ। ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତି ହେଲେ। ଦରମା ଥିଲା ମାସକୁ ୨୫ ଶିଲିଂ, ଫାରାଡ଼େ ନିରନ୍ତର ଡାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ।

ଡାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ। ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ। ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ତାଙ୍କୁ ପୁନଶ୍ଚ ଚାକିରି ଦେବା ପାଇଁ ଡାଭେ ପ୍ରତିଶ୍ରୁତି ଦେଲେ। ଡାଭେଙ୍କ ସ୍ତ୍ରୀ ଜେନ୍ ଡାଭେଙ୍କ ପରିଚାରିକା ନ ଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ। ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ ।

ଡାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ। ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ। ସେ ଡାଭେଙ୍କ ସହଯୋଗୀଭାବେ ପ୍ରକୃତି ବିଜ୍ଞାନ କାର୍ଯ୍ୟ କରିଥିଲେ। ଫଳରେ ନିଜକୁ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ। ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଂ ଦରମା ପାଇଲେ।

ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା, କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ। ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାମୂଳକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସକୁ ପ୍ରମାଣିତ କରିଥିଲେ। ୧୮୧୬ମସିହା ଜାନୁଆରୀ ମାସ ୧୭ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ। ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣୱଙ୍କ ସହିତ ହୋଇଥିଲା। ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନ ଥିଲେ। ସେ ପୁତୁରା ଓ ଝିଆରୀମାନଙ୍କୁ ନିଜପିଲା ଭଳି ଦେଖୁଥିଲେ। ୧୮୨୫ ମସିହାରେ ବେଞ୍ଜିନକୁ ଆବିଷ୍କାର କରି ତାହାକୁ ତନ୍ନତନ୍ନ ବିଶ୍ଳେଷଣ କରିଥିଲେ।

୧୮୨୩ ମସିହା ମେ ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ। ୧୮୨୩ ମସିହା ଡିସେମ୍ବରରେ ଫାରାଡ଼େ ଏକ ବିଦ୍ୟୁତ୍‌ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତ୍ତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ ବୋଲି ଦର୍ଶାଇଥିଲେ। ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟଷରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ। ୧୮୨୫ ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ। ଶିଳ୍ପ ଅନୁଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା। ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍ସଫର୍ମର ଓ କିଛି ଦିନ ପରେ ଡାଇନାମା ଉଦ୍ଭାବନ କରିଥିଲେ।

ବ୍ରିଟେନର ପ୍ରଧାନମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କୁ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଲର୍ଡ ମେଲ୍‌ବୋର୍ଣ୍ଣ ଏହାକୁ ସ୍ଥଗିତ ରଖିଲେ। କିନ୍ତୁ ସମାଲୋଚନା କରାଯିବାରୁ ପରେ ପ୍ରଧାନମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ ନ କରି ମଧ୍ୟ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ। ସେ ବିଦ୍ୟୁତ୍ ମୋଟର୍, ଜେନେରେଟର ଓ ଟ୍ରାନ୍ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟବସାୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇ ନ ଥିଲେ। ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ରଚିତ Experimrntal Researches in chemistry and physics ଏବଂ The Chemical History of a Candal ପୁସ୍ତକଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ।

ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବ।

ମୋ: ୯୯୩୭୬୯୧୪୭୫

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ଓଡ଼ିଶାର ସ୍ୱାର୍ଥ ପାଇଁ ପ୍ରାଇଭେଟ ମେମ୍ବର୍ସ ବିଲ୍ ଆଣିବାକୁ ଦାବି

ବ୍ରହ୍ମପୁର,୨୩।୮(ନି.ପ୍ର): ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣିବାକୁ ପଦକ୍ଷେପ ନେବା ସହ ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି । ମଞ୍ଚ ପକ୍ଷରୁ ଜାରି ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ଯେ, ଏମ୍ଏମଡ଼ିଆର୍ ୧୯୫୭ର ସାମ୍ପ୍ରତିକ ସଂଶୋଧନ ଫଳରେ ଓଡ଼ିଶା ସମେତ ଖଣି ଓ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକର ରାଜସ୍ୱ ଏବଂ ଆର୍ଥିକ ସ୍ୱାଧୀନତା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଓଡ଼ିଶାର ସ୍ୱାର୍ଥକୁ ଯଥେଷ୍ଟ ଗୁରୁତ୍ୱ ନ ଦେଇ ଏହି ବିଲ୍‌କୁ ଅତ୍ୟନ୍ତ ତରବରିଆ ଭାବେ ସଂସଦରେ ପାରିତ କରାଯାଇଥିବା ନେଇ ମଞ୍ଚ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ।

ମଞ୍ଚ ଆବାହକ ତଥା ଆଇନ୍‌ଜୀବୀ ଅବନି ଗୟା କହିଛନ୍ତି ଯେ, ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟ । ନୂତନ ସଂଶୋଧିତ ଆଇନ୍ ଫଳରେ ରାଜ୍ୟ ଭବିଷ୍ୟତରେ ନିଜ ଖଣିଜ ସମ୍ପଦ ଉପରେ ଅତିରିକ୍ତ କର ବା ସେସ୍ ଲାଗୁ କରିବାର ଅଧିକାର ସୀମିତ ହେବାର ଆଶଙ୍କା ରହିଛି । ଏହାଦ୍ୱାରା ଓଡ଼ିଶାର କୋଟି କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ହେବା ସହ ରାଜ୍ୟର ଆର୍ଥିକ ସ୍ୱାଧୀନତା ମଧ୍ୟ ପ୍ରଭାବିତ ହେବାର ଅଶଙ୍କା ରହିଛି। ସେହ ଆହୁରି କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦରୁ ରାଜ୍ୟ ନିଜସ୍ୱ ରାଜସ୍ୱ ଆଦାୟ କରିବା ସମ୍ପର୍କିତ ସାମ୍ବିଧାନିକ ଅଧିକାର ସୀମିତ ହେବାର ଆଶଙ୍କାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ ।

ଏଣୁ ଓଡ଼ିଶା ବିଧାନସଭାରେ ଦଳମତ ନିର୍ବିଶେଷରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରି ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯିବା ଉଚିତ୍ । ମାନବ ଅଧିକାର ସୁରକ୍ଷା ମଞ୍ଚ ଓଡ଼ିଶାର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କୁ ଏହି ପ୍ରସଙ୍ଗରେ ଏକତ୍ରିତ ହୋଇ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆହ୍ୱାନ କରିଛି। ବିଶେଷ କରି ସାଂସଦମାନଙ୍କ ମଧ୍ୟରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣି ସମ୍ପୃକ୍ତ ଆଇନ୍‌ର ପୁନଃସମୀକ୍ଷା ଓ ଓଡ଼ିଶା ସମେତ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ମଞ୍ଚ ଦୃଢ଼ ଦାବି କରିଛି । ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ନ୍ୟାୟସଙ୍ଗତ ଆର୍ଥିକ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ସମସ୍ତ ଜନପ୍ରତିନିଧି ଏବଂ ରାଜନୈତିକ ଦଳଙ୍କ ସାମୁହିକ ଦାୟିତ୍ୱ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି ।

# ବିଜୁ ପଟ୍ଟନାୟକ ସିନିୟର ସିଟିଜେନ୍ସ ଫୋରମ୍‌ର ବୈଠକ



ବ୍ରହ୍ମପୁର,୨୩।୮(ନି.ପ୍ର): ସ୍ଥାନୀୟ ବିଜିପୁର ସନ୍ତୋଷୀ ମା' କଲ୍ୟାଣ ମଣ୍ଡପଠାରେ ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ୍ସ ଫୋରମ୍‌ର ମାସିକ ସାଧାରଣ ପରିଷଦ ବୈଠକ କାର୍ଯ୍ୟକାରୀ ସଭାପତି ଡ଼ା. ଇନ୍ଦୁ ଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ଗତ ମାସ ବୈଠକ ବିବରଣୀ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ମନମୋହନ ପରିଚ୍ଛା ନୂତନ କୋଷାଧ୍ୟକ୍ଷ ଶରତ କୁମାର ପାତ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ନୂତନ କୋଷାଧ୍ୟକ୍ଷ ଶ୍ରୀ ପାତ୍ର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟକାରୀ ସଭାପତି ଶ୍ରୀ ପଟ୍ଟନାୟକ ବୈଠକର ଅଭିମୁଖ୍ୟ ତଥା ଫୋରମ୍‌ର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ନବୀକରଣ ଉପରେ ଆଲୋକପାତ କରିଥିଲେ । ସର୍ବ ସମ୍ମତି କ୍ରମେ ଆସନ୍ତା ନଭେମ୍ବର ଶେଷ ସପ୍ତାହରେ ଫୋରମର ତ୍ରୟ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ହିଲ୍‌ପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ କରିବା ପାଇଁ ନିଷ୍ପତ୍ତି କରାଗଲା । ଆୟୋଜନ ନିମନ୍ତେ ସମ୍ଭାବ୍ୟ ବଜେଟ୍ ଓ ଆୟୋଜନ କମିଟି ଓ କାର୍ଯ୍ୟକ୍ରମର ରୂପରେଖ ଉପରେ ସାଧାରଣ ସମ୍ପାଦକ ଶ୍ରୀ ବିଷୋୟୀ ସୂଚନା ପ୍ରଦାନ କରିଥିଲେ ଓ ସମ୍ମିଳନୀର ସଫଳତା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆଜିର ଏହି ବୈଠକରେ ନୂତନ ସଦସ୍ୟ ଭାବରେ ଡ଼. ଶଙ୍କର ପ୍ରସାଦ ମାଝୀ ଓ କିଶୋର କାପୁର ଯୋଗଦାନ କରି ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ଉପସ୍ଥିତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାମାନେ କରତାଳି ଦେଇ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଏସ୍. ମହେଶ୍ୱର ପୃଷ୍ଟି, ସମ୍ପାଦକ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ପ୍ରଶାନ୍ତ କୁମାର ମହାପାତ୍ର, ମନମୋହନ ପରିଚ୍ଛା, ସମୀକ୍ଷକ ସୁରେନ୍ଦ୍ର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ରାଧାକୃଷ୍ଣ ମହାରଣା, ରବୀନ୍ଦ୍ର ମୋହନ ପଟ୍ଟନାୟକ, କୁଶ୍ବ ମହାରଣା, ରାଜେନ୍ଦ୍ର ଚାରଲେସ, ରବି ମହାରଣା, ଏମ୍‌ଏସ୍‌ଏ ମଲ୍ଲିକ, ଅଶୋକ କୁମାର ଦାସ, ସନାତନ ବେହେରା, ଦେବାନନ୍ଦ ବିଶ୍ୱାସ, ଭଗବାନ ପାତ୍ର, କେ. ସୁନ୍ଦର ରାଓ, ଭଗବାନ ସାବତ, ସୁବାଷ ଚନ୍ଦ୍ର ପଣ୍ଡା, ନୀଳମାଧବ ପାତ୍ର, ଡ଼ାକ୍ତର ପ୍ରଫୁଲ୍ଲ କୁମାର ଦଳାଇ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଉପସଭାପତି ଏସ୍. ମହେଶ୍ୱର ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ ।

# ପାଞ୍ଚ ଜଣିଆ ଡ଼କାୟତ ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର,୨୩।୮(ନି.ପ୍ର): ସଦର ଥାନା ପୋଲିସ ଏକ ପାଞ୍ଚ ଜଣିଆ ଡ଼କାୟତ ଗ୍ୟାଙ୍ଗକୁ କାବୁ କରିଛି । ସେମାନେ ହେଲେ ବଚ୍ଛପଲ୍ଲୀ ଅଞ୍ଚଳର ଭିକାରୀ ଦାସ (୨୧), ବଉଳଖୋଲି ମୁକେଶ ବିଷୋୟୀ, ସଂଗ୍ରାମ ବିଷୋୟୀ, କାହ୍ନା ବିଷୋୟୀ ଓ ପପୁ ବିଷୋୟୀ । ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ମାରଣାସ୍ତ୍ର ଜବତ ହୋଇଛି । ଏନେଇ ଥାନା କେସ୍ ନଂ ୫୪୪ ରେ ଏକ ମାମଲା ରୁଜୁ ହୋଇଛି । ତେବେ ଆଉ ଜଣେ ସହଯୋଗୀ ଫେରାର୍ ଥିବା



ସୂଚନା ମିଳିଛି । କିଛି ଦିନ ତଳେ କୁକୁଡ଼ାଖଣ୍ଡିର ଭୈରବ କୁମାର ସାହୁ (୪୫) ତାଙ୍କର ଏକ ଭଡ଼ାଗାଡ଼ିରେ କଞ୍ଚୁରୁରୁ ଢେଙ୍ଗାପଦରକୁ ଦୁଇଟି ବଳଦ ନେଉଥିଲେ । ଛଅ ଜଣ ଦୁର୍ବୃତ୍ତ ତାଙ୍କୁ ବଉଳଖୋଲି କେନାଲ୍ ରାସ୍ତାରେ ଅଟକାଇ ଟଙ୍କା ମାଗିଥିଲେ। କିନ୍ତୁ ନ ଦେବାରୁ ତାଙ୍କୁ ଆକ୍ରମଣ କରିବା ସହ ଜୋରଜବରଦସ୍ତି ଟଙ୍କା ଛଡ଼ାଇ ନେଇଥିଲେ । ଏହାସହ ମୋବାଇଲ୍ ନେଇ ତାଙ୍କ ଫୋନ୍ ପେ' ରୁ ୨୨୫୦୦ ଟଙ୍କା ଟ୍ରାନ୍ସଫର କରିଥିଲେ । ଭୈରବଙ୍କ ଏତଲା କ୍ରମେ ପୋଲିସ ମାମଲା ରୁଜୁ କରି ଉପରୋକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

# କେନ୍ଦ୍ରର ଖଣି ଆଇନ୍ ବିରୋଧରେ ସର୍ବଦଳୀୟ ବୈଠକ



ବ୍ରହ୍ମପୁର,୨୩।୮(ନି.ପ୍ର): କେନ୍ଦ୍ରର ଖଣି ଆଇନ୍‌କୁ କଂଗ୍ରେସ ସମେତ ବିଭିନ୍ନ ବାମ ଦଳର ବିରୋଧ ସତ୍ତ୍ୱେ କେନ୍ଦ୍ରର ବିଜେପି ସରକାର ସଂସଦରେ ନୂତନ ଖଣି ଆଇନ୍ ପ୍ରଚଳନ ଫଳରେ ଓଡ଼ିଶା ବ୍ୟାପକ କ୍ଷତି ସହିବ । ଏହାକୁ ବିରୋଧ କରି ରବିବାର କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ପରିସରରେ କଂଗ୍ରେସ ସଭାପତି (ପୂର୍ବ) ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଜିଲ୍ଲାର ବିଭିନ୍ନ ବାମ ଦଳର ନେତାଙ୍କ ସହିତ ଏକ ସର୍ବଦଳୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିରୋଧ କରି ଆସନ୍ତା ୨୫ ତାରିଖରେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡରେ ଶାନ୍ତିପୂର୍ଣ୍ଣ ପଥପ୍ରାନ୍ତ ପ୍ରତିବାଦ ସଭା ଆୟୋଜନ ପାଇଁ ସର୍ବ ସମ୍ମତି କ୍ରମେ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ କଂଗ୍ରେସ ଦଳର ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ଉପ ସଭାପତି ଅଶୋକ କୁମାର ପଟ୍ଟନାୟକ, ସମ୍ପାଦକ ଯୋଗୀ ବେହେରା, ସିପିଏମ୍‌ର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଏମ୍ ଯୁବ ନେତା ଗୋକୁଳ ତ୍ରିପାଠୀ, ଫରୱାର୍ଡ଼ ବ୍ଲକ୍‌ର ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସାହୁ, ସିପିଆଇର ଜିଲ୍ଲା ସମ୍ପାଦକ ଶ୍ରୀହର୍ଷ ରଥ, ସହ ସମ୍ପାଦକ ନୀଳକଣ୍ଠ ଦାସଙ୍କ ସମେତ ପ୍ରଦୀପ ସେଠୀ, କାମଦେବ ନାହାକ, ପ୍ରଫୁଲ୍ଲ କୁମାର ଜେନା ପ୍ରମୁଖ ଯୋଗଦେଇ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ପ୍ରତିବାଦ ସଭାକୁ ସଫଳ କରିବାପାଇଁ ନିଷ୍ପତ୍ତି ନେଇଥିଲେ ।

# ୨୭ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର,୨୩।୮(ନି.ପ୍ର): ଜିଆର୍‌ପି ଓ ଆର୍‌ପିଏଫ୍ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବ୍ରହ୍ମପୁର ରେଳ ଷ୍ଟେସନ୍‌ର ୪ ନମ୍ବର ପ୍ଲାଟଫର୍ମରୁ ୨୭ କିଲୋ ୪୯୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ଏହି ଘଟଣାରେ ୩ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି । ଗିରଫ ଯୁବକମାନେ ହେଲେ ବିହାର ବୈଶାଳୀ ଜିଲ୍ଲା ଗୋପୀନାଥପୁର ଅଞ୍ଚଳର ରୋହିତ କୁମାର ତିୱାରୀ (୨୩), ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଅଞ୍ଚଳର ରବୀନ୍ଦ୍ର ସାହୁ (୨୧) ଏବଂ ହିଞ୍ଜିଳିକାଟୁ ଅଞ୍ଚଳର ଚନ୍ଦନ ରାଉଳ (୨୪) । ପୋଲିସର ସୂଚନା ଅନୁଯାୟୀ, ଷ୍ଟେସନରେ ଯାଞ୍ଚ୍ ଚାଲିଥିବା ସମୟରେ ତିନି ଯୁବକଙ୍କ ଗତିବିଧି ଉପରେ ସନ୍ଦେହ ହେବାରୁ ଯାଞ୍ଚ୍ କରାଯାଇଥିଲା । ସେମାନେ ବ୍ରହ୍ମପୁରରୁ ଗଞ୍ଜେଇ ନେଇ ସୁରତ ଯାଉଥିବା ଜଣାପଡ଼ିଥିଲା । ସେମାନଙ୍କ ନିକଟରୁ ଗାନ୍ଧୀଧାମ ଟ୍ରେନ୍‌ର ଟିକେଟ୍ ଓ ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଏନେଇ ଜିଆର୍‌ପି ଥାନାରେ ୧୦୧ ନମ୍ବର ମାମଲା ରୁଜୁ ହୋଇଛି।

# ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ୨ ଆହତ, ୪ ଗିରଫ

ହିଞ୍ଜିଳିକାଟୁ,୨୩।୮(ନି.ପ୍ର): ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମର ୨ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହେବା ସହିତ ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପକ୍ଷର ୨ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ରାମଚନ୍ଦ୍ର ସାହୁ (୬୧) ଓ ପାଟପୁର ଥାନା ସାହାପୁର ଗ୍ରାମର ଉତ୍ତମ ଦାସ (୨୬)। ଉତ୍ୟକ୍ତ ହୋଇ ଗୋଟିଏ ପରିବାର ଅପର ପକ୍ଷର ଏକ ସ୍କୁଟିକୁ ଟାଙ୍ଗିଆରେ ହାଣି ନଷ୍ଟ କରିବା ସହ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଉଭୟ ପରିବାର ପକ୍ଷରୁ ହିଞ୍ଜିଳି ଥାନାରେ ଅଭିଯୋଗ କରାଯାଇଛି।

ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୫୭୫/୨୬ ଓ ୫୭୬/୨୬ ୨ଟି ପୃଥକ ମାମଲା ରୁଜୁ କରଛି। ଗିରଫ ମାନେ ହେଲେ ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମର ରାମଚନ୍ଦ୍ର ସାହୁ (୬୧), ଶେଷଦେବ ସାହୁ ଓ ଅନ୍ୟ ପରିବାର ୨ ଭାଇ ପାଟପୁର ଥାନା ସାହାପୁର ଗ୍ରାମର ଉତ୍ତମ ଦାସ (୨୬) ଓ ହିଞ୍ଜିଳି ଥାନା କଣ୍ଟେଇକୋଳି ଗ୍ରାମର ଅଜିତ ଦାସ (୩୪)। ରବିବାର ଉଭୟ ପରିବାରର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ଠାରୁ ପ୍ରକାଶ।

# ରାମଚନ୍ଦ୍ରପୁର ଥାନା ଅଞ୍ଚଳରୁ ୭ ୱାରେଣ୍ଟି ଗିରଫ



ରାମଚନ୍ଦ୍ରପୁର,୨୩।୮(ନିପ୍ର): ଦୀର୍ଘ ବର୍ଷ ଧରି ବିଭିନ୍ନ କେସରେ ଛନ୍ଦି ହୋଇଥିବା ୭ ୱାରେଣ୍ଟିଙ୍କୁ ଗିରଫ କରିବାରେ ସଫଳ ହୋଇଛି ରାମଚନ୍ଦ୍ରପୁର ପୋଲିସ ।ଶାଳଦେଇ ନପଂଗା ଗ୍ରାମର ଭରତ ଦଳେଇ, ଜନନାର୍ଦ୍ଦନପୁର୍ ପାଟଣା ଗ୍ରାମର ବିଷ୍ଣୁ ଚରଣ ଦାସ, ନହଙ୍ଗି ଗ୍ରାମର ବିଦ୍ୟାଧର ସ୍ୱାଇଁ, ନୟାଗଡ଼ ଗ୍ରାମର ନିରଞ୍ଜନ ଦେହୁରୀ, ଜଳସୁଆଁ ଗ୍ରାମର ନନ୍ଦ କିଶୋର ମାଝୀ ,ଖଲଣା ଗ୍ରାମର ଭୋଳାନାଥ ରାଉତ ଓ ନୂଆଗାଁ ଗ୍ରାମର ଘନଶ୍ୟାମ ରାଉତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି।

# ବଢୁଛି ବଣୁଆ ହାତୀର ଦୌରାତ୍ମ୍ୟ: ଚାଷୀ ଭୟଭୀତ



ଭଞ୍ଜନଗର୨୩।୮(ନି.ପ୍ର): ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ବିଭିନ୍ନ ବନାଞ୍ଚଳରେ ହାତୀଙ୍କ ସଂଖ୍ୟା ବଢ଼ିବା ସାଙ୍ଗକୁ ପୁଣି ଚଳପ୍ରଚଳ ଲକ୍ଷ୍ୟ କରାଯାଉଛି। ପଲରୁ ଅଲଗା ହୋଇ ଦନ୍ତାହାତୀ ଏଣେତେଣେ ବୁଲୁଥିବା ଲକ୍ଷ୍ୟ କରାଯାଉଛି। କିଛି ସ୍ଥାନରେ ପଶି ରୁଆ ହୋଇଥିବା ଧାନ ଫସଲ ନଷ୍ଟ କରିବା ଅଭିଯୋଗ ମଧ୍ୟ ହେଉଛି। ଚାଷ ବର୍ଷା ଦାଉରୁ ଫସଲ ରକ୍ଷା କରିବାକୁ ଦିନରାତି ପ୍ରୟାସ ଜାରି ରଖିଥିବା ବେଳେ ହାତୀ ସେଗୁଡିକୁ ନଷ୍ଟ କରିବାର ଭୟ ଘାରିଛି। ଫସଲ ପାଚିବା ସମୟରେ ପ୍ରାୟତଃ ହାତୀ ଧାନର ବାସ୍ନା ପାଇ ଜମି ଆଡକୁ ମାଡି ଆସନ୍ତି। ମାତ୍ର ଚଳିତ ବର୍ଷ ବର୍ତ୍ତମାନ ଠାରୁ ହିଁ କ୍ଷେତ ଆଡ଼କୁ ମାଡି ଆସୁଛନ୍ତି। ତେବେ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଜଙ୍ଗଲ ଭିତରକୁ ଘଉଡାଇବାକୁ ଯଥା ସମ୍ଭବ ଚେଷ୍ଟା କରାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ ବନାଞ୍ଚଳରେ ବର୍ଷ ତମାମ ହାତୀପଲ ରହୁଛନ୍ତି। ବର୍ତ୍ତମାନ କାନବିନ୍ଧା ଅଞ୍ଚଳରେ ଏକ ୨୨ ଟିକିଆ ପଲଙ୍କ ଚଳପ୍ରଚଳ ରହିଥିବା ବେଳେ ଆଉ ଏକ ପଲ ପଡୋଶୀ କନ୍ଧମାଳ ଜିଲ୍ଲାର ଉଦୟଗିରି ଆଡକୁ କିଛିଦିନ ହେଲା ପଳାଇଥିବା ଜଣାପଡିଛି। ଏଥିସହ ଏହି ବନାଞ୍ଚଳର କୁଲାଡ ସେନ୍ସନ ଇଲାକାରେ ଏକ ଦନ୍ତାହାତୀର ଚଳପ୍ରଚଳ ବିଭାଗକୁ ଚିନ୍ତାରେ ପକାଇଛି। ପ୍ରାୟ ୪-୫ ଦିନ ହେଲା କୁଲାଡ ଆଖପାଖରେ ଘୁରୀ ବୁଲିବା ସହ ରାସ୍ତା ପାର ହେଉଥିବା ଦେଖିବାକୁ ମିଳିଥିଲା। ପଙ୍କାଳ, କୋଟି ବିରାଡି ଗ୍ରାମ ନିକଟରେ ବୁଲିବା ସହ ଜମି ଭିତର ଦେଇ ଯିବା ଫଳରେ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଥିବା ବେଳେ ଗତକାଲି କମଳାବାଡି ନିକଟରେ ମୁଖ୍ୟ ରାସ୍ତା ପାର ହୋଇ ରାଇପଲ୍ଲୀ ଆଡକୁ ପଳାଇଥିବା କିଛି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଉକ୍ତ ଦନ୍ତା କିଛି ଦିନ ପଲରେ ରହିବା ପରେ ଏକାକୀ ମାଣପୁର, ଗେରେଡା, ପୋଚାଲୁଣ୍ଡି ଇଲାକାରେ ବୁଲୁଥିବା ବେଳେ ପୁଣି ପଲରେ ମିଶି ଯାଉଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

# ଭାରିଯାନ ଚଳାଚଳ ଯୋଗୁଁ ପଞ୍ଚାଗଳିରେ ଉପୁଜୁଛି ଯାତାୟତ ସମସ୍ୟା, ପ୍ରତିକାର ଦାବି

ବୁଗୁଡ଼ା୨୩।୮(ନି.ପ୍ର): ବୁଗୁଡ଼ା ସହର ମୁଖ୍ୟ ସଡକ ସହ ସଂଯୁକ୍ତ ପଞ୍ଚାଗଳିର ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁଁ ଲୋକଙ୍କ ଯାତାୟତରେ ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି । ବୁଗୁଡା ଏନ୍ଏସିର ୱାର୍ଡ ନଂ ୨ ଓ ୩ ଅନ୍ତର୍ଗତ ଅରବିନ୍ଦ ନଗରର ପ୍ରବେଶ ପଥ ଭାବେ ବିବେଚିତ ଏହି ପଞ୍ଚାଗଳିରେ ଭାରିଯାନ ଚଳାଚଳ କାରଣରୁ ଲୋକଙ୍କ ଯାତାୟତ ପାଇଁ ସୁରକ୍ଷିତ ନୁହେଁ। ସେହି ଗଳିର ସଂକୀର୍ଣ୍ଣତମ ତଥା ବିପଦଜ୍ଜନକ ସ୍ଥାନରେ ଅଧିକାଂଶ ସମୟରେ ମାଲମାଲ ପରିବା ବୋଝେଇ ଭାରିଯାନ ଚଳାଚଳ ବେଳେ ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହୁଛି। ବୁଗୁଡା ଏନ୍ଏସିର ଜନବସତି ଅରବିନ୍ଦ ନଗରରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ଅନେକ କୋଚିଂ ସେଣ୍ଟର ସାଙ୍ଗକୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବାରୁ ସେହି ରାସ୍ତା ଦେଇ ଦୈନିକ ବହୁ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ଲୋକ ଯାତାୟତ କରିଥାନ୍ତି।

ଯେକୌଣସି ଜନବସତି ସାହି ମଧ୍ୟସ୍ଥ ସଂକୀର୍ଣ୍ଣ ରାସ୍ତାରେ ଭାରିଯାନ ଚଳାଚଳ ନିଷିଦ୍ଧ ସତ୍ତ୍ୱେ ପଞ୍ଚାଗଳିରେ ଏହାର କିପରି ବ୍ୟତିକ୍ରମ ଘଟୁଛି ଏବଂ ଏ କ୍ଷେତ୍ରରେ ଏନ୍ଏସି ପ୍ରଶାସନ କାହିଁକି ଧୃତରାଷ୍ଟ୍ରର ଭୂମିକା ନିର୍ବାହ କରୁଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ଲୋକଙ୍କ ହିତ ସକାଶେ ଏନ୍ଏସି କର୍ତ୍ତୃପକ୍ଷ ଉକ୍ତ ପଞ୍ଚାଗଳି ରାସ୍ତାରେ ଯେପରି କୌଣସି ଭାରିଯାନ ଚଳାଚଳ କରିବେ ନାହିଁ, ସେ ଦିଗରେ ପଦକ୍ଷେପ ଗ୍ରହଣ ନେବାକୁ ସାଧାରଣରେ ଦୃଢ ଦାବି ହେଉଛି।

# ଠକେଇ ଅଭିଯୋଗ, ସୁରେଶ ପଣ୍ଡା ଗିରଫ




ରାମଚନ୍ଦ୍ରପୁର,୨୩।୮(ନିପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ଥାନାରେ ୨୦୨୪ମସିହାରେ ଏକ ଠକେଇ ଅଭିଯୋଗ ନେଇ ଘସିପୁରା ଥାନାରେ ୨୪/୨୦୨୪ ଏକ ମାମଲା ରୁଜୁ ହୋଇଥୀଲା।ଘଷିପୁରା ପୋଲିସ ଗତକାଲି ସଂନ୍ଧ୍ୟାରେ ବେଲବାହାଳି ଗ୍ରାମର ଚନ୍ଦ୍ର ଶେଖର ପଣ୍ଡାଙ୍କ ପୁଅ ସୁରେଶ କୁମାର ପଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଷିପୁରା ପୋଲିସ ସମସ୍ତ ପୁରୁଣା ଓ ନୂଆ କେସକୁ ତନାଘନା କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ ଆକ୍ସନ ନେଉଛି।

# ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ:ଥାନାରେ ଆତ୍ମ ସମର୍ପଣ

ଆସିକା,୨୩।୮(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଗାଙ୍ଗପୁର ଥାନା ନାହାଡା ଗାଁରେ ହତ୍ୟାକାଣ୍ଡ । ପାରିବାରିକ କଳହକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା ସ୍ୱାମୀ ସ୍ତ୍ରୀ ନମିତା ପ୍ରଧାନଙ୍କୁ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିବା ଖବର ମିଳିଛି । ହତ୍ୟାକାରୀ ସ୍ୱାମୀ ଗାଙ୍ଗପୁର ଥାନାରେ ଆତ୍ମସମର୍ପଣ କରିଥିବାର ସୂଚନା ମିଳିଛି । ଗାଙ୍ଗପୁର ପୋଲିସ ପ୍ରଶାସନ ଓ ଭଞ୍ଜନଗର ଅତିରିକ୍ତ ଏସପି ରଞ୍ଜନ କୁମାର ଦେ ଘଟଣାର ତଦନ୍ତ କରୁଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।ହତ୍ୟାକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି।

# ସାଇବର୍ ଠକଙ୍କ ପ୍ରତି ସତର୍କ ରହିବାକୁ ଗଞ୍ଜାମ ଏସ୍‌ପିଙ୍କ ପରାମର୍ଶ



ଛତ୍ରପୁର,୨୩।୮(ନି.ପ୍ର): ସାଇବର୍ ଅପରାଧୀ ଲୋକଙ୍କୁ ନାନା ପ୍ରଲୋଭିତ କରିଥାଆନ୍ତି । ତେଣୁ ଠକଙ୍କ ଠାରୁ ସାବଧାନ ରହିବାକୁ ପରାମର୍ଶ ଦେଇଛନ୍ତି ଗଞ୍ଜାମ ଏସପି ହରୀଶ୍ ବିସି । ଗଞ୍ଜାମ ଜିଲ୍ଲାର ସଦର ମହକୁମା ଛତ୍ରପୁର ଠାରେ ଅନୁଷ୍ଠିତ ଏକ ବିରାଟ ବରିଷ୍ଠ ନାଗରିକ ସମାବେଶରେ ଗଞ୍ଜାମ ଏସପି ହରିଶ୍ ବିସି ବରିଷ୍ଠ ନାଗରିକଙ୍କ ସହିତ ଆଲୋଚନା କରି ସାଇବର୍ ଅପରାଧୀମାନେ କିଭଳି ଲୋକଙ୍କୁ ଠକେଇ କରନ୍ତି, ସେ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ ।

ଛତ୍ରପୁର ସ୍ଥିତ ଶିବ କୁମାର୍ ପଟ୍ଟନାୟକ ରିଡିଙ୍ଗରୁମ୍ ପରିସରରେ ଅନୁଷ୍ଠିତ ଏହି ସାଇବର୍ ସଚେତନତା ଅଭିଯାନ ସଭାରେ ବରିଷ୍ଠ ନାଗରିକମାନେ ମୋବାଇଲ ଫୋନ୍ ବ୍ୟବହାରରେ ସତର୍କତା ଅବଲମ୍ବନ କରିବା ସାଂଗକୁ ଏଟିଏମ୍ କାର୍ଡ଼, ଆଧାର ନମ୍ବର, ଫୋନ-ପେ, ଗୁଗଲ-ପେ ସମ୍ପର୍କିତ କୌଣସି ତଥ୍ୟ ଦିଅନ୍ତୁ ନାହିଁ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି । ବରିଷ୍ଠ ନାଗରିକ ସଂଘର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବେଳେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ସୁରେନ୍ଦ୍ର ନାଥ ପାଢ଼ୀ, ଉପସଭାପତି ପ୍ରଶାନ୍ତ ଶତପଥୀ, ସମ୍ପାଦକ ସୋମନାଥ ସାହୁ, ଛତ୍ରପୁର ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ତ୍ରିପାଠୀ, ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଅଧିକାରୀ, ପ୍ରମୁଖ ବରିଷ୍ଠ ନାଗରିକ ନେତୃବର୍ଗ ପ୍ରମୁଖ ଶତାଧିକ ଲୋକ ଯୋଗଦେଇଥିଲେ । ଜିଲ୍ଲା ସାଇବର୍ ଥାନାର ଆଇଆଇସି ଜ୍ୟୋତି ରଞ୍ଜନ ବେହେରା, ଛତ୍ରପୁର ଆଦର୍ଶ ଥାନାର ଆଇଆଇସି ସବ୍ୟସାଚୀ ମଲ୍ଲ, ଏସଡିପିଓ ଚନ୍ଦନ ଘଡ଼େଇ, ଜିଲ୍ଲା ସାଇବର୍ ଥାନାର ଉପ-ସହ ନିରୀକ୍ଷକ କୀରଣ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ରହି ବରିଷ୍ଠ ନାଗରିକ ମାନଙ୍କୁ ସାଇବର୍ କ୍ରାଇମ୍ ଉପରେ ସଚେତନତା ଦେଇଥିଲେ ।

# ଭଞ୍ଜନଗର ଓଁ ଶାନ୍ତି ପକ୍ଷରୁ ରକ୍ତଦାନ ଶିବିର



ଭଞ୍ଜନଗର,୨୩।୮(ନି.ପ୍ର): ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଓମ୍ ଶାନ୍ତି)ର ଶାନ୍ତି ସ୍ରୋତ ଭବନ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ପୌରପାଳିକା ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ।ଭଞ୍ଜନଗର ଶାଖା ସଂଯୋଜିକା ସନ୍ତୋଷିନୀ ଭଉଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଏହି ଅବସରରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ସୁବୁଦ୍ଧି, ବୈକୁଣ୍ଠ ଭାଇ, ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡ. ସତୀଶ ମୋହନ ପାଢ଼ୀ ଓ ସାମାଜିକ କର୍ମୀ ଶୁଳପାଣି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ କହିଥିଲେ ଯେ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାଖା ବିଶ୍ୱର ବିଭିନ୍ନ ଦେଶରେ ପ୍ରତିଷ୍ଠିତ ହୋଇଛି। ବିଭିନ୍ନ ଶାଖା ପକ୍ଷରୁ ସମାଜସେବାମୂଳକ କାର୍ଯ୍ୟ ସହ ଲୋକଙ୍କୁ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରାଯାଉଛି। ଏହାଦ୍ୱାରା ସମାଜର ମଙ୍ଗଳ ସହ ଲୋକଙ୍କ ଆତ୍ମିକ ଓ ନୈତିକ ଉନ୍ନତିରେ ସହାୟତା ମିଳୁଛି। କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ରହ୍ମାକୁମାରୀ ଅଲିଭା, ଅନିତା, ପିଙ୍କି, ପ୍ରାଚୀ ପ୍ରମୁଖ ସହଯୋଗ କରିଥିଲେ। ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କର କର୍ମଚାରୀ ବିପିନ ପାଢ଼ୀ, ଲକ୍ଷ୍ମୀ ନୃସିଂହ ମାଝୀ, ସୀମାଞ୍ଚଳ ସେଠୀ, ଅର୍ଚ୍ଚନା ସାହୁ ଓ ବିଜୟ କୁମାର ମହାକୁଡ଼ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ସହ ରକ୍ତଦାନ ଶିବିର, ବୃକ୍ଷରୋପଣ, ସଡ଼କ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟ ଶିବିର ଭଳି ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟକ୍ରମ ବର୍ଷତମାମ ଆୟୋଜନ କରାଯାଉଛି।


**AFFIDAVIT**

By virtue of an affidavit SL No.3029, Dt-11.08.2026, sworn before the Executive Magistrate, Badabil, Kendujhar, I, Rajani Kanta Lohar, 42yrs, S/o-Late Krushna Lohar, Vill/Po-Jajang, Ps-Bamebari, Dist-Kendujhar, Odisha, Pin-758034, declare that I have changed the name of my minor son from Hemakanta Lohar (old name) to Hitanshu Lohar (new name). Henceforth, he will be known as Hitanshu Lohar for all purposes.

**Rajani Kanta Lohar**
Deponent

**AFFIDAVIT**

By virtue of an affidavit No. 900, Dt. 25.03.2026, sworn before Executive Magistrate, Champua, I, Sushil Behera, S/o -Birabara Behera, Vill/Po-Tukudiha, Ps-Baria, Dist-Keonjhar, Odisha, Pin-758032, declare that I have changed the name of my minor Son from Lakhspati Behera (old name) to Lakhitpati Behera(new name). Henceforth, He shall be known as Lakhitpati Behera for all purposes.

**Susil Behera**
**Deponent**

**NOTICE**

By virtue of an affidavit sworn before the EXECUTIVE MAGISTRATE, BHADRAK on Affidavit No-9747, Dated 19TH Aug 2026, I, Ms. MAMINA SENAPATI, D/o-RABINDRA SENAPATI, Address AT-PALIKIRI, PO-PALIKIRI, PS-DHAMNAGAR, DIST-BHADRAK, Pin-756117, Odisha, I have changed my name from MAMUNI SENAPATI to "MAMINA SENAPATI. "Henceforth, I shall be known as MAMINA SENAPATI" for all purposes.

**MAMINA SENAPATI**

**AFFIDAVIT**

By virtue of an affidavit SL No.15, Dt-21.08.2026, sworn before the Executive Magistrate, Keonjhar, I, Santilata Dash, W/o-Late Banmali Dash, Vill-Hatiatangar, Buladwar Sahi, Po-Keonjhargarh, Ps-Town, Dist-Keonjhar, Odisha, 758001, declare that I have changed my name from Sashilata Das (old name) to Santilata Dash (new name). Henceforth, I shall be known as Santilata Dash for all purposes.

**Santilata Dash**
Deponent

**AFFIDAVIT**

By virtue of an affidavit SL No.40-8611, Dt-22.08.2026, sworn before the Notary Public, Keonjhar, I, Subash Chandra Sahoo, S/o-Nabakishore Sahoo, Vill-Sanamanoharpur, Po-Badapada, Ps-Patamundai, Dist-Kendrapada, Odisha, Pin-754245, declare that I have changed the name of my minor son from Samyaranjan(old name) to Soumyranjan Sahoo (new name). Henceforth, he will be known as Soumyranjan Sahoo for all future purposes.

**Subash Chandra Sahoo**
Deponent

**AFFIDAVIT**

By virtue of an affidavit SL No.14, Dt-21.08.2026, sworn before the Executive Magistrate, Keonjhar, I, Jitu Sahoo, S/o-Shiba Shankar Sahoo, Vill/Po/Ps-Jhumpura, Dist-Keonjhar, Odisha, declare that I have changed my name from Amarit Sahu (old name) to Jitu Sahoo (new name). Henceforth, I shall be known as Jitu Sahoo for all purposes.

**Jitu Sahoo**
Deponent

**AFFIDAVIT**

I, Urmila Kodamasingh, age about 43 years, W/o-Santosh Kumar Dhal, resident of Flat No-B/202, 2nd Floor, Mahodadhi Nilaya, Tamando, Ps-Khandagiri, Bhubaneswar, Pin-751030, Odisha, declared by this affidavit No: 2198, Dated 22.08.2026 that now onwards I Shall be known as Urmila Dhal for all future Purposes.

**AFFIDAVIT**

I, Syamsundar Pujapanda, S/o-Late Purnachandra Pujapanda, resident of Damodar Road, Lokanath Road, Ps-Baseli Sahi, Po/Dist-Puri, Pin-752001, Odisha, declare by this Affidavit No. 05, dated 21.08.2026 that now onwards I shall be known as Shyamsundar Pujapanda for all future puroposes.

**AFFIDAVIT**

I , Lipsa Rani Padhy, W/o Purna Chandra Padhi, Resident of Plot No:1003/6410, Greenpark, 5th lane, Jagmohan Nagar, PO-Jagamara, PS-Khandagiri, Bhubaneswar, Pin-750130, Odisha declare by this Affidavit dated 19/08/2026 that now onwards I shall be known as Lipsa Rani Padhi for all future purposes.

## ଆଭାସ ଦେ ହେଲେ ମୟୂରଭଞ୍ଜ-୧ ବିଜୁ ଛାତ୍ର ଜନତା ସଭାପତି

ବାରିପଦା,୨୩।୮(ନି.ପ୍ର): ବିଜୁ ଛାତ୍ର ଜନତା ଦଳ ସାଙ୍ଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଭିନ୍ନ ବିଭାଗର ସଂଗଠନିକ ପୁର୍ନଗଠନ କରିଛନ୍ତି। ଏହି କ୍ରମରେ ମୟୂରଭଞ୍ଜ-୧ ସାଙ୍ଗଠନିକ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ନୂତନ ସଭାପତି ଭାବେ ଯୁବ ନେତା ଆଭାସ ଦେଙ୍କୁ ନିଯୁକ୍ତି ଦେଇଛନ୍ତି। ବିଜେଡି ସୁପ୍ରିମୋ ତଥା



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଏହି ଘୋଷଣା କରିଛନ୍ତି। ସଂଗଠନରେ ଆଭାସଙ୍କ ସକ୍ରିୟତା, ନିଷ୍ଠା ଓ ଛାତ୍ର ସମାଜରେ ଥିବା ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଦଳୀୟ ହାଇକମାଣ୍ଡ ତାଙ୍କ ଉପରେ ଏହି ଗୁରୁତ୍ୱପୂର୍ଣ୍ଣ ଭରସା କରିଛନ୍ତି। ଏହି ଘୋଷଣା ପରେ ସମଗ୍ର ଜିଲ୍ଲା ବିଜେଡି ଶିବିରରେ ଉତ୍ସାହର ଲହରୀ ଖେଳିଯାଇଛି। ନୂତନ ଦାୟିତ୍ୱ ପାଇବା ପରେ ଆଭାସ ଦେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ଶୀର୍ଷ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲାର ପ୍ରତ୍ୟେକ କଲେଜ ଓ ଶିକ୍ଷାନୁଷ୍ଠାନ ସ୍ତରରେ ଛାତ୍ର ସଂଗଠନକୁ ଅଧିକ ମଜଭୁତ କରିବା ସହ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ନିରନ୍ତର କାର୍ଯ୍ୟ କରିବେ ବୋଲି ଶ୍ରୀ ଦେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ନିଯୁକ୍ତି ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ବନ୍ୟା ବିପନ୍ନଙ୍କୁ ବିଜେପି ମହିଳା ମୋର୍ଚ୍ଚାର ସହାୟତା

କେନ୍ଦ୍ରାପଡା,୨୩।୮(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ତରଫରୁ ପଟ୍ଟାମୁଣ୍ଡାଇ ବ୍ଲକ ବନ୍ୟା ବିପନ୍ନଙ୍କୁ ବିଜେପି ଜିଲ୍ଲା ସଭାନେତ୍ରୀ ଡକ୍ଟର ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ରିଲିଫ୍ ବଣ୍ଟନ କରାଯାଇଛି। ବିପନ୍ନ ମାନଙ୍କ ପାଇଁ ଚୂଡା, ଚିନି, ବିସ୍କୁଟ, ଅମୁଲ୍, ଓଆର୍‌ଏସ୍, ମିକଶ୍ଚର, ପିଇବା ପାଣି ବୋତଲ, ପାଉଁରୁଟି ଇତ୍ୟାଦି ବଣ୍ଟନ କରାଯାଇଛି। ଏହି



ଅବସରରେ ଡକ୍ଟର ଜେନା ବନ୍ୟା ପାଣି ଭିତରେ ପଶି ଲୋକମାନଙ୍କ ଭଲ ମନ୍ଦ ବୁଝିବା ସହିତ ବିପନ୍ନଙ୍କ ପରିବାରରେ କିଛି ସମୟ କଟାଇଥିଲେ। ଜିଲ୍ଲା ପ୍ରଶାସନ ଏ ନେଇ ଡକ୍ଟର ଜେନାଙ୍କୁ ତିନିଗୋଟି ଡଙ୍ଗା ଯୋଗାଇ ଦେଇଥିଲା। ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ ରିଲିଫ୍ ସାମଗ୍ରୀ ଡଙ୍ଗାରେ ନେଇ ବିପନ୍ନଙ୍କ ପାଖରେ ପହଁଚାଇଥିଲେ। ଡକ୍ଟର ଜେନା ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଥିଲେ। ତାଙ୍କର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଭରତ ଭୂଷଣ ଦାସ, ଗିରିଜାଶଙ୍କର ଦାସ, ବନ୍ଦନାରାଣୀ ରାଉତରାୟ, ରଶ୍ମିତା ସାହୁ, ପ୍ରିୟଙ୍କା ଶତପଥୀ, ମିନାରାଣୀ ଦାସ, ମଧୁସ୍ମିତା ମଲ୍ଲ, ପଙ୍କଜିନୀ ସାମଲ, ସୁଷମା ଭୂୟାଁ, ହିମାଂଶୁ ଲେଙ୍କା, ରଶ୍ମିରଂଜନ ରାଉତ, ଅନିଲ୍ ସ୍ୱାଇଁ, ପଙ୍କଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଳ ଛପର ଉପରେ ଚାରିଦିନ

ଯାଜପୁର,୨୩।୮(ନି.ପ୍ର): ଗତ ପ୍ରଳୟଙ୍କାରୀ ବନ୍ୟା ପରେ ବନ୍ୟା ବିପନ୍ନ ଅଞ୍ଚଳକୁ ଖବର ସଂଗ୍ରହ କରିବାକୁ ଯାଇଥିବା ଯାଜପୁର ଜିଲ୍ଲା ପ୍ରେସ୍ କ୍ଲବ୍‌ର ଗଣମାଧ୍ୟମ ପ୍ରତିନିଧିମାନେ ଯାଜପୁର ବ୍ଲକ ଅନ୍ତର୍ଗତ ସିମିଳିଆ ପଞ୍ଚାୟତକୁ ଯାଇଥିଲେ। ସେଠାରେ ଖବର ସଂଗ୍ରହ କରୁଥିବା ସମୟରେ ଏହି ପଞ୍ଚାୟତର ୧୩ ନମ୍ବର ୱାର୍ଡରୁ ଏକ ହୃଦୟ ବିଦାରକ ଖବର ହସ୍ତଗତ ହୋଇଥିଲା। ଘଟଣାରୁ ପ୍ରକାଶ ଯେ ଏହି ୱାର୍ଡର ଏକ ନିର୍ଜନ ସ୍ଥାନରେ ପାଖାପାଖି ୯ ବର୍ଷ ହେବ ତିନୋଟି ଆଦିବାସୀ ସଂପ୍ରଦାୟ ପରିବାରର ୧୩ ଜଣ ସଦସ୍ୟ ଘର କରି ରହି ଆସୁଛନ୍ତି। ଏ ଅଞ୍ଚଳରେ ଦିନ ମଜୁରିଆ ଭାବେ କାମଦାମ କରି ଜୀବନ ଯାପନ କରନ୍ତି। ଚଳିତ ବର୍ଷର ତୃତୀୟ ବନ୍ୟାରେ ହଠାତ୍ ସେମାନଙ୍କ ଘରେ ପାଣି ପଶି ଯାଇ ଘରର କାନ୍ଥ ସବୁ ଭାଂଗି ପଡିଥିଲା । ଏହି ତିନି ପରିବାରର ଜେମାମଣୀ ବାଲମୁଚ୍ ସ୍ୱାମୀ ଜଟିଆ ବାଲମୁଚ୍, ସୀତା ବାଲମୁଚ୍, ସ୍ୱାମୀ ସୋନୁ ବାଲମୁଚ୍



ଲକ୍ଷ୍ମୀ ପିଂଗୁଆ ସ୍ୱାମୀ, ଲକି ପିଂଗୁଆ ନିରୁପାୟ ହୋଇ ପିଲାମାନଙ୍କୁ ନେଇ ଗୋଟିଏ ଘରର ଚାଳ ଉପରେ ଗତ ୧୬ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଚାରିଦିନ କାଳ ଚାଳ ଛପର ଉପରେ କେବଳ କିଛି ଚାଉଳ ଚୋବାଇ ନଇ ପାଣି ପିଇ ଜୀବନଯାପନ କରିଥିଲେ। ଜିଲ୍ଲା ପ୍ରଶାସନ ସୁଚାରୁ ରୁପେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ବାଜିବା ସହିତ ସବୁ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। ହେଲେ ସ୍ଥାନୀୟ ୱାର୍ଡ ମେମ୍ବର ଠାରୁ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପ୍ରଶାସନ କେହି ଜଣଏ ହେଲେ ଅଦ୍ୟାବଧି ଏମାନଙ୍କ ପାଖରେ ପହଞ୍ଚି ଥିବା ଦେଖାଯାଇ ନାହିଁ। ସେମାନଙ୍କ କହିବା ଅନୁସାରେ ପାଣି ଛାଡିଲା ପରେ ଏ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଣ୍ଡା କେବଳ କିଛି ଶୁଖିଲା ଖାଦ୍ୟ ଦେଇଥିବା ବେଳେ ଗତକାଲି ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ ମଧ ସେମାନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ ଓ ପାଲ ପ୍ରଦାନ କରିଛନ୍ତି। ପଞ୍ଚାୟତର ସବୁଆଡେ ମାଗଣା ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଥିଲେ ମଧ ଏମାନଙ୍କ ଉପରେ ସତେ ଯେମିତି କାହାରି ନଜର ପଡିନାହିଁ । ଏ ଖବର ଜଣାପଡିବା ପରେ ସାଧାରଣରେ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ନେତୃତ୍ୱକୁ ସାଧାରଣରେ ନିନ୍ଦା କରାଯାଇଛି।

## ମୋଦୀ ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ବିଜେପି ପକ୍ଷରୁ ପୂଜାର୍ଚ୍ଚନା

ବାରିପଦା/ରାଇରଙ୍ଗପୁର,୨୩।୮(ନି.ପ୍ର): ନିପ୍ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃବାଧୀନ ବିଜେପି-ଏନ୍.ଡି.ଏ. ସରକାରର ସେବା, ସୁଶାସନ ଓ ଗରୀବ କଲ୍ୟାଣର ବାର ବର୍ଷ ପୂର୍ତ୍ତି ତଥା ଶ୍ରୀ ମୋଦୀ ସ୍ୱାଧୀନ ଭାରତବର୍ଷର ଦୀର୍ଘତମ-ସମୟ-ସେବାକାରୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ପ୍ରତିଭାତ ହେବା ଅବସରରେ ବୁଧବାର



ଦିନ ବିଜେପି ବାରିପଦା ନଗର ଶାଖାର କର୍ମକର୍ତ୍ତାମାନେ ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିରରେ ଦୀପଦାନ ଓ ପୂଜା ଅର୍ଚ୍ଚନା କରିଛନ୍ତି। ସରକାରଙ୍କ ଉପଲବ୍ଧି ପାଇଁ ଠାକୁରଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ସରକାରଙ୍କ ସୁଶାସନ ଓ ସଫଳତାର ନିରବଚ୍ଛିନ୍ନତା ବଜାୟ ରହିବା ସକାଶେ ଏହି ଅବସରରେ ସେମାନେ ପ୍ରାର୍ଥନା କରିଛନ୍ତି। ବାରିପଦାର ଦୁଇ ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ନେତୃତ୍ୱରେ ଏକ ଗମ୍ଭୀର ପରିବେଶରେ ଅନୁଷ୍ଠିତ ଏହି ପୂଜାର୍ଚ୍ଚନା ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଜିଲ୍ଲା ପ୍ରବକ୍ତା ନରୋତ୍ତମ ପାଣିଗ୍ରାହୀ ତଥା ସର୍ବଶ୍ରୀ ଲକ୍ଷ୍ମୀଧର ହାବଡ଼ା, ବିଜୟ କୁମାର ଦାସ, ନିରଞ୍ଜନ ଦାଶ, ରସିକାନନ୍ଦ ମିଶ୍ର, ତରୁଣ ପାଲବାବୁ, ଶମ୍ଭୁନାଥ ସାହୁ, ବିକାଶ ବାରିକ, ଶଙ୍କର୍ଷଣ ପଣ୍ଡା, କଳ୍ପତରୁ ରାୟବାବୁ, ରାଜୀବ ଦାସ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିବା ଜଣାଯାଇଛି।

## ବନ୍ୟା ପ୍ରସ୍ତୁତି ଓ ସ୍ୱାସ୍ଥ୍ୟସେବା ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭଦ୍ରକ,୨୩।୮(ନି.ପ୍ର): ଓଡ଼ିଶାର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍କ ଆଜି ଭଦ୍ରକରେ ଆୟୋଜିତ ଉଚ୍ଚସ୍ତରୀୟ ବନ୍ୟା ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲ୍ଲାରେ ଜାରି ରହିଥିବା ବନ୍ୟା ପରିସ୍ଥିତି ସହିତ



ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି, ତତ୍ପରତା ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ା. ରବୀନ୍ଦ୍ର ନାଥ ମିଶ୍ରଙ୍କ ସମେତ ବୈଠକରେ ବିଭାଗୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗ୍ରହଣ କରାଯାଇଥିବା ବିସ୍ତୃତ ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ଏଥିମଧ୍ୟରେ ଜିଲ୍ଲା ନିୟନ୍ତ୍ରଣ କକ୍ଷ ନମ୍ବର ୯୪୩୯୯୯୪୪୫୯, ଜିଲ୍ଲା ମନିଟରିଂ ଟିମ୍ ଗଠନ, ସର୍ବାଧିକ ପ୍ରଭାବିତ ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ତିହିଡ଼ି ବ୍ଲକରେ ୧୬ଟି ମେଡିକାଲ ରିଲିଫ୍ ସେଣ୍ଟର ଖୋଲାଯିବା, ୮ଟି ରାପିଡ୍ ରେସ୍ପନ୍ସ ଟିମ୍ ଓ ୧୦ଟି ମୋବାଇଲ୍ ହେଲ୍‌ଥ ୟୁନିଟ୍ ନିୟୋଜନ ଏବଂ ନିରନ୍ତର ଘରକୁ ଘର ସ୍ୱାସ୍ଥ୍ୟ ସର୍ଭେଲାନ୍ସ ଅନ୍ତର୍ଭୁକ୍ତ ରହିଛି। ଆଜି ସୁଦ୍ଧା ଭଦ୍ରକ ଜିଲ୍ଲାର ୫ଟି ବ୍ଲକ୍-ବରପଦା, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଧାମନଗର ଓ ତିହିଡ଼ିର ୬୬ଟି ଗ୍ରାମପଞ୍ଚାୟତ ଅଧୀନ ୨୪୪ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏଥିରେ ପ୍ରାୟ ୨,୯୯,୭୮୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି-ସ୍ନେକ୍ ଭେନମ୍, ବ୍ଲିଚିଂ ପାଉଡର, ହାଲାଜୋନ୍ ଟାବଲେଟ୍ ଓ ମହଜୁଦ ରଖି ଆବଶ୍ୟକ ସ୍ଥଳେ ଯୋଗାଇବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୋଟ ୧୬ଟି ସାପ କାମୁଡ଼ା ଘଟଣା ରିପୋର୍ଟ ହୋଇଥିବା ବେଳେ ସାପ କାମୁଡ଼ା ନିରୋଧକ ଔଷଧ ଦିଆଯାଇଛି । ୧୦୭ଟି ଝାଡ଼ାବାନ୍ତି ମାମଲା ଚିହ୍ନଟ ହୋଇଥିବାବେଳେ ୧୨,୭୮୬ ଜଣଙ୍କୁ ସାମାନ୍ୟ ରୋଗର ଚିକିତ୍ସା ପ୍ରଦାନ କରାଯାଇଛି। ଏଥିସହ ୫୫ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ୨୧ଟି ପ୍ରସବ ସୁରକ୍ଷିତ ଭାବେ ସମ୍ପନ୍ନ ହୋଇଛି। ରୋଗ ନିରୀକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସକ୍ରିୟ ରଖାଯାଇଛି। ଏପର୍ଯ୍ୟନ୍ତ ୨୧ଟି ରେକ୍ଟାଲ୍ ସ୍ୱାବ୍ ଓ ୬୫୭ଟି ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇଛି। ବନ୍ୟା ପରିସ୍ଥିତିରେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ର ସକ୍ରିୟ, ସମନ୍ୱିତ ଓ ତ୍ୱରିତ ପଦକ୍ଷେପକୁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ପ୍ରଭାବିତ ଅଞ୍ଚଳରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ରଖିବା, ସଠିକ ସମୟରେ ଚିକିତ୍ସା ସହାୟତା ପହଞ୍ଚାଇବା ଏବଂ ରୋଗ ନିରୀକ୍ଷଣକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବନ୍ୟା ମୁକାବିଲା ଓ ଜନସ୍ୱାସ୍ଥ୍ୟ ହସ୍ତକ୍ଷେପକୁ ଅଧିକ ବ୍ୟାପକ କରିବା ପାଇଁ ଜାତୀୟ ଆୟୁଷ ମିଶନ୍ ଅଧୀନରେ କାର୍ଯ୍ୟରତ ଆୟୁଷ ମେଡିକାଲ ଅଫିସରମାନଙ୍କୁ ସକ୍ରିୟ ଭାବେ ସାମିଲ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

## ପାଣିରେ ବୁଡ଼ି ଛାତ୍ରୀଙ୍କ ମୃତ୍ୟୁ

ଧାମନଗର,୨୩।୮(ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ଗ୍ରାମ ନାଥସାହିର ଚକ୍ରଧର ନାଥଙ୍କ ସାନ ଝିଅ ଇପ୍ସିତା ନାଥଙ୍କ ଅକାଳ ବିୟୋଗ। ଖୁଦୁରୁକୁଣୀ ପୂଜା ପାଇଁ ଫୁଲ ତୋଳି ସାରି ୩ ଜଣ ସାଙ୍ଗଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲେ । ଅସାବଧାନତା




ବଶତ ରେବ ନଦୀ ତୁଠରେ ଗୋଡ଼ ଖସିଯିବାରୁ ସ୍ରୋତରେ ଭାସିଯାଇଥିଲେ ନାବାଳିକା ଛାତ୍ରୀ ଇପ୍ସିତା।

ପରିବାର ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା କେବଳ ପରିବାର ନୁହେଁ, ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି ।

## ବ୍ୟବସାୟୀଙ୍କ ପରଲୋକ ଶ୍ରଦ୍ଧାଞ୍ଜଳି ଦେଲେ ବିଧାୟକ

କେନ୍ଦ୍ରାପଡା,୨୩।୮(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ପ୍ରତିଷ୍ଠିତ ବ୍ୟବସାୟି ହାଜି ମିର୍ ରହେମତ



ଅଲ୍ଲୀଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। କେନ୍ଦ୍ରାପଡା ସହର ସଂଲଗ୍ନ କପାଳେଶ୍ୱର ପଂଚାୟତ ଗରାପୁର ଗ୍ରାମର ଢ ରହେମତ ଅଲ୍ଲୀଙ୍କ ପରଲୋକର ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବ୍ଲକ ଉପସଭାପତି ପ୍ରତାପ ନାରାୟଣ ମହାପାତ୍ରଙ୍କ ସମେତ ଆଇନ୍‌ଜିବୀ, ବୃଦ୍ଧିଜିବୀ, ସମାଜସେବୀଙ୍କ ସହିତ ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସେ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଅବସ୍ଥାରେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ତାଙ୍କର ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣି ପ୍ରମୁଖ ଉପସ୍ଥିତ ଥିଲେ। ଗରାପୁର ସ୍ଥିତ ତାଙ୍କ ନିଜସ୍ୱ ଜାଗାରେ ତାଙ୍କୁ କବର ଦିଆଯାଇଥିଲା। ତାଙ୍କ ମୃତ୍ୟୁର ଖବର ଜଣାପଡିବାପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ଗୋଟିଏ କକ୍ଷରେ ୩ ଡାକ୍ତରଙ୍କ ଚିକିତ୍ସା: ରୋଗୀ ହିନସ୍ତା

ହିନ୍ଦୋଳ,୨୩।୮(ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ମାସ ହେ ଗୋଟିଏ କକ୍ଷରେ ତିନି ତିନି ଜଣ ଡାକ୍ତରଙ୍କୁ ନେଇ ଚାଲୁ ରହିଛି ବର୍ହିବିଭାଗ ଚିକିତ୍ସା ସେବା।ଫଳରେ ଗାଁ ଗହଳି ଓ ଦୂର୍ ଦୂରାନ୍ତରୁ ଚିକିତ୍ସା ସେବା ଆଶାରେ ପ୍ରତ୍ୟହ



ଆସୁ ଥିବା ରୋଗି ମାନେ ହିନସ୍ତା ହେଉ ଥିବା ଦେଖା ଯାଉଛି। କେବଳ ରୋଗୀ ନୁହେଁ ସେମାନଙ୍କୁ ସଙ୍ଗରେ ନେଇ ଆସୁଥିବା ପରିଜନ ମାନେ ମଧ ସମଦଶା ଭୋଗୁଛନ୍ତି । ପୁର୍ବରୁ ୩/୪ଟି ଭିନ୍ନ ଭିନ୍ନ କକ୍ଷରେ ଭିନ୍ନ ଭିନ୍ନ ବିଭାଗର ଡାକ୍ତରମାନେ ନିର୍ଦ୍ଦିଷ୍ଟ ସମୟରେ ରୋଗୀ ମାନଙ୍କୁ ଚିକିତ୍ସା ସେବା ଦେଇ ଆସି ଥିବା ବେଳେ ଏବେ ସେଥିରେ ବ୍ୟତିକ୍ରମ ଘଟି ଥିବାରୁ ସ୍ଥାନିୟ ବୁଦ୍ଧିଜୀବି ମହଲରେ ଉଦବେଗ ପ୍ରକାଶ ପାଇଛି। ଗତ ସରାକରଙ୍କ ସମୟରେ ମୋ ଡ଼ାକ୍ତରଖାନା ଯୋଜନାରେ ଅନ୍ୟାନ୍ୟ ଡ଼ାକ୍ତରଖାନା ଭଳି ଏଠାରେ ମଧ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତି କରଣ କାର୍ଯ୍ୟ କରାଯାଇଥିଲେ ମଧ ବହିର୍ବିଭାଗ ଚିକିତ୍ସା ସେବା ପାଇଁ ସେଭଳି କୌଣସି ଦୃଷ୍ଟାନ୍ତ ମୂଳକ ସ୍ୱତନ୍ତ କକ୍ଷ ନିର୍ମାଣ କରା ଗଲା ନାହିଁ। ଫଳରେ ସମସ୍ୟା ଯଥା ପୂର୍ବମ ତଥା ପରମ ଭଳି ରହିଯାଇଛି। ଡ଼ାକ୍ତରଖାନା ପରିସରରେ ୧୦ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଚକ୍ଷୁ ବିଭାଗ ଥାଇ ଧିରେ ଧିରେ ଭାଙ୍ଗି ରୁଜି ଯିବାରୁ ଚକ୍ଷୁ ବିଭାଗକୁ ଡ଼ାକ୍ତରଖାନାର ଏକ ସ୍ୱତନ୍ତ୍ର କକ୍ଷକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ଦନ୍ତ ବିଭାଗ ସପ୍ତାହକୁ ଦୁଇ ତିନି ଦିନ ଖୋଲା ରହି ଅଯଥା ଏକ କକ୍ଷକୁ ଅକୁରି ବସିଛି। ବ୍ୟବସ୍ଥା ଗତ ତ୍ରୁଟି ଯୋଗୁଁ ଏଭଳି ଅସୁବିଧା ଲାଗି ରହିଥିବାରୁ ଅଞ୍ଚଳ ବାସୀଙ୍କ ମଧ୍ୟରେ କ୍ଷୋଭ ଅସନ୍ତୋଷ ବଢୁଛି। ପ୍ରତିଦିନ ସକାଳ ୮ ଟା ଠାରୁ ମଧାହ୍ନ ୧୨ ଟା ଯାଏଁ ରୋଗୀ ମାନେ ବହୀର୍ବିଭାଗ କକ୍ଷ ସାମ୍ନା ବାରଣ୍ଡାରେ ଲମ୍ବା ଧାଡ଼ି କରୁଥିବାର ଦେଖା ଯାଉଛି। ଡ଼ାକ୍ତରଖାନା କର୍ତ୍ତୃପକ୍ଷ ଏ ସମସ୍ତ ସ୍ଥାନୀୟ ସମସ୍ୟା ଗୁଡ଼ିକ ପ୍ରତି ଯତ୍ନବାନ ହେବାକୁ ସାଧାରଣରେ ଦାବି ହେଉଛି।

ସମସ୍ୟା ଓ ଏହାର ସମାଧାନ ସଂପର୍କରେ ହିନ୍ଦୋଳ ଏସଡିଏମ୍‌ଓଙ୍କୁ ପଚାରିବାରେ ସେ ଆବଶ୍ୟକ କକ୍ଷ ନଥିବା ଏଂ ଦିନକୁ ଦିନ ଡାକ୍ତର ସଂଖ୍ୟା କମୁ ଥିବାରୁ ସମସ୍ୟା ସମାଧାନ ହେବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ ନୂଆ ଭାବେ ଆସିଛନ୍ତି, ଏ ସଂପର୍କରେ ପଚାରି ବୁଝି ପଦେକ୍ଷପ ନେବେ ବୋଲି କହିଛନ୍ତି।

## ପୁନର୍ବାସ ପକ୍ଷରୁ ମନନ କାର୍ଯ୍ୟକ୍ରମ

କେନ୍ଦ୍ରାପଡା,୨୩।୮(ନି.ପ୍ର): ଜିଲ୍ଲାର ଏକମାତ୍ର ଭିନ୍ନକ୍ଷମ କ୍ଷେତ୍ରରେ ଥେରାପି ଚିକିତ୍ସା ସେବ ଓ ସଚେତନ ପ୍ରଦାନ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ମନନ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଶିଶୁ ବ୍ୟକ୍ତି ବିଶେଷଙ୍କ ପ୍ରଯତ୍ନ ଶିକ୍ଷା ଓ ଥେରାପି ଗତ ହସ୍ତକ୍ଷେପ ପ୍ରଭୃତିରେ ରହିଥିବା ବିବିଧତା ଏବଂ ଅବଧାରଣା ସମ୍ପର୍କିତ ଜ୍ଞାନକୁ ପରିପ୍ରସାର କରାଇବା ଏହି ମାସିକ



ମନନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଡକ୍ଟର ବିରଜା ରାଉତରାୟ ପ୍ରକାଶ କରିଛନ୍ତି। ଆଗକୁ ଏହି କାର୍ଯ୍ୟକ୍ରମ ଜିଲ୍ଲାର ସ୍ୱତନ୍ତ୍ର ବିଦ୍ୟାଳୟ, ଦିବ୍ୟାଙ୍ଗ ଶିଶୁମାନଙ୍କ ଅଭିଭାବକ, କର୍ମଚାରୀ ମାନଙ୍କୁ ପର୍ଯ୍ୟାୟକ୍ରମେ ନିମନ୍ତ୍ରିତ କରାଯିବ ବୋଲି ସୂଚନା ଦେଇଛନ୍ତି। ପୁନର୍ବାସ ପରିସରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବରିଷ୍ଠ ଅକ୍ୟୁପେଶନାଲ୍ ଥେରାପିଷ୍ଟ ଗିରିଜା ଶଙ୍କର ଖୁଂଟିଆ, ଡିସପ୍ରାକ୍ସିଆ ଏହାର ଜଟିଳ ସ୍ୱରୂପ ପରିଚାଳନା ବିଷୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥେରାପିଷ୍ଟ କୀର୍ତ୍ତି ଦାସ, ତପସ୍ୱିନୀ ରଥ, ଆବୃତି ବେହେରା, ଏସ୍‌କେ ମୁବାସିର୍, କମଳାକାନ୍ତ ବିଶ୍ୱାଳ, ସାଇଶ୍ରୀତା ମେକାପ, ନିତୁରାଣୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

## ଦିଲ୍ଲୀପ ସଭାପତି ଓ ସୁନୀଲ ସମ୍ପାଦକ ନିର୍ବାଚିତ

ବାରିପଦା,୨୩।୮(ନି.ପ୍ର): ସ୍ଥାନୀୟ ଲାଲବଜାର ସ୍ଥିତ ଶିକ୍ଷକ ଭବନ ପରିସରରେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଆରତ କୁମାର ପରିଡାଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବତନ ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ ଜିଲ୍ଲା ସଂଘର ଗୌରବମୟ ସଂଘର୍ଷପୂର୍ଣ୍ଣ ଇତିହାସ ଉପରେ ଆଲୋକପାତ କରିବା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶିକ୍ଷକ ସମାଜର ସୁଖଦୁଃଖର ସାଥି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସାଙ୍ଗଠନିକ ସମ୍ପାଦକ ବଳରାମ ନାଥ, କୋଷାଧ୍ୟକ୍ଷ ଅଞ୍ଜନ ପାତ୍ର, ଉପଦେଷ୍ଟା ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ରହି ସଂଘୀୟ କାର୍ଯ୍ୟକଳାପ ଉପରେ ନିଜନିଜର ମତବ୍ୟକ୍ତ କରିଥିଲେ. ଏହି ଅବସର ରେ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ, ଦିଲ୍ଲୀପ କୁମାର ପାତ୍ର ସଭାପତି, ରଞ୍ଜନ କୁମାର ବାରିକ କାର୍ଯ୍ୟକାରୀ ସଭାପତି, ଗାୟତ୍ରୀ ବେହେରା ଉପସଭାପତି, ଲଳିତ କୁମାର ବେହେରା, ଚନ୍ଦ୍ରାବତୀ ମହାନ୍ତ, ସବିତାରାଣୀ ବାଗ - ସାଙ୍ଗଠନିକ ସମ୍ପାଦକ, କ୍ଷେତ୍ରମୋହନ ପ୍ରଧାନ, ଦେବବ୍ରତ ବାରିକ ଓ ମନୋଜ କୁମାର ବାରିକ ଜୋନାଲ ସମ୍ପାଦକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ଦେ, ଚନ୍ଦ୍ରମୋହନ ବେହେରା ଜିଲ୍ଲା ସଂଯୋଜକ ପ୍ରମୁଖ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତା ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ଶିକ୍ଷକ ନେତା ଶମ୍ଭୁନାଥ ପାଣି, ଈଶ୍ୱର ଚନ୍ଦ୍ର ବେହେରା ଓ ରାମକୃଷ୍ଣ ସାହୁ ର୍ନିବାଚନ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଓଡ଼ିଶା କୁଡୁମୀ ସେନାର ସାମ୍ବାଦିକ ସମ୍ମିଳନୀ

ରାଇରଙ୍ଗପୁର/ବାରିପଦା,୨୩।୮(ନି.ପ୍ର): ରାଇରଙ୍ଗପୁରସ୍ଥ ପିସିଏମ୍ କଲ୍ୟାଣ ମଣ୍ଡପ ଠାରେ ଓଡିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତଙ୍କ ନେତୃତ୍ୱରେ ଓଡିଶା କୁଡୁମୀ ସେନାର କଳା ଦିବସ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ



ଅନୁଷ୍ଠିତ ହୋଇଯାଇଛି। ୧୯୫୦ ମସିହା ସେପ୍ଟେମ୍ବର ୬ ରେ ସେତେବେଳର କେନ୍ଦ୍ର ସରକାର କୌଣସି କାରଣ ନ ଥାଇ ଚକ୍ରାନ୍ତ କରି କୁଡୁମୀ ଜାତିକୁ ଏସ.ଟି ତାଲିକାରୁ ବାଦ ଦେଇଛନ୍ତି ଉକ୍ତ ଦିନଟି କୁଡୁମି ଜାତି ପାଇଁ ଅଭିଶାପ ତଥା ଅନ୍ୟାୟର ଦିନ ବୋଲି କହି ସେପ୍ଟେମ୍ବର ୬ କୁ କଳା ଦିବସ ରୁପେ କୁଡୁମୀ ଜାତି ପାଳନ କରି ଆସୁଛି। କୁଡୁମୀ ଜାତି କୁ ପୁନଃ ଏସ. ଟି ବର୍ଗରେ ସାମିଲ କରିବା ପାଇଁ ଓଡିଶା କୁଡୁମୀ ସେନା ଜାରି ରଖିଥିବା ସଂଗ୍ରାମ ବର୍ତ୍ତମାନ ଏକ ନିର୍ଣ୍ଣାୟକ ମୋଡ଼ରେ ଆସି ପହଞ୍ଚିଛି ବୋଲି ବୈଠକରେ ଆଲୋଚନା ହୋଇଥିଲା । ଓଡିଶା କୁଡୁମୀ ସେନା ବିଭିନ୍ନ ସମୟରେ ଜାତିର ମୌଳିକ ଅଧିକାର ଓ ହକ ପାଇଁ ଲଢେଇ କରି ଆସୁଛି, ସଡକରୁ ସଂସଦ ପର୍ଯ୍ୟନ୍ତ, ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ, ରାସ୍ତା ରୋକ ଠାରୁ ମୁଖ୍ୟମନ୍ତ୍ରୀ ନିବାସ ଘେରାଉ ପର୍ଯ୍ୟନ୍ତ, ବୃକ୍ଷ ରୋପଣ ଠାରୁ ରକ୍ତଦାନ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମଠାରୁ ଜାତ ଜଳନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରିଆସୁଛି ବୋଲି ଉପସ୍ଥିତ କୁଡୁମୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷମାନେ ମତ ରଖିଥିଲେ। ତାଙ୍କ ମୁଖ୍ୟ ଦାବୀ ଗୁଡିକ ହେଲା :- କୁଡୁମୀ ଜାତିକୁ ପୁନଃ ଅନୁସୂଚିତ ଜନଜାତିରେ ସାମିଲ କରାଯାଉ, କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦ ରେ ସାମିଲ କରାଯାଉ, କୁଡୁମୀ ଜାତିର ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଉ । କୁଡୁମୀ ଜାତିର ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ଆସନ୍ତା ସେପ୍ଟେମ୍ବର ୬ ତାରିଖ ଦିଲ୍ଲୀ ଯନ୍ତର ମନ୍ତରରେ ହେବାକୁ ଥିବା କଳା ଦିବସରେ ଯୋଗଦାନ କରି ଏ ଜାତିର ଏକତା ବଜାଇ ରଖିବେ ଏବଂ ସରକାରଙ୍କ ସହ ନିଜର ହକ ଲଢେଇରେ ନିଜକୁ ସାମିଲ କରିବେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ରାଜ୍ୟ ସମ୍ପାଦକ, ଲାଲମୋହନ ମହାନ୍ତ, ଜିଲ୍ଲା ସଭାପତି ଫନ୍ଟୁସ ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ମହିଳା ସଭାନେତ୍ରୀ ପୂର୍ଣ୍ଣିମା ମହାନ୍ତ, ବାମନଘାଟି ସଭାନେତ୍ରୀ ପ୍ରତିଭା ମହାନ୍ତ, ରାଇରଙ୍ଗପୁର ମ୍ୟୁନିସିପାଲିଟି ସଭାନେତ୍ରୀ ଗୀତାରାଣୀ ମହାନ୍ତ ବିଶୋଇ ବ୍ଲକ ସଭାନେତ୍ରୀ ଆରତୀ ମହାନ୍ତ,କୁସୁମୀ ବ୍ଲକ ସଭାପତି ରୁଦ୍ର ମାଧବ ମହାନ୍ତ, ଛାତ୍ର ସଭାପତି ଚିନ୍ମୟ ମହାନ୍ତ, ଯୁବ ନେତା ଅରୁଣ କୁମାର ମହାନ୍ତ ଯଶିପୁର ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବନ୍ୟା ବିପନ୍ନଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଚର୍ଚ୍ଚାରେ ସାମାଜିକ କର୍ମୀ

କେନ୍ଦ୍ରାପଡ଼ା,୨୩।୮(ନିପ୍ର): ଜଳବନ୍ଦୀରେ ଥିବା ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଛି ସହାୟତା ହାତ। ସ୍ଥାନୀୟ ଅଞ୍ଚଳର ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ଏବଂ ସାମ୍ବାଦିକ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ପାଣି ବୋତଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଚାରିଆଡ଼େ ତାଣ୍ଡବ ରଚିଛି ବନ୍ୟା। ବନ୍ୟା ବିଭୀଷିକା ମଧ୍ୟରେ ଖାଦ୍ୟ ଓ ପିଇବା ପାଣିକୁ ନେଇ ଚିନ୍ତାରେ ବିପନ୍ନ ଲୋକେ। ୫ ଦିନ ହେଲା ଜଳ ବନ୍ଦୀ ଜୀବନ ବିତାଉ ଥିବା ବିପନ୍ନଙ୍କ ନିକଟରେ ପ୍ରଶାସନ ପହଞ୍ଚି ପାରିନି କିମ୍ବା କୌଣସି ସହାୟତା ଯୋଗାଇ ଦିଆଯାଇନି। ଏଭଳି ଦୁର୍ଦ୍ଦିନରେ ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ଏବଂ ସାମାଜିକ କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ, ସହଯୋଗୀ ଶୁଭାଶିଷ ଷଡଙ୍ଗୀ, ସରପଞ୍ଚ ବିକ୍ରମ ମଲ୍ଲିକଙ୍କ ସହ ବାହ୍ୟ ଜଗତରୁ



ସମ୍ପୂର୍ଣ୍ଣ ବିଚ୍ଛିନ୍ନ ପଦନିପାଳ ଗ୍ରାମପଞ୍ଚାୟତର ଦଇତାରୀପୁର ଗ୍ରାମରେ ପହଞ୍ଚି ବିପନ୍ନ ପରିବାରଗୁଡ଼ିକୁ ନିଜ ସାମର୍ଥ୍ୟ ଅନୁଯାୟୀ ରିଲିଫ୍ ପ୍ୟାକେଟ୍ ଓ ପାନୀୟ ଜଳ ବଣ୍ଟନ କରିଛନ୍ତି। ବନ୍ୟାରେ ଚାରିଆଡ଼େ ଜଳମଗ୍ନ ହୋଇଥିବା ବେଳେ ବିଶୁଦ୍ଧ ପିଇବା ପାଣିର ଅଭାବ ବିପନ୍ନଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଏଭଳି ସମୟରେ ଶୁଖିଲା ଖାଦ୍ୟ ସହିତ ବିଶୁଦ୍ଧ ପାଣି ଯୋଗାଇ ଦେଇ ସମାଜସେବୀ ଯେଉଁ ସହଯୋଗର ହାତ ବଢ଼ାଇଛନ୍ତି, ତାହା ବିପନ୍ନଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି, କେବଳ ରିଲିଫ୍ ବଣ୍ଟନ ନୁହେଁ, ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ମାନବିକତାର ପରିଚୟ। ବନ୍ୟା ବିପନ୍ନଙ୍କ ଦୁଃଖ ଓ ଅସୁବିଧାକୁ ନିଜର ଦୁଃଖ ଭାବି ସହଯୋଗର ହାତ ବଢ଼ାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉଭୟଙ୍କୁ ପ୍ରଶଂସା କରାଯାଉଛି। ସାମ୍ବାଦିକ ଶ୍ରୀ ଆଚାର୍ଯ୍ୟ କହିଛନ୍ତି- ବନ୍ୟା ବିପଦ ଯେତେ ବଡ଼ ହେଉନା କାହିଁକି, ମାନବିକତାର ହାତ ତା'ଠାରୁ ବଡ଼। ବିପଦରେ ପଡ଼ିଥିବା ଲୋକଙ୍କ ପାଖରେ ଠିଆ ହୋଇ ସହଯୋଗର ହାତ ବଢ଼ାଇବା ନେଇ ଆମ ପ୍ରୟାସ ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ମଧ ସହଯୋଗ ପାଇଁ ପ୍ରେରଣା ଯୋଗାଇ ଦେବ।

## ଏମଡି ହାଇସ୍କୁଲରେ ୧୪୭୦ ରୋଗୀଙ୍କୁ ମିଳିଲା ସ୍ୱାସ୍ଥ୍ୟ ସେବା

ଧାମନଗର,୨୩।୮(ନିପ୍ର): ବନ୍ୟା ପରବର୍ତ୍ତୀ ସଙ୍କଟ ସମୟରେ ପ୍ରତ୍ୟେକ ପ୍ରଭାବିତ ପରିବାରର ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ପ୍ରାଥମିକତା ଭିତ୍ତିରେ ଧାମନଗରର ଧୂଷୁରୀ ମୁରଲୀଧର ଉଚ୍ଚ



ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ସରପଞ୍ଚ ଅନିରୁଦ୍ଧ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ହାଇଟେକ କଲେଜର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପଣ୍ଡା, ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ତଥା ପଧାନୀ ସରପଞ୍ଚ ଅଶୋକ କୁମାର ପୁହାଣ, ନଗର ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ରଞ୍ଜିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ଉଦ୍ୟମରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ୧୬ ବିଭାଗର ବିଶେଷଜ୍ଞ ଡାକ୍ତର ୧୪୭୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଥିଲେ। ରୋଗ ନିରୂପଣ ଓ ଔଷଧ ବଣ୍ଟନ ପାଇଁ ୩୫ରୁ ଉର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ, ଭ୍ରାମ୍ୟମାଣ ଭ୍ୟାନ୍ ସହ ଦନ୍ତ ରୋଗ ବିଶେଷଜ୍ଞ ଏବଂ ଚକ୍ଷୁ ଚିକିତ୍ସା ୟୁନିଟ ଉପସ୍ଥିତ ଥିଲେ।

# କପିଳାସ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ମିଳୁନି ଯାତ୍ରୀ ସେବା



ଢେଙ୍କାନାଳ, ୨୩।୮(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ତଥା ପ୍ରମୁଖ ପର୍ଯ୍ୟଟନସ୍ଥଳୀ କପିଳାସକୁ ବର୍ଷ ତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୨୦୧୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୂର୍ତ୍ତ ବିଭାଗ ଜରିଆରେ ଉଦଘାଟିତ ହୋଇଥିଲା 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'। କିନ୍ତୁ ବିଡ଼ମ୍ବନାର ବିଷୟ, ଉଦଘାଟନର ୮ ବର୍ଷ ପରେ ଏବେ ଏହି କେନ୍ଦ୍ରଟି ପର୍ଯ୍ୟଟକଙ୍କୁ ସେବା ଯୋଗାଇବା ବଦଳରେ ନିଜେ ସେବା ଖୋଜୁଥିବା ମନେହେଉଛି। ଏକାଧିକ କର୍ମଚାରୀଙ୍କ ସ୍ଥାନରେ ଏବେ ମାତ୍ର ଜଣେ ରାତ୍ର ଜଗୁଆଳି ଭରସାରେ ଛିଡ଼ା ହୋଇଛି ଏହି ଲକ୍ଷାଧିକ ଟଙ୍କାର ପ୍ରକଳ୍ପ। ବିଗତ ୮ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ତିନି ତିନୋଟି ବିଭାଗ ହାତକୁ ଯାଇଛି। ପ୍ରଥମେ ପୂର୍ତ୍ତ ବିଭାଗ, ତା'ପରେ ପଞ୍ଚାୟତିରାଜ ବିଭାଗ ଏବଂ ଏବେ ପୁଣି ପର୍ଯ୍ୟଟନ ବିଭାଗକୁ ଏହା ହସ୍ତାନ୍ତର କରାଯାଇଛି। କିନ୍ତୁ ଏତେ ସବୁ ପରିବର୍ତ୍ତନ ସତ୍ତ୍ୱେ କେନ୍ଦ୍ରର ଅବସ୍ଥାରେ କୌଣସି ସୁଧାର ଆସିପାରିନାହିଁ। ଯେତେବେଳେ ଏହା ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିଲା, ସେତେବେଳେ ଗଁଦିଆ ପଞ୍ଚାୟତ ସମିତି ତରଫରୁ ମିଶନ ଶକ୍ତି ଜରିଆରେ ଏହାର ପରିଚାଳନା ଭାର 'ଶକ୍ତି ମା ଭଗବତୀ ଏସଏଚଜି'କୁ ଦିଆଯାଇଥିଲା। ଗଁଦିଆ ବ୍ଲକ ସ୍ତରୀୟ ମହାସଂଘ ଏବଂ ଏସଏଚଜି ମଧ୍ୟରେ

## ପର୍ଯ୍ୟଟକ ଅସନ୍ତୋଷ

ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସର୍ତ୍ତ ମୁତାବକ ଗୋଷ୍ଠୀ ୨୦,୦୦୦ ଟଙ୍କା ଜମା ରାଶି ଏବଂ ମାସିକ ୨,୦୦୦ ଟଙ୍କା ଭଡ଼ା ଆକାରରେ ଦେବାକୁ ରାଜି ହୋଇଥିଲେ। ପ୍ରତି ଦୁଇ ବର୍ଷରେ ଥରେ ବିଡିଓଙ୍କ ଦ୍ୱାରା ଏହାର ନବୀକରଣ ହେବାର ବ୍ୟବସ୍ଥା ଥିଲା। ନିୟମ ଖିଲାପ ହେଲେ ବ୍ଲକ ସ୍ତରୀୟ ମହାସଂଘ, ସିଡିପିଓ କିମ୍ବା ବିଡିଓଙ୍କ ଦ୍ୱାରା ଦଣ୍ଡିତ ହେବାର ସର୍ତ୍ତ ମଧ ରହିଥିଲା। କେନ୍ଦ୍ରଟିକୁ ଆକର୍ଷଣୀୟ କରିବା ପାଇଁ ଏସଏଚଜିର ମହିଳାମାନେ ଅଣ୍ଟା ଭିଡ଼ିଥିଲେ। ନିଜ ପାଣ୍ଠିରୁ ଖର୍ଚ୍ଚ କରି କେନ୍ଦ୍ରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ମଧ ଲଗାଇଥିଲେ। ପର୍ଯ୍ୟଟକମାନେ କିପରି ସମସ୍ତ ସୁବିଧା ପାଇପାରିବେ, ସେଥିପାଇଁ ଚାକ-ଚମକ ସୃଷ୍ଟି କରି ଅନେକ ସ୍ୱପ୍ନ ଦେଖିଥିଲେ ଗୋଷ୍ଠୀର ସଦସ୍ୟାମାନେ। ମହିଳାମାନଙ୍କର ଏହି ପ୍ରୟାସକୁ ଦୁଇ ମାସ ନପୁରୁଣୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରବରିଆ ଭାବେ କେନ୍ଦ୍ରଟିକୁ ପୁଣି ଥରେ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରିଦେଲେ। ଏହି ନିଷ୍ପତ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଗୋଟିଏ ପଟେ ଚୁକ୍ତି ମୁତାବକ ଦେଇଥିବା ୨୦ ହଜାର ଟଙ୍କାର ଜମା ରାଶି ଏବଂ ଅନ୍ୟପଟେ କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ କରିଥିବା ଅର୍ଥ- ଏବେ ସବୁ ବୁଡ଼ିଯିବା ଆଶଙ୍କାରେ ଅଛନ୍ତି ମହିଳାମାନେ। ଏହି ଅର୍ଥରାଶି କେମିତି ଫେରିବ ନା ପ୍ରଶାସନିକ ଟାଳଟୁଳ ନୀତିରେ ଚାଲୁ ହୋଇଯିବ, ତାହାକୁ ନେଇ ସେମାନେ ଘୋର ଚିନ୍ତାରେ ଅଛନ୍ତି। ଏବେ ପୁଣି ଥରେ ସରକାରୀ ଅର୍ଥରେ କେନ୍ଦ୍ରର ମରାମତି କାର୍ଯ୍ୟ ଚାଲିଛି। କିନ୍ତୁ ପ୍ରଶ୍ନ ଉଠୁଛି, ଯେଉଁ ଏସଏଚଜି ମହିଳାମାନେ କ୍ଷତି ସହିଲେ ସେମାନଙ୍କୁ ନ୍ୟାୟ ମିଳିବ କି ? ଆଉ ସବୁଠାରୁ ବଡ଼ କଥା, ଏହି ସୁବିଧା କେନ୍ଦ୍ରଟି କେବେ ପୁନର୍ବାର ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ ଏବଂ ପର୍ଯ୍ୟଟକମାନେ ପ୍ରକୃତ ସେବା ପାଇବେ।

# ମୃତ୍ୟୁର କାଳ ସାଜିଛି ରାସ୍ତା

ବାଲିଗୁଡା, ୨୩।୮(ନି.ପ୍ର): ବାଲିଗୁଡା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନରେ ଥିବା ଗଇଠିପୁର ଠାରୁ କୁସୁପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ବର୍ତ୍ତମାନ ମୃତ୍ୟୁର କାଳ ସାଜିଛି । ଏହି ରାସ୍ତାରେ ଦୈନିକ ଶତାଧିକ ଲୋକ ଯାତାୟାତ କରିଥାନ୍ତି। କିନ୍ତୁ ରାସ୍ତାର ବିଭିନ ସ୍ଥାନରେ ଖାଲଖମା ହୋଇଯିବାରୁ ଲୋକ ମାନେ ଯାତାୟାତରେ ନହିଁ ନ ଥିବା ଅସୁବିଧାରେ ସମୁଖୀନ ହେବା ସହିତ ଅନେକ ସମୟରେ ଲୋକ ମାନେ ପଡି ଖଣ୍ଡିଆ ଖାବରା ହେଉଛନ୍ତି। ଗୋଟିଏ ପଟେ ସରକାର ଗମନା ଗମନର ସୁବିଧା ଲାଗି ପ୍ରଚୁର ଅର୍ଥ ଖର୍ଚ କରି ରାସ୍ତା ନିର୍ମାଣ କରୁଥିବା ବେଳେ ଦୀର୍ଘ ଦିନ ହେବ ଏହି ରାସ୍ତାଟି ଖାଲ ଖାମାରେ ପଡି ରହିଥିବାକୁ ନେଇ ଜନସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଏହି ରାସ୍ତାର ଅବସ୍ଥା କେବେ ସୁଧୁରିବ ତାହା ଦେଖିବାକୁ ବାକି ରହିଲ ।

# ରଥଦାଣ୍ଡ ଜଳାର୍ଣ୍ଣବ, ପ୍ରତିକାର ଦାବି



ନିଶ୍ଚିନ୍ତକୋଇଲି, ୨୩।୮(ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜାଉଙ୍କ ରଥ ଦାଣ୍ଡ ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ ହୋଇଉଠୁଥିବାରୁ ସାଧାରଣରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହେଉଥିବା ବେଳେ ଗମନା ଗମନ ଏବଂ ରଥ ଯାତ୍ରା ସମୟରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପୁରୀ ଜଗନ୍ନାଥଙ୍କ ନବକଳେବର ସମୟରେ ତତ୍କାଳୀନ ବିଧାୟକ ପ୍ରତାପ ଜେନାଙ୍କ ପ୍ରୟାସରେ ଏହି ରଥଦାଣ୍ଡ ପୁନରୁଦ୍ଧାର କରାଯିବା ସହ ହାଇମାଷ୍ଟ ଲାଇଟ୍ ମଧ ଲଗାଯାଇଥିଲା ଏବଂ ଜଳ ନିଷ୍କାସନର ସୁବିଧା କରାଯାଇଥିଲା । କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଏହି ରଥଦାଣ୍ଡରୁ ଜଳ ନିଷ୍କାସନ ନିମନ୍ତେ ଗୁଣ୍ଡିଚା ମନ୍ଦିର ନିକଟରେ ପ୍ରାୟ ୫୦ ମିଟର ଲମ୍ବର ଏକ ଡ୍ରେନ୍ ୧୯ ନମ୍ବର ଡ୍ରେନେଜ କଟ୍ ପର୍ଯ୍ୟନ୍ତ ଖୋଳାଯାଇ ଜଳ ନିଷ୍କାସନ କରାଯାଉଥିଲା । ହେଲେ ଜନୈକ ବ୍ୟକ୍ତି ଏହି ଡ୍ରେନ୍ ନିକଟରେ ଗୃହ ନିର୍ମାଣ କରି ଏହି ଡ୍ରେନ୍‌କୁ ସମ୍ପୂର୍ଣ୍ଣ ଭାବେ ଆବର୍ଜନା ଓ ବାଲିରେ ପୋତି ପକାଇଛନ୍ତି । ଫଳରେ ଜଳ ନିଷ୍କାସନ ପଥ ଅବରୋଧ ହୋଇ ସାମାନ୍ୟ ବର୍ଷାରେ ରଥଦାଣ୍ଡ ଜଳାର୍ଣ୍ଣବ ହୋଇ କଟିକଟା-ଜୟପୁର ରାସ୍ତା ଦେଇ ଜଳ ପ୍ରବାହିତ ହେଉଅଛି । ଏ ସଂକ୍ରାନ୍ତରେ ଅଞ୍ଚଳବାସୀ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏହାର ପ୍ରତିକାର ଦିଗରେ ବିଭାଗ ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ । ତୁରନ୍ତ ଏହାର ପ୍ରତିକାର ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

# ବିଜେପିର ସାମ୍ବାଦିକ ସମ୍ମିଳନୀ

ପାଲଲହଡା, ୨୩।୮(ନିପ୍ର ): ପାଲଲହଡା ବ୍ଲକ ବନ୍ଧାଭୂଇଁ ପଞ୍ଚାୟତ ଜମରଡ଼ିହ ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦକୁ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ପାଲଲହଡା ବ୍ଲକ ଜମରଡ଼ିହ ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାର



ଉନ୍ନତ ମାନର ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବା ପାଇଁ ଏକ ଏନଜିଓକୁ ହସ୍ତାନ୍ତର କରିଥିଲେ। କିନ୍ତୁ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନ କରି ଆମକୁ ସରକାରୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଦାବି କରି ଅନଶନ କରି ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ପକାଇଥିଲେ। ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଆଲୋଚନା କରାଯାଇଥିଲା ଯେ, ଯେ ବିଜୁ ଜନତା ଦଳ ପାଲଲହଡ଼ା ବିକାଶର ବାଧକ ସାଜିଛନ୍ତି। ରାଜ୍ୟ ସରକାର ଓଡ଼ିଶାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଉଲ୍ଲେଖନୀୟ ସେବାକାର୍ଯ୍ୟ କରୁଛନ୍ତି, ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ନିରନ୍ତର କାମ କରିବା ଉଦ୍ୟମ କରିଛନ୍ତି, ଏଥିପାଇଁ ଡାକ୍ତର ଅଭାବ ଜନିତ ସମସ୍ୟାର ମୁକାବିଲା ପାଇଁ ସ୍ୱାସ୍ଥ୍ୟସେବାରେ ଅନୁଭବୀ ଅଭିଜ୍ଞତା ସମ୍ପନ୍ନ ବେସରକାରୀ ସଂସ୍ଥା ଗୁଡ଼ିକୁ ଦାୟିତ୍ୱ ଦେଇଛନ୍ତି । ଯଦି ପୂର୍ବ ସରକାର ଡାକ୍ତରଖାନା ଗୁଡ଼ିକରେ ଡାକ୍ତର ନିଯୁକ୍ତି ଦେଇଥାନ୍ତେ ତାହାହେଲେ ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡି ନଥାନ୍ତା ବୋଲି ବିଜେପି ପକ୍ଷରୁ କୁହାଯାଇଛି।

# ଆଧ୍ୟାତ୍ମିକ ପୁସ୍ତକ 'ଗୀତାଜ୍ଞାନାଞ୍ଜନ' ଉନ୍ମୋଚିତ

ବାଲିଗୁଡା, ୨୩।୮(ନି.ପ୍ର): ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ସମର୍ପିତ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ସପ୍ତମ ବାର୍ଷିକ



ଆଧ୍ୟାତ୍ମିକ ପତ୍ରିକା 'ଗୀତାଜ୍ଞାନାଞ୍ଜନ'ର ଚତୁର୍ଦ୍ଦଶ ବିଶେଷାଙ୍କ ଶୁଭଉନ୍ମୋଚନ ଓ ପ୍ରତିଭା ପୂଜନୋତ୍ସବ ବାଲିଗୁଡା ଆମ୍ବଶାଳ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାସ ଫାଉଣ୍ଡେସନ ସଭାପତି ପଣ୍ଡିତ ଡ ସିଦ୍ଧେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସାଧୁ ସନ୍ଥ ସମାଜ ପୂଜ୍ୟ ସ୍ୱାମୀ ଗିରିଜା ନନ୍ଦ ପର୍ବତ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସାହିତ୍ୟିକ ପ୍ରାଧ୍ୟାପକ ବଟକୃଷ୍ଣ ସ୍ୱାଇଁ, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷା ସୁଜାତା ଓତା, ପ୍ରାର୍ଥନା ଚ୍ୟାନେଲ ମୁଖ୍ୟ ନିର୍ଦ୍ଦେଶକ ସୁଶାନ୍ତ ବିଶୋଇ, ସହକାରୀ ପ୍ରାଧ୍ୟାପକ ବନୋଜ କୁମାର ରାୟ, କୁଭାମଚଣ୍ଡୀ ମହାବିଦ୍ୟାଳୟ ଅଧକ୍ଷ୍ୟ ପ୍ରସନ୍ନ କୁମାର ବାରିକ, ସାହିତ୍ୟ ସଂସ୍କୃତି ପ୍ରଚାରକ ଏଲିନା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ । ବ୍ୟାସ ଫାଉଣ୍ଡେସନ ଅଧକ୍ଷା ସେହ୍ନମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣପରେ ଅତିଥିମାନଙ୍କୁ ମାନପତ୍ର ଅଙ୍ଗବସ୍ତ୍ର ପୁଷ୍ପଗୁଚ୍ଛ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ।

# ବ୍ରହ୍ମାକୁମାରୀ ଅନୁଷ୍ଠାନରେ ରକ୍ତଦାନ ଶିବିର

କେନ୍ଦ୍ରାପଡା,୨୩।୮(ନି.ପ୍ର): କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ସୁନାଇଲୋସ୍ଥିତ ବ୍ରହ୍ମାକୁମାରୀ ଅନୁଷ୍ଠାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମୁଖ୍ୟ ପ୍ରଶାସିକା ଦାଦୀ ପ୍ରକାଶମଣୀଙ୍କ ୧୯ତମ ପୁଣ୍ୟ ତିଥି ଅବସରରେ ଆୟୋଜିତ ଏହି ରକ୍ତଦାନ



ଶିବିରକୁ ଜିଲ୍ଲା ଚିକିତ୍ସା ଅଧିକାରିଣୀ ଗୌରାଙ୍ଗ ଚରଣ ଗିରି ଉଦଘାଟନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସ୍ନେହ ରକ୍ତଦାନର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ରକ୍ତଦାନ କରିବା ସହ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ଶିବିରରୁ ୫୦ ୟୁନିଟ୍‌ରୁ ଉର୍ଦ୍ଧ ରକ୍ତ ସଂଗ୍ରହ କରାଯାଇଥିଲା।

# ପୋଲରୁ ଖସି ପଡିଲେ ଯୁବକ

ଖୁଣ୍ଟା,୨୩।୮(ନି.ପ୍ର): କିଛି ଦିନ ବ୍ୟବଧାନ ପରେ ପୁଣି ଲଘୁଚାପ ବର୍ଷା ଆରମ୍ଭ ହୋଇଛି। ଫଳରେ ଦେଓ ନଦୀରେ ବନ୍ୟା ଜଳ ଆସିବା ଯୋଗୁଁ ଉଦଳା – ଜୟପୁରକୁ ସଂଯୋଗ କରୁଥିବା ରାସ୍ତାର ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୩ଫୁଟ ଉଚ୍ଚରେ ବନ୍ୟା ଜଳ ପ୍ରବାହିତ ହେଉଛି। ବାରମ୍ବାର ବନ୍ୟା ଆସିବା ଯୋଗୁଁ ଅସ୍ଥାୟୀ ପୋଲ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉଦଳା ଥାନା ନରପଦା ଅଞ୍ଚଳରୁ ଜଣେ ଯୁବକ ଆଜି ମଧ୍ୟାହ୍ନରେ ଚାଲି ଚାଲି ନଦୀ ପାରି ହୋଇ ଜଇଦା ଅଞ୍ଚଳକୁ କୌଣସି କାମରେ ଆସି ପୁଣି ଘରକୁ ଫେରୁଥିବା ବେଳେ ପୋଲ ଉପରେ ପାଣି ଥିବା ଯୋଗୁଁ ପୋଲର ସଠିକ ରାସ୍ତା ଜାଣି ନପାରି ପୋଲ ତଳକୁ ଖସି ପଡ଼ିଥିଲେ। ଜଳ ସ୍ରୋତରେ କିଛି ବାଟ ଭାସି ଯିବା ପରେ ନିଜ ଚେଷ୍ଟାରେ ଉପରକୁ ଉଠିଥିଲେ। ବାରମ୍ବାର ବନ୍ୟା ଆସୁଥିବା ବେଳେ ଅନେକ ଅମାନିଆ ନିୟମକୁ ଉଲଂଘନ କରି ବିପଦରେ ପଡୁଛନ୍ତି। ସରକାରଙ୍କର ଖାମଖିଆଲି ନୀତି ଯୋଗୁଁ ଅନେକ ଜୀବନ ବାଜି ଲାଗୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଶିକ୍ଷକ ନେତା ଅବନୀ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡା, ୨୩।୮(ନି.ପ୍ର): ଶିକ୍ଷକ ସମାଜର ମଉଡମଣି ନିର୍ଭିକ, ସ୍ମୃତିପ୍ରଜ୍ଞ, ଦରଦୀ ଶିକ୍ଷକ ନେତା ଅବନୀ କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଦୁହୁରିଆ ସ୍ଥିତ ଶିକ୍ଷକ ଭବନ ଠାରେ ଜିଲ୍ଲା ଓଷ୍ଟା ପ୍ରାକ୍ତନ ସଂପାଦକ ତପନ କୁମାର ସିଂହଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ରଘୁନାଥ ରାଉତ, ନରୋତ୍ତମ ଜେନା, ପ୍ରାକ୍ତନ ଶିକ୍ଷକ ନେତା ନିବନ୍ଧ କୁମାର ନାୟକ, କେଶବ ଚନ୍ଦ୍ର ବିଶ୍ୱାଳ, ଶ୍ରୀଧର ସାହୁ, ପରିବେଶବିତ୍ କାଶୀନାଥ ରାଉତରାୟ, ଶିକ୍ଷକ ନେତା ପ୍ରଣବ କୁମାର ଜେନା, ଧନେଶ୍ୱର ପାତ୍ର, ଅନନ୍ତ ଚରଣ ପରିଡା, ଶୁଭ୍ରାଂଶୁ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ରାଉତ, ମାନଭଞ୍ଜନ ପ୍ରଧାନ, କ୍ଷେତ୍ରମଣୀ ଦେଇ, ଅଶୋକ କୁମାର ପରିଡା, ଭଗବାନ ସାହୁ, ଟିଟିକାନ୍ତ ନାୟକ, ମହେଶ୍ୱର ସାହୁ, ସନ୍ତୋଷ କୁମାର ଦାସ, ଗଗନ ବିହାରୀ ସାହୁ, ସୁସ୍ମିତା ସାହୁ, ଶୈଳବାଳା ସାମଲ, ଦୁଃଶାସନ ରାଉତ, ଗିରିଧାରୀ ସାହୁ, ପ୍ରଦ୍ୟୁମ୍ନ କୁମାର ବଳ, ଉତ୍କଳ ମହାପାତ୍ର, ବାବଜି ଚରଣ ପ୍ରଧାନ, ଅକ୍ଷୟ କୁମାର ଦାସ, କମଳା କାନ୍ତ ସ୍ୱାଇଁ, ପ୍ରଫୁଲ କୁମାର ପରିଡା, ନିରଞ୍ଜନ ସାହୁ, ଅଧରଚନ୍ଦ୍ର ଜେନା, ପ୍ରଫୁଲ କୁମାର ବାରିକ, ଶ୍ରମିକ ନେତା ଗୟାଧର ଧଳ, ପ୍ରଦୀପ୍ତ କୁମାର ଶତପଥି ପ୍ରମୁଖ ଜିଲ୍ଲାର ବିଭିନ୍ନ ଶିକ୍ଷକ ସଂଗଠନର ସଭାପତି ଓ ସଂପାଦକ ମାନେ ସ୍ମୃତିଚାରଣ କରି ସ୍ୱର୍ଗତ ଅବନୀ କୁମାର ମହାନ୍ତି କେବେଳ କେନ୍ଦ୍ରାପଡା ଜିଲ୍ଲାର ଶିକ୍ଷକ ମାନଙ୍କ ମଧ୍ୟରେ ସୀମିତ ନଥିଲେ, ସେ ଓଡିଶାର କୋଣ ଅନୁକୋଣରେ ଜଣେ ନିର୍ଭିକ ଦରଦୀ ଶିକ୍ଷକ ନେତା ଭାବେ ନିଜର ପରିଚୟ ସୃଷ୍ଟିକରି କେନ୍ଦ୍ରାପଡା ପାଇଁ ଗର୍ବ ଓ ଗୌରବ ଆଣିଥିଲେ ବୋଲି କହିଥିଲେ।

### ବନ୍ଧୁତ୍ୱର ଋଣ ଶୁଝିଲେ ବନ୍ଧୁ

# ପରିବାରକୁ ୬୦ ହଜାର ଟଙ୍କା ସହାୟତା



ବାଲିଗୁଡା, ୨୩।୮(ନି.ପ୍ର): ବନ୍ଧୁତ୍ୱ କେବଳ ହସଖୁସିର ସାଥୀ ନୁହେଁ, ଦୁଃଖର ସମୟରେ ପାଖରେ ଛିଡ଼ା ହେବାର ଏକ ନିରବ ପ୍ରତିଶ୍ରୁତି। ଏହି ପ୍ରତିଶ୍ରୁତିକୁ ପ୍ରମାଣ କରିଛନ୍ତି ଜନତା ହାଇସ୍କୁଲର ୨୦୦୪ ମାଟ୍ରିକ୍ ବ୍ୟାଚ୍ର ବନ୍ଧୁମାନେ। ସହପାଠୀ ଗୌରାଙ୍ଗ ଦାସଙ୍କ ବିୟୋଗରେ ତାଙ୍କ ପରିବାର ପ୍ରତି ସହଯୋଗର ହାତ ବଢ଼ାଇ ବନ୍ଧୁମାନେ ନିଜ ମଧ୍ୟରୁ ଅର୍ଥ ସଂଗ୍ରହ କରି ୬୦,୦୦୦ ଟଙ୍କା ସହାୟତା ରାଶି ପରିବାରକୁ ପ୍ରଦାନ କରିଛନ୍ତି। ୨୦୦୪ ବ୍ୟାଚର କିଛି ବନ୍ଧୁ ଗୌରାଙ୍ଗଙ୍କ ଘରକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଏହି ସହାୟତା ରାଶି ହସ୍ତାନ୍ତର କରିଥିଲେ। ଏହି ଭାବପୂର୍ଣ୍ଣ ଅବସରରେ ଜନତା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବିଶ୍ୱାଳ, ସୁଧାକର ନାୟକ ଏବଂ ରଞ୍ଜନ କୁମାର ମହାନ୍ତି ଉପସ୍ଥିତ ରହି ଗୌରାଙ୍ଗଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ପରିଡ଼ା ଓ ପଞ୍ଚାୟତ ସମିତି ସଦସ୍ୟ ମଧ ଉପସ୍ଥିତ ରହି ପରିବାର ପ୍ରତି ସମବେଦନା ଜଣାଇଥିଲେ । ଦୀର୍ଘ ବର୍ଷ ପରେ ମଧ ସ୍କୁଲ ଜୀବନର ବନ୍ଧୁତ୍ୱ ଯେ ଅତୁଟ ରହିପାରେ, ଏହି ଘଟଣା ତାହାର ଏକ ଭାବପୂର୍ଣ୍ଣ ଉଦାହରଣ। ସମସ୍ତେ ଗୌରାଙ୍ଗଙ୍କ ସହ ବିତାଇଥିବା ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ସମୟରେ ପରିବେଶ ଭାବବିହ୍ୱଳ ହୋଇଉଠିଥିଲା । ଶେଷରେ ସମସ୍ତେ ଏକତ୍ରିତ ହୋଇ ନୀରବ ପ୍ରାର୍ଥନା କରି ପ୍ରିୟ ସହପାଠୀ ଗୌରାଙ୍ଗଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ

ଯାଜପୁର,୨୩।୮(ନି.ପ୍ର): ଦଶରଥପୁର ବ୍ଲକର ସାମ୍ବାଦିକ କୌଶିକ ଦାସଙ୍କୁ ଆକ୍ରମଣ ହୋଇଛି। ଏଥିନେଇ ଯାଜପୁର ଜିଲ୍ଲା ଦଶରଥପୁର ଥାନରେ ଅଭିଯୋଗ ହେବା ପରେ ଦଶରଥପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଚଳିତ ବର୍ଷ ବନ୍ୟାରେ ଦଶରଥପୁର ବ୍ଲକରେ ସର୍ବାଧିକ କ୍ଷୟ କ୍ଷତି ଘଟିଛି। ଏଣୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଏକ ଟ୍ରକ ଯୋଗେ ଦଶରଥପୁର ବ୍ଲକକୁ କିଛି ରିଲିଫ ସାମଗ୍ରୀ ଆସିଛି। ମାତ୍ର ଉକ୍ତ ରିଲିଫ ବ୍ଲକ ପରିସର କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟରେ ରଖା ଯାଉନଥିବା ଅଭିଯୋଗ ହୋଇଥିଲା। ସେଠାରେ ମଧ କୌଣସି ଅଧିକାରୀ ଉପସ୍ଥିତ ନଥିବା ବେଳେ ବିଡ଼ିଓ ଆକାଶ ପଟ୍ଟନାୟକ ଏ ଘଟଣା ସମ୍ପର୍କରେ କିଛି ଜାଣିନଥିବା ସାମ୍ବାଦିକ କୌଶିକ ଦାସଙ୍କୁ କହିଥିଲେ। ଏଣୁ ସନ୍ଦେହ ହେବାରୁ ଘଟଣାସ୍ଥଳ ଅର୍ଥାତ ଦଶରଥପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ କଦଳୀ ଗୋଦାମ ଘରେ ରିଲିଫ ସାମଗ୍ରୀ ରଖାଯାଉଥିବାରୁ ସାମ୍ବାଦିକ ଏଥିନେଇ ପଚାରିଥିଲେ। ଏହା ପରେ ମୋବାଇଲ ବାହାର କରି ଭିଡିଓ ରେକର୍ଡ଼ିଂ କରିବା ସମୟରେ ସ୍ଥାନୀୟ ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ଏବଂ ବିରଜା ପ୍ରସାଦ ଦାସ ମୋବାଇଲ ଛଡାଇ ନେଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ବିଧା,ଗୋଇଠା ମାଡ଼ ମାରିଥିଲେ ବୋଲି କୌଶିକ ଲିଖିତ ଅଭିଯୋଗ କରିଛନ୍ତି। ଏକ ଧାରୁଆ ଅସ୍ତ୍ରରେ ବେକକୁ ଲଗାଇ ଜୀବନରୁ ହତ୍ୟା କରିଦେବା ଏବଂ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବାକୁ ଚେତାବନୀ ମଧ ଦେଇଛନ୍ତି ବୋଲି ସାମ୍ବାଦିକ




ଅଭିଯୋଗ କରିଛନ୍ତି। ପୋଲିସ କିମ୍ବା ଜିଲ୍ଲା ପ୍ରଶାସନ ସରକାରୀ ରିଲିଫକୁ ଜବତ ନକରିବା ଏବଂ ଅଭିଯୁକ୍ତଙ୍କୁ ପୋଲିସ ଏଯାବତ ଗିରଫ ନକରିବାରୁ ସାମ୍ବାଦିକ ସଂଘ ପକ୍ଷରୁ ଅସନ୍ତୋଷ ତେଜିବାର ଲାଗିଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକର ସାମ୍ବାଦିକ ମାନେ ଏକ ଜରୁରୀ ବୈଠକ କରିଥିବା ବେଳେ ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଲେ ସାମ୍ବାଦିକ ମାନେ ଆଗାମୀ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ନେବେ ବୋଲି ଚରମ ଚେତାବନୀ ଦେଇଛନ୍ତି।

# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବନ୍ୟା ସମୀକ୍ଷା ବୈଠକ



ଭଦ୍ରକ, ୨୩।୮(ନି.ପ୍ର): ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ବନ୍ୟା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମେତ ଉଚ୍ଚ ଶିକ୍ଷା,କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ବୈଠକରେ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସିଡିଓ ତଥା ଇଓ ଜିଲ୍ଲା ପରିଷଦ ଶୁଭେନ୍ଦୁ କୁମାର ସାମଲ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ବୈତରଣୀ, ସାଳନ୍ଦୀ, ଆଖୁଆପଦା ନଦୀର ଜଳସ୍ତର, ପ୍ରଭାବିତ ଗ୍ରାମ, ବନ୍ଧ, ବ୍ରିଜ୍, କଲଭର୍ଟ, ଆଶ୍ରୟ ସ୍ଥଳୀ, ପାନୀୟ ଜଳ, ସ୍ୱାସ୍ଥ୍ୟ, ପଶୁ ଚିକିତ୍ସା, ଚାଷ କ୍ଷୟକ୍ଷତି, ରାସ୍ତା ଓ ବିଦ୍ୟୁ ପୁନଃସ୍ଥାପନ ଉପରେ ଆଲୋଚନା ହୋଇଥିଲା। ଭବିଷ୍ୟତରେ ବନ୍ୟା ରୋକିବା ପାଇଁ ନଦୀ, ଡ୍ରେନର ସୁବ୍ୟବସ୍ଥା ଓ ଡିପିଆର ପ୍ରସ୍ତୁତ କରିବାକୁ ମନ୍ତ୍ରୀ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ପୂର୍ବରୁ ମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ଶୁଣି ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗର ଆଶ୍ୱାସନା ଦେଇଛନ୍ତି । ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ,ସମସ୍ତ ବିଡ଼ିଓ ଏବଂ ତହସିଲଦାର ଉପସ୍ଥିତ ରହିଥିଲେ।

# କଟକ-ପାରାଦ୍ୱୀପ ରାସ୍ତା ପାର୍ଶ୍ୱରେ ବେଧଡକ ବାଉଁଶ ବ୍ୟବସାୟ



କୁଜଙ୍ଗ, ୨୩।୮(ନି.ପ୍ର): କଟକ-ପାରାଦ୍ୱୀପ ରାସ୍ତାର ସିଙ୍ଗିଟାଳି ନିକଟରେ ବାଉଁଶ ବେପାରକୁ ନେଇ ଏବେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ବ୍ୟସ୍ତବହୁଳ ରାଜପଥ କଡ଼ରେ ବର୍ଷ ବର୍ଷ ଧରି ବାଉଁଶ ଗଦା କରି ରଖାଯାଇଥିବା ବେଳେ ରାସ୍ତା ଉପରେ ବାଉଁଶ ବୋଝେଇ ଟ୍ରକ ଛିଡ଼ା କରି ଅନଲୋଡିଂ କରାଯାଉଥିବାରୁ ଯାତାୟାତରେ ବ୍ୟାଘାତ ହେବା ସହ ଦୁର୍ଘଟଣାର ଆଶଙ୍କା ବଢୁଛି। ବାଉଁଶ ବେପାର ପାଇଁ ନିରୀହ ଲୋକଙ୍କ ଜୀବନ ବିପଦରେ ପଡୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାକଡ଼ରେ ଲଗାଯାଇଥିବା ସରକାରୀ ଗଛଗୁଡ଼ିକୁ ରାତି ସମୟରେ କାଟି ସଫା କରାଯାଉଥିବା ଏବଂ ସେହି ସ୍ଥାନରେ ବାଉଁଶ ଗଦା କରି ବ୍ୟବସାୟ କରାଯାଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ପାରାଦ୍ୱୀପ ବନ୍ଦରକୁ ଦିନରାତି ଶହ ଶହ ଯାନବାହନ ଚଳାଚଳ କରୁଥିବା ବେଳେ ରାସ୍ତାକଡ଼ରେ ବାଉଁଶ ଗଦା ଓ ରାସ୍ତା ଉପରେ ଟ୍ରକ ରହିବା ଫଳରେ ଯାନବାହନ

## ବଢୁଛି ଦୁର୍ଘଟଣା

ଚଳାଚଳ ପାଇଁ ସ୍ଥାନ ସଙ୍କୁଚିତ ହେଉଛି। ବିଶେଷକରି ରାତି ସମୟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଟ୍ରକ ଓ ବାଉଁଶ ଗଦା ଯୋଗୁଁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି। ଛୋଟବଡ଼ ଦୁର୍ଘଟଣା ଘଟିବା ପରେ ମଧ ଯଦି ଏଭଳି ଅବ୍ୟବସ୍ଥା ଜାରି ରହେ, ତେବେ ଆଗାମୀ ଦିନରେ ବଡ଼ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଏହି ବେଆଇନ ବାଉଁଶ ବେପାର ଦୀର୍ଘଦିନ ଧରି ଚାଲିଥିଲେ ମଧ ସମ୍ପୃକ୍ତ ବିଭାଗର ନଜର ଏଯାଏଁ ପଡୁନି। ରାସ୍ତାକଡ଼ରେ ସରକାରୀ ଗଛ କାଟିବା, ବାଉଁଶ ଗଦା କରିବା ଏବଂ ରାସ୍ତା ଉପରେ ଟ୍ରକ ରଖି ଅନଲୋଡିଂ କରିବା ଭଳି ଘଟଣା ସାଧାରଣ ରେ ବିସ୍ମୟ ପ୍ରକାଶ ପାଉଛି। ଏନେଇ ପ୍ରଶାସନ, ବନ ବିଭାଗ ଓ ସମ୍ପୃକ୍ତ ରାସ୍ତା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ଯାଞ୍ଚ କରି ସତ୍ୟାସତ୍ୟ ଅନୁସନ୍ଧାନ କରିବା ସହ ରାସ୍ତାକଡ଼ରୁ ବାଉଁଶ ଗଦା ହଟାଇବା, ରାସ୍ତା ଉପରେ ଟ୍ରକ ରଖି ଅନଲୋଡିଂ ବନ୍ଦ କରିବା ଏବଂ ସରକାରୀ ଗଛ କଟାଯାଇଥିବା ଅଭିଯୋଗର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବଗିରୁ ଅଲଗା ହେଲା ଇଞ୍ଜିନ ଅଳ୍ପକେ ବର୍ତ୍ତିଗଲେ ଯାତ୍ରୀ

ବଲାଙ୍ଗୀର, ୨୩।୮(ନି.ପ୍ର): ବଲାଙ୍ଗୀର ରେଳ ଷ୍ଟେସନ ଠାରେ ପୁରୁଣା କଟକ ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନରୁ ବଗି ଛାଡ଼ି ଇଞ୍ଜିନ ଚାଲିଯିବା ଫଳରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଯାତ୍ରୀ। ଇଞ୍ଜିନ ଓ ବଗି ଅଲଗା



ହୋଇଯିବା ଫଳରେ ଟ୍ରେନରେ ଥିବା ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଦେଖା ଦେଇଥିଲା। ଏପରିକି ୧୦୦/୨୦୦ ମିଟର ପର୍ଯ୍ୟନ୍ତ ଇଞ୍ଜିନ ବଗି ଛାଡ଼ି ପଳାଇଯାଇଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ରେଳ ବିଭାଗର ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଇଞ୍ଜିନ କାହିଁକି ବଗି ଛାଡ଼ି ଅଲଗା ହୋଇଗଲା, ତାହାର କାରଣ ଜଣାପଡ଼ିନାହିଁ। ଘଟଣାରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇଛି କି ନାହିଁ, ତାହା ମଧ ସ୍ପଷ୍ଟ ହୋଇନାହିଁ। ୩୦ ମିନିଟ୍ ପରେ ଇଞ୍ଜିନ ଫେରିବା ପରେ ଭୁବନେଶ୍ୱରକୁ ଫେରି ଥିଲା ପୁରୁଣା କଟକ ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ।

# ଜୀବନକୁ ବାଜି ଲଗାଇ ନାଳ ପାର ହେଉଛନ୍ତି ଉଲେଇକୁଣ୍ଡି ଗ୍ରାମବାସୀ



ଆନନ୍ଦପୁର,୨୩।୮(ନି.ପ୍ର): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଗୟଳମୁଣ୍ଡା ପଞ୍ଚାୟତର ଉଲେଇକୁଣ୍ଡି ଗ୍ରାମର ଡୁଙ୍ଗୁରିପାଲକୁ ଯିବା ରାସ୍ତାରେ ବର୍ଷା ଦିନେ ଯାତାୟତ ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଂଚଳବାସୀ। ଏହି ନାଳ ରାସ୍ତା ପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିଲେ ମଧ୍ୟ ଠିକାଦାର ଓ ବ୍ଲକ ପ୍ରଶାସନର ଖାମଖିଆଲି ନିତି ଯୋଗୁଁ ରାସ୍ତା କାମ ଅଧାପନ୍ତରିଆ ହୋଇଥିବା ବେଳେ ଗ୍ରାମବାସୀ ସମେତ ସ୍କୁଲର ଛାତ୍ରଛାତ୍ରୀ ବା ଗର୍ଭବତୀ ମହିଳା ମେଡିକାଲ ଯିବାକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଯଦି ଆନନ୍ଦପୁର ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦିଅନ୍ତି ଆଗାମୀ ଦିନରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି ।

# ବର୍ଷାରେ ଭାଙ୍ଗିଲା ଚାରି ଘର ଅଳ୍ପକେ ବର୍ତ୍ତିଲେ ପରିବାର

ପାଟଣା,୨୩।୮(ନି.ପ୍ର): ଲଗାଣ ବର୍ଷାରେ କେନ୍ଦେଇପଶି ବେହେରା ସାହିର ଟୁରୀ ବେହେରା ଓ ଅଞ୍ଚଳର ଅନ୍ୟ ତିନି ଜଣଙ୍କ ଘର ମଧ୍ୟ ଭାଙ୍ଗିଥିବା ସୂଚନା ମିଳିଛି। ତେଣୁ ଏହି ପରିବାର ଲୋକ ଆଶ୍ରୟ ପାଇଁ ଚିନ୍ତିତ ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଟୁରୀ ବେହେରାଙ୍କ ଘରର କାନ୍ଥ ହଠାତ୍ ବାହାର ପଟକୁ ଭାଙ୍ଗି ପଡ଼ିଥିଲା ଫଳରେ ଅଳ୍ପକେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ। ଟୁରୀ ବେହେରାଙ୍କ ପରିବାର ଏବେ ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଇଛନ୍ତି। ଘର ଭାଙ୍ଗିବା ଓ କ୍ଷୟକ୍ଷତିର ଆକଳନ କରିବା ସହ ତୁରନ୍ତ



ଘଟଣାସ୍ଥଳ ପରିଦର୍ଶନ କରି ଅସହାୟ ପରିବାର ଗୁଡ଼ିକୁ ସରକାରୀ ସହାୟତା ଓ ଆବଶ୍ୟକ ରିଲିଫ୍ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ପଟାବାରୀ ମହାନ୍ତ ସାହି- ପାଲା ପେଣ୍ଡାଲ ରାସ୍ତା ଶୋଚନୀୟ

ପଣ୍ଡାପଡା,୨୩।୮(ନି.ପ୍ର): ଗମନା ଗମନର ସୁବିଧା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି । ହେଲେ ତୃଣ ମୂଳ ସ୍ତରର ତୃଙ୍ଗ ନେତାଙ୍କ ଅଣଦେଖା ଓ ଅବହେଳା ଯୋଗୁ ଅନେକ ଗ୍ରାମରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପୁରୁମୁଣ୍ଡା ଗ୍ରାମ ପଂଚାୟତ ପଟାବାରୀ ମହାନ୍ତ ସାହି ଠାରୁ ପାଲା ପ୍ୟଣ୍ଡାଲ ପର୍ଯ୍ୟନ୍ତ ଶୋଚନୀୟ ରାସ୍ତାଏହାର ଜ୍ୱଳନ୍ତ ଉଦାହରଣ ।ରାସ୍ତା ଖରାପ ଯୋଗୁ ଯାତାୟତରେ ନାହିଁ



ନଥିବା ଅସୁବିଧା ଭୋଗୁଛନ୍ତି ଲୋକେ। ଜରୁରୀ କାଳୀନ ଅସୁବିଧା ହେଲେ ଗାଁକୁ ସଠିକ ସମୟରେ ପହଁଚି ପାରୁ ନି ଆମ୍ବୁଲାନ୍ସ । ନିର୍ବାଚନ ସମୟରେ ବିଭିନ୍ନ ଦଳର ନେତାମାନେ ଲୋକଙ୍କୁ ବିଭିନ୍ନ ମିଠା କଥା କହି ଭୋଟ ଭିକ୍ଷା କରନ୍ତି। ମାତ୍ରି ନିର୍ବାଚନ ପରେ କୌଣସି ନେତାଙ୍କର ଦେଖା ମିଳେନି । ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯାତାୟାତର ସୁବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ: ନାବାଳକ ଅଟକ

ରାମଚନ୍ଦ୍ରପୁର,୨୩।୮(ନିପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଞ୍ଚଳ କଇନିପୁରା ଗ୍ରାମର ଜଣେ ନାବାଳିକାକୁ ଜଣେ ନାବାଳକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି ।ଏହି ଘଟଣାରେ ଘସିପୁରା ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ନାବାଳକକୁ ଅଟକ ରଖିଛି।ଗତ ଶୁକ୍ରବାର ଦିନ ପୀଡିତା



ନାବାଳିକାର ବାପା-ମା' କୌଣସି କାମରେ ଘସିପୁରା ମେଡିକାଲକୁ ଯାଇଥିଲେ।ଏହି ସମୟରେ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ।ଏହାର ସୁଯୋଗ ନେଇ ସେହି ଗ୍ରାମର ଜଣେ ନାବାଳକ ତାଙ୍କ ଘରେ ପଶି ନାବାଳିକାକୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା।ଏ ବିଷୟରେ କାହାରିକୁ ନ କହିବା ପାଇଁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ସେହି ଦିନ ମଧ୍ୟ ରାତ୍ରିରେ ଘସିପୁରା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ।ଘସିପୁରା ପୁଲିସ ୩୫୮/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ ହେବା ପରେ ପୋଲିସ ଅଭିଯୁକ୍ତ ନାବାଳକକୁ ଶନିବାର ଅଟକ ରଖିଥିବା ବେଳେ କେନ୍ଦୁଝର ଜୁଭେନାଇଲ୍ ଜଷ୍ଟିସ୍ କୋର୍ଟରେ ହାଜର କରାଯାଇଥିଲା। ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନାବାଳକକୁ ରାଉରକେଲା ସ୍ଥିତ ଶିଶୁ ସୁଧାରଗୃହ (ସେଲଟର ହୋମ)କୁ ପଠାଇ ଦିଆଯାଇଥିବା ଜଣାପଡିଛି।

# ବେଆଇନ ପାର୍କିଂ ନେଲା ଜୀବନ: ବୃଦ୍ଧ ମୃତ, ୩ ଗୁରୁତର

କରଞ୍ଜିଆ,୨୩।୮(ନି.ପ୍ର): ରାସ୍ତାରେ ବେଆଇନ ପାର୍କିଂ ଓ ଅତ୍ୟଧିକ ଭିଡ଼ ଯୋଗୁଁ କରଞ୍ଜିଆ ସହରର ସିନେମା ହଲ୍ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପ୍ରାୟ ୧୦ଟା ସମୟରେ ରଞ୍ଜିତ ମହାକୁଡ଼, ତାଙ୍କ ପୁଅ ଦୀପକ ମହାକୁଡ଼ ଏବଂ ଦିଲ୍ଲୁ ମହାକୁଡ଼ ଏକ ସ୍କୁଟି (ଓଡି୦୯ୟୁ-୪୮୮୨) ଯୋଗେ କରଞ୍ଜିଆ ପଟୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ କରଞ୍ଜିଆ ଏନ୍ଏସି ୮ ନମ୍ବର ୱାର୍ଡ ଗୁଡ଼ିସାହିର ବୃଦ୍ଧ ସିରିଆ ନାୟକ (୭୦) ସିନେମା ହଲ୍ ଛକ ନିକଟରେ ରାସ୍ତା ପାର ହେଉଥିଲେ। ରାସ୍ତାରେ ଅବ୍ୟବସ୍ଥିତ ପାର୍କିଂ ଓ ଭିଡ଼ ହେତୁ ସ୍କୁଟି ଚାଳକ ଭାରସାମ୍ୟ ହରାଇ ସିରିଆଙ୍କୁ ଧକ୍କା ଦେଇଥିଲେ। ଧକ୍କା ହେବା ଫଳରେ ସିରିଆ ଛିଟିକି ପଡ଼ି ମୁଣ୍ଡରେ ଶକ୍ତ ଆଘାତ ପାଇ ଘଟଣାସ୍ଥଳରେ ହିଁ ଅଚେତ୍ ହୋଇପଡ଼ିଥିଲେ। ସ୍କୁଟିରେ ବସିଥିବା ୩ ଜଣ ମଧ୍ୟ ଖସିପଡ଼ି ଗୁରୁତର ଆହତ ହୋଇଥଲେ। ସ୍ଥାନୀୟ ଲୋକେ ତୁରନ୍ତ ସମସ୍ତଙ୍କୁ ଉଦ୍ଧାର କରି ଅଟୋ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ସିରିଆ ନାୟକଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଦିଲ୍ଲୁ ମହାକୁଡ଼ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରଞ୍ଜିତ ଓ ଦୀପକ କରଞ୍ଜିଆ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ଖବର ପାଇ କରଞ୍ଜିଆ ପୁଲିସ୍ ଡାକ୍ତରଖାନାରେ ପହଁଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁଷ୍କର୍ମ ମାମଲା: ଅଭିଯୁକ୍ତ ଗିରଫ

ରାମଚନ୍ଦ୍ରପୁର,୨୩।୮(ନିପ୍ର): ରାମଚନ୍ଦ୍ରପୁର ଥାନା ଗଁପୁର ପଞ୍ଚାୟତ ବରାଙ୍ଗ ଗାଁରେ ଘଟିଛି ଅଭାନୀୟ ଘଟଣା । ଜଣେ ନାବାଳିକାକୁ ଦାଦା ପୁଅ ଭାଇ ଦୁଇ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଯାଜପୁର ରୋଡ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାବାଳିକା ଏକ ଶିଶୁକୁ ଜନ୍ମ ଦେବା ପରେ ଘଟଣା ପଦାକୁ ଆସିଛି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ରିପୋର୍ଟ ପରେ ଯାଜପୁର ରୋଡ ଥାନାରେ ଏକ ମାମଲା ରୁଜୁ ହୋଇ ପରବର୍ତ୍ତୀ ମୁହୂର୍ତ୍ତରେ ରାମଚନ୍ଦ୍ରପୁର ଥାନାକୁ ଉକ୍ତ କେଶ ହସ୍ତାନ୍ତର କରାଯାଇଥିଲା। ରାମଚନ୍ଦ୍ରପୁର ପୋଲିସ ଜଣେ ଅଭିଯୁକ୍ତକୁ ରବିବାର ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର୍ ଅଛି।

## ଶତାୟୁ ଆଦର୍ଶ ମା' ଖଇର ନାୟକଙ୍କ ପରଲୋକ

ଢେଙ୍କିକୋଟ,୨୩।୮(ନି.ପ୍ର): ବୀରାଙ୍ଗନା ମହାରାଣୀ ଦୁର୍ଗାବତୀ ଆଦର୍ଶ ମା' ସମ୍ମାନପ୍ରାପ୍ତ ଘଟଗାଁ ବ୍ଲକ ସାନ୍ତରାପୁର ଗ୍ରାମ ରାଇବଣ ସାଇର ଶତାୟୁ ମହିଳା ଖଇର ନାୟକଙ୍କର ରବିବାର ୧୦୨ବର୍ଷରେ ପରଲୋକ ହୋଇ ଯାଇଛି। ୫୮ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀ ଗଦାଧର ନାୟକଙ୍କ ପରଲୋକ ହେବାପରେ ୭ ବର୍ଷର ଏକମାତ୍ର ପୁତ୍ର ଗୋବିନ୍ଦଙ୍କୁ ମଣିଷ କରିବା ଓ ପରିବାର ପ୍ରତି ପୋଷଣ କରିବା ପାଇଁ ଖଇର ଅନେକ ସଂଘର୍ଷ କରିଥିଲେ । ଖଇରଙ୍କ ପରଲୋକ ଖବର ପାଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଗୋଣ୍ଡ ସାଂସ୍କୃତିକ ସମାଜର ସଭାପତି ଜନାର୍ଦ୍ଦନ ନାୟକ, ସଂପାଦକ ଚକ୍ରଧର ନାୟକ, ଶାନ୍ତରାପୁର ପଂଚାୟତ ସରପଂଚ ଶାନ୍ତନୁ କୁମାର ସିଂହ, ଶରତ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସାନ୍ତରାପୁର ଡ଼ଙ୍ଗାଧର ନାଳରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ନାତି ହିମାଂଶୁ ମୁଖାଗ୍ନି ଦେଇଥିଲେ ।

# ଶୀଘ୍ର ସମାଧାନ ହେବ ସିଲିଦାର ପାନୀୟ ଜଳ ସମସ୍ୟା

ପାଟଣା,୨୩।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସିଲିଦା ଗ୍ରାମର ୱାର୍ଡ ନଂ-୧ର ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ଆରଡବ୍ଲୁଏସ୍ଏସ୍ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାସ୍ତା ନିର୍ମାଣ ସମୟରେ ପାଇପ୍ ଲାଇନ କ୍ଷତିଗ୍ରସ୍ତ ହେବାରୁ ଜଳ ଯୋଗାଣ ବନ୍ଦ ରହିଥିଲା। ଆରଡବ୍ଲୁଏସ୍ଏସ୍ର ଜେଇ ମିଥୁନ ମାଝିଙ୍କ ସୂଚନା ଅନୁଯାୟୀ, କ୍ଷତିଗ୍ରସ୍ତ ପାଇପ୍ ଲାଇନକୁ ୭ ଦିନ ମଧ୍ୟରେ ମରାମତି କରାଯାଇ ଜଳ ଯୋଗାଣ ସ୍ୱାଭାବିକ କରାଯିବ। ଏଥିସହ ସିଲିଦା ଗ୍ରାମକୁ ମେଗା ପିଡବ୍ଲୁଏସ୍ ଯୋଜନା ଅଧୀନରେ ଏଫ୍ଏଚ୍ଟିସି ମାଧ୍ୟମରେ ପାନୀୟ ଜଳ ଯୋଗାଣରେ ସାମିଲ କରାଯାଇଛି ଏବଂ ଏହାର କାମ ଚାଲୁ ରହିଛି। ବିଭାଗର ଏହି ପଦକ୍ଷେପ ଫଳରେ ସିଲିଦା ୱାର୍ଡ ନଂ-୧ର ଗ୍ରାମବାସୀଙ୍କ ଦୀର୍ଘଦିନର ପାନୀୟ ଜଳ ସମସ୍ୟା ଶୀଘ୍ର ଦୂର ହେବ ବୋଲି ଆଶା ପ୍ରକାଶ ପାଇଛି।

# ବୁଥ ସ୍ତରୀୟ ଅଧିକାରୀଙ୍କ ବିୟୋଗରେ ଶୋକ



ଢେଙ୍କିକୋଟ,୨୩।୮(ନି.ପ୍ର): ଘଟଗାଁ ବ୍ଲକ ଭାରଣ୍ଡିଆ ୧୧ ନମ୍ବର ବୁଥରେ ବିଏଲଓ ତଥା ଭରଣ୍ଡିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ନାୟକ (୪୦)ଙ୍କର ଅସୁସ୍ଥତା ଜନିତ ଅକାଳ ବିୟୋଗରେ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି । କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସାଂସଦ ପ୍ରତିନିଧି ଅଖିଳ ପାତ୍ର, ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ବିଡ଼ିଓ ଖଗେଶ୍ୱର ବରାଳ, ତହସିଲଦାର ଚାରୁଲତା ସିଂହ, ଏବିଡ଼ିଓ ଚିତ୍ତ ରଞ୍ଜନ ନାୟକ,ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଘଟଗାଁ ବ୍ଲକ ରମେଶ୍ଚନ୍ଦ୍ର ମହାକୁଡ଼, ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଜୀବ ଲୋଚନ ମହାନ୍ତ ଓ ଦାଶରଥି ସାହୁ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ୨୭ ସେପ୍ଟେମ୍ବରରେ ସାହିତ୍ୟ ଘରର ଦଶମ ବାର୍ଷିକ ଉତ୍ସବ

ହାଟଡିହି,୨୩।୮(ନି.ପ୍ର): ହାଟଡିହି ସାହିତ୍ୟ ଘରର ଆଗାମୀ ଦଶମ ବାର୍ଷିକ ଉତ୍ସବ ପାଇଁ ରବିବାର ଛେନାପଦିଛକସ୍ଥିତ ମା' ବିଶ୍ୱତାରିଣୀ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘରର ଆବାହକ କିଶୋର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ସେପ୍ଟେମ୍ବର ୨୭ ତାରିଖରେ ବାର୍ଷିକ ଉତ୍ସବକୁ ସରସ, ସୁନ୍ଦର, ଓ ଆକର୍ଷଣୀୟ ଭାବେ ପାଳନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ସଭାପତି ଅନ୍ତର୍ଯ୍ୟାମୀ ରାଉତ, ସଂପାଦକ ଶ୍ରୀକାନ୍ତ ପଟ୍ଟନାୟକ, ନାରାୟଣ ସାହୁ, ରତ୍ନାକର ଦାସ, ଆନନ୍ଦ ଚନ୍ଦ୍ର ଓଝା, ନାରାୟଣ ଲେଙ୍କା, ସୁରେନ୍ଦ୍ର ପରିଡ଼ା, ହରିହର ସାମଲ, ଅନନ୍ତ ଚରଣ ମୁଦୁଲି, ସୁବାସ ପାତ୍ର, ନିତ୍ୟାନନ୍ଦ ବେହେରା, ମୋହନ କୁମାର ମହାନ୍ତି, ମୁରଲୀଧର ବେହେରା, ବିଦ୍ୟୁତ୍ପ୍ରଭା ଦେଓ, ଚତୁର୍ଭୁଜ ପହିଙ୍କ ସମେତ ସାହିତ୍ୟ ଘରର ବହୁ ସଦସ୍ୟ ସଦସ୍ୟା ଯୋଗଦେଇଥିଲେ। ବାର୍ଷିକ ଉତ୍ସବର କାର୍ଯ୍ୟକ୍ରମ, ଅତିଥି ଆମନ୍ତ୍ରଣ, ପ୍ରତିଭା ସମ୍ବର୍ଦ୍ଧନା ଏବଂ ବାର୍ଷିକ ମୁଖପତ୍ର ପ୍ରକାଶନ ଆଦି ବିଷୟରେ ସଦସ୍ୟମାନେ ମତାମତ ରଖିଥିଲେ। ଉତ୍ସବ ଅବସରରେ କବିତା ପାଠୋତ୍ସବ ଆୟୋଜନ କରାଯିବା ସହିତ ସାହିତ୍ୟ ଘରର ବାର୍ଷିକ ମୁଖପତ୍ର 'ପ୍ରୟାସୀ' ଲୋକାର୍ପଣ କରାଯିବା ସାହିତ୍ୟ, ଶିକ୍ଷା, ସମାଜସେବା ଓ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ଓ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନୀତ କରାଯିବା ପାଇଁ ନିଷ୍ପତି ହୋଇଥିଲା। ବାଟଡିହି ସମ୍ବାଦ ସାହିତ୍ୟ ଘର ପକ୍ଷରୁ ଦୀର୍ଘଦିନ ଧରି ସାହିତ୍ୟ, ସଂସ୍କୃତି ଓ ସାମାଜିକ ଚେତନାର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଆସୁଛି।

ଏହି ଉତ୍ସବରେ ଅଧିକରୁ ଅଧିକ ସାହିତ୍ୟପ୍ରେମୀ, କବି, ଲେଖକ, ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କୁ ସାମିଲ କରିବା ସହ କାର୍ଯ୍ୟକ୍ରମକୁ କିପରି ଅଧିକ ଶୃଙ୍ଖଳିତ, ସରସ, ସୁନ୍ଦର ଓ ଆକର୍ଷଣୀୟ କରାଯିବ ସେ ନେଇ ବିଭିନ୍ନ ପ୍ରସ୍ତାବ ଆସିଥିଲା। ବାର୍ଷିକ ଉତ୍ସବ ପୂର୍ବରୁ ଆଉ ଏକ ପ୍ରସ୍ତୁତି ବୈଠକ କରାଯାଇ କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସଂପାଦକ ଓ ଆବାହକ ସୂଚନା ଦେଇଛନ୍ତି।

# ଡିଭାଇଡରରେ ପିଟି ହେଲା ବାଇକ, ଚାଳକ ମୃତ

ଆନନ୍ଦପୁର,୨୩।୮(ନି.ପ୍ର): ଭାରସାମ୍ୟ ହରାଇ ଡିଭାଡରରେ ପିଟିହେଲେ ବାଇକ । ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ। ଘସିପୁରା ଥାନା ଅନ୍ତର୍ଗତ ଗୋହିରା ନିକଟରେ ଏଭଳି ଦୁର୍ଘଟଣା ଘଟିଛି । ମୃତକ ହେଉଛନ୍ତି ଶାଳପଡା ଗ୍ରାମର ଜୟଦେବ ଦାସ । ସେ ବିରଗୋବିନ୍ଦପୁରର ଏକ ହୋଟେଲରେ ରାତ୍ରି ଭୋଜନ ସାରି ଫେରୁଥିବା ବେଳେ ଗୋହିରା ନିକଟରେ ଭାରସାମ୍ୟ ହରାଇ ଡିଭାଡରରେ ପିଟି ହୋଇଥିଲା ତାଙ୍କର ବାଇକ । ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟକୁ



ପଠାଯାଇଥିଲା ।

ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଶାଳପଡାରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମବାସୀଙ୍କ କହିବା କଥା ଯେ ସେ ଜଣେ ଶାନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ ।

# ଗଣ୍ଡଗୋଳ ଛଡାଇବାକୁ ଯାଇ ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ

ରାମଚନ୍ଦ୍ରପୁର,୨୩।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଧାଉଡିହା ଗ୍ରାମରେ ଏକ ଗଣ୍ଡଗୋଳ ଛଡାଇବାକୁ ଯାଇ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି ।ସୂଚନା ଅନୁସାରେ ଧାଉଡିଡିହା ଗ୍ରାମର ଲିକୁନ କୁମାର ଜେନା ସେହି ଗ୍ରାମର ଧନେଶ୍ୱର ନାଏକଙ୍କ ସହ କୌଣସି କାରଣରୁ ଝଗଡା କରି ତାଙ୍କୁ ମାରପିଟ୍ କରୁଥିଲେ।ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସେହି ଗ୍ରାମର ପ୍ରଦୀପ କୁମାର ଜେନାଙ୍କ ଭାଇ ଅଜିତ ଜେନା ଝଗଡା ଛଡାଇବାକୁ ଯାଇଥିଲେ। ତେବେ ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଲିକୁନ



କୁମାର ଜେନା ଅଜିତ ଜେନାଙ୍କୁ ମାରଣାତ୍ମକ ଆକ୍ରମଣ କରିଥିଲେ। ଲିକୁନ ଏକ ଠେଙ୍ଗାରେ ଅଜିତଙ୍କ ପିଠି ଓ ମୁଣ୍ଡକୁ ପିଟିଥିଲେ। ଫଳରେ ଅଜିତଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇ ସେ ଘଟଣାସ୍ଥଳରେ ତଳେ ପଡିଯାଇଥିଲେ। ଖବର ପାଇ ୧୧୨ ଟିମ୍ ପହଞ୍ଚି ଗୁରୁତର ଆହତ ଅଜିତ ଜେନାଙ୍କୁ ଉଦ୍ଧାର କରି ଘସିପୁରା ମେଡିକାଲକୁ ନେଇଥିଲେ। ବର୍ତ୍ତମାନ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି।

ଏ ନେଇ ଆହତ ଅଜିତଙ୍କ ଭାଇ ପ୍ରଦୀପ କୁମାର ଜେନା ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରଦୀପଙ୍କ ରିପୋର୍ଟ ଆଧାରରେ ଘସିପୁରା ପୋଲିସ ୩୬୧/୨୬ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ଲିକୁନ କୁମାର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଏନ୍‌ସିସି ଅଧିକାରୀ ରଶ୍ମିରେଖା ମାଝୀଙ୍କୁ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ ପ୍ରଦାନ

ଠାକୁରମୁଣ୍ଡା,୨୩।୮(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଏନ୍.ସି.ସି. ଆସୋସିଏଟ୍? ଅଫିସର ରଶ୍ମିରେଖା ମାଝୀଙ୍କୁ ଶିକ୍ଷା ଓ ଯୁବ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୀବ ଗାନ୍ଧୀ ଶିକ୍ଷା ସମ୍ମାନ





୨୦୨୬ ପ୍ରଦାନ କରାଯାଇଛି। ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ତାଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏନ୍.ସି.ସି. ଅଧିକାରୀ ଭାବେ ସେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଶାସନ, ଦେଶପ୍ରେମ ଏବଂ ନେତୃତ୍ୱ ଗୁଣ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି।ତାଙ୍କର ନିଷ୍ଠା ଓ ସମର୍ପିତ ସେବାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

ସମ୍ମାନ ଗ୍ରହଣ କରି ରଶ୍ମିରେଖା ମାଝୀ କହିଲେ, ଏହି ସମ୍ମାନ ମୋର ଏକାକୀ ନୁହେଁ। ଏହା ମୋ ବିଦ୍ୟାଳୟ, ମୋ କ୍ୟାଡେଟ୍ ଓ ସହକର୍ମୀମାନଙ୍କର। ଆଗାମୀ ଦିନରେ ମଧ୍ୟ ମୁଁ ଅଧିକ ଦାୟିତ୍ୱ ସହକାରେ ସେବା କରିବି।ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ, ବରିଷ୍ଠ ନେତା ସୁର ରାଉତରାୟ, ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର, ସଭାପତି ଓଆରଜିଏସଏଫ ସତ୍ୟବ୍ରତ ନାୟକ ତଥା ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଓଡ଼ିଶାର ୧୧ ଜଣ ପ୍ରତିନିଧିଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା।

# ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ, ଟଙ୍କା ନେଇପାରିଲାନି ଦୁର୍ବୃତ୍ତ

କରଞ୍ଜିଆ,୨୩।୮(ନି.ପ୍ର): ଯଶିପୁର ଅଳର ତାଟୋ ଛକରେ ଥିବା ଏକ ଟାଟା ଇଣ୍ଡିକ୍ୟାଶ୍ ଏଟିଏମ୍‌ରେ ଲୁଟ୍ ଉଦ୍ୟମ ହୋଇଛି। ଏଟିଏମ୍‌ଟି ଜ୍ୟୋତିର୍ମୟ ମହାନ୍ତଙ୍କ ଭଡ଼ା ଦୋକାନ ଘରେ ଚାଲୁଥିବା ବେଳେ ରବିବାର ସକାଳେ ଏହାର ପରିଚାଳକ ଗୁରୁ ପ୍ରସାଦ ମହାନ୍ତ ସିସିଟିଭି ଫୁଟେଜ୍ ଯାଂଚ କରି ଘଟଣା ସଂପର୍କରେ ଜାଣିଥିଲେ। ଦୁର୍ବୃତ୍ତ ସଟର ଭାଙ୍ଗି ଏଟିଏମ୍ କାଉଣ୍ଟର ଭିତରକୁ ପଶି ମେସିନ୍ ଭାଙ୍ଗିଥିଲେ। ତେବେ ଏଟିଏମ୍‌ରୁ ଟଙ୍କା ନେଇ ପାରିନଥିଲେ। ଘଟଣା ସଂପର୍କରେ ଅଭିଯୋଗ ପରେ କରଞ୍ଜିଆ ଥାନାରେ କେସ୍ ନମ୍ବର ୩୨୧, ଧାରା ୩୩୧(୪)/୩୦୫(ଏ) ବିଏନ୍ଏସ୍ ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଜାରି ରଖିଛି।



# ଦୂରଦର୍ଶନର 'ଜଣା ଅଜଣା' କାର୍ଯ୍ୟକ୍ରମରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ କୃତିତ୍ୱ

ହାଟଡିହି,୨୩।୮(ନି.ପ୍ର): ହାଟଡିହି ବ୍ଲକ୍ ଚଣ୍ଡିଆବିରଂଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀ ଦୂରଦର୍ଶନର 'ଜଣା ଅଜଣା' କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ପର୍ଯ୍ୟାୟରେ ଯୋଗଦେଇ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ବିଦ୍ୟାଳୟ ତଥା ଅଂଚଳ ପାଇଁ ଗୌରବ ଆଣିଛନ୍ତି। ଗତକାଲି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ଓଡ଼ିଶାର ଭୂଗୋଳ ସମେତ ବିଭିନ୍ନ ବିଷୟ ଉପରେ ଆଧାରିତ ସାଧାରଣ ଜ୍ଞାନ ପ୍ରଶ୍ନ ପଚରାଯାଇଥିଲା। ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ର ଚନ୍ଦନ ମଲ୍ଲିକ, ଶୂନ୍ୟବାସୀ ସାହୁ, ଗାୟତ୍ରୀ କୁମାରୀ ଓ ସୁଲଗ୍ନା ସାହୁ ଅତ୍ୟନ୍ତ





ଆତ୍ମବିଶ୍ୱାସର ସହିତ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଦେଇଥିଲେ। ଏହି ସଫଳତା ପାଇଁ ସେମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରେରଣା ଓ ମାର୍ଗଦର୍ଶନ ରହିଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଉଦୟନାଥ କର ଏବଂ ଅଧ୍ୟକ୍ଷ ହେମନ୍ତ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ ଚୟନ କରି ଭୁବନେଶ୍ୱର ଦୂରଦର୍ଶନର 'ଜଣା ଅଜଣା' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପଠାଇଥିଲେ। ଛାତ୍ରଛାତ୍ରୀଙ୍କ ସହ ଶିକ୍ଷୟିତ୍ରୀ ତନୁଶ୍ରୀ ତନୟା ପହି ଓ ଶୁଭଶ୍ରୀ ପଣ୍ଡା ମାର୍ଗଦର୍ଶକ ଶିକ୍ଷକ ଭାବେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରକୁ ଯାଇଥିଲେ। ଦୂରଦର୍ଶନ କେନ୍ଦ୍ରର 'ଜଣା ଅଜଣା' କାର୍ଯ୍ୟକ୍ରମର ପ୍ରଶିକ୍ଷକ ସଂଗ୍ରାମ କେଶରୀ ଜେନାଙ୍କ ଦ୍ୱାରା ପଚରାଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଛାତ୍ରଛାତ୍ରୀମାନେ ନିର୍ଭୁଲ ଭାବେ ପ୍ରଦାନ କରିଥିଲେ। ସେମାନଙ୍କ ଉତ୍ତର ଦେବାର ଦକ୍ଷତା, ଆତ୍ମବିଶ୍ୱାସ ଓ ସାଧାରଣ ଜ୍ଞାନର ପ୍ରଶଂସା କରାଯାଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବୀଣାପାଣି କଳାନିକେତନର ପ୍ରତିଷ୍ଠାତା ପାର୍ଥସାରଥୀ ଦାଶ (ଜିତୁ ସାର)ଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ସଂପାଦିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଅଂଚଳବାସୀ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଚାଷୀ ହିନସ୍ତା, ପଞ୍ଜିକରଣ କରିବାକୁ ଆଉ ମାତ୍ର ୨ ଦିନ

ଆନନ୍ଦପୁର,୨୩।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ପଣସଡିହା ସମବାୟ ସମିତିର ସଂପାଦକଙ୍କ ମନମୁଖୀ କାର୍ଯ୍ୟ ପାଇଁ ଚାଷୀ ହିନସ୍ଥା ହେଉଥିବା ଦେଖିବାକୁ ମିଳିଛି । ଖବର ମୁତାବକ ଉକ୍ତ ଅଂଚଳର ପଳେଇ ଯାଉଥିବା ମଧ୍ୟ ଚାଷୀ କହିଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁଯାଇ ଆଜିକୁ ପନ୍ଦର ଦିନରୁ ଊର୍ଦ୍ଧ୍ୱ ଦିନ ହେବ ସମବାୟ ସମିତିକୁ ଧାଇଁ ଧାଇଁ ନୟାନ୍ତ ହେଲେ ବି ନେଟୱାର୍କ ନ ଥିବା ଦର୍ଶାଇ ପଞ୍ଜିକରଣ ହୋଇ ପାରୁ



ଚାଷୀମାନେ ପ୍ରତିଦିନ କାର୍ଯାଳୟକୁ ଚାଷୀ ପଞ୍ଜିକରଣ ନିମନ୍ତେ ଆସୁଥିବା ବେଳେ ମାତ୍ର ଆଉ ୨ ଦିନ ବାକି ଥିବାରୁ ପଞ୍ଜିକରଣ ନ ହେବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସମ୍ପାଦକ ଦିନ ୧୧ ଘଟିକା ସମୟରେ କାର୍ଯାଳୟକୁ ଆସି ଦିନ ୩ଟା ସୁଦ୍ଧା ଘରକୁ ନାହି: ବୋଲି କହୁଛନ୍ତି। ଚାଷୀ ମାନେ ସମବାୟ ସମିତି କାର୍ଯାଳୟରେ ଭିଡ଼ ଜମାଇଥିବା ଦେଖିବାକୁ ମିଳୁଥିବା ବେଳେ ଆନନ୍ଦପୁର ଉପନିବନ୍ଧକ ସମବାୟ ସମିତିର ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ଏହି ସମସ୍ୟା ଦୂର କରିବାକୁ ଅଂଚଳବାସୀ ଅନୁରୋଧ କରିଛନ୍ତି।

## ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରସଙ୍ଗ
# ସମ୍ବଲପୁର ପ୍ରତି ଉପେକ୍ଷା କାହିଁକି?

ସମ୍ବଲପୁର,୨୩।୮(ନିପ୍ର): ପଶ୍ଚିମ ଓଡ଼ିଶାର ଦୀର୍ଘଦିନର ଦାବି ସମ୍ବଲପୁରରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ। ଲଦାଖରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ କେନ୍ଦ୍ରର ଅନୁମୋଦନ ଏବଂ କୋଲ୍ହାପୁରରେ ବମ୍ବେ ହାଇକୋର୍ଟର ବେଞ୍ଚ ପ୍ରସଙ୍ଗକୁ ଉଦାହରଣ ଦେଇ ସେ ପଶ୍ଚିମ ଓଡ଼ିଶା ପ୍ରତି ଏଭଳି ଉପେକ୍ଷା କାହିଁକି ବୋଲି ପ୍ରଶ୍ନ ଉଠାଇଛନ୍ତି।ନିକଟରେ ଲଦାଖରେ ଜମ୍ମୁକଶ୍ମୀର ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠାକୁ କେନ୍ଦ୍ର ଅନୁମୋଦନ ଦେଇଛି। କୋଲ୍ହାପୁରରେ ବମ୍ବେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ ୧ ଅଗଷ୍ଟ ୨୦୨୫ରେ ନୋଟିଫିକେସନ ଜାରି ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୂଜାରୀ କହିଛନ୍ତି, ଅନ୍ୟ ରାଜ୍ୟରେ ଲୋକଙ୍କ ସୁବିଧା ପାଇଁ ଯଦି ହାଇକୋର୍ଟ ବେଞ୍ଚ ଦିଆଯାଇ ପାରୁଛି ତେବେ ପଶ୍ଚିମ ଓଡ଼ିଶାର ଦଶନ୍ଧି ପୁରୁଣା ଦାବି କାହିଁକି ପୂରଣ ହେଉନାହିଁ? ସେ କହିଛନ୍ତି, ପଶ୍ଚିମ ଓଡ଼ିଶାର ଲୋକଙ୍କୁ ହାଇକୋର୍ଟ ସମ୍ପର୍କିତ କାର୍ଯ୍ୟ ପାଇଁ କଟକ ଯିବାକୁ ପଡ଼ୁଛି। ଏଥିପାଇଁ ସମୟ, ଅର୍ଥ ଓ ଶ୍ରମ ଅଧିକ ଖର୍ଚ୍ଚ ହେଉଛି। ଦୀର୍ଘଦିନ ହେଲା ଆଇନଜୀବୀ, ବିଭିନ୍ନ ସଂଗଠନ ଓ ସାଧାରଣ ଲୋକ ସମ୍ବଲପୁରରେ ସ୍ଥାୟୀ ବେଞ୍ଚ ଦାବିରେ ଆନ୍ଦୋଳନ କରିଆସୁଛନ୍ତି। ଏହା ପଶ୍ଚିମ ଓଡ଼ିଶାର ନ୍ୟାୟିକ ଅଧିକାର ଓ ସାଧାରଣ ଲୋକଙ୍କ ସୁବିଧାର ପ୍ରସଙ୍ଗ। ୨୦୨୫ରେ କେନ୍ଦ୍ର ସରକାର ସଂସଦରେ କହିଥିଲେ ଯେ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆସିବା ଆବଶ୍ୟକ। ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି, ଯଦି ରାଜ୍ୟ ସରକାରଙ୍କ ପ୍ରସ୍ତାବ ଆସିଲେ ପ୍ରକ୍ରିୟା ଆଗକୁ ବଢ଼ିବ, ତେବେ ଓଡ଼ିଶାରେ ବିଜେପି ସରକାର ଗଠନର ଦୁଇ ବର୍ଷ ପରେ ମଧ୍ୟ ସମ୍ବଲପୁର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତାବ କାହିଁକି ପଠାଯାଇନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ବାରମ୍ବାର ପ୍ରସ୍ତାବ ଦେଇ ଜମି ଓ ଭିତ୍ତିଭୂମି ପାଇଁ ସହଯୋଗ କରିବାକୁ କହିଥିଲେ। ତେଣୁ ପୂର୍ବ ପ୍ରସ୍ତାବର ସ୍ଥିତି କ'ଣ, ତାହା ସରକାର ସ୍ପଷ୍ଟ କରନ୍ତୁ। ଏହାସହ ରାଜ୍ୟ ସରକାରଙ୍କୁ ସେ ୪ ପ୍ରସ୍ତାବ ଦେଇଛନ୍ତି। ସରକାର ସ୍ପଷ୍ଟ ପଦକ୍ଷେପ ନେବା ଆବଶ୍ୟକ। ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପାଇଁ ତୁରନ୍ତ ଔପଚାରିକ ପ୍ରସ୍ତାବ ପ୍ରସ୍ତୁତ କରାଯାଉ। ଆବଶ୍ୟକ ଜମି, ଭିତ୍ତିଭୂମି ଓ ଆର୍ଥିକ ବ୍ୟବସ୍ଥାର ସ୍ପଷ୍ଟ ରୋଡମ୍ୟାପ ଦିଆଯାଉ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ କରାଯାଇ କେନ୍ଦ୍ର ନିକଟକୁ ସମ୍ପୂର୍ଣ୍ଣ ପ୍ରସ୍ତାବ ପଠାଯାଉ। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏ ସଂପର୍କରେ ନିଜ ଭୂମିକା ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ପୂଜାରୀ ଦାବି କରିଛନ୍ତି।

## ମିତ୍ସରେ ମୋବାଇଲ୍ ହେଲ୍ଥକେୟାର ସେବା ଶୁଭାରମ୍ଭ




ରାୟଗଡ଼ା:୨୩/୮(ନି.ପ୍ର): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଭୁଜବଳ ସ୍ଥିତ ମଝିଘରିଆଣି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିତ୍ସ) ପରିସରରେ ଶ୍ରୀ ସତ୍ୟସାଇ ମାସିକ ମୋବାଇଲ୍ ହେଲଥ କେୟାର ସେବା ଶିବିରର ଶୁଭାରମ୍ଭ ହୋଇଯାଇଛି। ମିତ୍ସ ଏନ୍ଏସ୍ଏସ୍ ୟୁନିଟ୍ ଏବଂ ଶ୍ରୀ ସତ୍ୟସାଇ ସେବା ସଂଗଠନ, ରାୟଗଡ଼ା ଜିଲ୍ଲାର ମିଳିତ ଉଦ୍ୟମରେ ଆୟୋଜିତ ଏହି ସେବାର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀ ଓ ସମାଜ ମଧ୍ୟରେ ପ୍ରତିଷେଧକ ସ୍ବାସ୍ଥ୍ୟସେବା, ନିୟମିତ ସ୍ବାସ୍ଥ୍ୟ ପରୀକ୍ଷା ଓ ସ୍ବାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା । ଏହି ଶିବିରକୁ ମିତ୍ସ ଗ୍ରୁପ୍ର ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା ଉଦ୍‌ଘାଟନ କରିଥିଲେ । ଏହି ଅବସର ଶ୍ରୀ ସତ୍ୟସାଇ ସେବା ସଂଗଠନ, ରାୟଗଡ଼ା ଜିଲ୍ଲାର ଦାୟିତ୍ୱପ୍ରାପ୍ତ ଡ. ଏଲ୍. ଏନ୍. ସାହୁ, ମିତ୍ସ ର ନିର୍ଦ୍ଦେଶକ ଡ. ସି. ଭି. ଗୋପୀନାଥ, ମିତ୍ସ ର ପ୍ରିନ୍ସିପାଲ ପ୍ରଫେସର ରାମାନୁଜ ନାୟକ ଏବଂ ସାଇ ସମିତିର କନ୍‌ଭେନର ବି. ଶିବ ପ୍ରସାଦଉପସ୍ଥିତ ଥିଲେ । ଏଥିସହ ଜି. ଉତ୍ତର କୁମାର, ଶ୍ରୀମତୀ କସ୍ତୁରୀ ସାହୁ ଓ କେ. ମୋହନ ରାଓଙ୍କ ସମେତ ଅନ୍ୟାନ୍ୟ ସାଇ ସେବା ସ୍ୱେଚ୍ଛାସେବୀ, ଅଧ୍ୟାପକ, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱଜିତ ପଣ୍ଡା ମିତ୍ସ ପରିସରରେ ସ୍ବାସ୍ଥ୍ୟସେବା ପ୍ରଦାନ ପାଇଁ ଶ୍ରୀ ସତ୍ୟସାଇ ସେବା ସଂଗଠନକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ।ସମାଜ କଲ୍ୟାଣ ପ୍ରତି ସଂଗଠନର ନିରନ୍ତର ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିଥିଲେ। ଏଭଳି ସେବାମୂଳକ ପଦକ୍ଷେପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଷେଧକ ସ୍ବାସ୍ଥ୍ୟସେବା ପ୍ରତି ସଚେତନତା ଓ ସ୍ବାସ୍ଥ୍ୟ ସଚେତନ ମନୋଭାବ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ କହିଥିଲେ । ଡ.ଏଲ୍ ଏନ୍. ସାହୁ ସୂଚନା ଦେଇଥିଲେ ଯେ, ପ୍ରତି ମାସର ତୃତୀୟ ଶନିବାର ମିତ୍ସ ପରିସରରେ ଏହି ମୋବାଇଲ୍ ହେଲ୍ଥକେୟାର ସେବା ଶିବିର ଆୟୋଜିତ ହେବ । ନିୟମିତ ସ୍ବାସ୍ଥ୍ୟ ପରୀକ୍ଷା, ଡାକ୍ତରୀ ପରାମର୍ଶ, ସ୍ବାସ୍ଥ୍ୟ ସଚେତନତା ଓ ଅନ୍ୟାନ୍ୟ ପ୍ରାଥମିକ ସ୍ବାସ୍ଥ୍ୟ ସହାୟତା ପ୍ରଦାନ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଏକ ନିରନ୍ତର ସ୍ବାସ୍ଥ୍ୟସେବା ପଦକ୍ଷେପ ଭାବେ ଜାରି ରଖାଯିବ। ଶିବିରର ପ୍ରଥମ ପର୍ଯ୍ୟାୟରେ ୧୦୮ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଓ ଦାନ୍ତ ପରୀକ୍ଷା କରାଯାଇଥିଲା । ଡ. ଭୋଗୀ ସ୍ବରୂପା, ବିଡିଏସ୍, ଦନ୍ତ ଚିକିତ୍ସକ ଏବଂ ଅଜିତ କୁମାର ମୋଗୁଲୁ, ଅପ୍ଟୋମେଟ୍ରିଷ୍ଟ ଯଥାକ୍ରମେ ଦାନ୍ତ ଓ ଚକ୍ଷୁ ପରୀକ୍ଷା କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ମୁଖ ସ୍ବଚ୍ଛତା, ଚକ୍ଷୁର ଯତ୍ନ ଓ ପ୍ରତିଷେଧକ ସ୍ବାସ୍ଥ୍ୟସେବା ସମ୍ପର୍କରେ ବିଶେଷଜ୍ଞ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ସେବା, କରୁଣା ଓ ସମାଜ ପ୍ରତି ଦାୟିତ୍ୱବୋଧର ମୂଲ୍ୟବୋଧକୁ ପ୍ରତିଫଳିତ କରିବା ସହ ମିତ୍ସ ଏନ୍ଏସ୍ଏସ୍ ୟୁନିଟ୍ର ସାମାଜିକ ସେବା ଓ ସମାଜମୁଖୀ କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବ। ପରିସରରେ ନିୟମିତ ସ୍ବାସ୍ଥ୍ୟ ଶିବିର ଆୟୋଜନ ଦ୍ବାରା ସମ୍ଭାବ୍ୟ ସ୍ବାସ୍ଥ୍ୟ ସମସ୍ୟାକୁ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସୁସ୍ଥ ଓ ଦାୟିତ୍ୱପୂର୍ଣ୍ଣ ଜୀବନଶୈଳୀ

# ପଞ୍ଜୀକରଣକୁ ନେଇ ଅସନ୍ତୋଷ
# ଡିଇଓଙ୍କୁ ତାଲା ପକାଇଲେ ଚାଷୀ

**ବିଜେପୁର,**୨୩।୮(ନି.ପ୍ର): ଚାଷ କାମ ଯାହାର, ସବୁ ସୁଖ ତାହାର ଉକ୍ତି ସାମ୍ପ୍ରତିକ ପରିସ୍ଥିତିରେ ଚାଷୀଙ୍କ ପାଇଁ ବିପରୀତ ସାବ୍ୟସ୍ତ ହୋଇଛି। ଚାଷ ଏବେ ଚାଷୀଙ୍କୁ ଲାଭ ଓ ଖୁସି ଦେବା ପରିବର୍ତ୍ତେ ହଇରାଣରେ ପକାଉଛି। ଖରିଫ ଧାନ ବିକ୍ରି ପାଇଁ ଚାଲିଥିବା ଚାଷୀ ପଞ୍ଜୀକରଣବେଳେ ଏହା ପ୍ରମାଣିତ ହୋଇଛି। ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ଖରବନ୍ଧ ବ୍ଲକର ଡଭା ପଞ୍ଚାୟତ ବିଳାସପୁରଠାରେ ଅସନ୍ତୋଷ ତୀବ୍ର ହୋଇଛି। ପଞ୍ଜୀକରଣରୁ ବାଦ ପଡୁଥିବା ଅଭିଯୋଗ କରି ଶତାଧିକ ଚାଷୀ ପଞ୍ଜୀକରଣ କେନ୍ଦ୍ରରେ ପହଞ୍ଚି ହୋହଲ୍ଲା କରିବା ସହ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ଙ୍କୁ ତାଲା ପକାଇଦେଇଛନ୍ତି। ଖରବନ୍ଧ ବ୍ଲକ ଡଭା ପଞ୍ଚାୟତ ଅଧୀନ ବିଳାସପୁରରେ ପଞ୍ଜୀକରଣ ଚାଲିଥିବା ବେଳେ ଚାଷୀଙ୍କ ଆଟ ସାଧାରଣ କିସମ ଜମିର ଧାନ ପଞ୍ଜୀକରଣ ହେଉ ନ ଥିବା ଅଭିଯୋଗ ହୋଇଛି। ଚାଷୀମାନଙ୍କ ଅଭିଯୋଗ ଯେ ଉକ୍ତ ଜମିରେ ଧାନ ଚାଷ କରିଥିଲେ ବି ପଞ୍ଜୀକରଣରୁ ବାଦ୍ ଦେଲେ ସରକାରୀ ବ୍ୟବସ୍ଥାରେ ଧାନ ବିକ୍ରି କରିବା ସମ୍ଭବ ହେବ ନାହିଁ। ଏହାକୁ ନେଇ ପଞ୍ଜୀକରଣ କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇବା ସହ ଡିଇଓଙ୍କୁ ତାଲା ପକାଯାଇଥିବା ଅଭିଯୋଗ ହୋଇଛି। ପରେ ତାଲା ଖୋଲାଯାଇଥିଲା। ଏହି ଘଟଣା ପରେ କେନ୍ଦ୍ରରେ ତାଲା ପଡ଼ିଥିବାରୁ ପଞ୍ଜୀକରଣ ବାଧାପ୍ରାପ୍ତ ହୋଇଛି। ନାରାୟଣ ବେହେରା, ସାଗର ଚନ୍ଦ୍ରାକାର, ଦିନେଶ ସାହୁ, ଭାମସେନ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଆଟ ସାଧାରଣ କିସମ ଜମିକୁ ପଞ୍ଜୀକରଣରେ ସାମିଲ କରିବା ପାଇଁ ଦାବି କରିଛନ୍ତି। ଏନେଇ ପାକ୍ସ ସମ୍ପାଦକ ଲମ୍ବୋଦର ପଟେଲଙ୍କୁ ପଚାରିବାରୁ ଡିଆରସିଏସ୍ ଆଟ ସାଧାରଣ କିସମ ଜମି ପଞ୍ଜୀକରଣ ପାଇଁ ମନା କରିଛନ୍ତି ବୋଲି କହିଥିଲେ। ଚାଷୀମାନଙ୍କ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ଅନ୍ୟଥା ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ଆୟୁଷ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଆଲୋଚନାଚକ୍ର

ବଲାଙ୍ଗିର,୨୩/୮ (ନିପ୍ର) ବଲାଙ୍ଗିର ନେତାଜୀ ସଂଗ୍ରାମ ପରିଷଦ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ଆୟୁଷ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ନେଇ ଦୃଢ଼ମତ ଉଠିଛି । ତ୍ରୈମାସିକ ମୁଖପତ୍ର ସୁଭାଷ ଚିନ୍ତନ ଚତୁର୍ଥ ବର୍ଷ ତୃତୀୟ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଭଗବତୀ ମଣ୍ଡପ ଠାରେ ବଲାଙ୍ଗିର ରେ ଆୟୁଷ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠାର ପୃଷ୍ଠଭୂମି ସଂପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପରିଷଦର ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା ରେ ଶିକ୍ଷାବିତ୍ ଡ. ଜୟକୁମାର ଆର୍ଯ୍ୟ, ଆୟୁର୍ବେଦ ଡାକ୍ତର ବିପିନ ବିହାରୀ ମିଶ୍ର,



ହୋମିଓପାଥି ଡାକ୍ତର ଗୋଦାବରିଶ ରଥ, ବରିଷ୍ଠ ଆଇନଜିବୀ ଶଶୀ ଭୂଷଣ ପୁରୋହିତ,ଦିବ୍ୟ ଜିବନ ସଂଘ ଯୋଗାର୍ଯ୍ୟ ଶିବାନନ୍ଦ ଦାଶ ମଂଚାସିନ ଥିଲେ । ବିଶ୍ୱ ବିଦ୍ୟାଳୟ ର ପ୍ରତିଷ୍ଠା ସମୟୋପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତା ସମୁହ ମତବ୍ୟକ୍ତ କରିଥିଲେ । ବଲାଙ୍ଗିର ଆୟୁର୍ବେଦ କଲେଜ ପୁରାତନ ଛାତ୍ର ସଂଘ ସଭାପତି ଡା. ବାସୁଦେବ ପତି ତାଙ୍କ ବକ୍ତବ୍ୟରେ ବଲାଙ୍ଗିର ରେ ଆୟୁଷ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଅପରିହାର୍ଯ୍ୟ ବୋଲି ମତପ୍ରକାଶ କରିଥିଲେ ।


GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAHANADI NORTH DIVISION-I, JAGATPUR
E-mail ID :- exengr.mnd@gmail.com
'e' Procurement Notice No- MND-03/2026-27

| | |
|---|---|
| Nature of Work | :Works in River embankments & Canals |
| Total No. of Works | :30 (Thirty) Nos |
| Tender Cost | :Rs.10.00 Lakh to Rs.50.00 Lakh |
| Class of Contractor | :"D,C&B"Class |
| Period of completion | :2 (Two)to 4 (Four) Months |
| EMD required | :As mentioned in DTCN |
| On-line bidding period | :10.00 Hrs of 25.08.2026 to 17.30 Hrs of 03.09.2026 |
| Date and time of Opening of Bid | :05.09.2026 at 11.30 Hours |

Further details can be seen from the Govt. web site https://tendersodisha.gov.in
All corrigendum/cancellation of tender if any will only be uploaded in the above web site.

Sd/-
Superintending Engineer
Mahanadi North Divsion- I
Jagatpur

Caption No: 32001/719/2627


# ବାରାଣସୀରେ ଓଡ଼ିଶା ପରବ
## ୧୫ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଉପରେ ଆଲୋକପାତ




ଭୁବନେଶ୍ୱର,୨୩।୮(ନିପ୍ର): ବାରଣାସୀଠାରେ ଆୟୋଜିତ ଓଡ଼ିଶା ପରବ ୨୦୨୬ ଅବସରରେ ଏକ ଓଡ଼ିଆ ପ୍ରବାସୀ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାରଣାସୀରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ସଦସ୍ୟ, ସାଂସ୍କୃତିକ ବ୍ୟକ୍ତିତ୍ୱ, ପେଶାଦାର, ଅଧ୍ୟାପକ ଓ ଉଦ୍ୟୋଗୀମାନେ ଏକାଠି ହୋଇ ଓଡ଼ିଶା ସହିତ ସେମାନଙ୍କର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ଯୋଗସୂତ୍ରକୁ ଆହୁରି ମଜବୁତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଉତ୍ତର ପ୍ରଦେଶ ସରକାରଙ୍କ ଶ୍ରମ, ନିୟୋଜନ ଓ ସମନ୍ୱୟ ମନ୍ତ୍ରୀ ଅନିଲ ରାଜଭର, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପଦ୍ମଶ୍ରୀ ଘଉରରଘଉଏ ଶ୍ରୀଭାଷ ଚନ୍ଦ୍ର ସୁପକାର, ବାରଣାସୀ ଓଡ଼ିଆ ସମାଜର ସଭାପତି ପ୍ରଫେସର ଗୋପବନ୍ଧୁ ମିଶ୍ର ଏବଂ ଫିକଐ ଉତ୍ତର ପ୍ରଦେଶ ପର୍ଯ୍ୟଟନ କମିଟିର ଅଧ୍ୟକ୍ଷ ପ୍ରତୀକ ହୀରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଓଡ଼ିଶା ପରବର ଦ୍ୱିତୀୟ ଦିନରେ ଟୁରିଜମ୍ ଇନଭେଷ୍ଟର ଏବଂ ବିଜନେସ୍‌ଟୁଗଭର୍ଣ୍ଣମେଣ୍ଟ (ବି୨ଜି) ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଟୁରିଜମ୍ ରୋଡ୍ ଶୋରେ ଓଡ଼ିଶାର ବିବିଧ ପର୍ଯ୍ୟଟନ ସମ୍ଭାବନାକୁ ପ୍ରଦର୍ଶନ କରାଯାଇଥିଲା। ଏଥିରେ ପୁରୀ, କୋଣାର୍କ, ରତ୍ନଗିରି, ଉଦୟଗିରି, ଲଳିତଗିରି, ହୀରାକୁଦ, ଚିଲିକା, ଭିତରକନିକା ଏବଂ ଶିମିଳିପାଳ ଭଳି ୧୫ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଉପରେ ଆଲୋକପାତ କରାଯାଇଥିଲା। ଏହାବ୍ୟତୀତ ଇକୋ-ଟୁରିଜମ୍, ବନ୍ୟପ୍ରାଣୀ, ସାହସିକ ଓ ଅନୁଭୂତିଭିତ୍ତିକ ପର୍ଯ୍ୟଟନ ଆଦିର ସମ୍ଭାବନା ଏବଂ ନିବେଶକଙ୍କ ପାଇଁ ଉପଲବ୍ଧ ପ୍ରୋତ୍ସାହନ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା। ସୂଚନାଯୋଗ୍ୟ, ଓଡ଼ିଶା ପରବ ୨୨ ତାରିଖରୁ ଆରମ୍ଭ ହୋଇଛି ଓ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପ୍ରଦର୍ଶନ କଳା ବିଭାଗର ନବାଗତଙ୍କୁ ଦିଗ୍‌ଦର୍ଶନ
# ଓରିଏଣ୍ଟେସନ୍‌ରେ ଉତ୍ସାହିତ ଛାତ୍ରଛାତ୍ରୀ

ସମ୍ବଲପୁର,୨୩।୮(ନିପ୍ର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗର ସ୍ନାତକୋତ୍ତର ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ଅଭିନିବେଶ (ଓରିଏଣ୍ଟେସନ୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଛାତ୍ରଛାତ୍ରୀଙ୍କୁ ବିଭାଗର ଶିକ୍ଷା ପଦ୍ଧତି, ନିୟମାନୁଶାସନ, ଭବିଷ୍ୟତ ସୁଯୋଗ ଓ ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇବା ଏହାର ଉଦ୍ଦେଶ୍ୟ ଥିଲା। ବିଭାଗୀୟ ସଂଯୋଜକ ଡ. ହରିଦାସ ମହନ୍ତ ମା' ସମଲେଇଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ସହ ନବାଗତଙ୍କୁ ସ୍ୱାଗତ କରିଥିଲେ। ପରେ ବିଶ୍ୱବିଦ୍ୟାଳୟର କୁଳ ସଙ୍ଗୀତ ଗାନ କରାଯାଇଥିଲା। ଡ. ମହନ୍ତ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସହ ବିଭାଗୀୟ ଶୃଙ୍ଖଳାର ମାର୍ଗଦର୍ଶନ ଦେଇଥିଲେ। ଡ. ମୋହିତ ସ୍ୱାଇଁ ପାଠ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ଅଧ୍ୟାପକ ଅରବିନ୍ଦ ପଣ୍ଡା ବିଭାଗର ଶିକ୍ଷାଦାନ,




କାର୍ଯ୍ୟକଳାପ ଓ ବିଭାଗର ସାମଗ୍ରିକ ରୂପରେଖା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ମମତା ସାହୁ ଅନୁଶାସନ, ଶୃଙ୍ଖଳା ଓ ଡ୍ରେସ୍ କୋଡ୍ ସମ୍ପର୍କରେ ସଚେତନ କରାଇଥିଲେ।ଅଧ୍ୟାପକ ଡ. ଚନ୍ଦ୍ରକାନ୍ତ ମହାନନ୍ଦ ବିଶ୍ୱବିଦ୍ୟାଳୟ ପରିସରରେ ଉପଲବ୍ଧ ବିଭିନ୍ନ ସୁବିଧା ଓ ସୁଯୋଗ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଚନ୍ଦ୍ରକାନ୍ତ ମହନ୍ତ ରୋଜଗାର ଓ ଆତ୍ମନିଯୁକ୍ତି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଜ୍ୟୋତିରେଖା ତ୍ରିପାଠୀ ନିୟମିତ ଉପସ୍ଥାନର ଗୁରୁତ୍ୱ ବୁଝାଇଥିଲେ। ଡ. ସପନ ମିଶ୍ର ବିପୁଳ ସମ୍ଭାବନା ସମ୍ପର୍କରେ ଆଲେକପାତ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତଙ୍କ ସହ ନିଜ ଅନୁଭୂତି ବାଣ୍ଟି ଥିଲେ। ଛାତ୍ରୀ ଗାୟତ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ପ୍ରଦର୍ଶନ କଳା ବିଭାଗରେ ନାମ ଲେଖାଇବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।


ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ୍
TATA
ପଞ୍ଜୀକୃତ କାର୍ଯ୍ୟାଳୟ:୧୧ତମ ମହଲା,ଟାୱାର ଏ,ପେନିନ୍‌ଶୁଲା ବିଜନେସ ପାର୍କ,ଗଣପତରାଓ କଦମ ମାର୍ଗ, ଲୋୟରପ୍ୟାରେଲ,ମୁମ୍ବାଇ-୪୦୦୦୧୩, CIN No. : U67190MH2008PLC187552

ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)
(ସିକ୍ୟୁରିଟି ଇଣ୍ଟରେଷ୍ଟ ଏନଫୋର୍ସମେଣ୍ଟ ରୁଲ୍ସ , ୨୦୦୨ର ରୁଲ୍ ୮(୧) ପାଠକରାଯାଇ ପରିଶିଷ୍ଟ ୪ ଅନୁଯାୟୀ)

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ଟାଟା କ୍ୟାପିଟାଲ୍ ହାଉସିଂ ଫାଇନାନ୍ସ ଲିମିଟେଡର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ପାଠ କରାଯାଇ ଧାରା ୧୩ (୧୨) ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇ ନିମ୍ନଲିଖିତ ଡିମାଣ୍ଡ ନୋଟିସ ଜାରି କରାଯାଇଥିଲା, ସେଥିରେ ଋଣଗ୍ରହୀତାମାନଙ୍କୁ କୁହାଯାଇଥିଲା ଯେ, ଉକ୍ତ ନୋଟିସ ଜାରି ହେବାର ୬୦ ଦିନ ମଧ୍ୟରେ ଉକ୍ତ ନୋଟିସରେ ଉଲ୍ଲେଖ ଥିବା ରାଶି ପରିଶୋଧ କରିବେ।
ଋଣଗ୍ରହୀତା ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ , ଏତଦ୍ୱାରା ବିଶେଷ କରି ଋଣଗ୍ରହୀତାଙ୍କୁ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉକ୍ତ ରୁଲ ଗୁଡିକର ରୁଲ ୮ ପାଠ କରାଯାଇ ଉକ୍ତ ଆଇନର ଧାରା ୧୩ (୪) ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ବିଶେଷ କରି ଋଣ ଗ୍ରହୀତାଙ୍କୁ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସେମାନେ ଏହି ସମ୍ପତ୍ତି ଉପରେ କୌଣସି କାରବାର କରିବେ ନାହିଁ। ଯଦି ଏପରି କରନ୍ତି ତେବେ ସେମାନଙ୍କୁ ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡଙ୍କୁ ନିମ୍ନରେ ଉଲ୍ଲେଖ ଥିବା ରାଶି ସହିତ ଏହା ଉପରେ ସୁଧ ଏବଂ ଜରିମାନା ସୁଧ, ଚାର୍ଜେସ ମୂଲ୍ୟ ଇତ୍ୟାଦି ନିମ୍ନଲିଖିତ ତାରିଖରୁ ଦେବାକୁ ପଡିବ।
ଋଣଗ୍ରହୀତାଙ୍କର ଧ୍ୟାନ ଆକର୍ଷଣ କରାଯାଉଛି ଯେ, ଆଇନର ଧାରା ୧୩ର ଉପଧାରା (୮)ର ବିଧିବ୍ୟବସ୍ଥା ଅନୁଯାୟୀ ସେଥିରେ ଉପଲବ୍ଧ ଥିବା ସମୟସୀମା ମଧ୍ୟରେ ସେମାନେ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିଗୁଡିକୁ ମୁକୁଳାଇପାରିବେ।

| ଋଣ ଆକାଉଣ୍ଟ ନଂ. | ଓବ୍ଲିଗେଟର (ମାନେ) / ଉତ୍ତରାଧିକାରୀ(ମାନେ)/ ଆଇନତଃ ପ୍ରତିନିଧି (ମାନେ)ଙ୍କ ନାମ | ଡିମାଣ୍ଡ ନୋଟିସ ଅନୁଯାୟୀ ରାଶି ପରିମାଣ | ଦଖଲ ତାରିଖ |
|---|---|---|---|
| 10081488 | ଶ୍ରୀ ବ୍ରଜକିଶୋର ସାହୁ, ଶ୍ରୀମତି କୁନ୍ତଳା ସାହୁ, ଶ୍ରୀ ଦୁର୍ଯ୍ୟୋଧନ ସାହୁ | ଟ. ୧୩,୬୧,୫୦୧/-(ତେର ଲକ୍ଷ ଏକଷଠି ହଜାର ପାଞ୍ଚଶହ ଏକ ଟଙ୍କା ମାତ୍ର କେବଳ) ୨୬/୦୫/୨୦୨୬ ସୁଦ୍ଧା। | 20-08-2026 |

ସୁରକ୍ଷିତ ସମ୍ପତ୍ତିଗୁଡିକ/ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ: ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ଯାହା ଏକ ଜମି ହେବା ସହ ଏହା ଉପରେ ନିର୍ମିତ ଏକ ଗୃହ, ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଟାଙ୍ଗୀ, ଏସ୍‌ଆରଓ-ଟାଙ୍ଗୀ, ଥାନା-ଟାଙ୍ଗୀ, ଥାନା-୧୨୫, ମୌଜା-କୁସୁମୀ, ଖାତା ନଂ-୮୩, ପ୍ଲଟ ନଂ-୪୫୫, ଏରିଆ-ଏ ୦.୦୯୬ ଡେସିମିଲ, ପ୍ଲଟ ନଂ-୪୫୬, ଏ ୦.୧୧୨ ଡେସିମିଲ, ମୋଟ ଏରିଆ-ଏ ୦.୨୦୮ ଡେସିମିଲ, ସ୍ଥିତି-ସ୍ଥିତିବାନ, କିସମ-ଘରବାରୀ। ସମ୍ପତ୍ତିର ପରିସୀମା-ଉତ୍ତର: ରାମଚନ୍ଦ୍ର ସାମନ୍ତରା, ଦକ୍ଷିଣ: ରାସ୍ତା, ପୂର୍ବ: ରାମଚନ୍ଦ୍ର ସାମନ୍ତରା, ପଶ୍ଚିମ: ବାସନ୍ତୀ ସ୍ୱାଇଁ।

ତାରିଖ : ୨୦-୦୮.୨୦୨୬ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ସ୍ଥାନ : ଖୋର୍ଦ୍ଧା, ଓଡ଼ିଶା ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ ନିମନ୍ତେ


## ଆଇଆଇଏଫଏମ ଟିମ୍ ଓ ଡିଏଫଓଙ୍କ ବନାଞ୍ଚଳ ଗସ୍ତ

ଠାକୁରମୁଣ୍ଡା,୨୩।୮(ନି.ପ୍ର):ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ସିମଡିହା ବନ ସୁରକ୍ଷା ସମିତିରେ ଚାଲିଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ମୂଲ୍ୟାୟନ କରାଯାଇଛି। ଭାରତୀୟ ବନ ପରିଚାଳନା ସଂସ୍ଥାନ, ଭୋପାଳର ବିଶେଷଜ୍ଞ ଟିମ୍ ସିମଡିହା ଭିଏସଏସ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ମାନ୍ୟବର କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ



ମଧ୍ୟ ଗସ୍ତ କରି ସ୍ଥାନୀୟ ଗ୍ରାମବାସୀ ଓ ଭିଏସଏସ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ।ଭାରତୀୟ ବନ ପରିଚାଳନା ସଂସ୍ଥାନ ଟିମ୍ ଜଙ୍ଗଲ ସୁରକ୍ଷା, ଜୀବିକା ଉନ୍ନୟନ, ଏସଏଚଜି ମାଧ୍ୟମରେ ମହିଳା ସଶକ୍ତିକରଣ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଏବଂ ଜନଜାତି ଲୋକଙ୍କ ଆର୍ଥିକ ବିକାଶ ଉପରେ ସ୍ଥାନୀୟ ଲୋକଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଭିଏସଏସ ଦ୍ୱାରା କରାଯାଇଥିବା କାର୍ଯ୍ୟ ଓ ଗ୍ରାମବାସୀଙ୍କ ଅଂଶଗ୍ରହଣକୁ ଟିମ୍? ପ୍ରଶଂସା କରିଥିଲେ।ଡ଼ିଏଫଓ ଗ୍ରାମବାସୀଙ୍କୁ ଜଙ୍ଗଲ ସୁରକ୍ଷା ସହ ଜଡିତ ରହି ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଜଙ୍ଗଲ ଉପରେ ନିର୍ଭର କରି କିପରି ସ୍ଥାୟୀ ଜୀବିକା ଅର୍ଜନ କରିହେବ ସେ ନେଇ ମଧ୍ୟ ଆଲୋଚନା କରିଥିଲେ।ଜୀବିକା ବିକାଶ ପାଇଁ ଲାଖ ଚାଷ, ଟସର ଚାଷ ଫଳରେ ଉଭୟ ଜଙ୍ଗଲ ଓ ଜୀବିକା ବଢିବ ବୋଲି ପରାମର୍ଶ ଦେଇଥିଲେ।ଏହି ମୂଲ୍ୟାୟନ କାର୍ଯ୍ୟକ୍ରମରେ ଆଇଆଇଏଫଏମ ଭୋପାଳରୁ ପଵନ କୁମାର ଭୈସେ(ଟିମ ଲିଡର),ଡ.ସମୀର ଜେନା, ଡ. ଇପ୍ସିତା ପ୍ରିୟଦର୍ଶିନୀ ସାମଲ, ନରେନ୍ଦ୍ର କୁମାର ରଙ୍ଗର,ପିଆଲି ସୂତ୍ରଧର,ସମ୍ବିତ ସାଗର ମଲ୍ଲିକ, ଅଭିଜିତ କୁମାର ମହାରଣା,ଲୋହିଲ ପ୍ରଧାନ,ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଯୋଗ ଦେଇ ମୂଲ୍ୟାୟନ କରିଥିଲେ।ଏହି ଗସ୍ତ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ଫରେଷ୍ଟ ଗାର୍ଡ ବିକାଶ କୁମାର ମହାନ୍ତ, ଏସଏମଏସ ନିଶିକାନ୍ତ ଜେନା, ସରୋଜ ରଞ୍ଜନ ସାହୁ, ଶରତ କୁମାର ତ୍ରିପାଠୀ,ଭିଏସଏସ ସଭାପତି, ସଦସ୍ୟ ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗ ଦେଇଥିଲେ।

# ଓଡ଼ିଶା ଅର୍ବାନ୍ କନକ୍ଲେଭ୨୦୨୬
# ଭିତ୍ତିଭୂମି ବିକାଶ, ସମୃଦ୍ଧ ସହର ଯୋଜନା ଓ କାର୍ଯ୍ୟଦକ୍ଷତାକୁ ଗୁରୁତ୍ୱ

ଭୁବନେଶ୍ୱର,୨୩।୮(ନିପ୍ର): ରାଜ୍ୟର ସହରାଞ୍ଚଳରେ ସୁଶାସନ, ଯୋଜନାବଦ୍ଧ ବିକାଶ ଓ ଉନ୍ନତ ନାଗରିକ ସେବାକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ଅର୍ବାନ୍ କନକ୍ଲେଭ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି ସମୀକ୍ଷା ଓ ଦିଗଦର୍ଶନ କାର୍ଯ୍ୟକ୍ରମରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରା ସମୀକ୍ଷା କରାଯିବା ସହ ଆଗାମୀ ଦିନର ପ୍ରାଥମିକତା ନେଇ ବିସ୍ତୃତ ଆଲୋଚନା ହୋଇଛି।



ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ, ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଡ୍ରେନେଜ୍ ସିଷ୍ଟମର ସୁଧାର ଓ ଜଳର ପୁନଃବ୍ୟବହାର ଉପରେ କାର୍ଯ୍ୟ କରାଯାଉଛି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଏବଂ ୨.୦ ଅଧୀନରେ ଗରିବ ଓ ଭୂମିହୀନଙ୍କ ପାଇଁ ଶୀଘ୍ର ଗୃହ ନିର୍ମାଣ ସହ ଟାଉନ୍ ପ୍ଲାନିଂ ସ୍କିମ୍ ଓ ୨୪/୭ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରାଯାଉଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ପରିମଳ କର୍ମଚାରୀଙ୍କ ସୁରକ୍ଷା, ଆବାସ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ସରକାର ସଂକଳ୍ପବଦ୍ଧ। ଅଧିବେଶନରେ ଭିତ୍ତିଭୂମି ବିକାଶ, ସମୃଦ୍ଧ ସହରର ଯୋଜନା ଓ କାର୍ଯ୍ୟଦକ୍ଷତା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ବିଭାଗ ପକ୍ଷରୁ ତଥ୍ୟ ଉପସ୍ଥାପନ କରିଥିଲେ। ଏହାସହ ବଜେଟ୍ ଓ ଆର୍ଥିକ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୌରସଂସ୍ଥାରଗୁଡ଼ିକର ରାଜସ୍ୱ ବୃଦ୍ଧି, ବ୍ୟୟ ବିଶ୍ଲେଷଣ, ଭୂମିକା ଓ ଦାୟିତ୍ୱ ସହ କମ୍ ପ୍ରଦର୍ଶନ କରୁଥିବା ସଂସ୍ଥାଗୁଡ଼ିକର ସମୀକ୍ଷା କରାଯାଇଥିଲା। ଟାୟାର୨ ଏବଂ ଟାୟାର୩ ସହରଗୁଡ଼ିକ ପାଇଁ ଟାଉନ ପ୍ଲାନିଂ ଯୋଜନାର ଏସଓପି, ସମୃଦ୍ଧ ସହର, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଏବଂ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରାଯାଇଥିଲା। ସହରୀ ଗରିବ ଓ ଆବାସ ଆବଶ୍ୟକତା ଥିବା ଲୋକଙ୍କ ପାଇଁ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ, ସରକାରୀ ସେବା ଅଧିକ ସରଳ, ଶୀଘ୍ର ଓ ସ୍ୱଚ୍ଛ ଭାବେ ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ନଗର ସଂସ୍ଥା ପକ୍ଷରୁ ଶ୍ରେଷ୍ଠ ପ୍ରଚଳିତ ପଦ୍ଧତି ଉପରେ ଉପସ୍ଥାପନା କରାଯାଇଥିଲା। କମ୍ ପ୍ରଦର୍ଶନ କରୁଥିବା ନଗର ସଂସ୍ଥାଗୁଡ଼ିକର ସମସ୍ୟା, ଚ୍ୟାଲେଞ୍ଜ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ନେଇ ସିଧାସଳଖ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ବରିଷ୍ଠ ପ୍ରଶାସକ, ନଗର ଯୋଜନାକାରୀ, ପୌର ପ୍ରତିନିଧି ଓ ଯନ୍ତ୍ରୀମାନେ ଏକତ୍ରିତ ହୋଇ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ।


KHIMJI FINSERVE
ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ ନଂ. ୨୧୩୨/୫୧୩୧, ଗୌତମ ନଗର, ଥାନା: ଶ୍ରୀ ଲିଙ୍ଗରାଜ, ଏନ୍‌ସିସି ଗାର୍ଲସ୍ ବାଟାଲିଅନ ଅଫିସ୍ ନିକଟ, ଭୁବନେଶ୍ୱର, ପିନ୍-୭୫୧୦୦୨, ଓଡ଼ିଶା, ଫୋନ୍: ୧୮୦୦୮୯୦୩୦୯୯
E-mail: contact@khimjifinserve.com, GSTN: 21AABCV6039L1ZA

ସ୍ୱର୍ଣ୍ଣ ନିଲାମ ବିଜ୍ଞପ୍ତି

E-mail:contact@khimjifinserve.com
ଏତଦ୍ୱାରା ସମସ୍ତ ସଂପୃକ୍ତଙ୍କୁ ସୂଚନା ଦିଆଯାଉଛି ଯେ, କମ୍ପାନୀର ନିମ୍ନଲିଖିତ ଶାଖାରେ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡିକ , ଯାହାର ଦେୟ ପରିଶୋଧ କରିବାର ସମୟ ଅତିକ୍ରମ କରିସାରିଛି ଏବଂ ବାରମ୍ବାର ବିଜ୍ଞପ୍ତି/ସ୍ମରଣ କରାଯିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ପରିଶୋଧ କରାଯାଇନାହିଁ , ସେଗୁଡିକ କ୍ଷମତାପ୍ରାପ୍ତ ନିଲାମକାରୀ ଶ୍ରୀରାମ ଅଟୋ ମଲ୍ ଇଣ୍ଡିଆ ଲିମିଟେଡ୍ (SAMIL) କରିଆରେ ସେମାନଙ୍କ ସମ୍ବନ୍ଧିତ ଶାଖାଗୁଡିକରେ ୨୩/୦୯/୨୦୨୬ ପୂର୍ବାହ୍ନ ୧୧:୦୦ ଘଣ୍ଟାରୁ ଅପରାହ୍ନ ୦୫:୦୦ ଘଣ୍ଟା ମଧ୍ୟରେ ପ୍ରଯୁଜ୍ୟ ନିୟାମକ ନିର୍ଦ୍ଦେଶାବଳୀ ସହିତ ପ୍ରତ୍ୟକ୍ଷ ନିଲାମ କରିଆରେ ପ୍ରଯୁଜ୍ୟ ସୁଧ ଓ ଦେୟ (ଯଦି ଥାଏ) ସହିତ ବକେୟା ରାଶି ଆଦାୟ ପାଇଁ ନିଲାମ ଡକାଯିବ।

ଅନୁଗୁଳ: 75902KGL00001370, 75902KGL00001384, 75902KGL00001393 ଅଶୋକ ନଗର : 75102KGL00002048, 75102KGL00002059 75102KGL00002104,75102KGL00002244,75102KGL00002245 ଭଦ୍ରକ: 75601KGL00001606ସିଆରପିଏଫ75101KGL00003112, 75101KGL00003119, 75101KGL00003349, 75101KGL00003370, 75101KGL00003396, 75101KGL00003444 କମାପଲି : 76001KGL00000680, 76001KGL00000686, 76001KGL00000714, 76001KGL00000749, 76001KGL00000798 ଲିଙ୍କ୍‌ରୋଡ୍ : 75301KGL00003438,75301KGL00003502,75301KGL00003532 ନୟାବଜାର : 75303KGL00001591 ନିମାପଡ଼ା: 75203KGL00000084, 75203KGL00000103 ରାଣୀହାଟ :75302KGL00003066, 75302KGL00003094, 75302KGL00003113, 75302KGL00003136, 75302KGL00003255, 75302KGL00003312,75302KGL00003314 ସାମନ୍ତରାପୁର: 75103KGL00002355, 75103KGL00002515, 75103KGL00002527, 75103KGL00002547, 75103KGL00002571, 75103KGL00002614

ଯଦି ୨୩/୦୯/୨୦୨୬ ରେ ନିଲାମ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇ ନ ପାରିଲା କିମ୍ବା କୌଣସି କାରଣ ଯୋଗୁ ଅସଫଳ ରହିଲା ଋଣଗ୍ରହୀତାଙ୍କୁ ପରବର୍ତ୍ତୀ ନୋଟିସ୍ ବିନା ତାହା ପରବର୍ତ୍ତୀ ଦିନ (ଗୁଡିକ) ରେ ଅନଲାଇନ୍ ମୋଡ୍‌ରେ କ୍ଷମତାଧାରୀ ନିଲାମକାରୀ ପ୍ଲାଟଫର୍ମ https://gold.samil.in କରିଆରେ ସମାନ ସର୍ତ୍ତାବଳୀରେ ନିଲାମ ଡକାଯିବ।
ଦ୍ରଷ୍ଟବ୍ୟ: ଗ୍ରାହକମାନେ ଯଦି ସେମାନଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନ ହେଉ ବୋଲି ଚାହାନ୍ତି ତେବେ ସେମାନେ ନିଲାମ ତାରିଖ ପୂର୍ବରୁ ନିଜ ନିଜ ସ୍ୱର୍ଣ୍ଣ ଅଳଙ୍କାର ମୁକୁଳାଇ ନେଇପାରିବେ। ଅଧିକ ସୂଚନା, ସର୍ତ୍ତାବଳୀ ଏବଂ ନିଲାମରେ ଅଂଶଗ୍ରହଣ ପାଇଁ ନିଜକୁ ପଞ୍ଜୀକୃତ କରାଇବା ପାଇଁ, ଆଗ୍ରହୀ କ୍ରେତା ଉପରୋକ୍ତ ୱେବସାଇଟ୍ କିମ୍ବା ଅକ୍ସନ ପୋର୍ଟାଲରେ ଯୋଗାଯୋଗ କରିପାରିବେ।

ସ୍ଥାନ:ଭୁବନେଶ୍ୱର
ତାରିଖ: ୨୪/୦୮/୨୦୨୬
ଖିମଜୀ ଫିନ୍‌ସର୍ଭ ପ୍ରାଇଭେଟ୍ ଲିମିଟେଡ୍ ନିମନ୍ତେ
ଶ୍ରୀରାମ ଅଟୋ ମଲ୍ ଇଣ୍ଡିଆ ଲିମିଟେଡ୍
ବୋର୍ଡ ସ୍ୱୀକୃତ ନିଲାମକାରୀ



pnb Housing Finance Limited
ପଞ୍ଜୀକୃତ କାର୍ଯ୍ୟାଳୟ:୯ମ ମହଲା,ଅନ୍ତରୀକ୍ଷ ଭବନ,୨୨,କେ.ଜି.ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧, ଫୋନ:୦୧୧-୨୩୩୫୭୧୭୧,୨୩୩୫୭୧୭୨,୨୩୭୦୫୪୧୪,ୱେବସାଇଟ:www.pnbhousing.com
ଶାଖା କାର୍ଯ୍ୟାଳୟ: ସଂଖ୍ୟା ୧ ଓ ୨, ବିଏମ୍‌ସି ଭବାନୀ ମଲ, ବିଏମ୍‌ସି ଭବାନୀ ମଲ୍ ଷ୍ଟ୍ରିଟ୍, ମାର୍କେଟ୍ ବିଲ୍ଡିଂ ବିପରୀତ, ଶହିଦ ନଗର, ଭୁବନେଶ୍ୱର, ଓଡ଼ିଶା - ୭୫୧୦୦୭
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨, ବର୍ତ୍ତମାନ ତାରିଖ ସୁଦ୍ଧା ସଂଶୋଧିତ,ର ରୁଲ ୩(୧) ପାଠ କରାଯାଇ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ୍, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନ୍‌ଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକ୍ସନର ଧାରା ୧୩(୨) ଅନୁଯାୟୀ ବିଜ୍ଞପ୍ତି।
ଆମେ, ପିଏନ୍‌ବି ହାଉସିଂ ଫାଇନାନ୍ସ ଲିମିଟେଡ୍ (ଏଠାରେ ''ପିଏନବିଏଚ୍‌ଏଫ୍‌ଏଲ୍''ଭାବରେ ଉଲ୍ଲେଖ କରାଯାଇଛି) ସିକ୍ୟୁରିଟିଇଣ୍ଟରେଷ୍ଟ ଆଇନ୍, ୨୦୦୨ (ଏଠାରେ ଏବଂ ପରେ ଆଇନ ଭାବରେ ସୂଚୀତ କରାଯାଇଛି) ର ଫାଇନାନ୍ସିଆଲ୍‌ଆସେଟ୍ସ ଏବଂ ଏନ୍‌ଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକ୍ସନର ଧାରା ୧୩(୨) ଅନୁଯାୟୀ ଦାବି ବିଜ୍ଞପ୍ତି ଜାରି କରିଥିଲେ।
[illegible]
ଲୋନ୍ ଆକାଉଣ୍ଟ ନଂ. (ଗୁଡିକ) ଓ ଶାଖା: HOU/BBSR/0818/569993, ଶାଖା: ଭୁବନେଶ୍ୱର
ସ୍ଥାନ: ଭୁବନେଶ୍ୱର

# ଅଲ୍ ଓଡ଼ିଶା ଇକ୍ୱିପ୍ଡ ପାୱାରଲିଫ୍ଟିଂ ଚାମ୍ପିଅନଶିପ୍ ୭୬ ପ୍ରତିଯୋଗୀଙ୍କ ଅଂଶଗ୍ରହଣ




ସମ୍ବଲପୁର,୨୩।୮(ନି ପ୍ର): ଓଡ଼ିଶାରେ ପାୱାରଲିଫ୍ଟିଂ କ୍ରୀଡ଼ାକୁ ଅଧିକ ଲୋକପ୍ରିୟ କରିବା ସହ ନୂଆ ପ୍ରତିଭାଙ୍କୁ ମଞ୍ଚ ଯୋଗାଇଦେବା ଉଦ୍ଦେଶ୍ୟରେ ଆୟୋଜିତ ପ୍ରଥମ ଅଲ୍ ଓଡ଼ିଶା ଇକ୍ୱିପ୍ଡ ପାୱାରଲିଫ୍ଟିଂ ଚାମ୍ପିଅନଶିପ୍ ୨୦୨୬ ସମ୍ପନ୍ନ ହୋଇଯାଇଛି। ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ଝିଲ୍ ପ୍ୟାଣ୍ଡ୍, ବଲାଙ୍ଗୀର, ଝାରସୁଗୁଡ଼ା ଓ ପୁରୀ ଆଦି ଅଞ୍ଚଳର ମୋଟ ୭୬ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ଦକ୍ଷତା ପ୍ରଦର୍ଶନ କରିଥିଲେ। ସମ୍ବଲପୁରର ସୋମନାଥ ପଟ୍ଟନାୟକ 'ଚାମ୍ପିଅନ୍ ଅଫ୍ ଚାମ୍ପିଅନ୍' ତଥା 'ଷ୍ଟ୍ରଙ୍ଗମ୍ୟାନ୍ ଅଫ୍ ଓଡ଼ିଶା' ଏବଂ ସୁନ୍ଦରଗଡ଼ର କଲ୍ୟାଣୀ ସିଂହ 'ଷ୍ଟ୍ରଙ୍ଗ୍ ୱିମ୍ୟାନ୍ ଅଫ୍ ଓଡ଼ିଶା' ମୁକୁଟ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ସୁଧୀର ରଞ୍ଜନ ବହିଦାର ମୁଖ୍ୟ ଅତିଥି ଓ ପାୱାରଲିଫ୍ଟିଂ ଆସୋସିଏସନ୍ ଓଡ଼ିଶାର ସାଧାରଣ ସଂପାଦକ ସଙ୍ଗୀତା ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଗୌତମ ଅଡ୍‌ଜୁଆଡ଼, ତରଣଦୀପ ସିଂହ, ସନ୍ତୋଷ ବାରିକ ଓ ସୁଦୀପ ମହାରଣା ମୁଖ୍ୟ ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାର ଆୟୋଜନରେ ସୁଧୀର ପଟ୍ଟନାୟକ, ଶିଶିର ବହିଦାର, ଦିବ୍ୟ ବେହେରା, ଶ୍ରୀମୟୀ ସାହୁ, ସଂଘମିତ୍ରା ସୋନୁ, ନବୀନ ବାଗ ପ୍ରମୁଖ ସହଯୋଗ କରିଥିଲେ।

# ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ଏଡ୍ସ ସଚେତନତା

**ବରଗଡ଼**,୨୩।୮(ନିପ୍ର): ଓଡ଼ିଶା ରାଜ୍ୟ ଏଡ୍ସ୍ ନିୟନ୍ତ୍ରଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ଏଡ୍ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇସିଟିସି କାଉନସେଲର ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଏଡ୍ସ ସମ୍ପର୍କରେ ସଚେତନ କରିଥିଲେ। ସେ ଏଡ୍ସର ଲକ୍ଷଣ, କାରଣ, ପ୍ରତିରୋଧ ଓ ସଚେତନତାର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଛାତ୍ରୀ ସାଲିନି ସା ଏଡ୍ସ



ରୋଗର ଲକ୍ଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ନିର୍ମାଣ କମିଟି ସଦସ୍ୟ କପିଳେଶ୍ୱର ବାଗ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସଞ୍ଜୟ ସ୍ୱାଇଁ ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ଦର୍ଶାଇ ସଚେତନତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ବେହେରା, ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିଚାଳନା କମିଟିକୁ ମିଳୁନି ଅନୁମୋଦନ ରାସ୍ତାକୁ ଓହ୍ଲାଇବେ ଅଭିଭାବକ

ମ.ରାମପୁର,୨୩।୮(ନିପ୍ର): କଳାହାଣ୍ଡି ଜିଲ୍ଲା ମ.ରାମପୁର ସ୍ଥିତ ପିଏମଶ୍ରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ଚୟନକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନିୟମ ଅନୁଯାୟୀ ୧୨୬ ଅଭିଭାବକଙ୍କୁ ନେଇ ସିଆରସିସି ରାଜୀବ କୁମାରଙ୍କ ଉପସ୍ଥିତିରେ ଜୁଲାଇ ୧୪ ତାରିଖ ଦିନ ପରିଚାଳନା କମିଟି ଚୟନ କରାଯାଇଥିଲା। ଏହାକୁ ଅନୁମୋଦନ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ପବିତ୍ର ମୋହନ ଗଡ଼ତିଆଙ୍କୁ ଦିଆଯାଇଥିଲା। ହେଲେ ସେ ପୁଣି ଥରେ କମିଟି ଚୟନ କରିବା ପାଇଁ କୁଆଡେ କହିଥିଲେ। ତଦନୁଯାୟୀ ଜୁଲାଇ ୨୧ରୁ ୨୭ ମଧ୍ୟରେ ୫ ଥର ବୈଠକ ବସି କମିଟି ଚୟନ କରାଯାଇଥିଲା। ଶେଷ ବୈଠକରେ ମଧ୍ୟ ପ୍ରଥମ



ବୈଠକରେ ଚୟନ କରାଯାଇଥିବା କମିଟିକୁ ଅଭିଭାବକମାନେ ସମର୍ଥନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ ବାରମ୍ବାର ଅନୁମୋଦନ ପାଇଁ ବିଇଓଙ୍କୁ ଜଣାଇଲେ ସୁଦ୍ଧା ସେ ଅନୁମୋଦନ କରୁ ନ ଥିବା ଅଭିଯୋଗ ହୋଇଛି। ବାଧ୍ୟ ହୋଇ ଅଭିଭାବକମାନେ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଏ ସମ୍ପର୍କରେ ଗତ ୧୦ ତାରିଖ ଦିନ ଅବଗତ କରିଥିଲେ। ଡିଇଓ ଅନୁମୋଦନ ପାଇଁ ଅଭିଭାବକଙ୍କ ଉପସ୍ଥିତିରେ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି କାହିଁକି ଅନୁମୋଦନ କରାଯାଉନି ତାହା ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଏ ନେଇ ବିଇଓ ଶ୍ରୀ ଗଡ଼ତିଆଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଯଦି ୨୪ ତାରିଖ ଠାରୁ ୭ ଦିନ ମଧ୍ୟରେ ଅନୁମୋଦନ କରା ନ ଯାଏ ତା ହେଲେ ଅଭିଭାବକମାନେ ରାସ୍ତାକୁ ଓହ୍ଲାଇବେ ବୋଲି ବସନ୍ତ କୁମାର ଭୋଇ, ମହିମା ବାଗ, ପ୍ରଶାନ୍ତ କୁମାର ମହାରଣା, ଭିକାରୀ ବଗର୍ତ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସୁନା ବ୍ୟବସାୟୀଙ୍କ ଘରୁ ଲୁଟିଲେ ଗହଣା ଓ ଟଙ୍କା

ବଲାଙ୍ଗିର,୨୩/୦୮(ନିପ୍ର) ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଅଞ୍ଚଳରେ ବଡ଼ ଧରଣର ସଶସ୍ତ୍ର ଡକାୟତି। ଥାନା ଠାରୁ ମାତ୍ର ଶହେ ମିଟର ଦୂରରେ ମୁଖ୍ୟ ଛକରେ ଥିବା ସୁନା ବ୍ୟବସାୟୀ ଫୁଲଚନ୍ଦ ଜୈନଙ୍କ ଘରେ ପଶି ଡକାୟତି କରିଛନ୍ତି ଦୁର୍ବୃତ୍ତ। ସକାଳ ୩ ଟା ସମୟରେ ନୂଆ ବୋଲେରୋ ଗାଡ଼ିରେ ୬ ଜଣ ଡକାୟତ ଆସିଥିଲେ। ହାତରେ ମାରଣାସ୍ତ୍ର ଧରି ୪ ଜଣ ଘର ଭିତରକୁ ପଶିଥିବା ବେଳେ ୨ ଜଣ ବାହାରେ ଜଗି ରହିଥିଲେ। ସେତେବେଳେ ଘରେ ଫୁଲଚନ୍ଦ ଜୈନ, ତାଙ୍କ ବୃଦ୍ଧା ପତ୍ନୀ ଓ ନାତୁଣୀ ଥିଲେ। ପୁଅ ଓ ବୋହୂ ମେଡିକାଲ କାମରେ ରାୟପୁର ଯାଇଥିଲେ। ଡକାୟତମାନେ ଫୁଲଚନ୍ଦ ଜୈନ ଓ ତାଙ୍କ ପତ୍ନୀଙ୍କୁ ମାଡ଼ ମାରିବା ସହ ଅସ୍ତ୍ରଶସ୍ତ୍ର ଦେଖାଇ ଘରୁ ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏପରିକି ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କ ମଧ୍ୟ ନେଇ ଯାଇଛନ୍ତି ଡକାୟତ। ଘଟଣା ପରେ ସିନ୍ଧେକେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏତଲା ଅନୁସାରେ ପ୍ରାୟ କୋଟିଏ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଏଭଳି ସଶସ୍ତ୍ର ଡକାୟତି ଘଟଣାକୁ ନେଇ ସିନ୍ଧେକେଲା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଡକାୟତମାନଙ୍କୁ ଧରିବା ସହ ଲୁଟ୍ ଟଙ୍କା ଓ ସୁନା ଗହଣା ଉଦ୍ଧାର କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ।

# ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଓ କାର୍ଯ୍ୟକର୍ତ୍ତାଙ୍କୁ ତାଲିମ

କୋରାପୁଟ,୨୩।୮(ନିପ୍ର): କୋରାପୁଟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ଓ କାର୍ଯ୍ୟକର୍ତ୍ତାଙ୍କ ନିମନ୍ତେ ପୁରୀର ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ତାଲିମ ଶିବିର ଆୟୋଜିତ ହୋଇଛି। ସେବା, ପୂଜାପଦ୍ଧତି, ନୀତିକାନ୍ତି, ମନ୍ଦିରର ଦୈନନ୍ଦିନ କାର୍ଯ୍ୟକ୍ରମକୁ ଅଧିକ ଶୃଙ୍ଖଳିତ, ସୁନ୍ଦର ଓ ପରମ୍ପରାନୁସାରେ ପରିଚାଳନା କରିବା ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତାଲିମ ଶିବିରରେ ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର କେନ୍ଦ୍ରୀୟ ସଚିବ ଡ. ନରେଶ ଚନ୍ଦ୍ର ଦାସ, ଡ. କରୁଣାକର ପ୍ରଧାନ ଓ ସଭାପତି ରାଧେଶ୍ୟାମ ପଣ୍ଡା ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ତାରା ପ୍ରସାଦ ବାହିନୀପତି,



ଉପସଭାପତି ଅଜିତ ପାତ୍ର, ସମ୍ପାଦକ ଅଯୋଧ୍ୟାନାଥ ସାମଲ, ଯୁଗ୍ମ ସମ୍ପାଦକ ଜଗନ୍ନାଥ ଦାସ, ଉପଦେଷ୍ଟା ଡ. ଜଗବନ୍ଧୁ ସାମଲଙ୍କ ସମେତ ପୂଜକ ଓ କାର୍ଯ୍ୟକର୍ତ୍ତାମାନେ ତାଲିମ ଗ୍ରହଣ କରିଥିଲେ। ଶ୍ରୀ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦକ୍ଷିଣପଶ୍ଚିମ କ୍ଷେତ୍ରୀୟ ସମ୍ପାଦକ ଡ. ରବୀନ୍ଦ୍ରନାଥ ପରିଡ଼ା ଶିବିର ପରିଚାଳନା କରିଥିଲେ।

# ରଘୁରାମ ପଡାଲ ବିଜେଡି ଅନୁସୂଚିତ ଜାତି ସେଲ ଉପ ସଭାପତି



କୋରାପୁଟ,୨୩।୮(ନିପ୍ର): ରାଜ୍ୟ ବିଜେଡି ଅନୁସୂଚିତ ଜାତି ସେଲ ପୁନଃଗଠନ କରାଯାଇଛି।ଏଥିରେ ସଭାପତିଙ୍କ ସହ ୩ ଜଣ କାର୍ଯ୍ୟକାରୀ ସଭାପତି,୫ ଜଣ ଉପସଭାପତି,୪ ଜଣ ସାଧାରଣ ସଂପାଦକ ଓ ୪ ଜଣ ଉପଦେଷ୍ଟା ରହିଛନ୍ତି।କୋରାପୁଟ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଏବଂ କୋରାପୁଟର ପୂର୍ବତନ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ପୂର୍ବତନ ଅଧ୍ୟକ୍ଷ ରଘୁରାମ ପଡାଲଙ୍କୁ ଉପ ସଭାପତି ଭାବେ ମନୋନୀତ କରାଯାଇଛି।ରାଜ୍ୟ ବିଜେଡିରେ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶ୍ରୀ ପଡାଲ ଧନ୍ୟବାଦ ଅର୍ପଣ କରିଛନ୍ତି।ଜିଲ୍ଲା ବିଜେଡି ସଭାପତି ଝିନ ହିକକା,ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ,ପ୍ରଭୁ ଜାନୀ,ଜିଲ୍ଲା ମହିଳା ବିଜେଡିସଭାନେତ୍ରୀ ପାର୍ବତୀ ମଣ୍ଡି ପ୍ରମୁଖ ଶ୍ରୀ ପଡାଲଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଲଗାଣ ବର୍ଷାରେ ଭୁଶୁଡ଼ିଲ ଘର, ଦୁର୍ଦ୍ଦଶାରେ ଦୁଇ ପରିବାର



ଲକ୍ଷ୍ମୀପୁର, ୨୩/୦୮ (ନି.ପ୍ର.): ଲକ୍ଷ୍ମୀପୁର ବ୍ଲକରେ ଲଗାଣ ବର୍ଷା ଥମିବାର ନାଁ ଧରୁନାହିଁ। ଲଗାତାର ବର୍ଷା ଯୋଗୁଁ ଜନଜୀବନ ବ୍ୟାହତ ହୋଇଥିବାବେଳେ ଘରୁ ବାହାରିବା ମଧ୍ୟ ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି। ଏହି ଲଗାଣ ବର୍ଷାରେ ପଞ୍ଚଡ଼ା ପଞ୍ଚାୟତ ଅନ୍ତର୍ଗତ ମାଡାମଦୋରା ଗ୍ରାମରେ ଦୁଇଟି ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଶନିବାର ରାତିରେ ଗ୍ରାମର ବେଣୁ ମୁଦୁଲି ଓ ଚିତ୍ର ମୁଦୁଲିଙ୍କ ଘରର କାନ୍ଥ ଲଗାଣ ବର୍ଷା ଯୋଗୁଁ ଭୁଶୁଡ଼ି ପଡ଼ିଥିଲା। ଫଳରେ ଦୁଇ ଆଦିବାସୀ ପରିବାର ରାତିସାରା ଦୟନୀୟ ଅବସ୍ଥାରେ ରହିଥିଲେ। ସକାଳୁ ଉଠି ନିଜ ଘର ସଜାଡ଼ିବାରେ ପରିବାର ଲୋକେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି।ଘରର କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ଘରେ ରଖାଯାଇଥିବା ଖାଦ୍ୟଶସ୍ୟ ସମେତ ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଥିବା ଜଣାପଡ଼ିଛି। ଅସହାୟ ଅବସ୍ଥାରେ ଦୁଇ ପରିବାର ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳକୁ ପଠାଇ ପ୍ରଭାବିତ ପରିବାରଙ୍କୁ ପଲିଥିନ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କ୍ଷୟକ୍ଷତି ଆକଳନ କରାଯିବା ପରେ ନିୟମାନୁସାରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ବୁଝାମଣା ଅଭାବରୁ ସ୍ଥଗିତ ରହିଲା ଶିକ୍ଷକ ସଂଘ ନିର୍ବାଚନ

ଲକ୍ଷ୍ମୀପୁର, ୨୩/୦୮ (ନି.ପ୍ର.): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ନିର୍ବାଚନ ଆପସ ବୁଝାମଣାର ଅଭାବରୁ ସ୍ଥଗିତ ରହିଛି। ଶନିବାର ସ୍ଥାନୀୟ ବାସନ୍ତୀ କଲ୍ୟାଣ ମଣ୍ଡପଠାରେ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ବିଦ୍ୟାଳୟ ଛୁଟି ପରେ ବ୍ଲକର ବହୁ ସଂଖ୍ୟକ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିର୍ବାଚନୀ ପ୍ରକ୍ରିୟାରେ ଯୋଗ ଦେଇଥିଲେ। ବିଭିନ୍ନ ପଦପଦବୀ ପାଇଁ ଆଶାୟୀମାନେ ପ୍ରାର୍ଥୀପତ୍ର ମଧ୍ୟ ଦାଖଲ କରିଥିଲେ। ତେବେ ନିର୍ବାଚନ ପରିଚାଳନା ଓ ପଦପଦବୀ ନେଇ ଆପସ ବୁଝାମଣା ହୋଇ ନପାରିବାରୁ ଶେଷ ପର୍ଯ୍ୟାୟରେ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ିପାରିନଥିଲା। ଫଳରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଶିକ୍ଷକମାନଙ୍କୁ ନିରାଶ ହେବାକୁ ପଡ଼ିଛି। ନିର୍ବାଚନକୁ କିଛି ଦିନ ପାଇଁ ସ୍ଥଗିତ ରଖାଯାଇଥିବାବେଳେ, ନୂଆ ନିର୍ବାଚନ ନହେବା ପର୍ଯ୍ୟନ୍ତ ପୁରୁଣା ସଂଘ ଦାୟିତ୍ୱରେ ରହିବ ବୋଲି ଜଣାପଡ଼ିଛି। ତେବେ ସମସ୍ତେ ଉତ୍ସାହର ସହ ନିର୍ବାଚନରେ ଯୋଗ ଦେଇଥିବାବେଳେ ହଠାତ୍ ନିର୍ବାଚନ ସ୍ଥଗିତ ହେବାକୁ ନେଇ ଶିକ୍ଷକ ମହଲରେ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ସ୍ଥଗିତର ପ୍ରକୃତ କାରଣ ଓ ପରବର୍ତ୍ତୀ ନିର୍ବାଚନ ତାରିଖ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

# ଶିବମନ୍ଦିର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ

ଡୁଙ୍ଗୁରିପାଲି ,୨୩/୮(ନି ପ୍ର )ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଅଙ୍ଗ ନଦୀ କୂଳରେ ଅବସ୍ଥିତ ଶିବ ମନ୍ଦିରକୁ ଜାତୀୟ ରାଜପଥ ସହିତ ଯୋଡ଼ା ଯାଇଥିବା ରୁ ଅଂଚଳବାସୀ ଙ୍କର ଆନନ୍ଦ ଲହରୀ ଖେଳି ଯାଇଛି। ମନ୍ଦିର ତିଆରି ଦୀର୍ଘ ତିରିଶ ବର୍ଷରୁ ଅଧିକ ହୋଇଥିଲେ ମଧ୍ୟ ସେଠାକୁ ଏକ ସବୁଦିନିଆ ରାସ୍ତା ର ଅଭାବ ପରିଲକ୍ଷିତ ହେଉଥିଲା।ଏହାକୁ ଦୃଷ୍ଟି ରେ ରାଖୀ ଜନସାଧାରଣ ଙ୍କର ଆଗ୍ରହ କ୍ରମେ, ଉକ୍ତ ରାସ୍ତା କୁ ଚେରୁପାଲି ସରପଞ୍ଚ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ଶତପଥି ପ୍ରଶାସନ ସହିତ ଆଲୋଚନା କରି ଆଇଡିଏଫ ଯୋଜନା ରେ ପାଞ୍ଚଲକ୍ଷ ଟଙ୍କା ବ୍ୟୟ କରି ଉକ୍ତ ମନ୍ଦିର କୁ ଜାତୀୟ ରାଜପଥ ସହିତ କଂକ୍ରିଟ ରାସ୍ତା ନିର୍ମାଣ କରି ଯୋଡିଥିବା ରୁ ଅଂଚଳ ବାସୀ ଙ୍କର ତରଫ ରୁ ସରପଞ୍ଚ ଙ୍କ କାର୍ଯ୍ୟ କୁ ପ୍ରଶଂସା କରୁଥିବା ଜନସାଧାରଣ ଜଣାଯାଏ।ଏହା ପୂର୍ବରୁ ଗତ ବର୍ଷ ରେ ମଧ୍ୟ ଉକ୍ତ ରାସ୍ତା ପାଖରେ ଆଠ ଲକ୍ଷ ପଚାଶ ହଜାର ଟଙ୍କା ବ୍ୟୟ ରେ କରାଯାଇଥିବା ସରପଞ୍ଚ ପ୍ରକାଶ କରିଛନ୍ତି।

# କୃଷି ସମବାୟ ସମିତି ପରିଦର୍ଶନ କଲେ ଡିସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ



ରେଙ୍ଗାଲି:୨୩।୮(ନିପ୍ର) ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭକ୍ତେଶ୍ୱର ମଲ୍ଲିକ ରେଙ୍ଗାଲି ପ୍ରାଥମିକ କୃଷି ସମବାୟ ସମିତି ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ରେଙ୍ଗାଲି ବ୍ଲକର ବିଭିନ୍ନ ସମବାୟ ସମିତି ସମ୍ପର୍କିତ ଚାଷୀଙ୍କ ସମସ୍ୟା ଓ ଆବଶ୍ୟକତା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲା। ବିଶେଷ କରି ଚାଷୀଙ୍କ ଫସଲ ବୀମା, ଚାଷୀ ପଞ୍ଜୀକରଣର ସମୟସୀମା ବୃଦ୍ଧି, ସାର ଯୋଗାଣ ଆଦି ପ୍ରସଙ୍ଗ ରେ ଆଲୋଚନା ହୋଇଥିଲା। ଏଥି ସହ ଜଙ୍ଗଲା, କିନାଲୋଇ ଓ ରେଙ୍ଗୋଲୋଇ ଠାରେ ନୂତନ ଭାବେ ଗଠିତ ସମବାୟ ସମିତି ଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ନେଇ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଏହି ଅବସର ରେ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶକ କିରଣ ବେହେରାଙ୍କ ସମେତ ଓଡ଼ିଶା ସରକାରଙ୍କ ରାଜ୍ୟ ସମବାୟ ପରିଷଦର ପୂର୍ବତନ ଉପସଭାପତି ଅନ୍ତର୍ଯ୍ୟାମୀ ପାଣି, ପବିତ୍ର ଛତ୍ର, ଗୋପୀ ମେହେର, ଗୁରୁଚରଣ ମାଝୀ ପ୍ରମୁଖ ଉପସ୍ଥିତ ରହି ଚାଷୀ ଓ ସମବାୟ ସମିତି ଗୁଡ଼ିକର ବିଭିନ୍ନ ସମସ୍ୟା ନେଇ ଡିସିସିବି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଷୀଙ୍କ ସ୍ୱାର୍ଥ ଓ ସମବାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନୂତନ ସମିତିଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଉପସ୍ଥିତ ପ୍ରତିନିଧି ମାନେ ଅନୁରୋଧ କରି ଥିଲେ।

# ବ୍ରହ୍ମା କୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତ ଦାନ ଶିବିର



ସୁବର୍ଣ୍ଣପୁର ,୨୩।୮ (ନିପ୍ର)ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକା ସ୍ୱର୍ଗୀୟା ଦାଦି ପ୍ରକାଶ ମଣିଜି ଙ୍କର ୧୯ ତମ ପୁଣ୍ୟ ତିଥି ସ୍ମୃତି ଦିସ ପାଳନ ଅବସର ରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ସୋନପୁରଶାଖା ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ସୋନପୁର ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୂପା ରଥ , ସମ୍ମାନୀତ ଅତିଥି ଭାବରେ ଡା.ଦୁର୍ଗା ଦତ୍ତ ଦାଶ ଓ ବଡ଼ ଭଉଣୀ ବି.କେ ଜୟଶ୍ରୀ ଯୋଗ ଦେଇ ରକ୍ତ ଦାତା ଙ୍କୁ ଉତ୍ସାହିତ କରିଥିଲେ ସଭା କୁ ମନୋଜ ପଣ୍ଡା ପରିଚାଳନା କରିଥିବା ବେଳେ ଜଗନ୍ନାଥ ଭାଈ ଧନ୍ୟବାଦ ଅର୍ପଣ କରିଥିଲେ ୪୦ ଥର ରକ୍ତ ଦାନ କରିଥିବା ରକ୍ତ ଦାତା ତ୍ରିଲୋଚନ ପାଣିଗ୍ରାହୀ ଓ ୧୮ ଥର ରକ୍ତ ଦାନ କରିଥିବା ରକ୍ତ ଦାତା ଅଞ୍ଜଳୀ ପାଣିଗ୍ରାହୀ , ରକ୍ତ ଦାତା ମୋତି ଲାଲ୍ ମେହେର, ରାଜଶ୍ରୀ ଦାଶ, ସ୍ମରଣିକା ସ୍ୱାଇଁ, ରାଜୁ ମିଶ୍ର, ରଞ୍ଜିତ୍ ମେହେର, ପ୍ରମୁଖ ରକ୍ତ ଦାତା ଙ୍କୁ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ଡା ସରୋଜ କୁମାର ପଟେଲ ଙ୍କ ତତ୍ତ୍ୱା ବଧାନ ରେ ରକ୍ତ କେନ୍ଦ୍ର ର ଟେକ୍ନିଶିଆନ୍ ସୁରଭି ଲେଙ୍କା, ଡେଫୋଡିଲ୍ ପଧାନ, ଜଗତ ନାରାୟଣ ଦରୁଆନ, ଶୁଶାନ୍ତ ନାଏକ୍ ଙ୍କ ଦ୍ୱାରା ରକ୍ତ ସଂଗ୍ରହ କରା ଯାଇଥିଲା ବ୍ରହ୍ମ କୁମାରୀ ଅନୁଷ୍ଠାନ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ଶିବିର ରେ ୨୧ ଜଣ ପୁରୁଷ ଓ ୫ ଜଣ ମହିଳା ରକ୍ତ ଦାନ କରିଥିଲେ ।

# ସିନିଅର ଫୁଟବଲ୍ ଲିଗ୍ ଉଦ୍‌ଘାଟିତ ରିଜର୍ଭ ପୋଲିସ ବିଜୟୀ

ସୁବର୍ଣ୍ଣପୁର ୨୩/୦୮(ନିପ୍ର) ମ୍ୟୁନିସିପାଲିଟି ସ୍ତରୀୟ ସିନିୟର୍ ଫୁଟବଲ ଲିଗ୍ ଆଜି ଗାନ୍ଧୀ ଷ୍ଟାଡିୟମ୍ ଠାରେ ଉଦଘାଟିତ ହୋଇଯାଇଛି । ସୋନପୁର ରିଜର୍ଭ ପୋଲିସ ଦଳ ଓ ସୃଜନ ନାଗ ଫୁଟବଲ୍ ଏକାଡେମୀ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ବିପକ୍ଷ ଦଳ ସୃଜନ ନାଗ ଫୁଟବଲ୍ ଏକାଡେମୀକୁ ୨/୦ ଗୋଲ ରେ ହରାଇ ସୁବର୍ଣ୍ଣପୁର ରିଜର୍ଭ ପୋଲିସ ଦଳ ବିଜୟୀ ହୋଇଛି ମ୍ୟାନ ଅଫ ଦି ମ୍ୟାଚ ଭାବେ ଜୟୀ ଦଳ ର ୧୦ ନମ୍ବର ଜର୍ସି କବି ମିସ୍ତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା ଏହି ଅବସରରେ ଆଜି ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଏସପି ନାରାୟଣ ନାଏକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ,



ଉପ ଜିଲ୍ଲାପାଳ ଡ଼ ସୌମ୍ୟ ରୂପା ରଥ, ପୌର ପରିଷଦ ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ସମାଜ ସେବୀ ଶ୍ରୀବତ୍ସ ମଲ୍ଲିକ , ଜିଲ୍ଲା କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ ଯୋଗ ଦେଇ ଖେଳାଳି ଙ୍କୁ ଉତ୍ସାହିତ କରି ମ୍ୟାନ ଅଫ ଦି ମ୍ୟାଚ ଖେଳାଳି କବି ମିସ୍ତ୍ରୀ ଙ୍କୁ ପୁରସ୍କୃତ କରିଥିଲେ ସଞ୍ଜୀବ କୁମାର ସାହୁ ମୁଖ୍ୟ ରେଫରୀ ଭାବେ, ସୁଶାନ୍ତ ବାଗ, ସୁଦାମ ଜଗଦଲା , ଅନିତା ମହାନନ୍ଦ ଖେଳ ପରିଚାଳନା କରିଥିଲେ ମ୍ୟାଚ କମିସନର ଭାବେ ଭୁକୁଲୁ ବକ୍ସି ଦାୟିତ୍ୱ ନିର୍ବାହ କରିଥିଲେ କ୍ରୀଡ଼ା ସଂଘ ଉପ ସଭା ପତି ତଥା ଭେଟରାନ ଖେଳାଳି ଚିତ୍ତ ରଞ୍ଜନ ତରା ସିଆ, ବରିଷ୍ଠ ସଦସ୍ୟ ତଥା ଭେଟରାନ ଖେଳାଳି ଆଦିତ୍ୟ କିଶୋର ଦାନୀ , ପଦ୍ମନାଭ ଧରୁଆ, ଅଖୁଜ ବକ୍ସି, ଗଣେଶ ରାମ ମେହେର, ଏମ୍ ଡି ମୁସଲିମ, ଧରଣୀ ଧର ନାଏକ୍, ମନୋଜ୍ ବାଗ, ବାବୁଲା ବେବର୍ତ୍ତା ପ୍ରମୁଖ ଭେଟରାନ ଖେଳାଳି ମଞ୍ଚ ରେ ଉପସ୍ଥିତ ଥିଲେ ଦିଗାମ୍ବର ଶତପଥୀ ଖେଳ ର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ଲଗାଣ ବର୍ଷାରେ ତେନ୍ତୁଳି ଖୁଣ୍ଟି ବ୍ଲକ ରାସ୍ତା ବେହାଲ୍

ତେନ୍ତୁଳି ଖୁଣ୍ଟି:, ୨୩।୮(ନିପ୍ର) ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ବ୍ଲକ ରେ ୩ଦିନ ଲଗାଣ ବର୍ଷା ରେ ଆଉଲି ଗୁମ୍ଫା ବ୍ରିଜ୍ ଉପରେ ୪ଫୁଟ ପାଣି ବହୁଛି । ଗୌଡଦେଓ ପାଳି ପଂଚାୟତ , ମଞ୍ଚାଗାଁ ଓ, ପି ବାରେଙ୍ଗ ପଦର ତିନୋଟି ପଂଚାୟତ ଲୋକ ବ୍ଲକ କିମ୍ବା ଜିଲ୍ଲା ମୁଖ୍ୟ ଲୟ ଯିବା ବିଚ୍ଛିନ୍ନ ହଇଛି ଇନ୍ଦ୍ରାବତୀ ପ୍ରଜେକ୍ଟ କଲନି ଘର ଭିତରେ ପାଣି ପଶିଛି। ଡ୍ରେନେଜ୍ ଅବସ୍ଥା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ବିଭାଗ ଠିକା ଧାର ମନମୁଖୀ କାର୍ଯ୍ୟକଳାପ ଇନ୍ଦ୍ରାବତୀ କଲାନି ବାସିକୁ ନାହିଁ ନ ଥିବା ଭଗି ବାକୁ ପଡୁଛି ।ତେଣୁ ଘର ଭିତରେ ପାଣି ପଶିଛି। ଦୁର୍ଗମ ଅଞ୍ଚରେ ଘର ଭାଙ୍ଗିବା ରେ ଲାଗିଛି। ସ୍ଥାନିୟ ପ୍ରସାଶନ ସଜାଗ ରହିବା ଦେଖିବାକୁ ପ୍ରତ୍ୟକ୍ ରଜସ୍ବ ବିଭାଗରେ ଅଧିକାରି ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଉପରେ ଦୃଷ୍ଟି




ରଖିଥିବା ଦେଖିବାକୁ ମିଳିଛି। ଲୋକଂକ ଯାତୟାତ ଏକ ପ୍ରକାର ଟପ୍ ହୋଇ ଯାଇଛି । ପ୍ରସାଶନ କୁ ସାଙ୍ଗରେ ଧରି ସ୍ଥିତ ପରିଦର୍ଶନ କରୁଛନ୍ତି ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ । ଶାସକ ଓ ପ୍ରଶାସକ ଏଭଳି କାର୍ଯ୍ୟ କୁ ସ୍ଥାନିୟ ଜନସାଧାରଣ ପ୍ରଶଂସା କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ



କୋରାପୁଟ,୨୩।୮(ନି ପ୍ର):ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆୟୋଜିତ ଦୁଇ ଦିନିଆ କୋରାପୁଟ ବିଦ୍ୟାଳୟ ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି।ଏହି ପ୍ରତିଯୋଗିତାରେ ସମୁଦାୟ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।ଉଦଯାପନୀ ଉତ୍ସବରେ କୋରାପୁଟର ଆଇନଜୀବୀ ତଥା କୋରାପୁଟ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ଡ. ମୋତି ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ଖେଳାଳୀ ଭାବେ ଉଭା ହୋଇ ଜିଲ୍ଲାର ଗୌରବ ଅର୍ଜନ କରିବାକୁ ଆହ୍ବାନ ଦେଇଥିଲେ। ଅଣ୍ଡର ୧୩ ବାଳିକା ବର୍ଗରେ କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଜସ୍ମିକା ଆଚାର୍ଯ୍ୟ ବିଜୟୀ ହୋଇଥିବା ବେଳେ ବାଳକ ବିଭାଗରେ କୋରାପୁଟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ଏ ସାଇ ମୋହିତ ବିଜୟୀ ହୋଇଥିଲେ। ଅଣ୍ଡର ୧୫ ବର୍ଗ ବାଳକ ବିଭାଗରେ କୋରାପୁଟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ଆଶୁତୋଷ ଦାସ ବିଜୟୀ ହୋଇଥିଲେ।ସେହିପରି ଅଣ୍ଡର ୧୭ ବର୍ଗ ବାଳକ ବିଭାଗରେ କୋରାପୁଟ ଆଦର୍ଶ ବିଦ୍ୟାଳୟର କେ ନିଖିଳ କୁମାର ିଜୟୀ ହୋଇଥିଲେ।ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଡ.ବେହେରାଙ୍କ ଦ୍ବାରା ପୁରସ୍କୃତ କରାଯାଇଥିଲା। କ୍ରୀଡା ବିଭାଗ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ସହଯୋଗରେ କୋରାପୁଟ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଦ୍ବାରା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସୁମିତ ପାଣିଗ୍ରାହୀ, ସିଏଚ ମଣିକାନ୍ତ ଓ ସନ୍ତୋଷ ବେବର୍ତ୍ତା ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ଦୁର୍ଗମ ଗ୍ରାମରେ ଆଲୋକର ନୂଆ ଆଶା



ତେନ୍ତୁଳିଖୁଣ୍ଟି, ୨୩।୮(ନିପ୍ର) ଦୀର୍ଘଦିନ ଧରି ରାତିର ଅନ୍ଧାରରେ ଜୀବନ ବିତାଉଥିବା ଦୁର୍ଗମ ଓ ଉପାନ୍ତ ଅଞ୍ଚଳର ଗ୍ରାମବାସୀଙ୍କ ଜୀବନରେ ଏବେ ଦେଖାଦେଇଛି ଆଲୋକର ନୂଆ ଆଶା। ରାତ୍ରିକାଳୀନ ଯାତାୟାତକୁ ସୁବିଧାଜନକ ଓ ସୁରକ୍ଷିତ କରିବା ସହ ଗ୍ରାମୀଣ ଜୀବନକୁ ଆଲୋକିତ କରିବା ଲକ୍ଷ୍ୟରେ ଏଟପା ଫାଉଣ୍ଡେସନ ପକ୍ଷରୁ 'ପ୍ରସ୍ୱର' ପ୍ରକଳ୍ପ ମାଧ୍ୟମରେ କାଇଣ୍ଡ କେର ଫାଉଣ୍ଡେସନର ସହଯୋଗରେ ଏକ ଅଭିନବ ପଦକ୍ଷେପ ଆରମ୍ଭ ହୋଇଛି।ତେନ୍ତୁଳିଖୁଣ୍ଟି ବ୍ଲକର ଦିଗି ଓ ତେନ୍ତୁଳିଖୁଣ୍ଟି ଗ୍ରାମପଞ୍ଚାୟତ ଅଞ୍ଚଳରେ ମୋଟ ୨୦୦ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିବାକୁ ଯୋଜନା ରହିଛି।ଏହି ଆଲୋକ ଅଭିଯାନର ଶୁଭାରମ୍ଭ ତେନ୍ତୁଳିଖୁଣ୍ଟି ଗ୍ରାମପଞ୍ଚାୟତର ଖଣ୍ଡିଆଗୁଡା ରାଜସ୍ୱ ଗ୍ରାମ ଅନ୍ତର୍ଗତ କେନ୍ଦୁଗୁଡା ଓ ଖଣ୍ଡିଆଗୁଡା ଗ୍ରାମରୁ ହୋଇଥିଲା। ଏହି ଅବସରରେ ଏକ ଡିଜିଟାଲ୍? ଉଦ୍?ଘାଟନୀ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ।ଏଥିରେ କାଇଣ୍ଡ କେୟାର ଫାଉଣ୍ଡେସନର ସିଏସ୍‌ଆର୍ ମୁଖ୍ୟ ତଥା ବରିଷ୍ଠ ମହାପ୍ରବନ୍ଧକ ଶ୍ରୀ ଅଖିଳେଶ ଡିମିରି ଏବଂ ବରିଷ୍ଠ ପ୍ରବନ୍ଧକ-ସିଏସ୍‌ଆର୍ ଶ୍ରୀ ଆଲୋକ ପାଣ୍ଡେ ଯୋଗଦେଇଥିବାବେଳେ, ଇଟିପିଏ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ କୁମାର ପଣ୍ଡା ଏବଂ ନିର୍ଦ୍ଦେଶିକା ଶ୍ରୀମତୀ ବିଜୟା ବାଜପେୟୀ ମଧ୍ୟ ଉପସ୍ଥିତ ରହି ଏହି ଆଲୋକ ଅଭିଯାନର ଶୁଭାରମ୍ଭରେ ସାମିଲ ହୋଇଥିଲେ।ଜଣେ ବୃଦ୍ଧା ଗ୍ରାମବାସୀ କହିଛନ୍ତି, "ରାତି ହେଲେ ଆମ ଗାଁର ରାସ୍ତାଘାଟ ସବୁ ଅନ୍ଧାର ହୋଇଯାଉଥିଲା। ସାପ, ବନ୍ୟଜନ୍ତୁ ଓ ଅସାମାଜିକ ଲୋକଙ୍କ ଭୟରେ ସନ୍ଧ୍ୟା ପରେ ବାହାରକୁ ଯିବା କଷ୍ଟକର ଥିଲା। ଏବେ ଗାଁରେ ସୋଲାର ଲାଇଟ୍ ଲାଗିବା ଆରମ୍ଭ ହୋଇଥିବାରୁ ଆମେ ବହୁତ ଖୁସି। ଏହା ଆମ ପାଇଁ ସୁରକ୍ଷା ଓ ସୁବିଧାର ନୂଆ ଆଶା ଆଣିଛି।"

### ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ

# ପାଡିକଲଙ୍କ ଶତକ, ଭାରତ ୩୦୦/୫

କଲମ୍ବୋ,୨୩।୮(ଏଜେନ୍ସି): ଭାରତ-ଶ୍ରୀଲଙ୍କା ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ କ୍ରିକେଟ ସିରିଜର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ ରବିବାର ସ୍ଥାନୀୟ ସିଂହଳୀ ସ୍ପୋର୍ଟସ କ୍ଲବ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଭାରତ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥବା ବେଳେ ପ୍ରଥମ ଦିନ ଖେଳରେ ୫ ୱିକେଟ୍ ହରାଇ ୩୦୦ ରନ୍ ସଂଗ୍ରହ କରିଛି। ପ୍ରଥମ ଟେଷ୍ଟରେ ୧୬୭ ରନର ଏକ ଦମଦାର ଇନିଂସ ଖେଳିଥିବା ଦେବଦତ୍ତ ପାଡିକାଲ ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଆଉ ଏକ ଶତକ ହାସଲ କରିଛନ୍ତି। ଯୁବ ବ୍ୟାଟର ଦେବଦତ୍ତ ଏହି ଇନିଂସରେ ସଂଯମତାର ସହିତ ବ୍ୟାଟିଂ କରି ୧୬୮ ବଲ୍‌ରୁ ୧୦ ଚୌକା ସହିତ ୧୧୭ ରନ କରିଛନ୍ତି। ଓପନର ଯଶସ୍ୱୀ ଜୟସ୍ୱାଲ ୪୫ ,କେଏଲ୍ ରାହୁଲ ୧୮,ଶୁଭମନ ଗିଲ୍ ୫୦,ରିଷଭ ପନ୍ତ ୩(ରିଟାୟର୍ଡ ହର୍ଟ)ରବିନ୍ଦ୍ର ଜାଡେଜା ୪୩ ରନକରି ଆଉଟ ହୋଇଥିବା ବେଳେ ଧ୍ରୁବ ଜୁରେଲ ୭ ଓ ସାରାଂଶ ଜୈନ ୪ ରନ କରି ଅପରାଜିତ ଅଛନ୍ତି ।ଶ୍ରୀଲଙ୍କା ପକ୍ଷରୁ ଅସିଥ ଫର୍ଣ୍ଣାଡୋ ୪୬ ରନରେ ସର୍ବାଧିକ ୩ ୱିକେଟ ଅକ୍ତିଆର କରିଛନ୍ତି।

## ତେନ୍ଦୁଲକର ଓ ସେହବାଗଙ୍କ ଏଲିଟ କ୍ଲବରେ ପାଡିକଲ ସାମିଲ






କଲମ୍ବୋ,୨୩।୮(ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ କଲମ୍ବୋ ଟେଷ୍ଟର ପ୍ରଥମ ଦିନରେ ବାମହାତୀ ବ୍ୟାଟର ଦେବଦତ୍ତ ପାଡ଼ିକଲ ୧୧୭ ରନର ଏକ ଦମଦାର ଶତକୀୟ ପାଳି ଖେଳିଛନ୍ତି। ଚଳିତ ସିରିଜରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ଶତକ ।ଏହା ପୂର୍ବରୁ ସେ ପ୍ରଥମ ଟେଷ୍ଟରେ ୧୬୭ ରନ୍ ସଂଗ୍ରହ କରିଥିଲେ। ଗୋଟିଏ ସିରିଜରେ ସେ କ୍ରମାଗତ ଶତକ ହାସଲ କରି ସଚିନ ତେନ୍ଦୁଲକର ଓ ବୀରେନ୍ଦ୍ର ସେହ୍ୱାଗଙ୍କ ଏଲିଟ କ୍ଲବରେ ସାମିଲ ହୋଇଛନ୍ତି।

ପୂର୍ବରୁ ଶ୍ରୀଲଙ୍କା ମାଟିରେ ଗୋଟିଏ ସିରିଜରେ ୨ଟି ଶତକ ହାସଲ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନମାନେ ହେଲେ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ବିନୋଦ କାମ୍ବଲି, ମହମ୍ମଦ ଆଝାରୁଦ୍ଦିନ, ଶିଖର ଧାୱନ, ଚେତେଶ୍ୱର ପୂଜାରା। ଦେବଦତ୍ତ ପାଡ଼ିକଲ ମାତ୍ର ୪ଟି ଟେଷ୍ଟ ମ୍ୟାଚ ଖେଳି ୨ଟି ଶତକ ଓ ୧ଅର୍ଦ୍ଧଶତକ ହାସଲ କରି ଭାରତୀୟ ଟେଷ୍ଟ ଦଳର ୩ ନମ୍ବର ସ୍ଥାନକୁ ନିଜ ନାମରେ ପକ୍କା କରିଛନ୍ତି ।

## ଇମ୍ରାନଙ୍କ ଚିକିତ୍ସା ପାଇଁ ପାକିସ୍ତାନ ସରକାରଙ୍କୁ ୨୧ ଜଣ ପୂର୍ବତନ ଅଧିନାୟକଙ୍କ ଚିଠି



ନୂଆଦିଲ୍ଲୀ,୨୩।୮(ଏଜେନ୍ସି): ପାକିସ୍ତାନର ୧୯୯୨ ବିଶ୍ୱକପ୍ ବିଜେତା ଅଧିନାୟକ, ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଜେଲରେ ଉପଯୁକ୍ତ ମାନବୀୟ ବ୍ୟବହାର ଓ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଦାବି କରି ୨୧ ଜଣ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ୍ ଅଧିନାୟକ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରୀଫଙ୍କୁ ଚିଠି ଲେଖିଛନ୍ତି । ଅଷ୍ଟ୍ରେଲିଆର ପୂର୍ବତନ କ୍ୟାପଟେନ୍ ଗ୍ରେଗ୍ ଚାପେଲଙ୍କ ନେତୃତ୍ୱରେ ପଠାଯାଇଥିବା ଏହି ଚିଠିରେ ଭାରତର ସୁନୀଲ ଗାଭାସ୍କର ଓ କପିଳ ଦେବ ବି ସାମିଲ ଅଛନ୍ତି ।୬ ମାସ ପୂର୍ବରୁ ୧୪ ଜଣ ଅଧିନାୟକ ଆବେଦନ କରିଥିବା ବେଳେ ଏବେ ଆଉ ୭ ଜଣ ସାମିଲ ହୋଇ ମୋଟ ୨୧ ଜଣ ସ୍ୱାକ୍ଷର କରିଛନ୍ତି।ସୁପ୍ରିମ୍‌କୋର୍ଟ ଇମ୍ରାନ୍‌ଙ୍କୁ ଘରୋଇ ଶିଫା ହସପିଟାଲରେ ତାଙ୍କ ନିଜସ୍ୱ ଡାକ୍ତର ଓ ଭଉଣୀ ଡା. ଉଜ୍ମା ଖାନ୍‌ଙ୍କ ଉପସ୍ଥିତିରେ ଚିକିତ୍ସା କରିବାକୁ କହିଥିଲେ ,ମାତ୍ର ସରକାର ତାଙ୍କୁ ସରକାରୀ ହସପିଟାଲ ନେଇ ମାତ୍ର କିଛି ଘଣ୍ଟା ମଧ୍ୟରେ ଫିଟ ଘୋଷଣା କରି ପୁଣି ଆଡିଆଲା ଜେଲକୁ ପଠାଇ ଦେଇଛନ୍ତି। ୭୩ ବର୍ଷୀୟ ଇମ୍ରାନ୍‌ଙ୍କ ଡାହାଣ ଆଖିର ୮୫% ଦୃଷ୍ଟିଶକ୍ତି କମିଯାଇଥିବା ନେଇ ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ଇମ୍ରାନ୍‌ଙ୍କ ପୂର୍ବତନ ଶାଳକ ଜ୍ୟାକ୍ ଗୋଲ୍ଡସ୍ମିଥ୍ ବ୍ରିଟେନ୍ ବୈଦେଶିକ ମନ୍ତ୍ରୀ ଏଡ୍ ମିଲିବ୍ୟାଣ୍ଡଙ୍କୁ ଚିଠି ଲେଖି କୂଟନୈତିକ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି । ଭାରତର ସୁନୀଲ ଗାଭାସ୍କର, କପିଲ ଦେବ, ଦିଲୀପ ଭେଙ୍ଗସରକାର, ଅଷ୍ଟ୍ରେଲିଆ–ଗ୍ରେଗ୍ ଚାପେଲ୍, ଇଆନ୍ ଚାପେଲ୍, ଆଲାନ୍ ବର୍ଡର, ଷ୍ଟିଭ୍ ୱା, ଆଡାମ୍ ଗିଲକ୍ରିଷ୍ଟ, ବେଲିଣ୍ଡା କ୍ଲାର୍କ, ଇଂଲଣ୍ଡ–ଆଲିଷ୍ଟର କୁକ୍, ମାଇକେଲ ଆଥରଟନ୍, ନାସିର ହୁସେନ୍, ମାଇକେଲ ବ୍ରିୟରଲି, ଆଣ୍ଡ୍ରୁ ଷ୍ଟ୍ରସ୍, ଡେଭିଡ୍ ଗାୱାର ଓ ୱେଷ୍ଟଇଣ୍ଡିଜର କ୍ଲାଇଭ୍ ଲଏଡ୍ , ଅର୍ଜୁନ ରଣତୁଙ୍ଗା (ଶ୍ରୀଲଙ୍କା) ଓ ଜନ୍ ରାଇଟ୍ (ନ୍ୟୁଜିଲ୍ୟାଣ୍ଡ) ମଧ୍ୟ ଏହି ଚିଠି ଜରିଆରେ ପାକିସ୍ତାନ ସରକାରଙ୍କୁ ଇମ୍ରାନଙ୍କ ଚିକିତ୍ସା ପାଇଁ ଅପିଲ କରିଛନ୍ତି।

## ଷଷ୍ଠ ପ୍ରଦୀପ କୁମାର ରଥ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ: ସତଭିକ୍ ମହାନ୍ତି ଚାମ୍ପିଅନ



ଭୁବନେଶ୍ୱର,୨୩।୮(ନି.ପ୍ର):ଓଡିଶା ଚେସ୍ ଆସୋସିଏସନ ଆନୁକୂଲ୍ୟରେ କେଶୁରା ସ୍ଥିତ୍ ରୟାଲ ପବ୍ଲିକ ସ୍କୁଲ ଠାରେ ଚଳିତ ଅଗଷ୍ଟ ୨୩ ତାରିଖ ଦିନ ଅନୁଷ୍ଠିତ ହୋଇ ଯାଇଛି ଷଷ୍ଠ ପ୍ରଦୀପ କୁମାର ରଥ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ ଚାମ୍ପିଅନଶିପ। କେଶୁରା ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଚାମ୍ପିଅନଶିପକୁ ଉଦଘାଟନ କରିଥିବା ବେଳେ କେଶୁରା ରୟାଲ ପବ୍ଲିକ ସ୍କୁଲର ଭାଇସ ପ୍ରିନ୍ସିପାଲ ପ୍ରଜ୍ଞା ପରମିତା ସାହୁ ,ଓଡିଶା ଚେସ୍ ଆସୋସିଏସନର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ପ୍ରଦୀପ କୁମାର ରଥଙ୍କ ପୁତ୍ର ଦେବାଶିଷ ରଥ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

ପ୍ରତିଯୋଗିତାର ୪ ରାଉଣ୍ଡ ସମାପ୍ତ ପରେ ଫାଇନାଲ ର୍‍ୟାଙ୍କିଂରେ ଭୁବନେଶ୍ୱର ମଡେଲ ଇଂଲିଶ ମିଡିୟମ ସ୍କୁଲର ସତଭିକ ମହାନ୍ତି ସର୍ବାଧିକ ୩.୫ ପଏଣ୍ଟ ହାସଲ ସହିତ ଟିବି୧ ଓ ଟିବି୨ରେ ଅଗ୍ରଣୀ ହୋଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କ୍ଲୁଜମ ସ୍କୁଲର ଆହାନ ଅଭିଜ୍ଞାନ ୩.୫ ପଏଣ୍ଟ ସହିତ ଦ୍ୱିତୀୟ ହୋଇଥିବାବେଳେ ଫ୍ୟୁଚର ଭୁବନେଶ୍ୱର ସ୍କୁଲର ଧୃତିମାନ ଦେ, ଖଣ୍ଡଗିରୀ ସେଣ୍ଟ ଜାଭିୟରସ ହାଇସ୍କୁଲର ଓମ ଶତପଥି ଓ ବାରଙ୍ଗ ସରସ୍ୱତୀ ପବ୍ଲିକ ସ୍କୁଲର ଦିପେନ୍ଦୁ ରଥ ପ୍ରତ୍ୟେକ ୩.୦ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ସେହିପରି ଏଜ ଗ୍ରୁପର ୭ ବର୍ଷରୁ କମ ବର୍ଗରେ ରେୟାଂଶ ସାହୁ ପ୍ରଥମ,୧୧ ବର୍ଷରୁ କମ ବର୍ଗରେ ଅଦଭିକ ମହାନ୍ତି ପ୍ରଥମ, ଆଶୁତୋଷ ଅରୁଣ ଦାସ ଦ୍ୱିତୀୟ, ୧୩ ବର୍ଷରୁ କମ ବର୍ଗରେ ଭବେଶ ସାହୁ ପ୍ରଥମ , ସତ୍ୟ ମାଧବ ସତପଥି ଦ୍ୱିତୀୟ ଏବଂ ୧୫ ବର୍ଷରୁ କମ ବର୍ଗରେ ଅଂଶୁମାନ ବେହେରା ପ୍ରଥମ ହୋଇଥିବା ବେଳେ ବାଳିକା ବର୍ଗରେ ଅକ୍ଷତା ମିଶ୍ର ପ୍ରଥମ ଓ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏହା ସହିତ ସାଇ କ୍ରିଷ୍ଣା ସାମଲ,ସ୍ୱୋୟମସିଦ୍ଧି ସାହୁ , ପ୍ରୀତ କୌସ୍ତୁଭ ରାଉତ, ମହେଶ୍ୱର ପାଣିଗ୍ରାହୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି।

## ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ନିକଟରୁ ବାଂଲାଦେଶର ଶୋଚନୀୟ ପରାଜୟ

### ସିରିଜ ୧–୧ରେ ବରାବର: ମିଚେଲ ଷ୍ଟାର୍କ ମ୍ୟାନ ଅଫ ଦି ସିରିଜ



ମକାୟ,୨୩।୮(ଏଜେନ୍ସି):ବାଂଲାଦେଶ ବିପକ୍ଷରେ ପ୍ରଥମ ଟେଷ୍ଟ ପରାଜୟର ଚରମ ପ୍ରତିଶୋଧ ନେଲା ଅଷ୍ଟ୍ରେଲିଆ। ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଐତିହାସିକ ସଫଳତା ପାଇଥିବା ବାଂଲା ଟାଇଗର ଦଳ ଦ୍ୱିତୀୟ ଟେଷ୍ଟର ଦୁଇଟି ଯାକ ପାଳିରେ ମୋଟ ୨୦୦ ରନ୍ ଟପି ପାରିଲା ନାହିଁ। ଏହି ୫ ଦିନିଆ ଟେଷ୍ଟ ମ୍ୟାଚ୍ ପୂରା ୨ ଦିନ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଶେଷ ହୋଇଛି। ଫାଷ୍ଟ ବୋଲର ମିଚେଲ୍ ଷ୍ଟାର୍କଙ୍କ ୧୦ ୱିକେଟ୍ ସଫଳତା ବଳରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫୧ ରନରେ ବାଂଲାଦେଶକୁ ପରାସ୍ତ କରି ୨ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୧–୧ରେ ଶେଷ କରିଛି। ପ୍ରଥମ ପାଳିରେ ଷ୍ଟାର୍କଙ୍କ ୬/୧୨ ସଫଳତା ଯୋଗୁଁ ୬୪ ରନରେ ଅଲ୍‌ଆଉଟ୍ ହୋଇଥଲା ବାଂଲାଦେଶ । ଏହାର ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ କାମେରୁନ ଗ୍ରୀନଙ୍କ ସର୍ବାଧିକ ୬୭ ଓ ନାଥନ ଲିୟୋନଙ୍କ ଅପରାଜିତ ୩୨ ରନ ବଳରେ ୨୧୦ ରନ କରି ଥିବା ବେଳେ ଦ୍ୱିତୀୟ ପାଳିରେ ଷ୍ଟାର୍କ (୪/୩୯)ଙ୍କ ଘାତକ ବୋଲିଂ ସାଙ୍ଗକୁ ପ୍ୟାଟ୍ କମିନ୍ସ ଓ ନାଥନ ଲିୟୋନଙ୍କ ୩–୩ ୱିକେଟ୍ ହାସଲ ପରେ ବାଂଲାଦେଶ ୯୫ ରନରେ ସମସ୍ତ ୱିକେଟ ହରାଇଥିଲା। ଦ୍ୱିତୀୟ ପାଳିରେ ବାଂଲାଦେଶର ୨ ଜଣ ବ୍ୟାଟର୍ ଅଧିନାୟକ ନାଜମୁଲ ହୁସେନ ସାଣ୍ଟୋ (୩୧) ଓ ମୁସଫିକର ରହିମଙ୍କ୍ ଅପରାଜିତ ୨୯ରନ ବ୍ୟତିତ ଅନ୍ୟ କୌଣସି ବ୍ୟାଟର ୨ ଅଙ୍କ ଛୁଇଁ ପାରି ନଥିଲେ। ଚତୁର୍ଥ ଥର ଲାଗି ଗୋଟିଏ ମ୍ୟାଚରେ ୧୦ ୱିକେଟ୍ ସଫଳତା ପାଇଥିବା ଷ୍ଟାର୍କ ଏହି ସିରିଜରେ ୨୦ ରନ ବିନିମୟରେ ୧୨ ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି।

### ରାଜ୍ୟ ଓ ବାଣିଜ୍ୟ ଖବର

## ପ୍ରଥମ ଅଲ୍ ଓଡିଶା ଜେକେଏ କରାଟେ ଚାମ୍ପିଅନ୍‌ସିପ ସଫଳତାର ସହ ସମ୍ପନ୍ନ




ବଡବିଲ,୨୩।୮(ନି.ପ୍ର): ଜେକେଏଡବ୍ଲ୍ୟୁଏଫ୍ ଇଣ୍ଡିଆ ଓଡିଶା ପକ୍ଷରୁ ଆୟୋଜିତ ପରମାନନ୍ଦ ପାଣ୍ଡେ ସ୍ମାରକୀ କପ୍-ପ୍ରଥମ ଅଲ୍ ଓଡିଶା ଜେକେଏ କରାଟେ ଚମ୍ପିୟନ୍ସିପ୍-୨୦ ୨୬ ବଡବିଲସ୍ଥିତ ସେଣ୍ଟ ମେରୀଜ୍ ସ୍କୁଲଠାରେ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଦୁଇଦିନିଆ ଚମ୍ପିୟନ୍ସିପ୍ରେ ଓଡିଶାର ବିଭିନ୍ନ ଅଞ୍ଚଳରୁ କରାଟେ ପ୍ରତିଯୋଗୀମାନେ ଯୋଗଦେଇ ନିଜର ପ୍ରତିଭା ଓ କ୍ରୀଡା ଦକ୍ଷତା ପ୍ରଦର୍ଶନ କରିଥିଲେ। ଚାମ୍ପିଅନ୍‌ସିପ୍‌ରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ବେଲ୍ଟ ପରୀକ୍ଷା ଏବଂ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷକ ଶିବିରରେ ଅଂଶଗ୍ରହଣକାରୀମାନେ ଜେକେଏ କରାଟେର ବିଭିନ୍ନ କୌଶଳ ଓ ପ୍ରାୟୋଗିକ ଜ୍ଞାନ ହାସଲ କରିଥିଲେ। ବେଲ୍ଟ ପରୀକ୍ଷାରେ ସେମାନଙ୍କର ପ୍ରାୟୋଗିକ ଦକ୍ଷତା ଓ ଜ୍ଞାନର ମୂଲ୍ୟାଙ୍କନ କରାଯାଇଥିଲା। ବିଭିନ୍ନ ବୟସ ଓ ଦକ୍ଷତା ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଯୁବ କରାଟେ ପ୍ରତିଭାମାନେ ଉତ୍ସାହର ସହ ଭାଗ ନେଇ ନିଜର ଶୃଙ୍ଖଳା, ଆତ୍ମବିଶ୍ୱାସ, ନିଷ୍ଠା ଓ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ।

ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ବିକାଶ ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗଦେଇଥିଲେ। ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡବିଲ ସେଣ୍ଟ ମେରୀଜ୍ ସ୍କୁଲର ଉପାଧ୍ୟକ୍ଷ ସିଷ୍ଟର ଅର୍ଚ୍ଚନା ଏବଂ ବିଜେପି ରାଜ୍ୟ ଓବିସି ମୋର୍ଚ୍ଚାର ଆବାହକ ଚନ୍ଦ୍ରଗୁପ୍ତ ପ୍ରସାଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ସମାପନୀ ସମାରୋହରେ ଦେବେନ୍ଦ୍ର ନାଥ ପିଙ୍ଗୁଆ, ସବ୍–ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ),ବଡବିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରବେଶ ପାଣ୍ଡେ, ଆର୍ଯ୍ୟ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କମ୍ପାନୀ, ନିମ୍ମାନୀ ମହାନ୍ତ, ସଭାପତି, ରିଙ୍ଗ ଫାଇଟ୍ ଫେଡେରେସନ୍ ଓଡିଶା ଏବଂ ସାଂସଦ ପ୍ରତିନିଧି, ବଡବିଲ–ସମ୍ମାନୀତ ଅତିଥି, ଗଣେଶ୍ୱର ଭୂୟାଁ, ସିନିୟର ମ୍ୟାନେଜର, ଓଡିଶା ମାଇନିଂ କର୍ପୋରେସନ(ଓଏମ୍‌ସି), ଜିଲିଙ୍ଗ, ଆସଲା ସ୍ୱାମୀ ବାର୍ଲା ପ୍ଲାଣ୍ଟ ହେଡ୍, ବ୍ରାହ୍ମଣୀ ରିଭର ପେଲେଟ୍ସ ପ୍ରା. ଲିଂ. ଏବଂ ସଚ୍ଚିଦାନନ୍ଦ ପାଣ୍ଡେ, ସ୍ୱର୍ଗତଃ ପରମାନନ୍ଦ ପାଣ୍ଡେଙ୍କ ସାନ ଭାଇ ଉପସ୍ଥିତ ଥିଲେ । ସ୍ୱର୍ଗତଃ ପରମାନନ୍ଦ ପାଣ୍ଡେଙ୍କ ସ୍ମୃତିରେ ଆୟୋଜିତ ଏହି ଚାମ୍ପିଅନ୍‌ସିପ୍‌ର ଉଦ୍ଦେଶ୍ୟ ଥିଲା ଯୁବପୀଢିଙ୍କ ମଧ୍ୟରେ ଜେକେଏ କରାଟେର ପ୍ରଚାର ପ୍ରସାର ସହିତ ଶୃଙ୍ଖଳା, ଶାରିରୀକ ସୁସ୍ଥତା, ଅଧ୍ୟବସାୟ, ଆତ୍ମବିଶ୍ୱାସ ଓ କ୍ରୀଡା ମନୋଭାବର ବିକାଶ କରିବା।

## ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ପାଲଟିଛି ଭୂତକୋଠି



କଣ୍ଟିଲୋ,୨୩।୮(ନି.ପ୍ର): ଖଣ୍ଡପଡ଼ା ବ୍ଲକର ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମରେ ଗତ ୭ ବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରଟି କାର୍ଯ୍ୟରେ ନ ଲାଗି ତାଲା ଝୁଲୁଥିବା ନଜରକୁ ଆସୁଛି। ଏକଦା ସ୍ଥାନୀୟ ଅଞ୍ଚଳର ଗୃହ ପାଳିତ ପଶୁମାନଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ଉକ୍ତ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ରଟି ନିର୍ମାଣ କରାଯାଇଥିଲା। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ପ୍ରାଣୀ ଚିକିତ୍ସା କେନ୍ଦ୍ରଟି କାର୍ଯ୍ୟକ୍ଷମ ନ ହୋଇ ତାଲା ଝୁଲୁଥିବାବେଳେ ଏବେ ବର୍ଷା ଦିନ ଯୋଗୁଁ ଉକ୍ତ ଗୃହର ଚତୁଃପାର୍ଶ୍ୱ ଅନାବନା ଗଛ ଲତାରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପ୍ରାଣୀ ଚିକିତ୍ସା କେନ୍ଦ୍ରର ଏଭଳି ଅବସ୍ଥାକୁ ଦେଖି ଘଣାଶାଳିଆ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାରଙ୍କ ପ୍ରାଣୀ ଚିକିତ୍ସା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ନୟାଗଡ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଦୃଷ୍ଟି ଦେଇ ବିଳମ୍ବରେ ହେଉ ପଛେ ଉକ୍ତ କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ‘ବେଦକଳା’ପ୍ରକଳ୍ପ ମାଧ୍ୟମରେ ମହିଳା କାରିଗରଙ୍କୁ ସଶକ୍ତ କରିଛି ବେଦାନ୍ତ ଆଲୁମିନିୟମ



ଝାରସୁଗୁଡ଼ା,୨୩।୮(ନି.ପ୍ର): ଆଜିକାଲିର ପାରମ୍ପରିକ କଳାଗୁଡ଼ିକ ଆଧୁନିକ ବଜାରରେ ନୂଆ ରୂପ ପାଉଥିବା ବେଳେ କାରିଗରମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ସାଂସ୍କୃତିକ ଐତିହ୍ୟ ସଂରକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇଛି।ଏହି ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାର ଗ୍ରାମୀଣ ମହିଳା କାରିଗରଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସମୁଦାୟ ଜୀବିକାଭିତ୍ତିକ ପ୍ରକଳ୍ପ ‘ବେଦକଳା’ ଅଧୀନରେ ତିନିଦିନିଆ ମିଡିୟମ୍–ଡେନ୍ସିଟି ଫାଇବରବୋର୍ଡ (ଏମଡିଏଫ) କ୍ରାଫ୍ଟ ଓ ସ୍କିଲ୍ ଡେଭଲପମେଣ୍ଟ କର୍ମଶାଳା ଆୟୋଜନ କରାଯାଇଥିଲା।

ବେଦକଳା ଏକ୍ସପିରିଏନ୍ସ ସେଣ୍ଟରରେ ଫର୍ଷ୍ଟ ସୂତ୍ର ଫାଉଣ୍ଡେସନ୍, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ବିଭାଗର ସହଯୋଗ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ତଥା ଆଦିବାସୀ କଳାର ଅଭିଜ୍ଞ କଳାକାର ଗୁରାଖି ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ୬୦ରୁ ଅଧିକ ମହିଳା କାରିଗରଙ୍କୁ ପାରମ୍ପରିକ ସଉରା କଳାରୁ ପ୍ରେରଣା ନେଇ ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଓ ସ୍ମାରକୀ ସାମଗ୍ରୀ ଏମଡ଼ିଏଫ ଅଳଙ୍କାର, ସାଜସଜ୍ଜାମୂଳକ ଫ୍ରିଜ୍ ମ୍ୟାଗ୍ନେଟ୍ ଓ କି–ରିଙ୍ଗ୍ ଭଳି ସାମଗ୍ରୀ ତିଆରି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରହଣକାରୀ କାରିଗରମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।ବର୍ତ୍ତମାନ ପ୍ରକଳ୍ପ ‘ବେଦକଳା’ ଝାରସୁଗୁଡ଼ାର ୧୦୦ରୁ ଅଧିକ କାରିଗରଙ୍କୁ ବାଉଁଶ, ସଉରା ଓ ସବାଇ ଘାସ ହସ୍ତଶିଳ୍ପ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରି ସହଯୋଗ କରୁଛି।

ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ଶ୍ରୀ ସି. ଚନ୍ଦୁ କହିଛନ୍ତି, ଓଡ଼ିଶାର ସମୃଦ୍ଧ କଳା ପରମ୍ପରା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ହେବା ସହ ସମୁଦାୟଭିତ୍ତିକ ଆର୍ଥିକ ପ୍ରଗତି ପାଇଁ ଏକ ବଡ଼ ସୁଯୋଗ ରହିଛି। ପ୍ରକଳ୍ପ ‘ବେଦକଳା’ ମାଧ୍ୟମରେ ଆମେ ଏପରି ଏକ ପରିବେଶ ସୃଷ୍ଟି କରୁଛୁ, ଯେଉଁଠାରେ ମହିଳା କାରିଗରମାନେ ନିଜ ଦକ୍ଷତାକୁ ଆହୁରି ସୁଦୃଢ଼ କରିବା, ଆଧୁନିକ ଡିଜାଇନ୍ ଆପଣାଇବା ଏବଂ ନୂଆ ଜୀବିକାର ସୁଯୋଗ ହାସଲ କରିପାରିବେ। ଆମର ଲକ୍ଷ୍ୟ ହେଉଛି ଏହି ମହିଳାମାନଙ୍କୁ ଆତ୍ମବିଶ୍ୱାସୀ ଉଦ୍ୟୋଗୀ ଭାବେ ଆଗକୁ ବଢ଼ିବାରେ ସକ୍ଷମ କରିବା ଏବଂ ସଉରା ଭଳି ସ୍ୱଦେଶୀ କଳାରୂପକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପ୍ରାସଙ୍ଗିକ, ସମ୍ମାନିତ ଓ ଆର୍ଥିକ ଭାବେ ସ୍ଥାୟୀ ରଖିବା।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ରାଜଗିରିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଝରଣା

# ବିକାଶ ପ୍ରତି ପ୍ରଶାସନର ନଜର ନାହିଁ



ନୟାଗଡ଼,୨୩।୮(ନିପ୍ର): ନୟାଗଡ଼ ଜିଲ୍ଲାର ସବୁଠାରୁ ମନୋମୁଗ୍ଧକର ପ୍ରାକୃତିକ ପରିବେଶ, ଝରଣା ଓ ଉଚ୍ଚା ପାହାଡ଼ ହେଉଛି ରାଜଗିରି। ପର୍ଯ୍ୟଟକମାନଙ୍କ ପାଇଁ ଏହା ହେଉଛି ଚିତ୍ତ ବିନୋଦନର ଉତ୍କୃଷ୍ଟ ସ୍ଥାନ। ପଠାଣି ସାମନ୍ତ ରାଜଗିରି ପାହାଡ଼କୁ ଦୁଇଟି ନଳୀ ଦ୍ୱାରା ମାପ କରିବା ଓ ଏହା ଉପରେ ବସି ସିଦ୍ଧାନ୍ତ ଦର୍ପଣର କିଛି ଅଂଶ ରଚନା କରିଥିଲେ। ଏହାସହିତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ଥାନୀୟ ମାଳିସାହିରେ ଅବସ୍ଥାନ ସମୟରେ ଢେଙ୍କେଣା ରଘୁନାଥଙ୍କ ପୀଠରେ ସିଦ୍ଧିପ୍ରାପ୍ତ ହୋଇଥିଲେ। ରାଜଗିରି ପର୍ବତ ତାଙ୍କ ସାଧନାର ଅନ୍ୟତନ ସ୍ଥାନ ବୋଲି ଲୋକମତରୁ ଜଣାପଡେ।

ବନବିଭାଗ ଅଧୀନରେ ଥିବା ଏହି ପାହାଡ଼ ହେଉଛି ଏକ ହନୁମାନ ପୀଠ। ଏହି ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ରକୁ ଶହ ଶହ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ଏହାର ବିକାଶ କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ନୟାଗଡ଼ ବନଖଣ୍ଡ ଅଧୀନ ନୟାଗଡ଼ ବନାଞ୍ଚଳ ଏବଂ ଖଣ୍ଡପଡ଼ା ବନାଞ୍ଚଳ ସୀମାରେ ରହିଛି ରାଜଗିରି ପର୍ବତ। ନୟାଗଡ଼ ସଦର ବ୍ଲକ ପାଣିପୋଇଲାଠାରୁ ହାତୀମୁଣ୍ଡା ଜଙ୍ଗଲକୁ ଯିବା ପରେ ରାଜଗିରିକୁ ରାସ୍ତା ରହିଛି । ଘଞ୍ଚ ଜଙ୍ଗଲ ମଧ୍ୟରେ କଦଳୀଗଣ୍ଡ ଝରଣା, ମୁକ୍ତାଧାର ଝରଣା ଓ ଗୁଲୁବାସ ଝରଣା ତଳ ଉପର ହୋଇ ରହିଛନ୍ତି। ଝରଣାରେ ପର୍ଯ୍ୟଟକମାନେ ଗାଧୋଇବାର ମଜା ନେଇଥାନ୍ତି। ମୁକ୍ତାଧାର ଝରଣା ପାହାଡ଼ ଶିଖରରୁ ଲମ୍ବା ହୋଇ ବହି ଆସିବାର ଦୃଶ୍ୟ ବେଶ ଆକର୍ଷଣୀୟ। ରାଜଗିରି ଠାରୁ ଅନତି ଦୂରରେ ରହିଛି ଏକ ରହସ୍ୟମୟ ଗୁମ୍ଫା। ଯେଉଁ ଗୁମ୍ଫାର ତିନୋଟି ରାସ୍ତା ରହିଥିବା ବେଳେ ୨ଟି କାଳକ୍ରମେ ବନ୍ଦ ହୋଇଯାଇଛି। ଏହି ଗୁମ୍ଫା ମଧ୍ୟରେ ଅନେକ ଐତିହାସିକ ତଥ୍ୟ ଲୁଚି ରହିଥିବା କୁହାଯାଏ। ଉକ୍ତ ଗୁମ୍ଫା ନିକଟରେ ଲୋକେ ପଥର ଖଣ୍ଡ ପକାଇ ମାନସିକ କରିଥାନ୍ତି।

ପାହାଡ଼ ଶିଖରରେ ପୂଜା ପାଉଛନ୍ତି ମହାବୀର। ମହାବୀରଙ୍କ ପାଦ ଚିହ୍ନ ପାହାଡ଼ ଶିଖରରେ ରହିଥିବା ବେଳେ ଅର୍ଦ୍ଧନିର୍ମିତ ଏକ ଛୋଟ ମନ୍ଦିର ରହିଛି। ଏହି ସ୍ଥାନରେ ଯାହା ମାନସିକ କଲେ ଅଚିରେ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ। ମନ୍ଦିରକୁ ଲାଗିଥିବା ବିଶାଳ ପଥର ଚଟାଣ ଉପରେ ବଣଭୋଜି କରି ରାତ୍ରୀଯାପନ କରିବାର ମଜ୍ଜା ନିଆରା ଅନୁଭୂତି ଆଣେ। ବିଳମ୍ବିତ ରାତ୍ରୀରେ ପାହାଡ଼ରୁ ସଙ୍କୀର୍ତ୍ତନ, ଘଣ୍ଟ , ଶଙ୍ଖ ଧ୍ୱନି ଭାସି ଆସୁଥିବା ଶୁଣିବାକୁ ମିଳେ। ଏଠାରେ ଅନେକ ମୁନିଋଷି ସାଧନା କରି ସିଦ୍ଧିପ୍ରାପ୍ତ ହୋଇଥିବା ଜଣାଯାଏ। ପାହାଡ଼ ଶିଖରରେ ମହାବୀରଙ୍କ ସହିତ ମହାଦେବ ପୂଜା ପାଉଛନ୍ତି। ସେଠାରେ ଏକ କଇଁଆ ଗଛ ମୂଳରେ ପୂଜା ପାଉଛନ୍ତି ମା’ ବନଦୁର୍ଗା।

ମାଳିସାହି ମହାବୀର ସଂଘର ଉଦ୍ୟମରେ ଏକ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ତେବେ ଅର୍ଥାଭାବରୁ ମନ୍ଦିର ସମ୍ପୂର୍ଣ୍ଣ ହୋଇ ପାରୁନାହିଁ ବୋଲି କହନ୍ତି ଏହାର ମୁଖ୍ୟ ଦୀପକ ରଞ୍ଜନ ସାହୁ ଓ ସନ୍ତୋଷ କୁମାର ମହାପାତ୍ର। ଏହି କ୍ଷେତ୍ରର ଉନ୍ନତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନିକ ତତ୍ପରତା ଦେଖାଯାଉ ନାହିଁ ବୋଲି ସେମାନେ କହିଛନ୍ତି। ଭୂମିଠାରୁ ମହାବୀର ପୀଠ ପର୍ଯ୍ୟନ୍ତ ୩୨ ଶହ ଫୁଟ ଉଚ୍ଚା ଅଞ୍ଚଳବାସୀଙ୍କ ଉଦ୍ୟମରେ ସେଠାରୁ ଆଉ ପ୍ରାୟ ୩ କିଲୋମିଟର ପାହାଡ଼ ଉପରୁ ପାଇପ୍ ଯୋଗେ ଏହି ପୀଠକୁ ଝରଣା ପାଣି ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରାକୃତିକ ପରିବେଶରେ ରାଜ୍ କରୁଥିବା ରାଜଗିରିର ବିକାଶ ତଥା ଗମନାଗମନ ପ୍ରତି ପ୍ରଶାସନ ନଜର ନ ଦେବା ଜିଲ୍ଲାବାସୀ ଓ ପର୍ଯ୍ୟଟକଙ୍କୁ ବ୍ୟଥିତ କରିଛି। ରାଜ୍ୟ ସରକାର ଏହି ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବାକୁ ଦାବି ହେଉଛି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

ଚାରିଛକ,୨୩।୮(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଉପଲକ୍ଷେ ସ୍ୱାଗତ ସମାରୋହ ଓ ବାଣିଜ୍ୟ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ ଅଶୋକ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର ଯୋଗଦେଇ ବାଣିଜ୍ୟ ଶିକ୍ଷାର ଭବିଷ୍ୟତ ଓ ଏଥିରେ ଥିବା ନିଯୁକ୍ତି ସୁଯୋଗ ଉପରେ ଆଲୋକପାତ କରିବା ସହ ବାଣିଜ୍ୟ ହେଉଛି ଭବିଷ୍ୟତର ମାର୍ଗ ବୋଲି ଅଭିହିତ କରିଥିଲେ। ମହାତ୍ମା ଗାନ୍ଧୀ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ ଏବଂ ପୂର୍ବତନ ପରିଚାଳନା କମିଟି ସଦସ୍ୟ ସମାଜସେବୀ ଶ୍ରୀଯୁକ୍ତ ସନାତନ ପାତ୍ର ଯୋଗଦେଇ ଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଜୀବନ ଦାଶ ସମାରୋହର ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ ଚନ୍ଦ୍ର କର ସମାରୋହର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏଥିରେ ୨ ଏବଂ ୩ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଇଷ୍ଟ ଇଣ୍ଡିଆ ଓପନ୍ ୧୦ ରେଡ୍ ସ୍ନୁକର ପ୍ରତିଯୋଗିତା ଉଦଘାଟିତ

ଭୁବନେଶ୍ୱର,୨୩।୮(ନି.ପ୍ର): ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ସଂଘ (ବିଏସ୍ଏଓ) ଆନୁକୂଲ୍ୟରେ ଭୁବନେଶ୍ୱର କ୍ଲବରେ ଚତୁର୍ଥ ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ଇଷ୍ଟ ଇଣ୍ଡିଆ ଓପନ୍ ୧୦ ରେଡ୍ ସ୍ନୁକର ପ୍ରତିଯୋଗିତା ରବିବାର ଉଦଘାଟିତ ହୋଇଯାଇଛି। ଚଳିତ ମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଏଥିରେ ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ୧୪ ଜଣଙ୍କ ସହ ମୋଟ ୬୭ ଖେଳାଳି ଭାଗ ନେବେ। ବିଜେତା ଓ ଉପବିଜେତାଙ୍କ ଲାଗି ଟ୍ରଫି ସହ ଯଥାକ୍ରମେ ୫୦ ଓ ୨୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ସେହିପରି ସମିଫାଇନାଲିଷ୍ଟଙ୍କୁ ୧୦ ହଜାର, କ୍ୱାଟରଫାଇନାଲିଷ୍ଟଙ୍କୁ ୫୦୦୦ ଟଙ୍କା ଲେଖାଏଁ ପୁରସ୍କାର ଓ ସର୍ବୋଚ୍ଚ ବ୍ରେକ୍ ଲାଗି ୫୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବିଏସ୍ଏଓ ସମ୍ପାଦକ ସମୀର ଅଲୀ, ପ୍ରତିଯୋଗିତା ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭୁବନେଶ୍ୱର କ୍ଲବ୍ ସଭାପତି ପ୍ରଦୀପ କୁମାର ଜେନା, ସମ୍ପାଦକ ଲଳିତ ଦାସ, ଯୁଗ୍ମ ସମ୍ପାଦକ ସମ୍ବିତ କୁମାର ମହାନ୍ତି, ପ୍ରିୟବ୍ରତ ପଟ୍ଟନାୟକଙ୍କ ପତ୍ନୀ ଲିପ୍ସା ମିଶ୍ର, ସଦସ୍ୟ ମାନସ ଦାସ, ଅନିଲ କୁମାର ସାମଲ, ସଞ୍ଜୟ ଲାଠ ପ୍ରମୁଖ ଉପସ୍ଥିତ ଥିଲେ।

### ଏଣ୍ଡୋସ୍କୋପିକ୍ କ୍ୟାମେରାରେ ପ୍ରଶ୍ନପତ୍ର ଲିକ୍ !

# ୧୧ ହଜାରରେ ଡିଲ୍, ପ୍ରଫେସରଙ୍କ ସମେତ ୬ ଗିରଫ

**ଛତିଶଗଡ଼, ୨୩।୮ (ଏଜେନ୍ସି):** ଛତିଶଗଡ଼ର ଦୁର୍ଗରେ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟ (ଆଇଜିକେଭି)ର ବିଏସ୍‌ସି ଏଣ୍ଟୋମୋଲୋଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଜଣେ ପ୍ରଫେସରଙ୍କ ସମେତ ୫ ଜଣ ଛାତ୍ର ଗିରଫ । ପୋଲିସର ସୂଚନା ଅନୁଯାୟୀ, ପ୍ରଫେସର ଜଣକ ଗୋପନୀୟ ଭାବେ ସିଲ୍ ହୋଇଥିବା ଲଫାଫା ଖୋଲି ଏକ ଏଣ୍ଡୋସ୍କୋପିକ୍ କ୍ୟାମେରା ସାହାଯ୍ୟରେ ପ୍ରଶ୍ନପତ୍ରର ଫଟୋ ଉଠାଇଥିଲେ ।

ଦ୍ୱିତୀୟ ବର୍ଷ ବିଏସ୍‌ସି କୃଷି ଏଣ୍ଟୋମୋଲୋଜି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଖବର ମିଳିବା ପରେ ଅଗଷ୍ଟ ୨୦ରେ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହି ପରୀକ୍ଷା ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଆଇଜିକେଭି ଅଧୀନରେ ଥିବା ୨୮ଟି କୃଷି ମହାବିଦ୍ୟାଳୟରେ ହେବାକୁ ଥିଲା । ଡେପୁଟି କମିଶନର ଅଫ୍ ପୋଲିସ୍ ସ୍ମୃତିକ ରାଜନାଲା କହିଛନ୍ତି ଯେ, ଅଭିଯୋଗ ମିଳିବାର ୩୬ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା । ପୋଲିସ୍ ଲିକ୍ ହୋଇଥିବା ପ୍ରଶ୍ନପତ୍ର, ସ୍କ୍ରିନ୍‌ସଟ୍, ଫଟୋ, ମେସେଜ୍ ଏବଂ ସୋସିଆଲ ମିଡିଆ ପୋଷ୍ଟଗୁଡ଼ିକୁ ଯାଞ୍ଚ କରିଥିଲା । ତଦନ୍ତ ପରେ ଏହି ପ୍ରଶ୍ନପତ୍ର ଦୁର୍ଗର ଛାତ୍ର ଅନୁଜ ମିଞ୍ଜଙ୍କ ମାଧ୍ୟମରେ ପ୍ରସାରିତ ହୋଇଥିବା ଜଣାପଡ଼ିଥିଲା ।



ଏହାପରେ ପୋଲିସ୍ ଦୁର୍ଗସ୍ଥିତ ଭାରତୀ ଏଗ୍ରିକଲ୍‌ଚର କଲେଜର ପ୍ରଫେସର ଯୋଗେଶ ସୋନକେସରିୟାଙ୍କ ସମେତ ୫ ଜଣ ଛାତ୍ରଙ୍କୁ ଗିରଫ କରିଥିଲା । ର ସ୍ନାତକ ପରୀକ୍ଷା ସେଲ୍‌ର ଇନ୍‌ଚାର୍ଜ ତଥା ବରିଷ୍ଠ ବୈଜ୍ଞାନିକ ଏନ୍.ଆର୍ ରଙ୍ଗାରେଙ୍କ ଦ୍ୱାରା ଦାଖଲ ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୨୦ ତାରିଖ ସକାଳ ୮ଟା ୪୧ ମିନିଟ୍‌ରେ କୱାର୍ଧାସ୍ଥିତ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରକୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଏକ ଇମେଲ୍ ମିଳିଥିଲା। ସକାଳ ୮ଟା ୫୪ ମିନିଟ୍‌ରେ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧିକାରୀମାନେ ମଧ୍ୟ ସମାନ ଇମେଲ୍ ପାଇଥିଲେ ।

ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପ୍ରତିନିଧିମାନେ ମଧ୍ୟ ହ୍ୱାଟ୍ସଆପ୍ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ସୂଚନା ଦେଇଥିଲେ । ପରୀକ୍ଷାରେ ଆସିବାକୁ ଥିବା କିଛି ପ୍ରଶ୍ନ ହ୍ୱାଟ୍ସଆପ୍‌ରେ ଘୁରିବୁଲୁଥିବା ନେଇ ସେମାନେ ଅଧିକାରୀଙ୍କୁ ଜଣାଇଥିଲେ । ପୋଲିସର କହିବା ଅନୁଯାୟୀ, ପ୍ରଫେସର ଏଣ୍ଡୋସ୍କୋପିକ୍ କ୍ୟାମେରାରେ ଉଠାଇଥିବା ପ୍ରଶ୍ନପତ୍ରକୁ ୧୧,୦୦୦ ଟଙ୍କାରେ ଅଜୟ ନାୟକ ଓ ଅନ୍ୟ ଦୁଇ ଛାତ୍ରଙ୍କୁ ବିକ୍ରି କରିଥିଲେ। ଏହାପରେ ପ୍ରଶ୍ନ ଗୁଡ଼ିକୁ ଅନ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ପ୍ରସାରିତ କରାଯାଇଥିଲା ।

## ଦିଲ୍ଲୀରେ ବଢୁଛି ଏଚ୍୧ଏନ୍୧: ମାର୍ଗଦର୍ଶିକା ଜାରି

**ନୂଆଦିଲ୍ଲୀ:** ଦିଲ୍ଲୀରେ ଏଚ୍୧ଏନ୍୧ (ସ୍ୱାଇନ୍ ଫ୍ଲୁ) ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଯାହା ଏବେ ଚିନ୍ତାର କାରଣ ପାଲଟିଛି। ଚଳିତ ବର୍ଷ ଦିଲ୍ଲୀରେ ଏଯାଏଁ ୧,୭୭୭ଟି ଏଚ୍୧ଏନ୍୧ ମାମଲା ରିପୋର୍ଟ ହୋଇଛି । ମୋଟ ଇନ୍‌ଫ୍ଲୁଏଞ୍ଜା-ଏ ମାମଲା ମଧ୍ୟ ୨,୩୦୦ରୁ ଅଧିକ ରହିଛି । ବଢୁଥିବା ଏହି ମାମଲାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ସତର୍କ ରହିବାକୁ ଆଡଭାଇଜରି ଜାରି କରିଛି ।



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ, ଏଚ୍୧ଏନର ସାଧାରଣ ଲକ୍ଷଣ ମଧ୍ୟରେ ଜ୍ୱର, କାଶ, ଗଳା ଦରଜ, ଶରୀରରେ ବେଦନା, ଥଣ୍ଡା ଲାଗିବା ଓ ଦୁର୍ବଳତା ଭଳି ସମସ୍ୟା ଦେଖାଯାଇପାରେ। କିଛି ଗୁରୁତର କ୍ଷେତ୍ରରେ ଶ୍ୱାସ ନେବାରେ କଷ୍ଟ ହେବା, ନିମୋନିଆ କିମ୍ବା ଅକ୍ସିଜେନ୍ ସ୍ତର କମିବା ଭଳି ଜଟିଳତା ଦେଖା ଦେଇପାରେ । ତେଣୁ ଏହି କାଶ କିମ୍ବା ଛିଙ୍କ ସମୟରେ ମୁହଁ ଏବଂ ନାକକୁ ଘୋଡାନ୍ତୁ, ସାବୁନ ଏବଂ ପାଣିରେ ବାରମ୍ବାର ହାତ ଧୋଇଦିଅନ୍ତୁ, ଏବଂ ଭିଡ଼ ସ୍ଥାନରେ ମାସ୍କ ପିନ୍ଧନ୍ତୁ। ଶ୍ୱାସକ୍ରିୟା ରୋଗରେ ପୀଡିତ ଲୋକଙ୍କ ସହିତ ନିକଟ ସମ୍ପର୍କ ଏଡାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସେମାନଙ୍କୁ ଆଖି ଏବଂ ନାକକୁ ଛୁଇଁବା, ସାର୍ବଜନୀନ ସ୍ଥାନରେ ଛେପ ନ ପକାଇବାକୁ ଏବଂ ପ୍ରଚୁର ପରିମାଣର ତରଳ ପଦାର୍ଥ ଜିନିଷ ପିଇବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଏହି ସବୁ ଲକ୍ଷଣ ଦେଖାଦେଉଥିଲେ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ ଏବଂ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ନଖାଇବାକୁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି । ବିଶେଷକରି ଛୋଟ ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା ଏବଂ ପୂର୍ବରୁ ଅନ୍ୟ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଅଧିକ ସତର୍କ ରହିବାକୁ ମଧ୍ୟ କୁହାଯାଇଛି ।


ଅନ୍ୟପଟେ ଦିଲ୍ଲୀର ସରକାରୀ ହସ୍ପିଟାଲଗୁଡ଼ିକରେ ଇନ୍‌ଫ୍ଲୁଏଞ୍ଜା ରୋଗୀଙ୍କ ପାଇଁ ଆବଶ୍ୟକ ପ୍ରସ୍ତୁତି ବଢ଼ାଯାଇଛି । ଅଧିକାରୀମାନେ ସ୍ଥିତି ଉପରେ ନିୟମିତ ନଜର ରଖିବା ସହ ଶୀଘ୍ର ଚିହ୍ନଟ, ଚିକିତ୍ସା ଓ ନିରୀକ୍ଷଣ ବ୍ୟବସ୍ଥାକୁ ମଜବୁତ କରୁଛନ୍ତି । ତେଣୁ ଦିଲ୍ଲୀରେ ବଢୁଥିବା ଏଚ୍୧ଏନ୍୧ ମାମଲା ମଧ୍ୟରେ ଭୟଭୀତ ହେବା ଅପେକ୍ଷା ସଚେତନ ରହିବା ଅଧିକ ଜରୁରୀ । ଫ୍ଲୁର ଲକ୍ଷଣକୁ ଅଣଦେଖା ନକରି ଡାକ୍ତରଙ୍କୁ ଦେଖାଇବା ଏବଂ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ମାନିବା ହିଁ ଏବେ ସବୁଠାରୁ ବଡ଼ ସତର୍କତା।

## ଗଣେଶ ମୂର୍ତ୍ତି ଖସି ୨ ମୃତ, ୫ ଆହତ

**ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ମୁମ୍ବାଇରେ ବଡ଼ ଅଘଟଣ । ବଡ଼ ଗଣେଶ ମୂର୍ତ୍ତି ପଡ଼ିଯିବା ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ପାଞ୍ଚ ଜଣ ଆହତ ହୋଇଛନ୍ତି। ରାତିରେ ଏଭଳି ଅଘଟଣା ହୋଇଛି । ପାର୍ବଣ ଶୋଭାଯାତ୍ରା ସମୟରେ 'ଭୁଲେଶ୍ୱରଚା ରାଜା' ନାମକ ଏକ ବିରାଟ ମୂର୍ତ୍ତି ତଳେ ପଡ଼ିଯାଇଥିଲା । ଭୁଲେଶ୍ୱର ଅଞ୍ଚଳର ଜୟ ଆମ୍ବେ ଚୌକ ନିକଟସ୍ଥ କବୁତରଖାନା ପାଖରେ ଏହି ଘଟଣା ଘଟିଛି। ସେଠାରେ ପୂଜା ପାଇଁ ଅନେକ ଭକ୍ତ ଏକାଠି ହୋଇଥିଲେ। ମୃତକ ହେଉଛନ୍ତି ସଙ୍କେତ ନେଭସେ, ବ୍ରିଜେଶ ହେମନ୍ତ ଜୋଶୀ। ଉଭୟଙ୍କ ବୟସ ୩୦ରୁ ୩୩ ବର୍ଷ ମଧ୍ୟରେ । ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା । ଏମାନଙ୍କ ମଧ୍ୟରେ ୫ ଏବଂ ୭ ବର୍ଷର ଦୁଇଟି ଛୋଟ ଝିଅ ଅଛନ୍ତି । ସହରର ବିପର୍ଯ୍ୟୟ ପରିଚାଳନା ଦଳ, ପୋଲିସ, ଦମକଳ ବାହିନୀ ଏବଂ ଆମ୍ବୁଲାନ୍ସ ତୁରନ୍ତ ସାହାଯ୍ୟ ପାଇଁ ଘଟଣାସ୍ଥଳକୁ ଯାଇଥିଲେ । ଆହତମାନଙ୍କୁ ଚିକିତ୍ସା ପାଇଁ ଜି.ଟି. ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଆମେରିକା ଉପରେ ପାଲଟା ୫୦% ଶୁଳ୍କ ଲଗାଇଲା କାନାଡ଼ା

**ୱାସିଂଟନ/ଅଟାୱା, ୨୩।୮ (ଏଜେନ୍ସି):** କାନାଡା ଓ ଆମେରିକା ମଧ୍ୟରେ ବାଣିଜ୍ୟଯୁଦ୍ଧ ତୀବ୍ର ହେବାରେ ଲାଗିଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନା ବାତିଲ ହେବା ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ କାନାଡା ସମାନ ମାତ୍ରାର ପାଲଟା ଶୁଳ୍କ ୱାସିଂଟନ ଉପରେ ଲଗାଇଛି। ଆମେରିକା ଉପରେ ଆସନ୍ତା ସେପ୍ଟେମ୍ବର ୮ ତାରିଖରୁ କାନାଡା ୫୦ ପ୍ରତିଶତ ଶୁଳ୍କ ଲଗାଇବ ବୋଲି ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଘୋଷଣା କରିଛନ୍ତି। ମୁଖ୍ୟତଃ ଆମେରିକାର ଇସ୍ପାତ, ଦୁଗ୍ଧଜାତୀୟ ସାମଗ୍ରୀ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ଏହି ଶୁଳ୍କ ଲଗାଯିବ।



କାନାଡାବାସୀଙ୍କ ସ୍ୱାର୍ଥ ରକ୍ଷା ଲାଗି ଏହା କରାଯିବ ବୋଲି କାର୍ନି କହିଛନ୍ତି। କାର୍ନିଙ୍କ ଏହି ଘୋଷଣା ପରେ ଟ୍ରମ୍ପ ପ୍ରତିକ୍ରିୟା ରଖିଛନ୍ତି। ଆମେରିକା ରାଜ୍ୟ ନହୋଇ ନମଧ ରାଜ୍ୟ ସୁବିଧାକାନାଡା ଖୋଜୁଛି। ଆମେରିକାର କୃଷକମାନଙ୍କ ଉପରେ କାନାଡା ବିପୁଳ ମାତ୍ରାର ଶୁଳ୍କ ଆଦାୟ କରିଛି ବୋଲି ଟ୍ରମ୍ପ ଅଭିଯୋଗ ମଧ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, କାନାଡାର ୨୦ ବିଲିଅନ ଡଲାର ମୂଲ୍ୟର ରପ୍ତାନି (ପ୍ରାୟ ୫.୫ ପ୍ରତିଶତ) ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଶନିବାରଠାରୁ ଲାଗୁ କରିଛି।

## ଅନ୍ୟ ରାଜ୍ୟ ଜେଲ୍‌କୁ ଯିବେ ଦିଲ୍ଲୀ କଏଦୀ

**ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ରାଜଧାନୀ ଦିଲ୍ଲୀର ବିଭିନ୍ନ ଜେଲରେ ବନ୍ଦୀ ବିଚାରାଧୀନ ଗ୍ୟାଙ୍ଗଷ୍ଟର, ସଙ୍ଗଠିତ ଅପରାଧୀ ଓ ଅଧିକ ବିପଦପୂର୍ଣ୍ଣ କଏଦୀଙ୍କୁ ଆବଶ୍ୟକତା ପଡିଲେ ଅନ୍ୟ ରାଜ୍ୟର ଜେଲମାନଙ୍କୁ ସ୍ଥାନାନ୍ତରିତ କରାଯାଇ ପାରିବ। ଏହାକୁ ନେଇ ଦିଲ୍ଲୀ ସରକାର 'ଟ୍ରାନ୍ସଫର ଅଫ ପ୍ରିଜନର୍ସ (ପଞ୍ଜାବ ଆମେଡମେଣ୍ଟ) ଆକ୍ଟ-୨୦୨୫'କୁ ଲାଗୁ କରିବା ପାଇଁ ବିଚାର କରୁଛନ୍ତି। ଏହା ଉଦ୍ଦେଶ୍ୟ ହେଉଛି ଜେଲ ସୁରକ୍ଷା ଓ ଆଇନଶୃଙ୍ଖଳାକୁ ନିୟନ୍ତ୍ରିତ କରିବା ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ସାର୍ବଜନିକ ହୀତକୁ ଧ୍ୟାନରେ ରଖି ଏପରି ବନ୍ଦୀଙ୍କୁ ଅନ୍ତରରାଜ୍ୟ ସ୍ଥାନାନ୍ତର କରି ସଙ୍ଗଠିତ ଅପରାଧ ମୁକାବିଲାରେ ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରେଖା ଗୁପ୍ତା କହିଛନ୍ତି ଯେ ଦିଲ୍ଲୀ ଜେଲରେ ଦୋଷୀ ଅପରାଧୀଙ୍କ ସହିତ ବହୁ ସଂଖ୍ୟାରେ କୁଖ୍ୟାତ ଅପରାଧୀ ମଧ୍ୟ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ଗତ ମେ ମାସରେ ଦିଲ୍ଲୀରେ ୨୬ଟି ଗ୍ୟାଙ୍ଗର ୧୮୮ଜଣ ସଦସ୍ୟଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୦୭ ଜଣ ଗ୍ୟାଙ୍ଗଷ୍ଟର ଗିରଫ ହୋଇଛନ୍ତି। ଏପରି ବିଚାରାଧୀନ ବନ୍ଦୀ ଜେଲ ଭିତରେ ମଧ୍ୟ ଅପରାଧିକ ଗତିବିଧିରେ ସାମିଲ ରହୁଛନ୍ତି। ବର୍ତ୍ତମାନର ବ୍ୟବସ୍ଥାରେ ଏପରି ବନ୍ଦୀଙ୍କୁ ଦିଲ୍ଲୀ ଜେଲରୁ ଅନ୍ୟ ରାଜ୍ୟ ଜେଲକୁ ସ୍ଥାନାନ୍ତର କରିବା ସମ୍ଭବ ନୁହେଁ। ତେବେ ଟ୍ରାନ୍ସଫର ଅଫ ପ୍ରିଜନର୍ସ ଆକ୍ଟ ୧୯୫୦ ଅନୁସାରେ କେବଳ ଦୋଷୀ ସାବ୍ୟସ୍ତ କୈଦୀଙ୍କୁ ସ୍ଥାନାନ୍ତରଣର ପ୍ରାବଧାନ ରହିଛି। ଏଣୁ ଆଇନଗତ ଅସୁବିଧା ଦୂର କରିବାକୁ ପଞ୍ଜାବ ସରକାର ଟ୍ରାନ୍ସଫର ଅଫ ପ୍ରିଜନର୍ସ (ପଞ୍ଜାବ ଆମେଡମେଣ୍ଟ) ଆକ୍ଟ ୨୦୨୫ ଉପସ୍ଥାପନ କରିଥିଲେ।

ଏହି ସଂଶୋଧନ ଅଧିନିୟମକୁ ୨୧ ଏପ୍ରିଲ ୨୦୨୫ରେ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଥିଲା। ସଂଶୋଧନରେ ସୁରକ୍ଷା, ଆଇନଶୃଙ୍ଖଳା ଅଥବା ଜନହୀତରେ ବିଚାରାଧୀନ ବନ୍ଦୀଙ୍କୁ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ପଠା ଯାଇ ପାରିବ। ଏହି ସଂଶୋଧନକୁ ଏବେ ଦିଲ୍ଲୀରେ ଲାଗୁ କରିବା ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏଥିରେ ଗୁରୁତର ଓ ଅଧିକ ବିପଦପୂର୍ଣ୍ଣ ବନ୍ଦୀଙ୍କୁ ପରିସ୍ଥିତି ଅନୁସାରେ ଅନ୍ୟ ରାଜ୍ୟଙ୍କ ଜେଲକୁ ପଠା ଯାଇ ପାରିବ।

## ପିଏନ୍‌ଜି ସଂଯୋଗ ତ୍ୱରାନ୍ୱିତ କରିବାକୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ଦେଶରେ ଲୋକଙ୍କୁ ଏଲ୍‌ପିଜି ପରିବର୍ତ୍ତେ ପାଇପ୍ ଜରିଆରେ ଯେଭଳି ରନ୍ଧନ ଗ୍ୟାସ ଯୋଗାଇ ଦିଆଯିବ ସେଥିପାଇଁ ପିଏନ୍‌ଜି ସଂଯୋଗକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ କହିଛି। ଗ୍ୟାସ ବିତରକ ଓ ତୈଳ ବିପଣନ କମ୍ପାନିଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ଜିଲ୍ଲାସ୍ତରରେ ନୋଡାଲ ଅଧିକାରୀ ନିଯୁକ୍ତ କରିବାକୁ କୁହାଯାଇଛି। ପିଏନ୍‌ଜି ସଂଯୋଗ ନେବାରେ ବିଫଳ ହେଉଥିବା ପରିବାରଗୁଡ଼ିକୁ ଏଲ୍‌ପିଜି ନଯୋଗାଇବା ଦିଗରେ ସେମାନେ ସହାୟକ ହେବେ। ଚଳିତମାସ ୨୧ ତାରିଖରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ସଚିବ ନୀରଜ ମିତ୍ତଲ ମୁଖ୍ୟ ସଚିବମାନଙ୍କୁ ଏ ନେଇ ଏକ ଚିଠି ଲେଖିଛନ୍ତି। ପିଏନ୍‌ଜି ଅଧିକ ନିରାପଦ, ସ୍ୱଚ୍ଛ ଏବଂ ଦକ୍ଷ ରନ୍ଧନ ଇନ୍ଧନ। ଏହା ଲୋକଙ୍କ ପାଖରେ ପହଞ୍ଚିଲେ ଏଲ୍‌ପିଜି ବିତରଣ ନେଇ ପରିବହନଜନିତ ସମସ୍ୟା ଦୂର ହେବ। ଏଥିସହିତ ବିପୁଳ ନିବେଶରେ ଦେଶରେ ପ୍ରତିଷ୍ଠା ହୋଇଥିବା ସିଟି ଗ୍ୟାସ ବଣ୍ଟନ ଭିତ୍ତିଭୂମିର ଅଧିକ ଉପଯୋଗ କରାଯାଇ ପାରିବ। ଯେଉଁ ଅଞ୍ଚଳରେ ପାଇପ୍ ଗ୍ୟାସ ସୁବିଧା ଉପଲବ୍ଧ ରହିଛି ସେଠାରେ ପରିବାରଗୁଡ଼ିକୁ ଉଭୟ ଏଲ୍‌ପିଜି ଓ ପିଏନ୍‌ଜି ନ ରଖାଇ ଦେବା ନିମନ୍ତେ ଜିଲ୍ଲାସ୍ତରରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଉଲ୍ଲେଖଯୋଗ୍ୟ, ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଭାରତରେ ଏଲ୍‌ପିଜି ସଙ୍କଟ ଦେଖାଦେଇଥିଲା। ଏହା ପରେ ସରକାର ଏଲ୍‌ପିଜି ପରିବର୍ତ୍ତେ ପିଏନ୍‌ଜି ବ୍ୟବହାର ବଢ଼ାଇବା ଉପରେ ଗୁରୁତ୍ୱ ଦେଉଛନ୍ତି।




## ସୀମା ବିବାଦ: ୱାଙ୍ଗ୍ ୟିଙ୍କ ସହ ଆଲୋଚନା କରିବେ ଡୋଭାଲ

**ବେଜିଂ, ୨୩।୮ (ଏଜେନ୍ସି):** ଭାରତ-ଚୀନ୍ ସୀମା ବିବାଦର ସମାଧାନ ଓ ସୀମାରେ ଶାନ୍ତି-ସ୍ଥିରତା ନେଇ ଆଲୋଚନା ପାଇଁ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସୋମବାର ବେଜିଂ ଯିବେ। ସେଠାରେ ମଙ୍ଗଳବାର ଚୀନ୍‌ର ବିଦେଶମନ୍ତ୍ରୀ ତଥା ତାଙ୍କ ଚୀନୀ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ସୀମା ପ୍ରସଙ୍ଗରେ ବିଶେଷ ପ୍ରତିନିଧିସ୍ତରୀୟ ଆଲୋଚନାର ୨୫ଶ ପର୍ଯ୍ୟାୟରେ ଯୋଗଦେବେ। ଉଭୟ ଦେଶର ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି।



୨୦୦୩ରେ ଗଠିତ ବିଶେଷ ପ୍ରତିନିଧି ବ୍ୟବସ୍ଥା ଅଧୀନରେ ଏହି ଆଲୋଚନା ହେଉଛି। ପ୍ରାୟ ୩,୪୮୮ କିମି ଦୀର୍ଘ ଭାରତ-ଚୀନ୍ ସୀମା ବିବାଦର ଏକ ବ୍ୟାପକ ସମାଧାନ ଖୋଜିବା ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଆଲୋଚନା ପୂର୍ବରୁ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ଶନିବାର ନୂଆଦିଲ୍ଲୀରେ ଆୟୋଜିତ ଇକୋନୋମିକ୍ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ୍‌ରେ ଭାରତ-ଚୀନ୍ ସମ୍ପର୍କ ନେଇ ମତ ରଖିଥିଲେ। ସୀମାରେ ଶାନ୍ତି ଓ ସ୍ଥିରତା ରହିବା ଦୁଇ ଦେଶ ମଧ୍ୟରେ ଭଲ ସମ୍ପର୍କ ପାଇଁ ଅତ୍ୟାବଶ୍ୟକ ବୋଲି ସେ କହିଥିଲେ।

## ଜାପାନରେ ଭୂକମ୍ପ ତୀବ୍ରତା ୫.୯

**ଟୋକିଓ, ୨୩।୮ (ଏଜେନ୍ସି):** ପୂର୍ବ ଜାପାନର ବିଭିନ୍ନ ଅଞ୍ଚଳ ସମେତ ରାଜଧାନୀ ଟୋକିଓରେ ରବିବାର ସକାଳେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ପ୍ରାରମ୍ଭିକ ତୀବ୍ରତା ୫.୯ ମାପ କରାଯାଇଥିବା ବେଳେ ଆମେରିକାର ଭୂଗର୍ଭ ବିଜ୍ଞାନ ସର୍ଭେ (ୟୁଏସ୍‌ଜିଏସ୍) ଅନୁଯାୟୀ ଏହା ୫.୮ ରହିଥିଲା। ଜାପାନ ପାଣିପାଗ ଏଜେନ୍ସି ଅନୁସାରେ, ଏହି ଭୂକମ୍ପର କେନ୍ଦ୍ରବିନ୍ଦୁ ଦକ୍ଷିଣ ଇବାରାକିର ଭୂପୃଷ୍ଠରୁ ପ୍ରାୟ ୭୦ କିଲୋମିଟର ଗଭୀରତାରେ ଥିଲା। ଏହି ଝଟକା ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ଏହି ଭୂକମ୍ପ ପରେ ସୁନାମିର କୌଣସି ବିପଦ ନ ଥିବା ସ୍ପଷ୍ଟ କରାଯାଇଛି।



ଅଧିକାରୀଙ୍କ ସୂଚନାନୁସାରେ, ସାଇତାମା, କାନାଗାୱା, ଚିବା ଏବଂ ଇବାରାକି ଆଦି ଚାରୋଟି ପ୍ରାନ୍ତରେ ମୋଟ ୨୩ ଜଣ ଆହାତ ହୋଇଛନ୍ତି। ଭୂକମ୍ପ ସମୟରେ ଲୋକମାନେ ଶୋଇଥିବାରୁ ହଠାତ୍ ଝଟକା ପାଇ ଖସିପଡ଼ିବା କିମ୍ବା ଆସବାବପତ୍ର ଓ ଦ୍ୱାର ସହ ଧକ୍କା ହେବା ଯୋଗୁ ଅଧିକାଂଶଙ୍କୁ ସାମାନ୍ୟ ଆଘାତ ଲାଗିଛି। ଭୂକମ୍ପ ପ୍ରଭାବରେ ଟୋକିଓ ଏବଂ ନାରିତା ଏୟାରପୋର୍ଟ ମଧ୍ୟରେ ଚାଲୁଥିବା ଏକ୍ସପ୍ରେସ୍ ଟ୍ରେନ୍ ଓ କିଛି ସ୍ଥାନୀୟ ଟ୍ରେନ୍ ସେବା ବ୍ୟାହତ ହୋଇଥିବା ବେଳେ ଶିନକାନସେନ୍ ବୁଲେଟ୍ ଟ୍ରେନ୍ ସେବା ସ୍ୱାଭାବିକ ରହିଥିଲା। ଟୋକିଓର କୋଟୋ ଅଞ୍ଚଳରେ ଭୂତଳ ଜଳ ପାଇପ୍ ଫାଟି ଯାଇଥିଲା, ଯାହାକୁ ପରେ ସମ୍ପୂର୍ଣ୍ଣ ମରାମତି କରାଯାଇଛି। ଏହାଛଡ଼ା ସହରର ପ୍ରାୟ ୪୬୦ଟି ଘରେ ବିଦ୍ୟୁତ୍ କାଟ ହୋଇଥିଲା, ଯାହାକୁ ରବିବାର ସକାଳ ସୁଦ୍ଧା ପୁନଃକାର୍ଯ୍ୟକ୍ଷମ କରାଯାଇଛି।

## ବାଲିରେ ହିନ୍ଦୁ ପର୍ବକୁ ଅସମ୍ମାନ: ସୁଇସ୍ ପର୍ଯ୍ୟଟକଙ୍କୁ ୧ ବର୍ଷ ଜେଲ୍

**ଡେନ୍‌ପାସାର, ୨୩।୮ (ଏଜେନ୍ସି):** ଇଣ୍ଡୋନେସିଆର ବାଲି ଦ୍ୱୀପରେ ପବିତ୍ର ହିନ୍ଦୁ ପର୍ବ 'ନ୍ୟେପି' ବା 'ନିରବତା ଦିବସ'କୁ ସୋସିଆଲ ମିଡିଆରେ ଅପମାନ କରିବା ମାମଲାରେ ସୁଇଜରଲ୍ୟାଣ୍ଡର ଜଣେ ୨୬ ବର୍ଷୀୟ ପର୍ଯ୍ୟଟକଙ୍କୁ ୧ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଡେନ୍‌ପାସାର ଜିଲ୍ଲା ଅଦାଲତ ଅଗଷ୍ଟ ୨୦ ତାରିଖ, ଗୁରୁବାର ଏହି ରାୟ ଦେଇଛନ୍ତି। ଅଭିଯୁକ୍ତ ଲୁଜିଆନ୍ ଆନ୍ଦ୍ରିନ୍ ଗ୍ରାଗେନ୍ ନ୍ୟେପି ପାଳନ ସମୟରେ ନିୟମ ଉଲ୍ଲଂଘନ କରି ଅପମାନଜନକ ମନ୍ତବ୍ୟ ସହ ଭିଡିଓ ପୋଷ୍ଟ କରିଥିଲେ।



ନ୍ୟେପି ବାଲିର ଏକ ପ୍ରମୁଖ ହିନ୍ଦୁ ଧାର୍ମିକ ପର୍ବ। ଏହି ଦିନ ୨୪ ଘଣ୍ଟା ପାଇଁ ଦ୍ୱୀପରେ ନିରବତା ପାଳନ କରାଯାଏ। ଲୋକେ ଘର ଭିତରେ ରହିବା ସହ ଯାତାୟାତ, କାମ ଓ ମନୋରଞ୍ଜନରୁ ଦୂରେଇ ରହନ୍ତି। ଏହି ସମୟରେ ବାଲି ବିମାନବନ୍ଦର ବନ୍ଦ ରହିବା ସହ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ କରାଯାଏ। ଧର୍ମ କିମ୍ବା ଜାତୀୟତା ନିର୍ବିଶେଷରେ ଏହି ନିୟମ ସମସ୍ତଙ୍କ ପାଇଁ ଲାଗୁ ହୁଏ। ଚଳିତ ବର୍ଷ ମାର୍ଚ୍ଚ ୧୯ ତାରିଖରେ ନ୍ୟେପି ପାଳନ କରାଯାଇଥିଲା। ସେତେବେଳେ ଗ୍ରାଗେନ୍ ନିଜ ରହୁଥିବା ଭିଲ୍ଲାରୁ ବାହାରି ସମୁଦ୍ରକୂଳକୁ ଯାଇଥିଲେ। ସେ ସେଠାରେ ଏକ ଭିଡିଓ ତିଆରି କରି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ। ଭିଡିଓରେ ନ୍ୟେପିର ନିୟମକୁ ନେଇ ଅପମାନଜନକ ମନ୍ତବ୍ୟ ଦେବା ସହ ପର୍ବର ପରମ୍ପରାକୁ 'ପାଗଳାମି' ଭଳି ଶବ୍ଦରେ ବର୍ଣ୍ଣନା କରିଥିଲେ। ତାଙ୍କ ରହୁଥିବା ଭିଲ୍ଲାର କର୍ମଚାରୀମାନେ ନ୍ୟେପିର ନିୟମ ସମ୍ପର୍କରେ ତାଙ୍କୁ ପୂର୍ବରୁ ସୂଚନା ଦେଇଥିଲେ ବୋଲି ଅଦାଲତ କହିଛନ୍ତି।

ଭିଡିଓଟି ସୋସିଆଲ ମିଡିଆରେ ବ୍ୟାପକ ଭାବେ ପ୍ରଚାର ହେବା ପରେ ବାଲିର ସ୍ଥାନୀୟ ଲୋକେ ତୀବ୍ର ଆପତ୍ତି ଜଣାଇଥିଲେ। ଅଭିଯୋଗ ପରେ ପୁଲିସ ତାଙ୍କୁ ଖୋଜି ଲେଗିଆନ୍ ଅଞ୍ଚଳର ଏକ ଭିଲ୍ଲାରୁ ଗିରଫ କରିଥିଲା। ଅଦାଲତରେ ଗ୍ରାଗେନ୍ କହିଥିଲେ ଯେ, ସେ ହିନ୍ଦୁ ପର୍ବ କିମ୍ବା ବାଲିବାସୀଙ୍କୁ ଅପମାନ କରିବାକୁ ଚାହି ନ ଥିଲେ। ନ୍ୟେପି ସମୟରେ ଖାଦ୍ୟ ନ ମିଳିବାରୁ ସେ ଭୋକ ଓ ଅସନ୍ତୋଷରେ ଏପରି ପୋଷ୍ଟ କରିଥିବା କହିବା ସହ ଅଦାଲତରେ କ୍ଷମା ମାଗିଥିଲେ। ତଥାପି ଇଣ୍ଡୋନେସିଆର ନୂଆ ଦଣ୍ଡବିଧି ଅନୁଯାୟୀ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷର ଜେଲ୍‌ଦଣ୍ଡ ଦେଇଛନ୍ତି।

## ଟ୍ରମ୍ପଙ୍କ ଟ୍ରେଡିଂ: ଭିସା, ମାଷ୍ଟରକାର୍ଡ, ମେଟାରେ କାରବାର

**ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ସେୟାର ବଜାରରେ ନିବେଶ ବା ଟ୍ରେଡିଂ ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅହେତୁକ ଦୁର୍ବଳତା ରହିଛି। ତାଙ୍କର କିଛି ନିଷ୍ପତ୍ତି ସେୟାର ବଜାରରେ ହଇଚଇ ମଧ୍ୟ ସୃଷ୍ଟି କରୁଛି। ଅଭିଯୋଗ ରହିଛି ଯେ ରାଷ୍ଟ୍ରପତି ଭଳି ଏତେ ବଡ଼ ପଦରେ ରହି ସେ ସରକାରୀ ନୀତି ବିଷୟରେ ସବୁ ଜାଣୁଛନ୍ତି ଓ ସେହି ଅନୁସାରେ ସେୟାର ଟ୍ରେଡିଂ କରୁଛନ୍ତି। କିନ୍ତୁ ହ୍ୱାଇଟ୍ ହାଉସ୍ ତରଫରୁ ସେହି ଅଭିଯୋଗକୁ ଅସ୍ୱୀକାର କରାଯାଇଛି। ଗତ ଜୁନ ମାସରେ ସେ ୧୦୦୦ରୁ ଅଧିକ ଥର ପ୍ରତିଭୂତି କାରବାର କରିଥିଲେ। ଏହି ମାସରେ ସେ ବର୍କସାୟାର ହାଥ୍‌ୱେ, ଭିସା, ମାଷ୍ଟରକାର୍ଡ, ପାଲାଣ୍ଟିର, ମେଟା, କଏନବେସ୍, ହୋମ୍ ଡିପୋ ଓ କିଛି ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡରେ କାରବାର କରିଥିଲେ। ତେବେ ସେ କରିଥିବା ଟ୍ରେଡିଂର ମୂଲ୍ୟ କେତେ ଥିଲା ତାହା ଘୋଷଣା କରାଯାଇନାହିଁ।

ADMISSION OPEN 2026-27
BINODINI SPECIAL B.Ed. COLLEGE
At/PO: Pichukuli, Near Co-Operative Society Bank, Khordha, Odisha-752064
Approved By Rehabilitation Council of India (RCI) New Delhi.
Affiliated to Utkal University, Recognised By Govt. of Odisha.
B.Ed. Spl. Ed. (HI)
Eligibility: Students Secured 50% and above for General & 45% and above for SC/ST & PH Candidates, in Graduation with any stream or its Equivalent.
E-mail: binodinispecialbedcollege@gmail.com
For Admission Contact: 9438541650

### ସଂସଦ ମୁଲତବୀର ୧୦ ଦିନ ପରେ ବି ପ୍ରୋରୋଗ୍ ହୋଇନି

# ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ବିଲ୍‌କୁ ନେଇ ସସ୍‌ପେନ୍ସ

**ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନ ଶେଷ ହେବାର ୧୦ ଦିନ ପରେ ବି ଆନୁଷ୍ଠାନିକ ଭାବେ ସତ୍ରାବସାନ (ପ୍ରୋରୋଗ୍) ଘୋଷଣା କରାଯାଇନି। ଅଗଷ୍ଟ ୧୩ ତାରିଖରେ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ (ସାଇନ ଡାଏ) ଘୋଷଣା କରାଯାଇଥିଲା। ସାଧାରଣତଃ ସଂସଦ ସ୍ଥଗିତ ହେବାର ୩/୪ ଦିନ ମଧ୍ୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅଧିବେଶନ ସମାପ୍ତି (ପ୍ରୋରୋଗେସନ) ନେଇ ବିଜ୍ଞପ୍ତି ପ୍ରକାଶ ପାଏ। ମାତ୍ର ଏଥର ରବିବାର ସକାଳ ସୁଦ୍ଧା ଏଭଳି କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ। ସତ୍ରାବସାନ ହୋଇ ନ ଥିବାରୁ ସରକାର ଚାହିଁଲେ କୌଣସି ଜରୁରକାଳୀନ ବିଲ୍ ପାସ୍ କରିବା ପାଇଁ ଖୁବ୍ କମ୍ ସମୟର ସୂଚନା ମଧ୍ୟରେ ପୁଣି ଥରେ ଏହି ଅଧିବେଶନର ବୈଠକ ଡକାଇପାରିବେ। ଅନ୍ୟପକ୍ଷରେ ସତ୍ରାବସାନ ଘୋଷଣାର ବିଳମ୍ବକୁ ନେଇ ସଂପ୍ରତି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।



୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବାକୁ ଯୋଜନା କରୁଥିବା ଅନୁମାନ କରାଯାଉଛି। ଏତଦ୍‌ଭିନ୍ନ ସୀମା ନିର୍ଦ୍ଧାରଣ (ଡିଲିମିଟେସନ) ପ୍ରକ୍ରିୟାକୁ ନେଇ ଦକ୍ଷିଣ ଭାରତର ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ଜନସଂଖ୍ୟା ଭିତ୍ତିରେ ସୀମା ନିର୍ଦ୍ଧାରଣ ହେଲେ ଲୋକସଭାରେ ସେମାନଙ୍କର ପ୍ରତିନିଧିତ୍ୱ କମିଯିବାର ଆଶଙ୍କା ରହିଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲୋକସଭା ଆସନ ସଂଖ୍ୟାକୁ ସମାନ ଭାବେ ୫୦ ପ୍ରତିଶତ ବୃଦ୍ଧି କରିବାକୁ ବିଚାର କରୁଥିବା ଜଣାପଡ଼ିଛି। ଅନ୍ୟପଟେ କଂଗ୍ରେସ ପ୍ରେରୋଗରେ ବିଳମ୍ବ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି ଯେ ସଂସଦ ସମାପ୍ତି ଘୋଷଣା ନ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ବିଲ୍ ପାସ୍ କରିବା ପାଇଁ ଆବଶ୍ୟକ ସଂଖ୍ୟା ଯୋଗାଡ଼ ମତଲବରେ ଅଛନ୍ତି।

ଏହି ପ୍ରସଙ୍ଗରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ମଧ୍ୟ ନିଜର ଆପତ୍ତି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ପୂର୍ବରୁ ସୀମା ନିର୍ଦ୍ଧାରଣକୁ ସମ୍ପୂର୍ଣ୍ଣ ବିରୋଧ କରୁଥିଲେ। ମାତ୍ର ଦାକ୍ଷିଣାତ୍ୟ ଆଞ୍ଚଳିକ ପରିଷଦ ବୈଠକରେ ସେ ଆଭିମୁଖ୍ୟ ବଦଳାଇଛନ୍ତି। ସେ ଦାବି କରିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଯୋଗୁଁ କୌଣସି ରାଜ୍ୟର ସଂସଦରେ ପ୍ରତିନିଧିତ୍ୱର ହାର ଯେପରି ହ୍ରାସ ନ ପାଏ ସରକାର ଆଇନଗତ ଗ୍ୟାରେଣ୍ଟି ଦିଅନ୍ତୁ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଦାବି କରିଛନ୍ତି ଯେ ଆଗାମୀ ୨୫ ବର୍ଷ ପାଇଁ ବର୍ତ୍ତମାନର ୫୪୩ ଲୋକସଭା ଆସନକୁ ସମ୍ପୂର୍ଣ୍ଣ ଭାବେ ସ୍ଥିର ରଖାଯାଉ।

ପ୍ରତିଦିନର ପୂଜା ବିଶେଷାଙ୍କ 'ଭବ୍ୟପ୍ରୀତା'
ପ୍ରକାଶ ପାଇବାକୁ ଯାଉଛି
ସେଥିପାଇଁ ଲେଖକ, ଲେଖିକାମାନଙ୍କୁ ଗଳ୍ପ, ଅଣୁଗଳ୍ପ, ଅନୁବାଦ ଗଳ୍ପ, ଫିଚର, କବିତା
ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା
sahitya.pratidin.daily@gmail.com
କୁ ପଠାଇବାକୁ ଅନୁରୋଧ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ– ସୁରେଶ ପରିଡ଼ା
Editor - Suresh Parida